ସକାଳ
THE SAKALA
PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

RNI REGD NO: 42041/83
www.sakalaepaper.com
/sakalanews
/sakalanews
www.thesakala.in

♦VOLUME- 43 ♦ISSUE-109 ♦WEDNESDAY ♦15 OCTOBER 2025 ♦PAGE-12 ♦₹ 6.00 | PANIKOILI | ♦ବର୍ଷ-୪୩ ♦ସଂଖ୍ୟା-୧୦୯ ♦ବୁଧବାର ♦୧୫ ଅକ୍ଟୋବର ୨୦୨୫ ♦ପୃଷ୍ଠା-୧୨ ♦ଟ.୬.୦୦




## କୁଲଦୀପ ସିରିଜ୍‌ର ଶ୍ରେଷ୍ଠ

▶ପୃଷ୍ଠା ୧୨ ଦେଖନ୍ତୁ...





indriya.com
ADITYA BIRLA
JEWELLERY
INDRIYA
ADITYA BIRLA | JEWELLERY
presents
alka
FESTIVE COLLECTION
ଏହି ପର୍ବର ଦିନରେ ଇନ୍ଦ୍ରିୟା ଷ୍ଟୋର୍ କୁ ଆସନ୍ତୁ
ଆଉ ଦେଖନ୍ତୁ ପ୍ରେମରେ ଝିଲିମିଲି ନୂଆ ଅଳକା କଲେକ୍ଶନ୍ କୁ ।
ତାହାର ଆଲୋକେ ପର୍ବଣ ହେବ ଅଧିକ ପ୍ରିୟ ।
ପ୍ରତି କ୍ଷଣରେ ଦୀପ୍ତି ହେଇଛି ପ୍ରିୟଜନଙ୍କର ସ୍ମିତା ।
ସୁନା, ପୋଲ୍କୀ ଓ ହୀରାର 20,000 ରୁ ଅଧିକ
ଡିଜାଇନ ଦେଖି ହୃଦୟରେ ଭରିଯିବ ଅସୀମ ପ୍ରେମର ସ୍ପନ୍ଦନ ।
ତଥାପି ମନ କହିବ, ମନ ଏବେବି ଭରି ନାହିଁ
ଷ୍ଟୋର୍ ଏବେ ଖୋଲାଥିବା ଠିକଣା: କ୍ରିଷ୍ଟାଲ୍ କୋର୍ଟ୍ୟାର୍ଡ, ଚନ୍ଦ୍ରଶେଖରପୁର, ଭୁବନେଶ୍ୱର



▶ପୃଷ୍ଠା ୧୨ ଦେଖନ୍ତୁ...

RNI REGD NO: 42041/83
www.sakalaepaper.com
/sakalanews
/sakalanews
www.thesakala.in

# ସକାଳ
THE SAKALA
PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

♦VOLUME- 43 ♦ISSUE-109 ♦WEDNESDAY ♦15 OCTOBER 2025 ♦PAGE-12 ♦₹ 6.00

♦ବର୍ଷ-୪୩ ♦ସଂଖ୍ୟା-୧୦୯ ♦ବୁଧବାର ♦୧୫ ଅକ୍ଟୋବର ୨୦୨୫ ♦ପୃଷ୍ଠା-୧୨ ♦ଟ.୬.୦୦


## ୧୫.୬୭ ଲକ୍ଷ ହିତାଧିକାରୀଙ୍କ ଚାଉଳ ବନ୍ଦ

### ଗଞ୍ଜାମରୁ ସର୍ବାଧିକ ୧.୬୪ ଲକ୍ଷ ହିତାଧିକାରୀ ବାଦ
### କଟକରୁ ବାଦ୍ ୯୧ ହଜାର, ମୟୂରଭଞ୍ଜରୁ ୮୭ ହଜାର
### ବଲାଙ୍ଗିରରୁ ୮୩ ହଜାର, କଳାହାଣ୍ଡିରୁ ୮୨ ହଜାର ବାଦ
### କେନ୍ଦ୍ର ଦ୍ୱାହି ଦେଇ ହାତ ଟେକିଦେଲେ ଯୋଗାଣ ମନ୍ତ୍ରୀ



■ **ଭୁବନେଶ୍ୱର, ୧୪।୧୦ (ସମିସ):** ଆସନ୍ତା ମାସରୁ ରାଜ୍ୟର ୧୫.୬୭ ଲକ୍ଷ ହିତାଧିକାରୀଙ୍କୁ ମିଳିବ ନାହିଁ ମାଗଣା ଚାଉଳ। ଇ-କେୱାଇସି କରି ନ ଥିବା ଯୋଗୁଁ ସେମାନଙ୍କୁ ଚାଉଳ ମିଳିବ ନାହିଁ । ରାଜ୍ୟ ଖାଦ୍ୟ ଓ ଯୋଗାଣମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ରଙ୍କ ଏପରି ସୂଚନା ପରେ ରାଜ୍ୟର ୧୫ ଲକ୍ଷରୁ ଊର୍ଦ୍ଧ୍ୱ ଗରିବ ହିତାଧିକାରୀଙ୍କ ମୁଣ୍ଡରେ ଚଡ଼କ ପଡ଼ିଛି। ମନ୍ତ୍ରୀ ଶ୍ରୀ ପାତ୍ରଙ୍କ ସୂଚନା ଅନୁସାରେ ବର୍ତ୍ତମାନ ସୁଦ୍ଧା ରାଜ୍ୟରେ ୧୫ ଲକ୍ଷ ୬୭ ହଜାର ହିତାଧିକାରୀ କେୱାଇସି କରିନାହାନ୍ତି। କେନ୍ଦ୍ର ସରକାର ଇ-କେୱାସି ପ୍ରକ୍ରିୟା ବନ୍ଦ କରିଦେଇଛନ୍ତି। କେୱାଇସି କରି ନ ଥିବା ଲୋକଙ୍କୁ ଚଳିତ ମାସ ଚାଉଳ ପ୍ରଦାନ କରାଯାଇଛି; ମାତ୍ର ଶୀଘ୍ର ଏହି ଚାଉଳ ପ୍ରଦାନ ବନ୍ଦ କରିଦିଆଯିବ। ଆଗାମୀ ଦିନରେ ଯଦି କେନ୍ଦ୍ର ସରକାର ଇ-କେୱାଇସି ଅବଧି ବଢ଼ାଇବେ, ତେବେ ଆମେ ମଧ୍ୟ ଏହି ଅବଧି ବଢ଼ାଇବୁ। ଯଦି କିଏ ବାଦ୍ ରହିଯାଇଥିବ, ତେବେ ସେମାନଙ୍କୁ ଲିଖିତ ଭାବେ ଦେବାକୁ ପଡିବ। ତାପରେ ଯାଇ ଆମେ ସେମାନଙ୍କ କଥା ବିଚାର କରିବୁ ବୋଲି ମନ୍ତ୍ରୀ କହିଛନ୍ତି।

ରାସନ କାର୍ଡରେ ଥିବା କିମ୍ବା ପରିବାର ସମସ୍ତ ସଦସ୍ୟଙ୍କୁ ଆଉ ଥରେ କେୱାଇସି କରିବା ବାଧ୍ୟତାମୂଳକ କରାଯାଇଥିଲା। ହେଲେ ଧାର୍ଯ୍ୟ ତାରିଖ ବିତିଯାଇଥିଲେ ମଧ୍ୟ ବର୍ତ୍ତମାନ ସୁଦ୍ଧା ଲକ୍ଷ ଲକ୍ଷ ଯୋଗ୍ୟ ହିତାଧିକାରୀ ଇ-କେୱାଇସି କରି ପାରି ନାହାନ୍ତି । ମୁଖ୍ୟତଃ ଉପାନ୍ତ ଓ ଦୁର୍ଗମ ଅଞ୍ଚଳରେ ନେଟୱର୍କ ସମସ୍ୟା ଯୋଗୁଁ ବହୁ ହିତାଧିକାରୀ ଇ-କେୱାଇସି ଅପଡେଟ୍ କରି ପାରି ନ ଥିବା ବେଳେ ଅନେକ ବୟସ୍କ ଓ ଶଯ୍ୟାଶାୟୀଙ୍କର ଇ-କେୱାଇସି ଅପଡେଟରେ ସମସ୍ୟା ରହିଛି। ଛୋଟ ପିଲା ଓ ବୟସ୍କ ବର୍ଗଙ୍କ ଫିଙ୍ଗର ପ୍ରିଣ୍ଟ ସମସ୍ୟା ରହିବାଯୋଗୁଁ ସେମାନଙ୍କର ଇ-କେୱାଇସି ହୋଇପାରି ନାହିଁ। ପୁନଶ୍ଚ ରାଜ୍ୟ ବାହାରେ ଅନ୍ୟ ରାଜ୍ୟରେ କାମ କରୁଥିବା ଲକ୍ଷଲକ୍ଷ ଲୋକ ମଧ୍ୟ ଇ-କେୱାଇସି କରି ପାରିନାହାନ୍ତି। ଯାହା ଫଳରେ ଏହି ଲୋକମାନେ ଆଗାମୀ ମାସରୁ ଆଉ ଚାଉଳ ପାଇବେ ନାହିଁ। ଲକ୍ଷାଧିକ ▶ପୃଷ୍ଠା-୧୦

### ହିମାଳୟର ୮୭% ଅଞ୍ଚଳ ବରଫାବୃତ

## ଆଗୁଆ ଆସିବ ଶୀତ, ଅଧିକ ଦିନ ରହିବ



■ **ନୂଆଦିଲ୍ଲୀ/ଭୁବନେଶ୍ୱର, ୧୪।୧୦ (ସମିସ):** ଚଳିତ ବର୍ଷ ଶୀଘ୍ର ମୌସୁମୀ ଆସିଥିଲା, ସ୍ୱାଭାବିକ ଭାବରେ ବର୍ଷିବା ସହ ଧାର୍ଯ୍ୟ ସମୟରେ ବିଦାୟ ନେଇଛି। ଅନ୍ୟପକ୍ଷରେ ଚଳିତ ବର୍ଷ ପୂର୍ବ ବର୍ଷଗୁଡ଼ିକ ତୁଳନାରେ ଶୀଘ୍ର ଆସିବ ଥଣ୍ଡା। ଏପରିକି ପୂର୍ବ ବର୍ଷଗୁଡ଼ିକ ତୁଳନାରେ ଚଳିତ ବର୍ଷ ଅଧିକ ଥଣ୍ଡା ପଡ଼ିବ ବୋଲି ପାଣିପାଗବିଜ୍ଞାନୀମାନେ ଆକଳନ କରୁଛନ୍ତି। ପ୍ରାୟ ୨ ମାସ ପୂର୍ବରୁ ହିମାଳୟ ଉପରାର୍ଦ୍ଧର ୮୭% ଅଞ୍ଚଳ ବରଫରେ ଆବୃତ୍ତ ହୋଇଛି ଓ ହିମାଳୟର ନିମ୍ନଭାଗ ଅଞ୍ଚଳର ତାପମାତ୍ରା ସ୍ୱାଭାବିକ ତାପମାତ୍ରାଠାରୁ ପ୍ରାୟ ୩ ଡ଼ିଗ୍ରୀ ପର୍ଯ୍ୟନ୍ତ କମ୍ ହୋଇଛି ଓ ବରଫ ତରଳିବା ହାର ପ୍ରାୟ ଶୂନ୍ୟକୁ ଖସି ଆସିଛି । ଡ଼ିସେମ୍ବରରେ ଲା ନିନା ସକ୍ରିୟ ହେବା ସମ୍ଭାବନା ଥିବାରୁ ଚଳିତବର୍ଷ ଭାରତରେ ଭଲ ବର୍ଷା ହୋଇଛି ଓ ଅଧିକ ଥଣ୍ଡା ପଡ଼ିବାର ଆଶଙ୍କା ସୃଷ୍ଟି ହୋଇଛି।

ହିମାଳୟର ଉପରାର୍ଦ୍ଧା ଅର୍ଥାତ୍ ୪ ହଜାର ଫୁଟ ଉଚ୍ଚରୁ ଅଧିକ ଅଞ୍ଚଳରେ ତାପମାତ୍ରା ଏବେ ବିଯୁକ୍ତ ୧୫ ଡ଼ିଗ୍ରୀ ରହିଛି। ଲା ନିନା କାରଣରୁ ଉତ୍ତର, ମଧ୍ୟ ଓ ପୂର୍ବ ଭାରତରେ ତାପମାତ୍ରା ଖୁବ୍ ଶୀଘ୍ର ୩ରୁ ୪ ଡ଼ିଗ୍ରୀ ପର୍ଯ୍ୟନ୍ତ କମିପାରେ ବୋଲି କୁହାଯାଉଛି। ହିମାଚଳ ପ୍ରଦେଶ, ସିକିମ, ଉତ୍ତରାଖଣ୍ଡ, ଜାମ୍ମୁକାଶ୍ମୀର ତାପମାତ୍ରା ଦ୍ରୁତ ବେଗରେ ହ୍ରାସ ପାଇଛି। ଏପରିକି ମଧ୍ୟପ୍ରଦେଶରେ ତାପମାତ୍ରା ୧୬ ଡ଼ିଗ୍ରୀ ଖସିଛି। ଭୋପାଳରେ ତାପମାତ୍ରା ସ୍ୱାଭାବିକଠାରୁ ୪ ଡ଼ିଗ୍ରୀ କମ୍ ହୋଇ ୧୫.୮ ଡ଼ିଗ୍ରୀକୁ ଖସିଛି । ରାଜସ୍ଥାନରେ ଦିନ ଓ ରାତିର ତାପମାତ୍ରା ମଧ୍ୟ ହ୍ରାସ ପାଇଛି । ରାତିର ତାପମାତ୍ରା ୧୫ ଡ଼ିଗ୍ରୀ ତଳକୁ ଖସିଥିବା ▶ପୃଷ୍ଠା-୧୦

### ରକେଟ୍ ଭଳି ଉଠୁଛି ଚାନ୍ଦି

## ରୁପା ୨ ଲକ୍ଷ ପାର୍

■ **ନୂଆଦିଲ୍ଲୀ, ୧୪।୧୦ (ଏଜେନ୍ସି):** ଇତିହାସ ରଚିଲାଣି ସୁନା ଓ ରୁପା ଦର। ଦୈନିକ ଦରରେ ନୂଆ ରେକର୍ଡ ପ୍ରତିଷ୍ଠା ହେଉଛି। ସୋମବାର ଘରୋଇ ବଜାରରେ ପୁନର୍ବାର ସୁନା ଏବଂ ରୂପା ମୂଲ୍ୟ ରେକର୍ଡ ସ୍ତରରେ ପହଞ୍ଚିଛି। ହେଲେ ଦର ବୃଦ୍ଧି କ୍ଷେତ୍ରରେ ବର୍ତ୍ତମାନ ସୁନା ଦରକୁ ବଳିଯାଉଛି ରୁପା ଦର। ରକେଟ୍ ଭଳି ଉଠିବାରେ ଲାଗିଛି ରୁପା ଦର। ଏମିତିକି ମାତ୍ର ଗୋଟିଏ ଦିନରେ ରୁପା କିଲୋ ପିଛା ୭ ହଜାର ଟଙ୍କାରୁ ଅଧିକ ବୃଦ୍ଧି ଘଟିଛି। ଫଳରେ ପ୍ରଥମ ଥର ପାଇଁ ଦେଶରେ ରୁପା ଦର ୨ ଲକ୍ଷ ଟଙ୍କା ଟପି ଇତିହାସ ରଚିଛି। ଏଥିରେ ସୋମବାର ରାଜଧାନୀ ଭୁବନେଶ୍ୱରରେ ରୁପା କିଲୋ ପିଛା ୨.୬ ଲକ୍ଷ ଟଙ୍କା ଛୁଇଁ ସର୍ବକାଳୀନ ରେକର୍ଡ ପ୍ରତିଷ୍ଠା ହୋଇଛି। କୌତୂହଳର ବିଷୟ ହେଉଛି ଯେ, ମାତ୍ର ୨୮୬ ଦିନରେ ରୁପା ମୂଲ୍ୟ ଦୁଇ ଗୁଣ ବଢ଼ିଯାଇଥିବାବେଳେ ସପ୍ତାହକରେ ଏହା ୩୩ ହଜାର ଟଙ୍କା ମହଙ୍ଗା ହୋଇଛି। ▶ପୃଷ୍ଠା-୧୦

### ୨୮୬ ଦିନରେ ଦୁଇଗୁଣ
### ସପ୍ତାହକରେ ୩୩ ହଜାର ମହଙ୍ଗା
### ସୁନା ୧୦ ଗ୍ରାମ ୧.୨୮ ଲକ୍ଷ ଟଙ୍କା

### ଦୀପାବଳିରେ ବାଣଫୁଟା ମାର୍ଗଦର୍ଶିକା ଜାରି

## ଜଗିବ କିଏ ? ମାପିବ କିଏ ?

■ **ଭୁବନେଶ୍ୱର, ୧୪।୧୦ (ସମିସ):** ଏଥର ଦୀପାବଳିରେ ମାତ୍ର ୨ ଘଣ୍ଟା ବାଣ ଫୁଟାଯାଇ ପାରିବ, ତାହା ପୁଣି ସବୁଜ ବାଣ। ଏଥିପାଇଁ ପୁଣି ସର୍ତ୍ତ ରହିଛି ଯେ ଏହି ବାଣର ଶବ୍ଦ ୧୨୫ ଡ଼େସିବେଲରୁ ଅଧିକ ହେବ ନାହିଁ। ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶକ୍ରମେ ଅନୁରୂପ ମାର୍ଗଦର୍ଶିକା ଜାରି କରିଛି ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ। ଏହା ସହ ଯେଉଁମାନେ ଏହି ନିୟମ ନ ମାନିବେ, ସେମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ହେବ ବୋଲି ମଧ୍ୟ ଚେତାବନୀ ଦିଆଯାଇଛି । ମାତ୍ର ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ଜାରି କରିଥିବା ଏହି ନିର୍ଦ୍ଦେଶକୁ ନେଇ ମଧ୍ୟ ସ୍ୱାଭାବିକ ପ୍ରଶ୍ନ ଉଠିଛି। ଧାର୍ଯ୍ୟ ସମୟ ମଧ୍ୟରେ ବାଣ ଫୁଟାଯିବା ବେଳେ ଏହାର ଡ଼େସିବେଲ କିଏ ମାପିବ ଏବଂ ୭ଟା ପୂର୍ବରୁ ଓ ୯ଟା ପରେ ବାଣଫୁଟାକୁ କିଏ ଜଗିବ ବୋଲି ପ୍ରଶ୍ନ ଉଠିଛି ।

ବିଭାଗ ପକ୍ଷରୁ ଜାରି ନିର୍ଦ୍ଦେଶନାମାରେ କୁହାଯାଇଛି ଯେ ସବୁଜ ବାଣ ବ୍ୟତୀତ ଅନ୍ୟ ସବୁ ବାଣ ଉପରେ କଟକଣା ରହିଛି। ଯଦି କେହି ବାଣ ଫୁଟାଉଛନ୍ତି ତେବେ ୧୨୫ ଡେସିବେଲ ଅର୍ଥାତ୍ କମ୍ ଶବ୍ଦ ସୃଷ୍ଟିକାରୀ ବାଣ ଫୁଟାଇ ପାରିବେ ପୁଣି ପାର୍କ, ହସ୍ପିଟାଲ୍, ଶିକ୍ଷାନୁଷ୍ଠାନ, କୋର୍ଟ, ଧାର୍ମିକ ସ୍ଥାନର ୧୦୦ ମିଟର ପରିଧି ମଧ୍ୟରେ ▶ପୃଷ୍ଠା-୧୦



### ସନ୍ଧ୍ୟା ୭ଟାରୁ ୯ଟା ପର୍ଯ୍ୟନ୍ତ ଫୁଟାଯିବ ବାଣ
### ୧୨୫ ଡେସିବେଲରୁ ଅଧିକ ହେବନି ଶବ୍ଦ
### ନିୟମ ନ ମାନିଲେ କାର୍ଯ୍ୟାନୁଷ୍ଠାନ ଚେତାବନୀ





| MODEL | 125 CF | NS 125 | 150 | N160 | NS 160 | NS 200 |
|---|---|---|---|---|---|---|
| 100% GST ଲାଭ | ₹7 963/-* | ₹9 240/-* | ₹10 059/-* | ₹11 424/-* | ₹11 636/-* | ₹12 943/-* |
| PF + ବୀମା ସଞ୍ଚୟ | ₹2 900/-* | ₹3 300/-* | ₹3 600/-* | ₹4 200/-* | ₹4 200/-* | ₹4 800/-* |
| ହ୍ୟାଟ୍-ଟ୍ରିକ୍ ସଞ୍ଚୟ | ₹10 863/-* | ₹12 540/-* | ₹13 659/-* | ₹15 624/-* | ₹15 836/-* | ₹17 743/-* |

10 YEAR WARRANTY | BAJAJ SECURE • AMC • ROAD SIDE ASSISTANCE | 72198 21111 | HDFC BANK | SHRIRAM Finance | IDFC FIRST Bank | BAJAJ AUTO CREDIT | L&T Finance | TATA CAPITAL Two Wheeler Loans

*ସର୍ତ୍ତ ଓ ନିୟମାବଳୀ ଲାଗିବ । ହ୍ୟାଟ୍-ଟ୍ରିକ୍ ସେଭିଙ୍ଗ୍ସ 22 ସେପ୍ଟେମ୍ବର 2025 ରୁ ବୈଧ । ମୋଟ ସଞ୍ଚୟରେ ଅଛି 100% GST ଲାଭ (ଏକ୍ସ-ଶୋରୁମ୍ ମୂଲ୍ୟ ଓ ପ୍ରଯୁଜ୍ୟ RTO କର ରେ), ନିଲ୍ ପ୍ରୋସେସିଙ୍ଗ ଫୀ, ଆଉ 1-ବର୍ଷର ଓନ୍ ଡ୍ୟାମେଜ୍ ଇନ୍‌ସ୍ୟୋରାନ୍ସ । ଫାଇନାନ୍ସର୍/ଇନ୍‌ସ୍ୟୋରର୍ ଆଉ ଲୋକେଶନ୍ ଅନୁସାରେ ନିଲ୍ PF ଆଉ OD ରେ ସଞ୍ଚୟ ଭିନ ହୋଇପାରେ । ଫାଇନାନ୍ସର୍ ଙ୍କ ନିଜସ୍ୱ ବିବେଚନା ଆଧାରରେ ଫାଇନାନ୍ସ । 5 ବର୍ଷର ଷ୍ଟାଣ୍ଡାର୍ଡ ୱାରେଣ୍ଟୀ + 5 ବର୍ଷର ଏକ୍ସଟେଣ୍ଡେଡ୍ ୱାରେଣ୍ଟୀ @ ₹999/- । ପ୍ରଦର୍ଶିତ ଷ୍ଟଣ୍ଟଗୁଡ଼ିକ ଏକ୍ସପର୍ଟ ମାନଙ୍କ ଦ୍ୱାରା, ପେଶାଦାରମାନଙ୍କ ତତ୍ତ୍ୱାବଧାନରେ, ନିୟନ୍ତ୍ରିତ ପରିବେଶରେ କରାଯାଇଛି । ନକଲ କରିବାର ଅପଚେଷ୍ଟା କରନ୍ତୁ ନାହିଁ, ସବୁବେଳେ ଟ୍ରାଫିକ୍ ଓ ସେଫ୍‌ଟୀ ନିୟମଗୁଡ଼ିକ ପାଳନ କରନ୍ତୁ ।

Authorised Dealers for BAJAJ Auto Ltd.: Jajpur Road PARIDA BAJAJ 7381012602 • Dhenkanal SHIVAM BAJAJ 7873922722 • Jajpur Road PARIDA BAJAJ 7381012602 • Rahama MAITREE BAJAJ 9668801781 • Cuttack: Badambadi SURAJ BAJAJ 8093066603 • Shikharpur RASHMI BAJAJ 9237379210 • Satichaura RASHMI BAJAJ 9237379211 • Chandikhole TARINI BAJAJ 9937310800. • Pattamundai MAITREE BAJAJ 7064987720/9668801781, • Kendrapara TARINI BAJAJ 8338944471 • Rajnagar MAITREE BAJAJ 7064987720/9668801781 • Anandapur PARIDA BAJAJ 7381670007, • Udala BALA BAJAJ 8260843646 • Jaleswar SURAJ BAJAJ 9124626016, • Markona SURAJ BAJAJ 9124626001 • Basudevpur SHANKAR BAJAJ 9040902802 • Rairangpur BALA BAJAJ 9583777236 • Harichandanpur JR BAJAJ 7008484029

### ଯାଜପୁର ଜିଲ୍ଲାପାଳଙ୍କ କଳିଙ୍ଗନଗର ଗସ୍ତ

# ବିଭିନ୍ନ ପ୍ରକଳ୍ପ କାର୍ଯ୍ୟର ସମୀକ୍ଷା

ଯାଜପୁର/ଦାନଗଦି,୧୪।୧୦(ସମିସ):



ଜିଲ୍ଲାପାଳ ଅମୃତ କୁମାର କର ରାମ୍ପିଲୋ ସ୍ଥିତ ତପୋବନ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ ଗସ୍ତ କରିଥିଲେ। ଏହି ପରିପ୍ରେକ୍ଷୀରେ ଜିଲ୍ଲାପାଳ ଛାତ୍ରୀମାନଙ୍କ ଠାରୁ ପାଠ୍ୟକ୍ରମ ସମ୍ପର୍କରେ ପଚାରିବୁଝିବା ସହ ଶିକ୍ଷକ-ଶିକ୍ଷୟିତ୍ରୀମାନଙ୍କ ସହିତ ଆଲୋଚନା କରିଥିଲେ। ଏହାପରେ ଜିଲ୍ଲାପାଳ, ଦାନଗଦି ସ୍ଥିତ ଅନ୍ନପୂର୍ଣ୍ଣା ଶିଶୁ ଯତ୍ନ ଅନୁଷ୍ଠାନ ଗସ୍ତ କରିଥିଲେ। ସେଠାରେ ରହୁଥିବା ଅନ୍ତେବାସୀମାନଙ୍କ ସୁବିଧା ଅସୁବିଧା ପଚାରି ବୁଝିଥିଲେ। ଏହି ଗସ୍ତ ଅବସରରେ ଅତିରିକ୍ତ ଜିଲ୍ଲାପାଳ (ପ୍ରଶାସନ) ଯୁଧିଷ୍ଠିର ନାୟକ, ଜିଲ୍ଲା ମଙ୍ଗଳ ଅଧିକାରୀ, ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ, ବିଡ଼ିଓ, ତହସିଲଦାରଙ୍କ ସମେତ ଅନ୍ୟାନ୍ୟ ଅଧିକାରୀ, ଶିକ୍ଷକ, ଶିକ୍ଷୟିତ୍ରୀ ଏବଂ କର୍ମଚାରୀମାନେ ଉପସ୍ଥିତ ଥିଲେ। ଗତକାଲି ଜିଲ୍ଲାପାଳଙ୍କ ଅଧ୍ୟକ୍ଷତାରେ ଜିଲ୍ଲା ଆରକ୍ଷୀ ଅଧିକ୍ଷକଙ୍କ ଉପସ୍ଥିତିରେ ଜାତୀୟ ରାଜପଥ ପ୍ରାଧିକରଣ ଅଧିକାରୀମାନଙ୍କୁ ନେଇ ଏକ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଥିଲା। ଏହି ପରିପ୍ରେକ୍ଷୀରେ ଯାଜପୁର ଜିଲ୍ଲା ଅନ୍ତର୍ଗତ ଚଣ୍ଡିଖୋଲ- ଦୁବୁରୀ- ସୁକିନ୍ଦା (ଜାତୀୟ ରାଜପଥ-୫୩) ଚାଲୁଥିବା ରାସ୍ତା ନିର୍ମାଣର ଅଗ୍ରଗତି ଏବଂ ଏହା ସହିତ ଉପୁଜୁଥିବା ବିଭିନ୍ନ ସମସ୍ୟା ଉପରେ ବିସ୍ତୃତ ଭାବେ ଆଲୋଚନା ହୋଇଥିଲା। ଏହା ସହିତ କଳିଙ୍ଗ ନଗର ଅଞ୍ଚଳରେ ଅଧିକ ମାତ୍ରାରେ ବ୍ୟବହୃତ ରାସ୍ତାଗୁଡ଼ିକର ମରାମତି କାର୍ଯ୍ୟକୁ ଯଥା ଶୀଘ୍ର ସାରିବାକୁ ଜିଲ୍ଲାପାଳ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଏହି ଅବସରରେ ଅତିରିକ୍ତ ଜିଲ୍ଲାପାଳ (କଳିଙ୍ଗନଗର) ସପନ କୁମାର ନନ୍ଦ, ଜାତୀୟ ରାଜପଥ ପ୍ରାଧିକରଣ ଅଧିକାରୀ, ପୁଲିସ ବିଭାଗର ଅଧିକାରୀଙ୍କ ସମେତ ଅନ୍ୟାନ୍ୟ ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ। ଆଜି ଅପରାହ୍ନରେ ଜିଲ୍ଲାପାଳ ଅମୃତ କୁମାର କରଙ୍କ ଅଧ୍ୟକ୍ଷତାରେ ଏକ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଥିଲା। ଏହି ବୈଠକରେ ଜିଲ୍ଲାପାଳ ବିଭିନ୍ନ ଶିଳ୍ପ ସଂସ୍ଥା ପକ୍ଷରୁ ସିଏସ୍ଆର୍ ପାଣ୍ଠିରେ ଚାଲୁଥିବା ବିଭିନ୍ନ ପ୍ରକଳ୍ପ ଏବଂ ପଦକ୍ଷେପ ଉପରେ ଜିଲ୍ଲାପାଳ ସମୀକ୍ଷା କରିଥିଲେ। ଏହା ସହିତ ଚଳିତ ବର୍ଷ ୨୦୨୫-୨୬ରେ ସିଏସ୍ଆର୍ ଅଧୀନରେ କାର୍ଯ୍ୟକାରୀ ହେବାକୁ ଥିବା ବିଭିନ୍ନ ପଦକ୍ଷେପ ଉପରେ ଶିଳ୍ପ ସଂସ୍ଥାର ଅଧିକାରୀମାନଙ୍କ ସହ ଆଲୋଚନା କରିଥିଲେ। ଯାଜପୁର ଜିଲ୍ଲା ଏବଂ କଳିଙ୍ଗନଗର ଶିଳ୍ପାଞ୍ଚଳ ଅଧୀନରେ ବସବାସ କରୁଥିବା ଅଧିବାସୀମାନଙ୍କ ସର୍ବାଙ୍ଗୀନ ଉନ୍ନତି ତଥା ଶିକ୍ଷା, ସ୍ୱାସ୍ଥ୍ୟ, ରାସ୍ତା ଓ ପରିବେଶ ସୁରକ୍ଷା, ଦକ୍ଷତା ଓ ଆର୍ଥିକ ଅଭିବୃଦ୍ଧି ଆଦି ନିମନ୍ତେ ନିଆଯାଉଥିବା ବିଭିନ୍ନ ପଦକ୍ଷେପ ଉପରେ ବିସ୍ତୃତ ଭାବେ ଆଲୋଚନା ହୋଇଥିଲା।

ବ୍ୟାସନଗର ସ୍ଥିତ ଟାଉନ୍ ହଲ୍ ଠାରେ ଆୟୋଜିତ ଏହି ସମୀକ୍ଷା ବୈଠକରେ ଅତିରିକ୍ତ ଜିଲ୍ଲାପାଳ (କଳିଙ୍ଗନଗର) ସପନ କୁମାର ନନ୍ଦ, ବିଭିନ୍ନ ବିଭାଗର ଅଧିକାରୀ, ଦାନଗଦି ଓ ସୁକିନ୍ଦା ବ୍ଲକର ବିଡ଼ିଓ ଏବଂ ତହସିଲଦାରଙ୍କ ସମେତ ବିଭିନ୍ନ ଶିଳ୍ପ ସଂସ୍ଥାର ଅଧିକାରୀମାନେ ଯୋଗ ଦେଇଥିଲେ।

## ନାବାଳିକା ନିଖୋଜ; ଥାନାରେ ଅଭିଯୋଗ



ଦାନଗଦି,୧୪।୧୦(ସମିସ): କଳିଙ୍ଗନଗର ଥାନା ଅନ୍ତର୍ଗତ ଚାନ୍ଦିଆ ପଞ୍ଚାୟତର ଭିତରମାଣିକା ଗ୍ରାମର ଜଣେ ନାବାଳିକା ନିଖୋଜ ହୋଇଯାଇଥିବା ନେଇ କଳିଙ୍ଗନଗର ଥାନାରେ ତାର ପରିବାର ଲୋକେ ଅଭିଯୋଗ କରିଛନ୍ତି। ସୂଚନା ମୁତାବକ ଭିତରମାଣିକା ଗ୍ରାମର କହ୍ନେଇ ଚରଣ ମୁର୍ମୁ ଓ ଫୁଲ ମୁର୍ମୁଙ୍କ ବଡ଼ ଝିଅ ସଞ୍ଜନା ମୁର୍ମୁ (୧୪) ଗତ ମାସ ୧୭ ତାରିଖ ଦିନ ଘରେ ଶୋଇଥିଲେ। ସକାଳ ସମୟରେ ବାପା ଓ ମା' ଦେଖିଲା ବେଳକୁ ସେ କେଉଁଆଡ଼େ ପଳାଇଯାଇଛି। ଘରଲୋକ ଓ ଗ୍ରାମବାସୀ ବହୁତ ଖୋଜାଖୋଜି କରିଲା ପରେ ନିରାଶ ହୋଇ ନ ପାଇବାରୁ କଳିଙ୍ଗନଗର ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ତାଙ୍କ ଘର ଲୋକ କହିବା କଥା ସଞ୍ଜନା ଗଲାବେଳେ ଧଳା ରଙ୍ଗର ଚୁଡ଼ିଦାର ପିନ୍ଧିଥିବା ବେଳେ ତାର ରଙ୍ଗ ସାଗନ ବର୍ଣ୍ଣ ଅଟେ। ମୁଣ୍ଡ ବନ୍ଧ ଥିବାରୁ ପାଠ ପଢ଼ିନି ଓ ଗତ ୨୬ ଦିନ ହେବ କେଉଁଆଡ଼େ ଯାଇଛି ତାର କୌଣସି ସନ୍ଧାନ ମିଳିପାରୁନାହିଁ। କଳିଙ୍ଗନଗର ପୁଲିସ ୧୮ ତାରିଖ ଠାରୁ ଏବେ ରାଶ୍ ଖୋଜାଖୋଜି ଆରମ୍ଭ କରୁଥିବା ଜଣାପଡିଛି। ନାବାଳିକା କେଉଁଆଡେ ଗଲା ଓ କିପରି ଗଲା ସବୁଆଡେ ଖୋଜା ଖୋଜି କରି ଆଜି ପ୍ରଯ୍ୟନ୍ତ ନ ପାଇବାରୁ ପରିବାର ଲୋକ ଦୁଃଖରେ ଭାଙ୍ଗି ପଡିଛନ୍ତି।


### ■ ଷଠିପୁର-ବରୁଣ୍ଡାଇ ରାସ୍ତାରେ ଚଢ଼ଉ

## ୪ ଗାଡ଼ି ଜବତ; ଜରିମାନା ଆଦାୟ



ପାଣିକୋଇଲି,୧୪।୧୦(ସମିସ): ଷଠିପୁର-ବରୁଣ୍ଡାଇ ରାସ୍ତା ଦୋହରୀକରଣ କାର୍ଯ୍ୟ ଚାଲୁ ରହିଛି। ଏହି ରାସ୍ତାରେ ଭାରୀଯାନ ଚଳାଚଳକୁ ଜିଲ୍ଲାପାଳ ସମ୍ପୂର୍ଣ୍ଣ ବନ୍ଦ କରିଛନ୍ତି। ସାଧାରଣ ଗମନା ଗମନ ଅସୁବିଧା, ଟ୍ରାଫିକ ଜାମ ଓ ରାସ୍ତା କାର୍ଯ୍ୟ ହେଉଥିବାରୁ ଜିଲ୍ଲାପାଳଙ୍କ ପକ୍ଷରୁ ଅକ୍ଟୋବର ୨୦ ପର୍ଯ୍ୟନ୍ତ ଭାରୀଯାନ ଚଳାଚଳ ବନ୍ଦ କରାଯାଇଛି। ଅମୃତିଆ ଦେଇ ଗ୍ରାମ୍ୟ ଉନ୍ନୟନ ରାସ୍ତାରେ ଗାଡି ଆସୁଥିବା ବେଳେ ଅମୃତିଆ ଗ୍ରାମବାସୀ ଏହାକୁ ବିରୋଧ କରିବାରୁ ସେ ରାସ୍ତାରେ ଗାଡି ଚଳାଚଳ ବନ୍ଦ ରହିଛି। ଷଠିପୁର-ବରୁଣ୍ଡାଇ ରାସ୍ତାରେ ବାଲି ଗାଡି ଆସୁଥିବା ବେଳେ ଖଣିବିଭାଗ ଆଜି ବାଲିଗାଡି ଜବତ କରିବାରେ ସକ୍ଷମ ହୋଇଛି। ୨ଟି ଗାଡି ରାସ୍ତାରେ ବାଲି ଢାଳି ଖାଲି କରି ଛିଡା ହୋଇଥିଲେ। ଉକ୍ତ ହାଇୱା ନମ୍ବର (ଓଡି ୩୪ ୦୦୦୨୦, ଓଡି୨୨ୟୁ୧୭୪୪, ଓଡି୨୨ଏକ୍ସ ୦୫୨୫, ଓଡି ୨୨ପି ୦୪୭୧)। ହେଲେ ପରିବହନ ବିଭାଗ ଦୁଇଟି ବାଲି ବୋଝେଇ ହାଇୱାକୁ ଜବତ କରିବା ସହ ୭୩ ହଜାର ଟଙ୍କା ଜରିମାନା ଆଦାୟ କରିଥିବା ଜଣାପଡ଼ିଛି।

## ଆଦର୍ଶ ପ୍ରଧାନଶିକ୍ଷକଙ୍କ ପରଲୋକ



ବରୀ,୧୪।୧୦(ସମିସ): ବିଶିଷ୍ଟ ସମାଜସେବୀ, ଆଦର୍ଶ ପ୍ରଧାନ ଶିକ୍ଷକ ଅନ୍ତର୍ଯ୍ୟାମୀ ବରାଳଙ୍କ ୭୮ ବର୍ଷ ବୟସରେ ପରଲୋକ ହୋଇଯାଇଛି। ସେ ମୃତ୍ୟୁବେଳକୁ ସାନପୁଅ ପ୍ରସନ୍ନଜିତ୍ ବରାଳଙ୍କ ଅରଙ୍ଗାବାଦସ୍ଥିତ ଭଡ଼ା ଘରେ ରହୁଥିଲେ। ଗତକାଲି ରାତି ୧୧.୩୫ମିନିଟ୍ ସମୟରେ ବାର୍ଦ୍ଧକ୍ୟ ଜନିତ କାରଣ ହେତୁ ରୋଗ ଶଯ୍ୟାରେ ପ୍ରାଣତ୍ୟାଗ କରିଥିଲେ। ପରେ ତାଙ୍କ ମରଶରୀରକୁ ନିଜ ଜନ୍ମମାଟି ଯାଜପୁର ଜିଲ୍ଲା ବରୀ ବ୍ଲକ୍ ଅର୍ନ୍ତଗତ ଅନ୍ୟାସୀପୁର ଗ୍ରାମକୁ ଅଣାଯାଇଥିଲା। ମଙ୍ଗଳବାର ସକାଳେ ଏକ ଶବ ଶୋଭାଯାତ୍ରାରେ ଶହ ଶହ ସଂଖ୍ୟାରେ ଗ୍ରାମବାସୀ ଗ୍ରାମ୍ୟ ପରିକ୍ରମା କରାଇଥିଲେ। ପରେ ବଡପୁଅ ବିଶ୍ୱଜିତ୍ ବରାଳ ମୁଖାଗ୍ନି ଦେଇଥିଲେ। ସ୍ୱର୍ଗତ ବରାଳଙ୍କ ପରଲୋକଗତ ଖବର ପାଇ ଜିଲ୍ଲା ପରିଷଦ ସଭ୍ୟ ସନ୍ତୋଷ କୁମାର ସାମଲ, ସ୍ଥାନୀୟ ସମିତି ସଭ୍ୟ ରମେଶ କୁମାର ସାହୁ, ଅନ୍ୟାସୀପୁର ସରପଞ୍ଚଙ୍କ ପ୍ରତିନିଧି ଦୁର୍ଯ୍ୟୋଧନ ପାତ୍ର, ଏଡିଇଓ ସଂଘର ରାଜ୍ୟ କାର୍ଯ୍ୟକାରୀ ସଭାପତି ଅଜୟ କୁମାର ଜେନା ପ୍ରମୁଖ ପହଞ୍ଚି ନିଜର ଶୋକବ୍ୟକ୍ତ କରିବା ସହ ଶୋକସନ୍ତପ୍ତ ପରିବାରବର୍ଗଙ୍କୁ ସମବେଦନା ଜଣାଇଥିଲେ।

## ଉପକାରାଗାରରେ ମାନସିକ ସ୍ୱାସ୍ଥ୍ୟ ଦିବସ

ଯାଜପୁର,୧୪।୧୦(ସମିସ): ଯାଜପୁର ଜିଲ୍ଲା ଦୌରାଜଜ୍ ତଥା ଜିଲ୍ଲା ଆଇନ୍ ସେବା ପ୍ରାଧିକରଣ ଅଧକ୍ଷ ଅମୃତ ରଞ୍ଜନ ନନ୍ଦଙ୍କ ନିର୍ଦ୍ଦେଶ କ୍ରମେ ରଗଡ଼ି ଉପକାରାଗାର ପରିସରରେ ବିଶ୍ୱ ମାନସିକ ସ୍ୱାସ୍ଥ୍ୟ ଦିବସ ପ୍ରାଧିକରଣ ସଚିବ ଲିପା ମହାନ୍ତିଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଅତିଥି ଆଲୋଚକ ଭାବେ ଡା.ରମେଶ ଚନ୍ଦ୍ର ମଲ୍ଲିକ, ଅତିରିକ୍ତ ଜିଲ୍ଲା ଜନସ୍ୱାସ୍ଥ୍ୟ ଅଧିକାରୀ ଡ. ରୁଦ୍ରନାରାୟଣ ପୃଷ୍ଟି, ପ୍ରାଧିକରଣ ସଦସ୍ୟ ତଥା ସାମାଜିକ କାର୍ଯ୍ୟକର୍ତ୍ତା ଶ୍ରୁତି ବିଶ୍ୱାଳ ଜିଲ୍ଲା ସ୍ୱାସ୍ଥ୍ୟ କାର୍ଯ୍ୟକ୍ରମ ସଯୋଜିକା, ସନ୍ତୋଷ କୁମାର ପାଠକ କାର୍ଯ୍ୟକ୍ରମ ନିଷ୍ପାଦକ, ହରପ୍ରିୟା ଦାଶ ମନସ୍ତାତ୍ତ୍ୱିକ ସାମାଜିକ କର୍ମୀ ପ୍ରମୁଖ ଯୋଗଦେଇ ମାନସିକ ସ୍ୱାସ୍ଥ୍ୟ ଦିବସର ମହତ୍ତ୍ୱ, ଇତିହାସ ଓ ପାଳନର ଉଦ୍ଦେଶ୍ୟ ସମ୍ପର୍କରେ ଆଲୋକ ପାତ କରିଥିଲେ। ଉପକାରାଗାର ତତ୍ତ୍ୱାବଧାରିକା ମନସ୍ୱିନୀ ବିଶ୍ୱାଳ ସ୍ୱାଗତ ଭାଷଣ ପ୍ରଦାନ କରିଥିବା ବେଳେ ସହକାରୀ କାରାପାଳ ସୋନମ୍ କୁମାର ମହାପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ।

## ଖରସ୍ରୋତା ନଦୀକୁ ଡେଇଁ ମହିଳା ନିଖୋଜ

ବିଞ୍ଝାରପୁର,୧୪।୧୦(ସମିସ): ବିଞ୍ଝାରପୁର ବ୍ଲକ ଓଳେଇ-ଚନ୍ଦନପୁର ଗ୍ରାମ ପଞ୍ଚାୟତରେ ଜଣେ ମହିଳା ଖରସ୍ରୋତା ନଦୀକୁ ଡେଇଁ ନିଖୋଜ ହୋଇଯାଇଛନ୍ତି। ଘଟଣା ମୁତାବକ ବିଞ୍ଝାରପୁର ବ୍ଲକ ଓଳେଇ-ଚନ୍ଦନପୁର ଗ୍ରାପ ଓଳେଇ ଗ୍ରାମର ପିଣ୍ଟୁ ଦାସଙ୍କ ସ୍ତ୍ରୀ ଗୀତାରାଣୀ ଦାସ (୨୬) ମଙ୍ଗଳବାର ସନ୍ଧ୍ୟା ସମୟରେ ଅସ୍ୱାଭିକ ଭାବରେ ତାଙ୍କ ବ୍ୟବହାରରେ ପରିବର୍ତ୍ତନ ହୋଇଥିଲା। ଯାହାକୁ ନେଇ ପିଣ୍ଟୁଙ୍କର ସାହି ପଡ଼ିଶାରେ ଲୋକମାନେ କହିଲେ କି ଗୀତାକୁ ଠାକୁରାଣୀ ଲାଗିଛନ୍ତି। ଏହା ପରେ ଘର ନିକଟସ୍ଥ ଖରସ୍ରୋତା ନଦୀକୁ ଗାଧୋଇବାକୁ ଗୀତା କହିବାରୁ ସେ ସାହିପଡିଶାର ମହିଳାଙ୍କ ସହିତ ନଦୀକୁ ଗାଧୋଇ ଯାଇଥିଲେ। ହେଲେ ଖରସ୍ରୋତା ନଦୀରେ ଗାଧୋଇବେ କ'ଣ ହଠାତ ନଦୀକୁ ଡେଇଁ ପଡିଥିଲେ ଗୀତା। ତାଙ୍କ ସହିତ ଯାଇଥିବା ମହିଳାମାନେ ତାଙ୍କୁ ଉଦ୍ଧାର କରିବାକୁ ଚେଷ୍ଟା କରିଥିଲେ ମଧ ତାହା ସମ୍ଭବ ହୋଇପାରି ନଥିଲା। ବର୍ତ୍ତମାନ ଖରସ୍ରୋତାରେ ପ୍ରଖର ଜଳ ପ୍ରବାହିତ ହେଉଥିବାରୁ ଗୀତା ଭାସିଯାଇ ନିଖୋଜ ହୋଇଯାଇଥିଲେ। ତାଙ୍କୁ ଉଦ୍ଧାର କରିବା ପାଇଁ ବିଞ୍ଝାରପୁର ଅଗ୍ନିଶମ ବାହିନୀକୁ ଗ୍ରାମବାସୀ ଖବର ଦେଇଥିଲେ। ଅଗ୍ନିଶମ ବାହିନୀ ଘଟଣାସ୍ଥଳରେ ପହଞ୍ଚି ଗୀତାଙ୍କୁ ଖୋଜାଖୋଜି କରୁଥିବା ବେଳେ ଖବର ଲେଖା ହେଲା ପର୍ଯ୍ୟନ୍ତ ଗୀତା ଉଦ୍ଧାର ହୋଇ ନଥିଲା।

## ବିଦ୍ୟାଳୟରେ ପୋଷାକ ବିତରଣ

ବଡ଼ଚଣା,୧୪।୧୦(ସମିସ): ବଡ଼ଚଣା ବ୍ଲକ୍ ଶିକ୍ଷା ମଣ୍ଡଳ ଅଧୀନସ୍ଥ ଖୋସାଲିପୁର ସରକାରୀ ପ୍ରକଳ୍ପ ପ୍ରାଥମିକ ବିଦ୍ୟାଳୟରେ ପୋଷାକ ବିତରଣ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ପ୍ରଧାନ ଶିକ୍ଷକ ନବକିଶୋର ବିଶ୍ୱାଳଙ୍କ ସଭାପତିତ୍ୱରେ ଆୟୋଜିତ ଉତ୍ସବରେ ମୁଖ୍ୟଅତିଥି ଭାବେ ସୁଙ୍ଗୁଡା ଗ୍ରାମପଞ୍ଚାୟତ ସରପଞ୍ଚ ଅଞ୍ଜୁଲତା ସ୍ୱାଇଁ ଯୋଗଦେଇଥିଲେ। ଅନ୍ୟ ମାନଙ୍କ ମଧ୍ୟରେ ଅବସରପ୍ରାପ୍ତ ଶିକ୍ଷକ ବାସୁଦେବ ଜେନା, ସ୍କୁଲ ପରିଚାଳନା କମିଟି ସଭାପତି ମନ୍ମଥ ଜେନା, ୱାର୍ଡ ସଭ୍ୟା ଗୀତାଞ୍ଜଳି ଜେନା, ସାମ୍ବାଦିକ ପ୍ରସନ୍ନ କୁମାର ବିଶ୍ୱାଳ, ଶିକ୍ଷୟିତ୍ରୀ ସ୍ୱପ୍ନାଞ୍ଜଳି, ବିଶ୍ୱାଳ, ମାନସ ରଞ୍ଜନ ବରାଳ ପ୍ରମୁଖ ଯୋଗଦେଇଥିଲେ। ଏହି ଅବସରରେ ୨୫ଜଣ ଛାତ୍ରଛାତ୍ରୀଙ୍କୁ ପୋଷାକ ଓ ଜୋତା ବିତରଣ କରାଯାଇଥିଲା।

## 'ଭୋଟ ଚୋରି' ଦସ୍ତଖତ ଅଭିଯାନ

ବଡ଼ଚଣା,୧୪।୧୦(ସମିସ): ଯାଜପୁର ଜିଲ୍ଲା କଂଗ୍ରେସ କମିଟି ପକ୍ଷରୁ ଭୋଟଚୋରି ବିରୋଧରେ ଦସ୍ତଖତ ଅଭିଯାନ ଆରମ୍ଭ ହୋଇଛି। ଜିଲ୍ଲା କଂଗ୍ରେସ ସଭାପତି ମାଗୁଣି ବଟକୃଷ୍ଣ ଜେନାଙ୍କ ନେତୃତ୍ୱରେ ଅନୁଷ୍ଠିତ ଅଭିଯାନରେ ବଡଚଣା ସଂଯୋଜକ ଚିନ୍ମୟ ପ୍ରଧାନ ଦଳମତ ନିର୍ବିଶେଷରେ ସମସ୍ତେ ଏହି ଦସ୍ତଖତ ଅଭିଯାନରେ ସାମିଲ ହେବାରୁ ଆହ୍ୱାନ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଜିଲ୍ଲା ସଂଯୋଜକ ଦୁର୍ଯ୍ୟୋଧନ ବେହେରା, ବଡଚଣା ବ୍ଲକ୍ ପର୍ଯ୍ୟ୍ୟବେକ୍ଷକ ସମୀର ନାୟକ ପ୍ରମୁଖ ଯୋଗଦେଇ ଥିଲେ।

## ଗଜଲକ୍ଷ୍ମୀ ପୂଜାରେ ସାଂସ୍କୃତିକ ସମାରୋହ



ବାଲିଚନ୍ଦ୍ରପୁର,୧୪।୧୦(ସମିସ): ବଡ଼ଚଣା ବ୍ଲକ ଅନ୍ତର୍ଗତ ପତରାଜପୁର ବଜାରରେ ଅନୁଷ୍ଠିତ ଗଜଲକ୍ଷ୍ମୀ ପୂଜା ଅବସରରେ ପୂଜା ମଣ୍ଡପରେ ଆୟୋଜିତ ଚାରି ଦିନିଆ ସାଂସ୍କୃତିକ ସମାରୋହର ଉଦଯାପନୀ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ପତରାଜପୁର ବଣିକ ସଙ୍ଘ ଓ ମା' ଗଜଲକ୍ଷ୍ମୀ ପୂଜା କମିଟିର ମିଳିତ ଆନୁକୂଲ୍ୟରେ କମିଟି ସଭାପତି ତଥା ସମିତି ସଭ୍ୟ କୁଳମଣି ବାରିକଙ୍କ ଅଧକ୍ଷତାରେ ଅୟୋଜିତ ଉଦଯାପନୀ ସମାରୋହରେ ମୁଖ୍ୟ ଅତିଥି ଭାବେ ବିଶିଷ୍ଟ କବି ନିରଞ୍ଜନ ଜେନା ଯୋଗଦେଇ ଏଭଳି ଏକ ସାଂସ୍କୃତିକ କାର୍ଯ୍ୟକ୍ରମର ଆୟୋଜନ ପାଇଁ ବଣିକ ସଙ୍ଘ କର୍ମକର୍ତ୍ତାଙ୍କୁ ସାଧୁବାଦ ଜଣାଇଥିଲେ। ମୁଖ୍ୟବକ୍ତା ଭାବେ ସାମ୍ବାଦିକ ତଥା ସାହିତ୍ୟିକ ଭକ୍ତ ଚରଣ ସାହୁ ଓ ସମ୍ମାନୀତ ଅତିଥି ଭାବେ ଶ୍ରୀଦଧିବାମନଜିୟୁ ସଂସ୍କୃତ ମହାବିଦ୍ୟାଳୟ ଅଧକ୍ଷ ଡ. କୃଷ୍ଣଚନ୍ଦ୍ର ପାତ୍ର ଓ ସରୋଜ କୁମାର ମହାନ୍ତି ପ୍ରମୁଖ ଯୋଗଦେଇଥିଲେ। ଏହି ଅବସରରେ ସମାଜସେବୀ ଗଦାଧର ଦାସ ଓ ଗାୟକ କପିଳେନ୍ଦ୍ର ସ୍ୱାଇଁଙ୍କୁ ସମ୍ବର୍ଦ୍ଧିତ କରାଯାଇଥିବା ବେଳେ ଆୟୋଜିତ ନୃତ୍ୟ ଗୀତ ପ୍ରତିଯୋଗୀତାରେ ପ୍ରଥମ, ଦ୍ୱତୀୟ ଓ ତୃତୀୟ ସ୍ଥାନ ଅଧିକାର କରିଥିବା କୃତି ପ୍ରତିଯୋଗୀ ତୃପ୍ତିମୟୀ ଦାସ, ତନୁଶ୍ରୀ ବେହୁରା, ଲିପତା ପ୍ରିୟ ଦର୍ଶନି ନାୟକ ଓ ଶୁଭଲକ୍ଷ୍ମୀ ନାୟକଙ୍କୁ ପ୍ରମାଣପତ୍ର ଓ ଟ୍ରଫି ପ୍ରଦାନ ପୂର୍ବକ ପୁରସ୍କୃତ କରାଯାଇଥିଲା। ଘୋଷକ ପ୍ରତାପ ବେହେରା ସାଂସ୍କୃତିକ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ। କମିଟି ଉପ ସଭାପତି କାର୍ତ୍ତିକ ଚନ୍ଦ୍ର ସାହୁ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ଧନ୍ୟବାଦ ଦେଇଥିଲେ ସହ ସମ୍ପାଦକ ପ୍ରଫୁଲ୍ଲ କୁମାର ବେହେରା। ଦେବ ରଞ୍ଜନ ଦାସ, ପତିତପାବନ ବେହେରା, ସୁବାଷ ଚନ୍ଦ୍ର ସାହୁ ଓ ତ୍ରିଲୋଚନ ସେଠୀଙ୍କ ସମେତ କମିଟିର ସମସ୍ତ କର୍ମକର୍ତ୍ତା କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

## ଯୌତୁକ ନିଷେଧ ଅଧିନିୟମ ପ୍ରଶିକ୍ଷଣ ଶିବିର

ଯାଜପୁର,୧୪।୧୦(ସମିସ): ଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷରେ ଯୌତୁକ ନିଷେଧ ଅଧିନିୟମ-୧୯୬୧ ବିଷୟରେ ଜିଲ୍ଲାସ୍ତରୀୟ ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଯାଇଛି। ଉକ୍ତ ସଭାରେ ମୁଖ୍ୟଅତିଥି ଭାବେ ଅତିରିକ୍ତ ଜିଲ୍ଲାପାଳ ଯୁଧିଷ୍ଠିର ନାଏକ ଯୋଗଦେଇ ମହିଳାମାନଙ୍କୁ କିପରି ଯୌତୁକ ନିର୍ଯାତନାରୁ ରୋକାଯାଇ ପାରିବ ଏବଂ ଏ ଦିଗରେ ସରକାରଙ୍କ ବିଭିନ୍ନ ଆଇନଗତ ସହାୟତା କିପରି ଯୋଗାଇ ଦିଆଯାଇପାରିବ ଏ ସମ୍ବନ୍ଧରେ ପୁଙ୍ଖାନୁପୁଙ୍ଖ ଭାବେ ଆଲୋଚନା କରିଥିଲେ। ଉକ୍ତ ପ୍ରଶିକ୍ଷଣ ଶିବିରରେ କିଶୋରୀ ବାଳିକାମାନେ ଭବିଷ୍ୟତରେ କିପରି ଏହି ଯୌତୁକ ପ୍ରଥାର ଶିକାର ନହେବେ ସେ ସମ୍ବନ୍ଧରେ କିଶୋରୀ ମାନଙ୍କୁ ବୁଝାଯାଇଥିଲା। ସମାଜକୁ କିପରି ଯୌତୁକ ନିଷେଧ ସୁସ୍ଥ ସମାଜ କରିପାରିବେ ସେଥିପ୍ରତି ଉପସ୍ଥିତ ସମସ୍ତଙ୍କୁ ସଚେତନ କରାଯାଇଥିଲା। ଉକ୍ତ ସଭାରେ ପ୍ରଶିକ୍ଷକ ଭାବେ ଅଖିଳ ମୋହନ ଦାସ ଉପସ୍ଥିତ ରହି ଯୌତୁକ ନିଷେଧ ଅଧିନିୟମ ୧୯୬୧ ବିଷୟରେ ସବିଶେଷ ଆଲୋଚନା କରିଥିଲେ। ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ ଶ୍ରୀମତୀ ପାର୍ବତୀ ସାହୁ ଏହି ସଭା କାର୍ଯ୍ୟକୁ ପରିଚାଳନା କରିଥିଲେ। ଉକ୍ତ ସଭାରେ ଜିଲ୍ଲା ସୁରକ୍ଷା ଅଧିକାରୀ, ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ କାମିନୀ ରଞ୍ଜନ ପଟ୍ଟନାୟକ, ଜିଲ୍ଲା କାର୍ଯ୍ୟକ୍ରମ ଅଧିକାରୀ, ଜିଲ୍ଲା ସବ୍-ଡିଭିଜନାଲ ଅଧିକାରୀ, ସଖୀ ପରିଚାଳିକା ଓ ସଦସ୍ୟା, ସ୍ୱେଚ୍ଛାସେବୀ କର୍ମକର୍ତ୍ତା, ଅଙ୍ଗନୱାଡି କର୍ମୀ, କିଶୋରୀ ବାଳିକା ଓ ଜିଲ୍ଲାର ହବ ଷ୍ଟାଫ୍ ଉପସ୍ଥିତ ଥିଲେ।

## ସମାଜସେବୀଙ୍କ ପରଲୋକ



କବାଟବନ୍ଧ,୧୪।୧୦(ସମିସ): ଧର୍ମଶାଳା ବ୍ଲକ ଅନ୍ତର୍ଗତ ସାହାଣୀଡ଼ିହ ପଞ୍ଚାୟତ ରାମଚନ୍ଦ୍ରପୁର ଗ୍ରାମର ଅର୍ଜୁନ ଚରଣ ଭୂୟାଁ (୭୫)ଙ୍କ ପରଲୋକ ଘଟିଛି। ସେ ଦୀର୍ଘ ବର୍ଷ ତଳେ ଜନତା ଡାକ୍ତର ଭାବେ କାର୍ଯ୍ୟ କରୁଥିଲେ। ପରେ ବିଜୁ ଜନତା ଦଳ ପକ୍ଷରୁ ଦୀର୍ଘ ଦିନ ଧରି ସଙ୍ଗଠନ ଦାୟିତ୍ୱ ନେଇ କାମ କରିଥିଲେ। ଜଣେ ସଂକୀର୍ତ୍ତନ ପ୍ରେମୀ ତଥା ବାଦ୍ୟକାର ଭାବେ ମଧ ସୁନାମ ଅର୍ଜନ କରିଥିଲେ। ଚଢ଼େଇଧରା ଉପର ଛକ ବଜାର କମିଟିର ମଧ ସଭାପତି ଭାବେ କାର୍ଯ୍ୟ କରିଥିଲେ। ତାଙ୍କ ମରଶରୀରକୁ ଏକ ଶୋଭାଯାତ୍ରାରେ ନିଆ ଯାଇ ଗ୍ରାମ୍ୟ ଶ୍ମଶାନରେ ଶେଷକୃତ୍ୟ ସମ୍ପନ୍ନ କରାଯାଇଥିଲା। ତାଙ୍କ ବିୟୋଗରେ ଚଢ଼େଇଧରା ଉପରଛକ ବଜାର ବନ୍ଦ ରହିଥିଲା।

## ମିଳିତ ଅଭିଯୋଗ ଶୁଣାଣି ଶିବିର



ସୁକିନ୍ଦା,୧୪।୧୦(ସମିସ): ସୁକିନ୍ଦା ବ୍ଲକ ଅନ୍ତର୍ଗତ ବନ୍ଧଗାଁ ପଞ୍ଚାୟତ କାର୍ଯ୍ୟାଳୟରେ ମିଳିତ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ସୁକିନ୍ଦା ବିଡ଼ିଓ ପ୍ରଜ୍ଞା ପରମିତା ପୃଷ୍ଟି, ପିଆଇଓ ଭାଗ୍ୟଶ୍ରୀ ଜେନା, ଅତିରିକ୍ତ ବିଡିଓ ରଞ୍ଜନ କୁମାର ବେହେରା, ସ୍ଥାନୀୟ ସରପଞ୍ଚ ରେବତୀ ମହାନ୍ତ ପ୍ରମୁଖ ଉପସ୍ଥିତ ରହି ଜନସାଧାରଣଙ୍କ ଅଭିଯୋଗ ଶୁଣାଣି କରିଥିଲେ। ଏହି ଶିବିରରେ ୧୬ଟି ଅଭିଯୋଗ ପତ୍ର ଦାଖଲ ହୋଇଥିବା ବେଳେ ବିଭାଗୀୟ ଅଧିକାରୀ ମାନେ ଅଭିଯୋଗ ଗୁଡ଼ିକର ଯାଞ୍ଚ କରି ଯଥାଶୀଘ୍ର ତାହାର ସମାଧାନ କରିବାକୁ ବିଡିଓ ପ୍ରଜ୍ଞା ପରମିତା ପୃଷ୍ଟି ନିର୍ଦ୍ଦେଶ ଦେଇଛନ୍ତି। ସାଧାରଣ ଲୋକଙ୍କ ବିଭିନ୍ନ ସମସ୍ୟା ସମ୍ପର୍କରେ ଅବଗତ ହେବା ସହ ତାହାର ସମାଧାନ କରିବାକୁ ସରକାରଙ୍କ ପକ୍ଷରୁ ପ୍ରତ୍ୟେକ ପଞ୍ଚାୟତରେ ଶିବିର ଆୟୋଜନ କରାଯାଉଥିବା ବିଡ଼ିଓ ମତବ୍ୟକ୍ତ କରିଥିଲେ।

## ଲାଇଫଂ କ୍ଲବ୍‌ର ଚାରାରୋପଣ କାର୍ଯ୍ୟକ୍ରମ



ବରୀ,୧୪ ।୧୦(ସମିସ): ସଞ୍ଜିବ ସେନା ଧାରପୁର ପକ୍ଷରୁ ଆବାହକ ସଞ୍ଜିବ କୁମାର ଜେନାଙ୍କ ତତ୍ତ୍ୱାବଧାନରେ ବୃକ୍ଷରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ସଞ୍ଜିବ ସେନା ଓ ଲାଇଫ୍ କ୍ଲବ ଧାରପୁରର ମିଳିତ ସହଯୋଗରେ ଅନୁଷ୍ଠିତ ବୃକ୍ଷରୋପଣ କାର୍ଯ୍ୟକ୍ରମ ଶୁଭାରମ୍ଭ ନାଥପୁର କେନ୍ଦୁଆସ୍ଥିତ ଓଁକାର ମଣ୍ଡପ ନିକଟରେ କରାଯାଇଥିଲା। ଏଥିରେ ଶତାଧିକ ବୃକ୍ଷପ୍ରେମୀ ବରିଷ୍ଠ ନାଗରିକ, ଯୁବକ ଓ ମହିଳାମାନେ ଏକତ୍ରିତ ହୋଇ କେନ୍ଦୁଆଠାରୁ ଶୋଭାଯାତ୍ରାରେ ବାହାରି ଗ୍ରାମ୍ୟ ପରିକ୍ରମା କରିବା ସହ ବୃକ୍ଷରୋପଣ ନେଇ ସଚେତନତା ସୃଷ୍ଟି କରିଥିଲେ। ପରେ ଲାଇଫ୍ କ୍ଲବ ନିକଟରେ ଥିବା ପୁଷ୍କରିଣୀର ଚରିପାଖରେ ବହୁ ଉପାଦେୟ ବୃକ୍ଷ ରୋପଣ କରାଯାଇଥିଲା। କାର୍ଯ୍ୟକ୍ରମରେ ଅଭିରାମ ଦାସ, ଲାଇଫଂ କ୍ଲବ ସଭାପତି ତୁଷାରକାନ୍ତ ଶ୍ୟାନ୍ତି, ଗିରିନ୍ଦ୍ର ପତି, କମଳାକାନ୍ତ ଶ୍ୟାନ୍ତି, କରୁଣାକର ମହଲ, ଶୁଭେନ୍ଦୁ ଭୂୟାଁ, ମାନସ ଜେନା, ଶାଗର ଭୁୟାଁ ଲଙ୍କ ସମେତ ବହୁ ସହଯୋଗୀ ଉପସ୍ଥିତ ଥିଲେ।

## ପୋଖରୀରେ ବୁଡ଼ି ଶ୍ରମିକ ମୃତ

ଧର୍ମଶାଳା,୧୪।୧୦(ସମିସ): ଧର୍ମଶାଳା ଥାନା ଅନ୍ତର୍ଗତ ନେଉଳପୁର ଠାରେ ପୋଖରୀରେ ବୁଡି ଜଣେ ଶ୍ରମିକଙ୍କ ଶୋଚନୀୟ ମୃତ୍ୟୁ ଘଟିଛି। ମୃତକ ନେଉଳପୁର ଗ୍ରାମର ପ୍ରଦୀପ୍ତ ଗେଡ଼ୀ (୩୬) ବୋଲି ଜଣାପଡିଛି। ସେ ଜଣେ ଶ୍ରମିକ ଭାବେ ପ୍ରତ୍ୟେକ ଦିନ ମଜୁରି ଲାଗି ନିଜ ପରିବାର ପ୍ରତିପୋଷଣ କରିଥାନ୍ତି। ତେବେ ଗତକାଲି ସେ କାମକୁ ଯାଇ ଅପରାହ୍ନରେ ଘରକୁ ଫେରିବା ବାଟରେ ଗାଁ ପୋଖରୀରେ ଗାଧୋଇବାକୁ ଯାଇ ପାଣିରେ ବୁଡିଯାଇ ନିଖୋଜ ହୋଇଯାଇଥିଲେ। ପ୍ରଦୀପ୍ତ ଘରକୁ ନ ଫେରିବାରୁ ପରିବାର ଲୋକେ ବିଭିନ୍ନ ସ୍ଥାନରେ ଖୋଜାଖୋଜି କରିଥିଲେ। ହେଲେ ତାଙ୍କର କୌଣସି ପତା ମିଳିନଥିଲା। ତେବେ ଆଜି ସକାଳୁ ଉକ୍ତ ପୋଖରିରେ ଏକ ମୃତଦେହ ଭାସୁଥିବା ଲୋକେ ଦେଖି ପୁଲିସକୁ ଖବର ଦେଇଥିଲେ। ଧର୍ମଶାଳା ପୁଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହକୁ ପାଣିରୁ ଉଦ୍ଧାର କରିବା ପରେ ଏହା ଗତକାଲି ଠାରୁ ପାଣିରେ ବୁଡି ନିଖୋଜ ଥିବା ପ୍ରଦୀପ୍ତର ମୃତଦେହ ବୋଲି ତାର ପରିବାର ଲୋକେ ଚିହ୍ନଟ କରିଥିଲେ। ଏନେଇ ପୁଲିସ ୩୭ ନଂରେ ଏକ ଅପମୃତ୍ୟୁ ମାମଲା ରୁଜୁ କରିବା ସହ ମୃତଦେହକୁ ଜବତ କରି ଧର୍ମଶାଳା ଡାକ୍ତରଖାନାରେ ବ୍ୟବଚ୍ଛେଦ କରାଇ ପରିବାରକୁ ହସ୍ତାନ୍ତର କରିଛି ଏବଂ ଏସମ୍ପର୍କରେ ତଦନ୍ତ ଜାରିରହିଛି ବୋଲି ଥାନା ଅଧିକଳାରୀ ରଞ୍ଜନ କୁମାର ମାଝୀ ସୂଚନା ଦେଇଛନ୍ତି।

# ଆଦିବାସୀ ସଂସ୍କୃତିର ପ୍ରୋତ୍ସାହନ କରିବ 'ସଂବାଦ'

ଦାନଗଦି,୧୪।୧୦(ସମିସ):



ଟାଟା ଷ୍ଟିଲ ଫାଉଣ୍ଡେସନ୍ ଦ୍ୱାରା ୧୨ରୁ ୧୪ ଅକ୍ଟୋବର ପର୍ଯ୍ୟନ୍ତ 'ସଂବାଦ କଳିଙ୍ଗନଗର ସଂସ୍କରଣ' ଆୟୋଜିତ ହୋଇଯାଇଛି। ଏଥିରେ କଳିଙ୍ଗନଗର, ସୁକିନ୍ଦା ଏବଂ ବ୍ରାହ୍ମଣୀପାଳର ଆଦିବାସୀ ଲୋକମାନେ ଏକତ୍ରିତ ହୋଇ ନିଜର, ସଂସ୍କୃତି, ପରମ୍ପରା, ଚାଲିଚଳଣି ଏବଂ ମତର ଆଦାନପ୍ରଦାନ କରିଥିଲେ। ୨୦୧୪ ମସିହାରେ ଜାମସେଦପୁରରୁ ଆରମ୍ଭ ହୋଇଥିବା ଏହି 'ସଂବାଦ' କାର୍ଯ୍ୟକ୍ରମ ସମଗ୍ର ଦେଶର ବିଭିନ୍ନ ଆଦିବାସୀ ଲୋକମାନଙ୍କ ମଧ୍ୟରେ ମତ ଆଦାନପ୍ରଦାନ ଏବଂ ବୁଝାମଣା ପାଇଁ ଏକ ଜାତୀୟ ସ୍ତରୀୟ ମଞ୍ଚ ପ୍ରଦାନ କରେ। ଅଧିକ ଦୁର୍ଗମ ଅଞ୍ଚଳର ଲୋକମାନଙ୍କ ନିକଟରେ ପହଞ୍ଚିବା ପାଇଁ ୨୦୧୬ ମସିହାରେ 'ସଂବାଦ'କାର୍ଯ୍ୟକ୍ରମର ଆଞ୍ଚଳିକ ସଂସ୍କରଣ ଆରମ୍ଭ ହୋଇଥିଲା। ଏହି ଆଞ୍ଚଳିକ ସଂସ୍କରଣଗୁଡିକ ବିଭିନ୍ନ ଏନ୍‌ଜିଓ, ସ୍ଥାନୀୟଲୋକ, ଟ୍ରାଇବଲ୍ ଲିଡରସିପ୍ ପ୍ରୋଗ୍ରାମ୍‌ର ପୂର୍ବତନ ଛାତ୍ର ଏବଂ ଶିକ୍ଷାନୁଷ୍ଠାନମାନଙ୍କ ସହଯୋଗରେ ଆୟୋଜନ କରାଯାଇଥାଏ। ଏହି କାର୍ଯ୍ୟକ୍ରମରେ ସାମାଜିକ ଏବଂ ସାଂସ୍କୃତିକ ବିକାଶ ପାଇଁ କାର୍ଯ୍ୟ କରୁଥିବା ୧୦୦ ଜଣ ଆଦିବାସୀ ଯୁବକ-ଯୁବତୀ ଭାଗ ନେଇଥିଲେ। ଟାଟାଷ୍ଟିଲ ଫାଉଣ୍ଡେସନ୍ ୩୦ ଜଣ ଅଂଶଗ୍ରହଣକାରୀଙ୍କ ପାଇଁ ଏକ 'ଟ୍ରାଇବାଲ କୁଜିନ୍ ୱାର୍କଶପ୍' ବା ଆଦିବାସୀ ରୋଷେଇ କୌଶଳ କର୍ମଶାଳା ମଧ୍ୟ ଅନୁଷ୍ଠିତ ହୋଇଥିଲା। ଶେଫ୍ ମଧୁସ୍ମିତା ସୋରେନଙ୍କ ନେତୃତ୍ୱରେ ଅନୁଷ୍ଠିତ ଏହି କର୍ମଶାଳାର ଲୋପ ପାଉଥିବା ପାରମ୍ପାରିକ ଖାଦ୍ୟ ପ୍ରଥାର ସଂରକ୍ଷଣ ଏବଂ ଏହାର ପ୍ରଚାର କରାଯାଇଥିଲା। ଟାଟା ଷ୍ଟିଲ କଳିଙ୍ଗନଗରର ଚିଫ୍ କର୍ପୋରେଟ ସର୍ଭିସେସ ଦେବଦୂତ ମହାନ୍ତି ଏବଂ ଟାଟା ଷ୍ଟିଲ ଫାଉଣ୍ଡେସନ, କଳିଙ୍ଗନଗର ଇମ୍ପାକ୍ଟ କ୍ଲଷ୍ଟରର ୟୁନିଟ୍ ହେଡ୍ ଦେବାଞ୍ଜନ ମୁଖାର୍ଜୀ ଏବଂ ହେଡ୍ ଟ୍ରାଇବାଲ୍ କଲଚର ଆଣ୍ଡ କଲିଅରୀ ଜିରେନ୍ ଜେଭିଅର ଟୋପନୋ କାର୍ଯ୍ୟକ୍ରମର ବିସ୍ତୃତ ବିବରଣୀ ପ୍ରଦାନ କରିଥିଲେ।

# ୨ ଟ୍ରକ୍ ମଧ୍ୟରେ ଧକ୍କା; ଚାଳକ ଆହତ



**ଭଣ୍ଡାରିପୋଖରୀ, ୧୪।୮ (ସମିସ):** ଭଣ୍ଡାରିପୋଖରୀ ଥାନା ୧୬ ଜାତୀୟ ରାଜପଥର ହାଇଲେବୁଲ କେନାଲ ସେତୁ ଉପରେ ମଙ୍ଗଳବାର ଅପରାହ୍ଣ ୫ଟାରେ ୨ ଟ୍ରକ ମଧ୍ୟରେ ମୁହାଁମୁହିଁ ଧକ୍କା ହୋଇ ଚାଳକ ଆହତ ହୋଇଥିବା ଜଣାଯାଇଛି। ଓଆର ୦୪ଇ ୩୪୬୭ ନଂ ଟ୍ରକ ସଂପୃକ୍ତ ସ୍ଥାନରେ ଗାଡିକୁ ପଛକୁ ଫେରାଉଥିବା ବେଳେ ପାଣିକୋଇଲି ଆଡୁ ଆସୁଥିବା ଓଡି ୦୧ ଏଏଫ ୬୮ ୯ ୯ ନଂ ଟ୍ରକ ସହ ମୁହାଁମୁହିଁ ଧକ୍କା ଦେଇଥିଲା। ଫଳରେ ପ୍ରଥମ ଟ୍ରକଟି ରାସ୍ତାର ୨୦ ଫୁଟ ତଳକୁ ଗଡିପଡିଥିଲା। ଅନ୍ୟ ଟ୍ରକର ସମ୍ମୁଖ ଭାବେ କ୍ଷତିଗ୍ରସ୍ତ ହୋଇଥିଲା। ସେହି ଟ୍ରକ ଚାଳକ ଅଜୟ ବିଶ୍ୱାଳ ଆହତ ହୋଇଛନ୍ତି। ରାଜପଥ ଆମ୍ବୁଲାନ୍ସ ଆହତଙ୍କୁ ମେଡିକାଲରେ ଭର୍ତ୍ତି କରିଥିଲେ। ପୁଲିସ ଘଟଣାସ୍ଥଳରେ ପହଞ୍ଚି ଯାନବାହନ ଚଳାଚଳକୁ ନିୟନ୍ତ୍ରଣ କରିଥିଲା।

# ବ୍ୟବସାୟୀ ହରେକୃଷ୍ଣ ସାହୁଙ୍କ ପରଲୋକ



**ଭଦ୍ରକ, ୧୪।୧୦(ସମିସ):** ପୁରୁଣା ବଜାର ଅଞ୍ଚଳର ବିଶିଷ୍ଟ ବ୍ୟବସାୟୀ ହରେକୃଷ୍ଣ ସାହୁଙ୍କ ତାଙ୍କ ଆଚାର୍ଯ୍ୟ (୯୧) ନଗରସ୍ଥିତ ବାସଭବନରେ ପରଲୋକ ଘଟିଛି। ପ୍ରଥମ ପୁସ୍ତକ ବିକ୍ରେତା ଭାବେ ସ୍ୱର୍ଗତ ସାହୁ "ନାଲୁ ବାବୁ' ଭାବେ ସେ ବେଶ୍ ପ୍ରତିଷ୍ଠିତ ଥିଲେ। ସ୍ୱର୍ଗତ ସାହୁ ଜଣେ ମେଳାପୀ ଓ ପରୋପକାରୀ ବ୍ୟକ୍ତିତ୍ୱ ଥିଲେ। ବନ୍ଧୁ, ପରିଜନ ଏବଂ ସହରର ବିଶିଷ୍ଟ ଗଣମାନ୍ୟ ବ୍ୟକ୍ତିମାନେ ଅନ୍ତିମ ଦର୍ଶନ କରିଥିଲେ। ଅନ୍ତିମଶଯ୍ୟା ନିକଟରେ ସ୍ତ୍ରୀ, ପୁତ୍ର, ପୁତ୍ରବଧୂ, ନାତି, ନାତୁଣୀ ତଥା ଜ୍ଞାତିକୁଟୁମ୍ବ ଉପସ୍ଥିତ ଥିଲେ। ତାଙ୍କ ଅନ୍ତିମ ସଂସ୍କାର ପୁରୀସ୍ଥିତ ସ୍ୱର୍ଗଦ୍ୱାରରେ ସମ୍ପନ୍ନ ହୋଇଥିଲା।

# ରହଣିଆରୁ ଚୋରି

**ବାରିକପୁର, ୧୪।୧୦(ସମିସ):** ଭଣ୍ଡାରିପୋଖରୀ ବ୍ଲକ ରହଣିଆରୁ ଗତ ସୋମବାର ବିଳମ୍ବିତ ରାତିରେ ଚୋରି ହୋଇଥିବା ଥାନାରେ ଅଭିଯୋଗ ହୋଇଛି। ଗଜଲକ୍ଷ୍ମୀ ପୂଜା ଉପଲକ୍ଷେ ଗ୍ରାମରେ ଅପେରା ଚାଲୁଥିବା ବେଳେ ଚୋରମାନେ ଦୁଇ ଜଣଙ୍କ ଘରୁ ଚୋରି କରିଥିବା ସୂଚନା ମିଳିଛି। ଚୋର ଘରର ଝରକା ଭାଙ୍ଗି କିଛି ଟଙ୍କା ଚୋରି କରିଥିବା ଜଣାପଡିଛି। ପୁଲିସ ସନ୍ଧାନୀ କୁକୁର ସହିତ ଘଟଣାସ୍ଥଳରେ ତଦନ୍ତ ଆରମ୍ଭ କରିଛି। ଏଠାରେ ସୂଚିତ ଗତ କିଛି ମାସ ହେବ ଥାନା ଅଞ୍ଚଳରେ ଚୋରି ବୃଦ୍ଧି ପାଉଥିବା ବେଳେ ପୁଲିସ ପାଟ୍ରୋଲିଙ୍କୁ କଡାକଡି କରିବା ପାଇଁ ଦାବି ହୋଇଛି।

# ମହିଳାଙ୍କୁ ଦୁଷ୍କର୍ମ ଅଭିଯୋଗ

**ଦୋବଲ, ୧୪।୧୦(ସମିସ):** ଦୋବଲ ଜୋନ ମୁସ୍ତାଫାପୁର ଅଞ୍ଚଳର ଜଣେ ମହିଳା ରାତିରେ ପରିସ୍ରା କରିବାକୁ ବାହାରକୁ ଆସିଥିବା ବେଳେ ମୁସ୍ତାଫାପୁରର ସେକ ମୁସ୍ତାକ ଓ ଭଦ୍ରକ ଅଞ୍ଚଳର ସେଖ ଭାଲୋ ତାଙ୍କୁ ଦୁଷ୍କର୍ମ କରିବା ଉଦ୍ୟମ କରିଥିଲେ। ଅଭିଯୋଗ ଅନୁସାରେ ଅଭିଯୁକ୍ତମାନେ ତାଙ୍କ କପଡ଼ା ଫାଡ଼ି ଦେହର ବିଭିନ୍ନ ସ୍ଥାନରେ କାମୁଡି ଓ ଚିହ୍ନ ବର୍ଣ୍ଣ କରିଦେଇଥିଲେ। ସେ ଚିତ୍କାର କରିବା ପରେ ପରିବାର ଲୋକ ଉଠି ପଡ଼ିବା ପରେ ଅଭିଯୁକ୍ତ ଦୁଇଜଣ ଘଟଣାସ୍ଥଳରୁ ଛାଡ଼ି ପଳାଇଥିଲେ। ଏନେଇ ସାୟେମା ଆଜି ଧାମନଗର ଥାନାରେ ପହଞ୍ଚି ଲିଖିତ ଅଭିଯୋଗ କରି ନ୍ୟାୟ ପାଇଁ ଗୁହାରି କରିଛନ୍ତି।

# ଗଛରେ ଧକ୍କା ଦେଇ ଯୁବକ ମୃତ, ଜଣେ ଗୁରୁତର



**ଧାମନଗର, ୧୪।୧୦(ସମିସ):** ଧାମନଗର-ଚୁଡ଼ାକୁଟି ରାସ୍ତାର ରାହାପିତା ମଦ ଦୋକାନ (ବାର) ନିକଟରେ ଗଛକୁ ପିଟିଲା ମୋଟରସାଇକଲ। ଏଥିରେ ଦକ୍ଷିଣବାଡ଼ ଗ୍ରାମର ଗଦାଧର ଜେନାଙ୍କ ପୁଅ ରାକେଶ ଓରଫ ଚନ୍ଦନଙ୍କ ମୃତ୍ୟୁ ଘଟିଛି। ଦୁର୍ଘଟଣାରେ ଗୁରୁତର ଜଣଙ୍କ ହେଲେ ଦଶନ୍ଧିକୂଳ ଗ୍ରାମର ସ୍ମୃତିରଞ୍ଜନ ଜେନା। ସୋମବାର ରାତି ୯ ଟା ୩୦ ଭିତରେ ଉଭୟ ଗୋଟିଏ ବାଇକରେ ଚୂଡ଼ାକୁଟି ଆଡୁ ଧାମନଗର ଯାଉଥିଲେ। ଏହି ଦୁର୍ଘଟଣା ପରେ ସ୍ଥାନୀୟ ଲୋକେ ପୁଲିସକୁ ଖବର ଦେଇଥିଲେ। ପୁଲିସ ୨ଯୁବକଙ୍କୁ ଧାମନଗର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଆଣିଥିବା ବେଳେ ଡାକ୍ତର ରାକେଶଙ୍କୁ ମୃତ ଘୋଷଣା କରିଥିଲା। ସ୍ମୃତିରଞ୍ଜନଙ୍କୁ ଗୁରୁତର ଅବସ୍ଥାରେ ଜିଲ୍ଲା ଚିକିତ୍ସାଳୟକୁ ସ୍ଥାନାନ୍ତର କରିଥିଲା। ଆଜି ପୋଷ୍ଟମର୍ଟମ ପରେ ରାକେଶଙ୍କ ମରଶରୀର ଗ୍ରାମ ମଶାଣିରେ ଶେଷକୃତ୍ୟ ସମ୍ପନ୍ନ ହୋଇଛି। ସ୍ଥାନୀୟ ଲୋକଙ୍କ ଅଭିଯୋଗ ଅନୁସାରେ, ସେହି ମଦ ଦୋକାନ ପାଇଁ ଗୋଟେ ବର୍ଷ ମଧ୍ୟରେ ୧୦ ଜଣ ପାଖାପାଖି ଦୁର୍ଘଟଣାରେ ପ୍ରାଣ ହରାଇଲେଣି। ନିୟନ୍ତ୍ରଣ ନଥିବା ମଦ ବିକ୍ରୟ ଓ ମଦ ପିଇ ଯାନ ଚଳାଇବା ଘଟଣା ଦିନକୁ ଦିନ ବଢୁଥିବାକୁ ନେଇ ଲୋକେ ଅସନ୍ତୋଷ ପ୍ରକାଶ କରୁଛନ୍ତି।

## ବିଦ୍ୟାର୍ଥୀଙ୍କ ପାଇଁ ସଙ୍କଟାପନ୍ନ ପଥ

# ବିପଦସଙ୍କୁଳ ଗିଲପଦି ପାଦଚଲା ପୋଲ



ବାରିକପୁର, ୧୪।୧୦(ସମିସ)

ଭଣ୍ଡାରିପୋଖରୀ ବ୍ଲକ ନପଙ୍ଗ ପଞ୍ଚାୟତ ଅନ୍ତର୍ଗତ ଗିଲପଦୀଠାରେ ଏକ ପାଦଚଲା ଘୋସରା ପୋଲ ଅନେକ ବର୍ଷ ହେବ ବିପଦସଙ୍କୁଳ ଅବସ୍ଥାରେ ରହିଛି। ଗାଁ ସଂଲଗ୍ନ ଡ୍ରେନେଜ ନାଳ ଉପରେ ବ୍ଲକ ପ୍ରଶାସନ ପକ୍ଷରୁ ବହୁ ବର୍ଷ ପୂର୍ବେ ପ୍ରାୟ ୩୦ ଫୁଟ ଦୈର୍ଘ୍ୟ ବିଶିଷ୍ଟ ଏକ ପାଦଚଲା ପୋଲ ନିର୍ମାଣ ହୋଇଥିଲା। ଏହି ପୋଲ ଅତିକ୍ରମ କରି ଜୋରାଗଡିଆ ଓ ଗିଲପଦୀ ଗ୍ରାମବାସୀ ନପଙ୍ଗ ପଞ୍ଚାୟତ କାର୍ଯ୍ୟାଳୟକୁ ଯାଇଥାନ୍ତି। ନିକଟସ୍ଥ ଚାଷ ଜମିକୁ ଯିବା ଆସିବା କରିବା ଏବଂ ଗାଇଗୋରୁଙ୍କୁ ଚାରଣ ଭୂଇଁକୁ ନେବା ପାଇଁ ଏହି ପୋଲ ଲୋକଙ୍କ ପ୍ରମୁଖ ମାଧ୍ୟମ ଥିଲା। ଏହାଛଡା ସ୍କୁଲ ଛାତ୍ରଛାତ୍ରୀମାନେ ମଧ୍ୟ ଦୈନିକ ଏହି ବାଟଦେଇ ଯାତାୟାତ କରିଥାନ୍ତି। ଧୀରେ ଧୀରେ ପୋଲଟି ଦୁର୍ବଳ ହୋଇଥିବା ବେଳେ ଗ୍ରାମବାସୀଙ୍କ ଅଭିଯୋଗ ସତ୍ତ୍ୱେ ଏହାର ନବୀକରଣ କାର୍ଯ୍ୟ ପାଇଁ କେହି ଦୃଷ୍ଟି ଦେଉ ନଥିଲେ। ଏହାରି ଭିତରେ କିଛି ବର୍ଷ ପୂର୍ବରୁ ଫନି ବାତ୍ୟା ସମୟରେ ଗୋଟିଏ ଗଛ ଉପୁଡ଼ି ପଡ଼ିଥିବାରୁ ପୋଲଟିର ଅର୍ଦ୍ଧାଧିକ ଭାଗ ଦବି ଯାଇଥିଲା। ଏପରିକି ପୋଲର ଅନେକ ଅଂଶ ଭାଙ୍ଗି ଯାଇଥିଲା। ସେବେଠାରୁ ଆଜି ଯାଏଁ ପୋଲଟି ଏକପ୍ରକାର ବିପଦ ସଙ୍କୁଳ ଅବସ୍ଥାରେ ରହିଛି। ଗାଇଗୋରୁ ଯାତାୟାତ କରୁଥିବା ବେଳେ ଅନେକ ସମୟରେ ପୋଲର ଭଗ୍ନ ସ୍ଥାନରେ ପଡ଼ି ଆହତ ହେଉଛନ୍ତି। ଗମନାଗମନ ବେଳେ କେତେ ଗ୍ରାମବାସୀ ମାନେ ମଧ୍ୟ ଆହତ ହୋଇଥିବା ଜଣାପଡିଛି। ଖରାଦିନେ ଯଥେକଷ୍ଟେ ଲୋକ ମାନେ ଯାତାୟାତ କରୁଥିବା ବେଳେ ଅସରାଏ ବର୍ଷା ହେଲେ ସ୍ଥିତି ବିଗିଡି ଯାଉଛି। ଏହି ବାଟଦେଇ ଦୈନିକ ଛୋଟ ଛୋଟ ସ୍କୁଲ ପିଲା ଯାଉଥିବା ବେଳେ ସେମାନଙ୍କ ପାଇଁ ଭଗ୍ନ ପୋଲ ସଙ୍କଟାପନ୍ନ ପାଲଟିଛି। ସାମାନ୍ୟ ବର୍ଷା ହେଲେ ଛାତ୍ରଛାତ୍ରୀମାନେ ଏହି ପୋଲରେ ନଯାଇ ପ୍ରାୟ ଏକ କିଲୋମିଟର ବୁଲି ଅନ୍ୟ ପଥରେ ନପଙ୍ଗ ସ୍କୁଲକୁ ଯାଉଛନ୍ତି। ଦୀର୍ଘ ପାଞ୍ଚ ବର୍ଷ ମଧ୍ୟରେ ନୂତନ ସେତୁ ନିର୍ମାଣ ପାଇଁ ଗ୍ରାମବାସୀ କର୍ତ୍ତୃପକ୍ଷଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ ମଧ୍ୟ କେହି ଶୁଣୁନାହାନ୍ତି। ଏପରିକି ଜିଲ୍ଲାପାଳଙ୍କ ମିଳିତ ଜନଶୁଣାଣି ଶିବିରରେ ଅଭିଯୋଗର ସମାଧାନ ହୋଇନାହିଁ। ତେଣୁ ଭାଗ୍ୟକୁ ଆଦରି ଶହଶହ ଗ୍ରାମବାସୀ ଓ ଛୋଟ ଛୋଟ ସ୍କୁଲ ପିଲା ଦୈନିକ ଏହି ବିପଦପୂର୍ଣ୍ଣ ପୋଲରେ ଯାତାୟାତ କରୁଛନ୍ତି।

### ସେମାନେ ଯାହା କହନ୍ତି..



ଯେତେ ବେଳେ ଅଭିଯୋଗ କରୁଛୁ ସେତେ ବେଳେ ବଡ଼ବଡ଼ ବାବୁମାନେ ଭଙ୍ଗାରୁଜା ପୋଲକୁ ଦେଖିବାକୁ ଆସୁଛନ୍ତି। ଏହାପରେ ସମସ୍ତେ ମୁଖ୍ୟ ସମସ୍ୟା କଥାକୁ ଭୁଲି ଯାଉଛନ୍ତି। କେହି ନୂତନ ପୋଲ ନିର୍ମାଣ ପାଇଁ ଦୃଷ୍ଟି ଦେଉନାହାନ୍ତି।

- ଭରତ ଖିଲାର, ସ୍ଥାନୀୟ ବାସିନ୍ଦା



ଆମେ ଅନେକ ସମୟରେ ଭଙ୍ଗା ପୋଲରେ ପଡି ଆହତ ହେଉଛୁ। ନାଳରେ ପାଣି ହେଲେ ପୋଲ ବୁଡି ଯାଉଛି। ଏଇ ବାଟରେ ସ୍କୁଲ ଯିବାକୁ ଡର ଲାଗୁଛି। ଆମ ଗାଁର ଗାଇଗୋରୁ ଓ ଲୋକ ମାନେ ମଧ୍ୟ ଆହତ ହେଉଛନ୍ତି।

- ରାଜଶ୍ରୀ ବାହାଲିଆ, ଛାତ୍ରୀ



ସାଇକଲରେ ଆସୁଥିବା ବେଳେ ପୋଲ ଉପରେ ଗଡ଼େଇ କି ଯାଉଛି। ବର୍ଷା ହେଲେ ଅନ୍ୟ ରାସ୍ତାରେ ବୁଲି ବୁଲି ସ୍କୁଲ ଯାଉଛୁ। ପୋଲର ଭଗ୍ନ ସ୍ଥାନରେ ଯିବା ବେଳେ ଡର ଲାଗୁଛି। ଏହି ରାସ୍ତା ଦୈନନ୍ଦିନ ଚଳାଚଳ ପାଇଁ ଅନୁପଯୋଗୀ ହୋଇ ରହିଛି।

- ନାରାୟଣ ରାଉତ, ଛାତ୍ର

# ଗଜଲକ୍ଷ୍ମୀ ପୂଜା ସମ୍ପନ୍ନ



**ବାରିକପୁର, ୧୪।୧୦(ସମିସ):** ଭଣ୍ଡାରିପୋଖରୀ ବ୍ଲକ ମାଳଦା ଜଗନ୍ନାଥ ବଜାରଠାରେ ସପ୍ତାହ ଧରି ଅନୁଷ୍ଠିତ ହୋଇଥିବା ମା' ଗଜଲକ୍ଷ୍ମୀଙ୍କ ପୂଜା ଉତ୍ସବ ସମ୍ପନ୍ନ ହୋଇଛି। ମୁଖ୍ୟ ପୂଜକ ବିଜୟ ତ୍ରିପାଠୀ ସଙ୍କଳ୍ପ କର୍ତ୍ତା ଅନୀଲ ଶତପଥୀଙ୍କ ହସ୍ତରେ ବିସର୍ଜନ ପୂଜା ଶେଷ କରିଥିଲେ। ଏହାପରେ ବଣିକ ସଂଘ ପକ୍ଷରୁ ଭସାଣି ଯାତ୍ରା ଆରମ୍ଭ ହୋଇଥିଲା। ମା' ଲକ୍ଷ୍ମୀଙ୍କ ମୃଣ୍ମୟୀ ପ୍ରତିମାଙ୍କୁ ଏକ ବିରାଟ ଶୋଭାଯାତ୍ରାରେ ନିଆଯାଇ ମାଳଦା, କଲ୍ୟାଣପୁର, ଚତୁର୍ଭୂଜପୁର ପ୍ରମୁଖ ଗ୍ରାମ ପରିକ୍ରମା କରାଯାଇଥିଲା। ଏହାପରେ ମା'ଙ୍କୁ ସ୍ଥାନୀୟ ସର୍ତା ନଇରେ ବିସର୍ଜନ ଦିଆଯାଇଥିଲା। ଏଥିରେ ବଣିକ ସଂଘ ସଭାପତି ଚନ୍ଦ୍ରଶେଖର ମହାନ୍ତି, ସମ୍ପାଦକ ରାଜେନ୍ଦ୍ର ଶତପଥୀ, ସାମ୍ବାଦିକ ରବିନାରାୟଣ ଖିଲାର, ବ୍ୟବସାୟୀ ଦୁର୍ଯ୍ୟୋଧନ ଦାସ, ଶ୍ୟାମସୁନ୍ଦର ଦାସ, ଗଣେଶ ସାମଲ, ଧୀରେନ୍ଦ୍ର ନାୟକ, ସୁଦାମ ଦାସ, ପରେଶ ବେହେରା, କମଳାକାନ୍ତ ସାମଲ, ଅଜୟ ରାଉତ, ନିଶିକାନ୍ତ ସୂତାର, କୁନା ସାହୁ, ଦେବାଶିଷ ପଣ୍ଡା, ଗୋପାଳ କୁଅଁର, କାଶୀନାଥ ପରିଡା, ନିରଞ୍ଜନ ବେହୁରିଆ, ଦେବାଶିଷ ପରିଡା ପ୍ରମୁଖ ଶହେରୁ ଅଧିକ ଦୋକାନୀ ସାମିଲ ହୋଇଥିଲେ।

# ରାଷ୍ଟ୍ରୀୟ ପୋଷଣ ମାସ ସମାରୋହ



**ଭଦ୍ରକ, ୧୪।୧୦(ସମିସ):** ରାଜ୍ୟ ମହିଳା ଶିଶୁ ବିକାଶ ବିଭାଗ ଓ ଭଦ୍ରକ ଜିଲ୍ଲା ସମାଜ ମଙ୍ଗଳ ବିଭାଗ ଜିଲ୍ଲା ପ୍ରଶାସନ ପକ୍ଷରୁ ୮ମ ରାଷ୍ଟ୍ରୀୟ ପୋଷଣ ମାସ ପାଳନ ସମାରୋହ ଜିଲ୍ଲା ସଂସ୍କୃତି ଭବନଠାରେ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲାପାଳ ଦିଲୀପ ରାଉତରାଏ, ଅତିରିକ୍ତ ଜିଲ୍ଲାପାଳ ସରୋଜ ଦତ, ବରିଷ୍ଠ ଭେଷଜ ବିଶେଷଜ୍ଞ ମୀନକେତନ ମହାନ୍ତି, ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ ରୂପାଲି ପାତ୍ର, ଅତିରିକ୍ତ ମଙ୍ଗଳ ଅଧିକାରୀ ଉର୍ମିଳା ଗୋଛାୟତ, ପୋଗ୍ରାମ ଅଧିକାରୀ ଚନ୍ଦ୍ରା ସାହୁ, ବିଭାଗୀୟ ସଂଯୋଜକ ଶିରାଜ୍ ଆଖତର ପ୍ରମୁଖ ଯୋଗ ଦେଇଥିଲେ। ଜିଲ୍ଲାର ବିଭିନ୍ନ ବ୍ଲକର ମହିଳାମାନେ ହାତ ତିଆରି କରିଥିବା ଖାଦ୍ୟ ପ୍ରଦର୍ଶନୀ ସ୍ଥାନ ପାଇଥିଲା। ଏଥିରେ ଜିଲ୍ଲାର ସିଡିପିଓ, ଅଙ୍ଗନବାଡ଼ି, ଶତାଧିକ ମହିଳା ଯୋଗ ଦେଇଥିଲେ।

# ଟ୍ରେଲର୍ ଧକ୍କାରେ ବୃଦ୍ଧ ଗୁରୁତର

**ବାରିକପୁର, ୧୪।୧୦(ସମିସ):** ଭଣ୍ଡାରିପୋଖରୀ ଥାନା ଛତାବର ନିକଟରେ ଗୋଟିଏ ଟ୍ରେଲର ଧକ୍କା ଦେବାରୁ ଜଣେ ବୃଦ୍ଧ ଗୁରୁତର ହୋଇଛନ୍ତି। ମଞ୍ଜୁରୀରୋଡ ଅଞ୍ଚଳର ବୃଦ୍ଧ ଜଣଙ୍କ ଆଜି ଅପରାହ୍ଣରେ ଛତାବରଠାରୁ ଭଣ୍ଡାରିପୋଖରୀ ଆସୁଥିବା ବେଳେ ଟ୍ରେଲର ତାଙ୍କୁ ଧକ୍କା ଦେଇଥିଲା। ତାଙ୍କୁ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଅଣା ଯାଇଥିବା ବେଳେ ପ୍ରାଥମିକ ଚିକିତ୍ସା ପରେ ଅବସ୍ଥା ସଙ୍କଟାପନ୍ନ ଥିବାରୁ ତାଙ୍କୁ ଅନ୍ୟତ୍ର ପଠାଯାଇଥିବା ଜଣାପଡିଛି। ପୋଲିସ ଟ୍ରେଲରକୁ ଜବତ କରି ଗାଡି ଚାଳକକୁ ଅଟକ ରଖିଥିବା ଜଣାପଡିଛି।

# ବରିଷ୍ଠ ବିଜେଡି ନେତା ରମେଶ ବେହେରାଙ୍କ ପରଲୋକ

**ଭଦ୍ରକ, ୧୪।୧୦(ସମିସ):** ଭଦ୍ରକ ବିଧାନସଭା ନିର୍ବାଚନମଣ୍ଡଳୀର ବରିଷ୍ଠ ବିଜେଡି ନେତା ତଥା ଚରମ୍ପା ପ୍ରଥମ ସରପଞ୍ଚ, ପୂର୍ବତନ ଓ ସମିତିସଭ୍ୟ ରମେଶ ବେହେରାଙ୍କ ପରଲୋକ ଘଟିଛି। ବିଜେଡିର ଜଣେ ଲଢୁଆ ରାଜନେତା ଭାବେ ପରିଚିତ ସ୍ୱର୍ଗତ ବେହେରାଙ୍କୁ ୬୪ ବର୍ଷ ବୟସ ହୋଇଥିଲା। ଏକ ଭୋଜିରେ ଖାଉଥିବା ବେଳେ



ସେ ଗୁରୁତର ହୋଇପଡିଥିଲେ। ପ୍ରଥମେ ଭଦ୍ରକ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ଓ ପରେ କଟକ ବଡ ଡାକ୍ତରଖାନାକୁ ସ୍ଥାନାନ୍ତରିତ କରାଯାଇଥିଲା। କଟକ ଡାକ୍ତରଖାନାରେ ଭଣ୍ଡାରିପୋଖରୀ ବିଧାୟକ ସଞ୍ଜୀବ କୁମାର ମଲ୍ଲିକ ପହଞ୍ଚି ତାଙ୍କ ସ୍ୱାସ୍ଥ୍ୟାବସ୍ଥା ବୁଝିବା ସହ ତାଙ୍କୁ ଭୁବନେଶ୍ୱରସ୍ଥିତ ଏକ ଘରୋଇ ହସ୍ପିଟାଲକୁ ସ୍ଥାନାନ୍ତର କରିଥିଲେ। ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ପରଲୋକ ଘଟିଛି। ତାଙ୍କ ମୃତ୍ୟୁଖବର ପାଇ ପ୍ରାକ୍ତନ ମନ୍ତ୍ରୀ ପ୍ରଫୁଲ୍ଲ ସାମଲ, ପ୍ରାକ୍ତନ କାଉନସିଲର ଗୋପୀନାଥ ନାୟକ, ଶିଶିର ମିଶ୍ର ପ୍ରମୁଖ ତାଙ୍କ ଶେଷ ଦର୍ଶନ କରିବା ସହ ଶ୍ରଦ୍ଧାଞ୍ଜଳି ଜଣାଇଛନ୍ତି। ତାଙ୍କ ବିୟୋଗରେ ଭଦ୍ରକ ବ୍ଲକ ବିଜେଡି ସଭାପତି ପ୍ରଫୁଲ୍ଲ ନାୟକ, ଭଦ୍ରକ ପୌରାଧକ୍ଷା ଗୁଲମକୀ ଦଲାୱାଜି ହବିବି, ବରିଷ୍ଠ କାଉନସିଲର ଦିଲୀପ ନାୟକ ଯୁବନେତା ଆଶିଷ ମହାନ୍ତି ଗଭୀର ଶୋକ ବ୍ୟକ୍ତ କରିଛନ୍ତି।


# ଆପଣଙ୍କ ପୁରୁଣା ବ୍ୟାଙ୍କ ଖାତାରେ ଟଙ୍କା ରଖି ଭୁଲିଯାଇଛନ୍ତି କି?



ଯାହା ଆପଣଙ୍କର ତାହାକୁ ପ୍ରାପ୍ତ କରିବାରେ ଆର୍‌ବିଆଇ ଆପଣଙ୍କୁ ସାହାଯ୍ୟ କରିବ ।


ଆପଣଙ୍କ ବ୍ୟାଙ୍କରେ ଅଚଳ ଖାତା (2 ବର୍ଷରୁ ଅଧିକ ଓ 10 ବର୍ଷ ପର୍ଯ୍ୟନ୍ତ ସମୟ ଧରି ନିଷ୍କ୍ରିୟ ଥିବା)ରେ ପଡ଼ିରହିଥିବା ଟଙ୍କା / ଦାବିହୀନ ଜମା (10 ବର୍ଷରୁ ଅଧିକ ସମୟ ଧରି)ଗୁଡ଼ିକୁ ଆର୍‌ବିଆଇର ଡିଇଏ ପାଣ୍ଠିକୁ ସ୍ଥାନାନ୍ତର କରିଦିଆଯାଇଥାଏ । ଆପଣ କିମ୍ବା ଆପଣଙ୍କର ଆଇନଗତ ଉତ୍ତରାଧିକାରୀ ତାହାକୁ ଯେକୌଣସି ସମୟରେ ଦାବି କରିପାରିବେ ।

## ନିଜ ଟଙ୍କାକୁ ଦାବି କରିବାର ୩ଟି ସହଜ ସୋପାନ

1. ଆପଣଙ୍କ ବ୍ୟାଙ୍କର ଯେକୌଣସି ଶାଖା ପରିଦର୍ଶନ କରନ୍ତୁ, ତାହା ଆପଣଙ୍କ ନିୟମିତ ଶାଖା ନ ହୋଇଥିଲେ ମଧ୍ୟ କିଛି ଅସୁବିଧା ନାହିଁ
2. କେୱାଇସି ଦସ୍ତାବିଜ (ଆଧାର, ପାସ୍‌ପୋର୍ଟ, ମତଦାତା ପରିଚୟପତ୍ର କିମ୍ବା ଡ୍ରାଇଭିଂ ଲାଇସେନ୍ସ) ସହ ଏକ ଫର୍ମ ଦାଖଲ କରନ୍ତୁ
3. ଯାଞ୍ଚ ପରେ, ଯଦି ଆପଣଙ୍କର କୌଣସି ଅର୍ଥରାଶି ପ୍ରାପ୍ୟ ହୋଇଥାଏ ତେବେ ତାହାକୁ ସୁଧ ସହ ପ୍ରାପ୍ତ କରନ୍ତୁ

## ଆପଣଙ୍କର ଦାବିହୀନ ଜମାକୁ ଠାବ କରିବା ପାଇଁ

ଆପଣଙ୍କ ବ୍ୟାଙ୍କର ୱେବ୍‌ସାଇଟ୍‌ରେ ସନ୍ଧାନ କରନ୍ତୁ କିମ୍ବା ସମ୍ପ୍ରତି 30ଟି ବ୍ୟାଙ୍କକୁ ଅନ୍ତର୍ଭୁକ୍ତ କରୁଥିବା ଆର୍‌ବିଆଇର ଉଦ୍‌ଗମ ପୋର୍ଟାଲ (https://udgam.rbi.org.in) ଯାଞ୍ଚ କରନ୍ତୁ ।




ଅଧିକ ବିବରଣୀ ପାଇଁ, ପରିଦର୍ଶନ କରନ୍ତୁ: https://rbikehtahai.rbi.org.in
ମତାମତ ପାଇଁ, rbikehtahai@rbi.org.in କୁ ଲେଖନ୍ତୁ
କ୍ୟୁଆର୍ କୋଡ୍ ସ୍କାନ୍ କରନ୍ତୁ
ଆନୁଷ୍ଠାନିକ ହ୍ୱାଟ୍ସଆପ୍ ନମ୍ବର 99990 41935

ଜନହିତରେ ଜାରି କରିଛନ୍ତି
भारतीय रिज़र्व बैंक
RESERVE BANK OF INDIA
www.rbi.org.in


# କେଶପୁର ଉଚ୍ଚବିଦ୍ୟାଳୟରେ ଆଇନ୍ ସଚେତନତା




**ଭଦ୍ରକ, ୧୪।୧୦(ସମିସ):** ଜିଲ୍ଲା ଆଇନ୍‌ସେବା ପ୍ରାଧିକରଣର ଅଧ୍ୟକ୍ଷ ସଂଗ୍ରାମ କେଶରୀ ପଟ୍ଟନାୟକଙ୍କ ନିର୍ଦ୍ଦେଶକ୍ରମେ ସ୍କୁଲ ଲିଗାଲ ଲିଟରାସି କ୍ଲବ କେଶପୁର ଉଚ୍ଚ ବିଦ୍ୟାଳୟରେ ଏକ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲା ଆଇନ୍‌ସେବା ପ୍ରାଧିକରଣ ସଚିବ ପୂର୍ଣ୍ୟଶ୍ଳୋକ ରଥ ଏହି କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ। ସହାୟକ ପ୍ରତିପକ୍ଷ ଓକିଲ ଡ. ତାପସ କୁମାର ମହାନ୍ତି, ବିଜ୍ଞାନ ପର୍ଯ୍ୟବେକ୍ଷକ ହିମାଦ୍ରୀ ନନ୍ଦନୀ ବିଶ୍ୱାଳ, ପ୍ରଧାନଶିକ୍ଷକ ସିଦ୍ଧାର୍ଥ ଶଙ୍କର ମହାପାତ୍ର, ଶରତ କୁମାର ସାହୁ, ବିଜୟ କୁମାର ପାଣି, ନିଉ ଲାଇଫ ନିଶା ନିବାରଣ କେନ୍ଦ୍ର ଟିମ ମ୍ୟାନେଜର ପଙ୍କଜ କୁମାର ସାହୁ ପ୍ରମୁଖ ତଥା ବିଦ୍ୟାଳୟର ଛାତ୍ରଛାତ୍ରୀ ସାମିଲ ହୋଇଥିଲେ। ଜିଲ୍ଲା ଆଇନ୍ ସେବା ପ୍ରାଧିକରଣର କର୍ମୀ ସହଯୋଗ କରିଥିଲେ।

ସକାଳ
THE SAKALA

# ସମ୍ପାଦକୀୟ



ପ୍ରେମ ଓ କରୁଣା ବିନା ମାନବିକତା ମୂଲ୍ୟହୀନ
-ଦଲାଇ ଲାମା

## ଭତ୍ତା ଚିନ୍ତା

ଜନଆକାଂକ୍ଷିତ ଯୋଜନାଗୁଡ଼ିକୁ କେନ୍ଦ୍ର ସରକାର ସାଧାରଣତଃ କୌଣସି ରାଜ୍ୟ ବିଧାନସଭା ନିର୍ବାଚନ ଅବ୍ୟବହିତ ପୂର୍ବରୁ ଘୋଷଣା କରନ୍ତି ଏବଂ ଅପ୍ରତ୍ୟାଶିତ ସଫଳତା ମଧ୍ୟ ହାସଲ କରନ୍ତି । ଏହିକ୍ରମରେ ଆସନ୍ନ ବିହାର ବିଧାନସଭା ନିର୍ବାଚନ ପୂର୍ବରୁ ଆଶା କରାଯାଉଥିଲା ଯେ ସଂଗଠିତ ଅଣସରକାରୀ କ୍ଷେତ୍ରରେ କାର୍ଯ୍ୟରତ କର୍ମଚାରୀଙ୍କ ସାମାଜିକ-ଆର୍ଥିକ ନିରାପତ୍ତା ପାଇଁ ଉଦ୍ଦିଷ୍ଟ କର୍ମଚାରୀ ଭବିଷ୍ୟନିଧି ପାଣ୍ଠି(ଇପିଏଫ୍) ଅନ୍ତର୍ଗତ ଅବସରକାଳୀନ ଭତ୍ତା ରାଶିରେ କିଛିଟା ବୃଦ୍ଧି ଘଟିବ । କିନ୍ତୁ ଇପିଏଫ୍‌ଓର ସଦ୍ୟତମ ବାର୍ଷିକ ବୈଠକରେ ଏହା ଆଜେଣ୍ଡାରେ ମଧ୍ୟ ସାମିଲ୍ ହୋଇନାହିଁ । ଏହାଛଡ଼ା ଏଭଳି କେତେକ ନିଷ୍ପତ୍ତି ନିଆଯାଇଛି, ଯାହା ଏତେ ଦ୍ୱନ୍ଦ୍ୱ ସୃଷ୍ଟି କରୁଛି ଯେ ସାଧାରଣ କର୍ମଚାରୀ କିମ୍ବା ନିଯୁକ୍ତିଦାତାଙ୍କ ପାଇଁ ମଧ୍ୟ ବୁଝି ବୁଝାଇବା କଷ୍ଟକର ହୋଇପଡୁଛି । ସେହିପରି ମୋଟ ଜମା ପରିମାଣର ଶତପ୍ରତିଶତ ଉଠାଣ ନିଷ୍ପତ୍ତିକୁ ନେଇ ମଧ୍ୟ ବିବାଦ ଉଠିଛି । ଯଦି ଅବସର ପୂର୍ବରୁ ସମ୍ପୂର୍ଣ୍ଣ ରାଶି ଉଠାଇ ନିଆଯାଏ ତେବେ ବାର୍ଦ୍ଧକ୍ୟ ଅସୁରକ୍ଷିତ ହୋଇପଡ଼ିବ ବୋଲି ଅଭିଯୋଗ ଆସିଛି ।

ବୈଠକର ନିଷ୍କର୍ଷ ଅନୁଯାୟୀ, ଜମା ଉଠାଣ ଓ ବିବାଦ ସମାଧାନ ପ୍ରକ୍ରିୟା ସରଳ ଓ ସର୍ତ୍ତରହିତ ହୋଇଛି ସତ; କିନ୍ତୁ ଦୀର୍ଘବର୍ଷ ଧରି ହୋଇଆସୁଥିବା ଅବସର ପରବର୍ତ୍ତୀ ଭତ୍ତା ବୃଦ୍ଧି ଦାବି ପ୍ରତି ଦୃଷ୍ଟି ନ ପଡ଼ିବା କ୍ଷୋଭର ବିଷୟ । ସମ୍ପ୍ରତି ଇପିଏଫ୍‌କୁ ଦରମା ଯୋଗଦାନ ଆଧାରରେ ଅବସର ଭତ୍ତା ସର୍ବନିମ୍ନ ୧ ହଜାରରୁ ସର୍ବାଧିକ ୬ ହଜାର ଟଙ୍କା ପର୍ଯ୍ୟନ୍ତ ମିଳୁଛି । ସାମ୍ପ୍ରତିକ କ୍ରମବର୍ଦ୍ଧିଷ୍ଣୁ ମହଙ୍ଗା ଯୁଗରେ ଏତିକି ରାଶି ସମୁଦ୍ରକୁ ଶଙ୍ଖେ ଭଳି । ବୋଧହୁଏ ସରକାର ଅନ୍ୟାନ୍ୟ ସାମାଜିକ ଭତ୍ତା ଯୋଜନାକୁ ତୁଳନା କରି ଇପିଏଫ୍ ପେନ୍‌ସନ୍ ରାଶି ବୃଦ୍ଧି କରିବାକୁ ଉଚିତ ମଣୁ ନାହାନ୍ତି । ବିଭିନ୍ନ ସାମାଜିକ ଯୋଜନାରେ ମିଳୁଥିବା ଭତ୍ତା ନିର୍ବାଚନ ରାଜନୀତିର ଏକ ଅଂଶବିଶେଷ । ଅପରପକ୍ଷରେ ଇପିଏଫ୍ ସମ୍ପୂର୍ଣ୍ଣ ରୂପେ କର୍ମଚାରୀଙ୍କ ଝାଳବୁହା ଧନର ଯୋଗଦାନରେ ଗଠିତ । ସମ୍ପ୍ରତି ଦେଶରେ ୩୦ କୋଟି ଇପିଏଫ୍ ଆକାଉଣ୍ଟଧାରୀ ଥିବା ବେଳେ ସେମାନଙ୍କର ଏବଂ ସେମାନଙ୍କ ନିଯୁକ୍ତିଦାତାଙ୍କ ଯୋଗଦାନ ପରିମାଣ ୨୬ ଲକ୍ଷ କୋଟି ଟଙ୍କା । ସରକାରୀ କର୍ମଚାରୀମାନଙ୍କୁ ଦିଆଯାଉଥିବା ପେନ୍‌ସନ୍ ପ୍ରକ୍ରିୟା ଅନୁସରଣରେ ଇପିଏଫ୍‌ଓ ଏହି ବିପୁଳ ରାଶିକୁ ଲାଭଦାୟକ ପ୍ରତିଭୂତି ଅଂଶଧନରେ ନିବେଶ କଲେ ଆକାଉଣ୍ଟଧାରୀମାନେ ଅବସର ପରେ ଉପକୃତ ହୁଅନ୍ତେ ।

ଇପିଏଫ୍ ଆକାଉଣ୍ଟଧାରୀଙ୍କ ମଧ୍ୟରୁ ସିଂହଭାଗ ମଧ୍ୟବିତ୍ତ-ନିମ୍ନମଧ୍ୟବିତ୍ତ ଶ୍ରେଣୀର, ଯେଉଁମାନେ ସରକାରୀ ମାଗଣା ଯୋଜନା ଏବଂ ବିଭିନ୍ନ ଗରିବ କଲ୍ୟାଣ ଯୋଜନାରୁ ବଞ୍ଚିତ । ସମ୍ପ୍ରତି ଜୀବନ ଧାରଣର ଅତ୍ୟାବଶ୍ୟକ ସାମଗ୍ରୀ, ଶିକ୍ଷା ଓ ସ୍ୱାସ୍ଥ୍ୟ ଖର୍ଚ୍ଚ ଏତେ ବଢ଼ିଯାଇଛି ଯେ ଦରମା ଗଣ୍ଠିକ ଘରକୁ ଆସିବାର ପ୍ରଥମ ସପ୍ତାହରେ ହିଁ ସରିଯାଉଛି । ଏଭଳି ଅବସ୍ଥାରେ ଭବିଷ୍ୟତ ପାଇଁ ସଞ୍ଚୟ ଜମା ସୁଯୋଗ ମଧ୍ୟ ସଂକୁଚିତ । ତେଣୁ ଅବସର ପରେ ଖଟିଖିଆମାନେ କେମିତି ବଞ୍ଚିବେ ସେ ବିଷୟରେ ଅନ୍ତତଃ ସରକାର ସହୃଦୟତାର ସହ ମାନବିକ ଦୃଷ୍ଟିକୋଣରୁ ଚିନ୍ତା କରିବା ଉଚିତ ହେବ ।

## ବିପଦ ଟଳିନି

ନୋବେଲ୍ ବିଳାସୀ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ମଧ୍ୟସ୍ଥତାରେ ଇସ୍ରାଏଲ୍ ଓ ହମାସ୍ ମଧ୍ୟରେ ଯୁଦ୍ଧବନ୍ଦୀ ପ୍ରତ୍ୟର୍ପଣ ପ୍ରକ୍ରିୟା ଆରମ୍ଭ ହୋଇଛି । ଏଥିସହିତ ଗାଜାରେ ଶାନ୍ତି ବାହାଲ୍ ହେବାର ଆଶାର ଝଲକ୍‌ଟିଏ କେବଳ ଦେଖାଦେଇଛି, କିନ୍ତୁ ଅସ୍ଥିରତା ଓ ଅନିଶ୍ଚିତତାର ବାଦଲ୍ ଏ ପର୍ଯ୍ୟନ୍ତ ହଟିନାହିଁ । ଏହାପୂର୍ବରୁ ମଧ୍ୟ ଉଭୟ ପକ୍ଷରୁ ଅସ୍ତ୍ରବିରତି ଓ ଯୁଦ୍ଧବନ୍ଦୀ ପ୍ରତ୍ୟର୍ପଣ ପ୍ରୟାସ ଭଣ୍ଡୁର ହୋଇଥିଲା । ସମ୍ପ୍ରତି ବିଶ୍ୱର ବଡ଼ଭାଇ ଆମେରିକା ଉପସ୍ଥିତିରେ ଏହି ପ୍ରକ୍ରିୟା ସମ୍ପାଦିତ ହେଉଛି । କିନ୍ତୁ ଏହାର ଅର୍ଥ ନୁହେଁ ଯେ ଉଭୟ ପକ୍ଷ ମନରେ ଜଳୁଥିବା ନିଆଁ ପ୍ରଶମିତ ହୋଇସାରିଛି । ଅନ୍ତତଃ କ୍ଷମତାଲିପ୍‌ସୁ ଓ ଯୁଦ୍ଧଖୋର ବେଞ୍ଜାମିନ୍ ନେତାନ୍ୟାହୁ ଇସ୍ରାଏଲ୍ ଶାସନ ମୁଖ୍ୟ ଥିବା ପର୍ଯ୍ୟନ୍ତ ଇସ୍ରାଏଲ୍-ପାଲେଷ୍ଟାଇନ୍ ମଧ୍ୟରେ ସମ୍ପୂର୍ଣ୍ଣ ଶାନ୍ତି ସହାବସ୍ଥାନ ସାକାର ହେବ ବୋଲି ବିଶ୍ୱାସ ଆସୁନାହିଁ ।

ଗାଜାପଟିରେ ଟ୍ରମ୍ପ ନିଜର ଯେଉଁ ସ୍ୱପ୍ନ-ପ୍ରକଳ୍ପ ପରିକଳ୍ପନା କରିଛନ୍ତି, ତା'କୁ ସାକାର କରିବା ପାଇଁ ସେହି ଅଞ୍ଚଳରେ ଶାନ୍ତି ଫେରିବା ତାଙ୍କ ପାଇଁ ଅପରିହାର୍ଯ୍ୟ । କିନ୍ତୁ ସେ ଯେ ମଧ୍ୟପ୍ରାଚ୍ୟରେ ଶାନ୍ତି ଚାହାନ୍ତି ତାହା କଳ୍ପନାତୀତ । ମଧ୍ୟପ୍ରାଚ୍ୟରେ ଶାନ୍ତି ଓ ସ୍ଥିରତା ବାହାଲ ହେଲେ ଆମେରିକାର ଆଣବିକ-ଇନ୍ଧନ ଓ ଯୁଦ୍ଧାସ୍ତ୍ର ବାଣିଜ୍ୟର ମହତାକାଂକ୍ଷା ସାକାର ହୋଇପାରିବ ନାହିଁ କି ଇରାନ୍‌କୁ କାବୁ କରିହେବ ନାହିଁ । ତେଣୁ ନିଜକୁ ବିଶ୍ୱ ଶାନ୍ତିଦୂତ ଭାବେ ଉପସ୍ଥାପନା କରୁଥିଲେ ମଧ୍ୟ ମଧ୍ୟପ୍ରାଚ୍ୟକୁ ସର୍ବଦା ଅଶାନ୍ତ ଓ ଅସ୍ଥିର ରଖିବା ପାଇଁ ଆମେରିକାର ସର୍ବକାଳୀନ ବୈଦେଶିକ ନୀତି ବିରୋଧରେ ଟ୍ରମ୍ପ ଯିବେ ନାହିଁ । ଅପରପକ୍ଷରେ ଆମେରିକା ବିରୋଧରେ ଯାଇ ଜାତିସଂଘର ସଂଖ୍ୟାଗରିଷ୍ଠ ସଦସ୍ୟ ପାଲେଷ୍ଟାଇନ୍‌ର ସାର୍ବଭୌମତ୍ୱ ସପକ୍ଷରେ ଭୋଟ ଦେଇଛନ୍ତି । ପାଲେଷ୍ଟାଇନ୍ ବିଧିବଦ୍ଧ ଭାବେ ସାର୍ବଭୌମ ରାଷ୍ଟ୍ର ଘୋଷିତ ହେଲେ ହମାସ୍‌ଙ୍କ ନିରାପଦ ଆଶ୍ରୟସ୍ଥଳୀ ହେବା ନିଶ୍ଚିତ, ଯାହାକୁ ନେତାନ୍ୟାହୁ ବରଦାସ୍ତ କରିବେ ନାହିଁ କି ଇସ୍ରାଏଲ୍ ବିରୋଧରେ ଆମେରିକା ମଧ୍ୟ ଯିବ ନାହିଁ । ତେଣୁ ଏହି ପ୍ରସଙ୍ଗ ଆଗାମୀ ଦିନରେ ପୁଣି ଉତ୍ତେଜନା ଓ ହିଂସା ସୃଷ୍ଟି କରିବାର ଆଶଙ୍କା ରହିଛି । ଇତିମଧ୍ୟରେ ଟ୍ରମ୍ପ ପ୍ରାୟୋଜିତ ଏହି ଯୁଦ୍ଧବିରତି ଚୁକ୍ତିକୁ ଆଫ୍‌ଗାନିସ୍ତାନ ଓ ପାକିସ୍ତାନର କେତେକ ଅଞ୍ଚଳରେ ତୀବ୍ର ବିରୋଧ ହେଉଛି । ହମାସ ମଧ୍ୟ ଚୁକ୍ତିର କେତେକ ସର୍ତ୍ତକୁ ବିରୋଧ କରିଛି ଅଥଚ ବାଧ୍ୟବାଧକତାରେ କାର୍ଯ୍ୟକାରୀ କରୁଛି । ତେଣୁ ଏହି ବିରୋଧ ଓ ଅସନ୍ତୋଷ ପୁଣି ଏକ ଆତଙ୍କବାଦୀ ଆକ୍ରମଣ, ହିଂସା ଓ ଯୁଦ୍ଧକୁ ଜନ୍ମ ଦେବା ଅସମ୍ଭବ ନୁହେଁ ।

ଇସ୍ରାଏଲ୍-ପାଲେଷ୍ଟାଇନ ବିବାଦର ମୂଳ ସମସ୍ୟାର ସମାଧାନ ନ ହେବା ଯାଏଁ ମଧ୍ୟପ୍ରାଚ୍ୟରେ ଶାନ୍ତି ଓ ସ୍ଥିରତା କେବଳ ଏକ ସ୍ୱପ୍ନ ମାତ୍ର । କେବଳ ଯୁଦ୍ଧବନ୍ଦୀ ପ୍ରତ୍ୟର୍ପଣ ଓ ଅସ୍ତ୍ରବିରତି ଭଳି ତାଳିପକା ପ୍ରୟାସରେ ଏହି ମହତ୍ ଲକ୍ଷ୍ୟ ପୂରଣ ହୋଇପାରିବ ନାହିଁ । ଚତୁର ଆମେରିକା ଓ ବାଚାଳ ଟ୍ରମ୍ପ ଏହା ବୁଝି ମଧ୍ୟ ଅବୁଝା ରହିବାର ଛଳନା କରୁଛନ୍ତି । ବେଲୁନ୍‌ର ଗୋଟିଏ ସ୍ଥାନରେ ଚାପ ପଡ଼ିଲେ ଅନ୍ୟ ପଟ ଫୁଲି ଉଠିବା ଭଳି ଗାଜା ଶାନ୍ତ ହେଲେ ମଧ୍ୟ ଅଶାନ୍ତି, ଆତଙ୍କ ଓ ହିଂସା ଅନ୍ୟ ସ୍ଥାନରେ ମୁଣ୍ଡ ଟେକିପାରେ ।

# ଗଣତନ୍ତ୍ରର ଅପ୍ରତିହତ ସ୍ୱର: ମ୍ୟାଁମାର୍‌ରୁ ଭେନ୍‌ଜୁଏଲା

ମନୋରଂଜନ ମହାନ୍ତି

ବିଶ୍ୱ-ଇତିହାସରେ ଦୁଇଟି ସ୍ୱର୍ଣ୍ଣିମ ଅଧ୍ୟାୟ । ମଣିଷର ଗଣତାନ୍ତ୍ରିକ ଅଧିକାର ପାଇଁ ସାମରିକ ଶାସନ ବିରୋଧରେ ସଂଗ୍ରାମ କରି ମ୍ୟାଁମାର୍‌ର ଅଙ୍ଗ୍ ସାନ୍ ସୁକୀ ପାଇଥିଲେ ନୋବେଲ ଶାନ୍ତି ପୁରସ୍କାର ୧୯୯୧ ମସିହାରେ । ତିନି ଦଶନ୍ଧିରୁ ଊର୍ଦ୍ଧ୍ୱ କାଳ ପରେ ୨୦୨୫ ମସିହାର ନୋବେଲ୍ ଶାନ୍ତି ପୁରସ୍କାର ପାଇଁ ମନୋନୀତ ହୋଇଛନ୍ତି ଭେନ୍‌ଜୁଏଲାର ବିପ୍ଳବିଣୀ ଲୌହମାନବୀ ରୂପେ ପରିଚିତା ମ୍ୟାରିଆ କୋରିନା ମାଚାଡ଼ୋ । ସେଠାରେ ଏକଛତ୍ରବାଦୀ ଶାସନର ବିଲୋପ କରି ଜନସାଧାରଣଙ୍କ ଗଣତାନ୍ତ୍ରିକ ଅଧିକାର ପାଇଁ ଦୀର୍ଘ ଏକ ଦଶନ୍ଧି ଧରି ଚାଲିଥିବା ଆନ୍ଦୋଳନର ନେତୃତ୍ୱ ସେ ନେଉଛନ୍ତି । ଭେନ୍‌ଜୁଏଲା ଦକ୍ଷିଣ-ଆମେରିକାର ଏକ ରାଷ୍ଟ୍ର । ତା' ସୀମାକୁ ଲାଗିଛି କ୍ୟାରିବୀୟ ସାଗର ଓ ଉତ୍ତରଆଟ୍‌ଲାଣ୍ଟିକ୍ ମହାସାଗର । ତା'ର କ୍ଷେତ୍ରଫଳ ୯, ୧୬, ୪୪୫ ବର୍ଗ କି.ମି. । ଜନସଂଖ୍ୟା ମାତ୍ର ୩୦.୫ନିୟୁତ । ଅଥଚ ଦେଶଟି ସଂପ୍ରତି ଘୋର ସଂକଟ ମଧ୍ୟରେ ଗତି କରୁଛି ।

ହ୍ୟୁଗୋ ଚାଭେଜ୍ ରାଷ୍ଟ୍ରପତି ଥିଲାବେଳେ ସାମାଜିକ, ଅର୍ଥନୈତିକ, ରାଜନୈତିକ ସଂକଟ ଆରମ୍ଭ ହୋଇ ଏବର ରାଷ୍ଟ୍ରପତି ନିକୋଲାସ୍ ମାଦୁରୋ ଓ ଉପରାଷ୍ଟ୍ରପତି ଡେଲ୍‌ସି ରୋଡ୍‌ରିଗେଜ୍‌ଙ୍କ ଶାସନ ସମୟରେ ବହୁଗୁଣିତ ହୋଇଛି । ମୁଦ୍ରାସ୍ଫୀତି, ଅନାହାର, ରୋଗ, ଅପରାଧ, ମୃତ୍ୟୁହାର ବୃଦ୍ଧି, ଦେଶାନ୍ତର ଗମନ ଦୃଷ୍ଟିରୁ ଭେନ୍‌ଜୁଏଲା ହେଉଛି ଲାଟିନ୍-ଆମେରିକା ଓ କ୍ୟାରିବୀୟ ଅଞ୍ଚଳରେ ଦ୍ୱିତୀୟ ଦରିଦ୍ର ରାଷ୍ଟ୍ର । ସେଠି ପ୍ରଚୁର ତୈଳସମ୍ପଦ ଭରିରହିଛି । 'ପେଟ୍ରୋଲିଅସ୍ ଡି ଭେନ୍‌ଜୁଏଲା ଏସ୍.ଏ' ନାମକ ରାଷ୍ଟ୍ରାୟତ୍ତ ତୈଳ ଓ ପ୍ରାକୃତିକ ବାଷ୍ପ କମ୍ପାନୀ ତା'ର ପରିଚାଳନା ଦାୟିତ୍ୱରେ ଅଛି । କିନ୍ତୁ ସରକାରୀ କୁ-ପରିଚାଳନା ହେତୁ ତୈଳ ଉତ୍ପାଦନ ହ୍ରାସ ପାଉଛି । ଏଣେ ତୈଳ ରପ୍ତାନି ଉପରେ ନିର୍ଭରଶୀଳତା ମାତ୍ରାଧିକ ହେଉଛି । ତୈଳ ମୂଲ୍ୟ ହ୍ରାସ ପାଉଛି । ସର୍ବବୃହତ୍ ତୈଳସମ୍ପଦ ଥାଇ ମଧ୍ୟ ଦେଶବାସୀ ଦରିଦ୍ର ।

ରାଜନୈତିକ ଅସ୍ଥିରତା ସାଙ୍ଗକୁ ଭ୍ରଷ୍ଟାଚାର, ଦୁର୍ବଳ ନେତୃତ୍ୱ, ଅମଲାତନ୍ତ୍ରର ଅଧିନାୟକବାଦୀ ଶୈଳୀ ଜନସାଧାରଣଙ୍କ ଦୁର୍ଦ୍ଦଶା ପାଇଁ ପୂର୍ଣ୍ଣତଃ ଦାୟୀ । ବ୍ୟକ୍ତି-ସ୍ୱାଧୀନତା ଓ ନିରାପତ୍ତାର ଘୋର ଅଭାବ । ଖାଦ୍ୟାଭାବ, ପାନୀୟଜଳ ସଂକଟ, ସ୍ୱାସ୍ଥ୍ୟ ସୁବିଧାର ଅଭାବ ହେତୁ ୫ନିୟୁତ ଲୋକ ଦେଶାନ୍ତର ହେଲେଣି । ବେଆଇନ୍ ଭାବରେ ଆମେରିକାରେ ରହୁଥିବା ଭେନ୍‌ଜୁଏଲା-ଅଧିବାସୀଙ୍କ ସଂଖ୍ୟା ୨୦୦୭ରେ ଥିଲା ୫୫, ୦୦୦, ୨୦୨୧ରେ ୧, ୯୫, ୦୦୦, ୨୦୨୩ରେ ୬, ୫୦, ୦୦୦, ୨୦୨୫ରେ ୭ଲକ୍ଷ । କୃଷି ଓ ଉତ୍ପାଦନ କ୍ଷେତ୍ର ସମ୍ପୂର୍ଣ୍ଣ ଅବହେଳିତ । ପରିସଂଖ୍ୟାନ ଅନୁଯାୟୀ ୩୦ନିୟୁତ ଜନସଂଖ୍ୟାବିଶିଷ୍ଟ ଭେନ୍‌ଜୁଏଲାରେ ପ୍ରାୟ ଏକ-ତୃତୀୟାଂଶ ଅର୍ଥାତ୍ ୯.୩ ନିୟୁତ ଲୋକ ଖାଦ୍ୟାଭାବରେ ପୀଡ଼ିତ । ଚିକନ୍‌ଗୁନିଆ, ଡେଙ୍ଗୁ, ହେପାଟାଇଟିସ୍-ଏ, ହେପାଟାଇଟିସ୍-ବି, ମ୍ୟାଲେରିଆ, ମିଳିମିଳା ରୋଗୀଙ୍କ ସଂଖ୍ୟା ବଢ଼ିବଢ଼ି ଚାଲିଛି । ଅଥଚ ଆବଶ୍ୟକ ଔଷଧର ଉତ୍କଟ ଅଭାବ । ବେକାରୀ, ବେରୋଜଗାରୀ ବଢୁଥିବାରୁ ଅପରାଧ ବୃଦ୍ଧି ପାଉଛି । ଏକଛତ୍ରବାଦୀ ଶାସକଙ୍କ ସ୍ୱେଚ୍ଛାଚାର ହେତୁ ମାନବାଧିକାର ଉଲ୍ଲଙ୍ଘନ ହେଉଛି । ଫଳତଃ ନାଗରିକ ଅସନ୍ତୋଷ ବୃଦ୍ଧି ପାଉଛି । ଭେନ୍‌ଜୁଏଲାକୁ ଯାଉଥିବା ଲୋକଙ୍କୁ ବେଆଇନ୍ ଅଟକ ରଖାଯାଉଛି, ଯନ୍ତ୍ରଣା ଦିଆଯାଉଛି । ଆତଙ୍କବାଦ ଓ ଅପହରଣ ଭଳି ମାମଲାରେ ଜଡ଼ିତ କରାଇ ସ୍ଥାନୀୟ ଆଇନ୍‌ର ମନମୁଖି ପ୍ରୟୋଗ କରାଯାଉଛି ।

ସ୍ୱଳ୍ପ ଜନସଂଖ୍ୟା ବିଶିଷ୍ଟ ଗୋଟେ କ୍ଷୁଦ୍ର ରାଷ୍ଟ୍ରର ଏପରି ଦୁଃସ୍ଥିତି କାଳରେ ରାଷ୍ଟ୍ରନାୟକଙ୍କ ଏକଛତ୍ରବାଦ ବିରୋଧରେ ବଜ୍ର ସ୍ୱର ଜାଗ୍ରତ କରି ସାଧାରଣ ଜନତାଙ୍କ ଗଣତାନ୍ତ୍ରିକ ଅଧିକାର ପାଇଁ ଜନ-ଆନ୍ଦୋଳନ ଜରିଆରେ ନିରବଚ୍ଛିନ୍ନ ପ୍ରୟାସ କରୁଥିବା ମ୍ୟାରିଆ କୋରିନା ମାଚାଡ଼ୋ ଚଳିତ ବର୍ଷର ନୋବେଲ୍ ଶାନ୍ତି ପୁରସ୍କାର ବିଜୟିନୀ । ମ୍ୟାରିଆ ଜଣେ ଇଣ୍ଡଷ୍ଟ୍ରିଆଲ୍ ବା ଔଦ୍ୟୋଗିକ ଇଂଜିନିୟର୍ ଓ ବିତ୍ତକ୍ଷେତ୍ର (ଫାଇନାନ୍ସ୍)ରେ ସ୍ନାତକୋତ୍ତର ଉପାଧିପ୍ରାପ୍ତ । 'ସୁମେଟ୍' ସଂଗଠନର ପ୍ରତିଷ୍ଠାତ୍ରୀ ଭାବରେ ନିଜର ରାଜନୈତିକ ଜୀବନ ସେ ଆରମ୍ଭ କରିଥିଲେ । ସେଥିସହିତ 'ଭେଣ୍ଟେ ଭେନ୍‌ଜୁଏଲା' ନାମକ ରାଜନୈତିକ ଦଳର ଜାତୀୟ ସଂଯୋଜିକା ଅଛନ୍ତି । ୨୦୧୪ରୁ ଏପର୍ଯ୍ୟନ୍ତ ରାଷ୍ଟ୍ରପତି ନିକୋଲାସ୍ ମାଦୁରୋଙ୍କ ସରକାର ବିରୋଧରେ ଏକ ଶକ୍ତିଶାଳୀ ସାମାଜିକ ଆନ୍ଦୋଳନର ନେତୃତ୍ୱ ନେଉଛନ୍ତି ମ୍ୟାରିଆ । ୨୦୨୪ରୁ ଗୋପନବାସରେ ଅଛନ୍ତି । ଏକ ଦଶନ୍ଧି ବ୍ୟାପୀ ତାଙ୍କର ସଂଗ୍ରାମକୁ ସ୍ୱୀକୃତି ଜଣାଇ ନୋବେଲ୍ କମିଟି ତାଙ୍କୁ ପ୍ରଦାନ କରିଛି ଅନ୍ତଃରାଷ୍ଟ୍ରୀୟ ସ୍ତରରେ ସର୍ବଶ୍ରେଷ୍ଠ ଶାନ୍ତି ପୁରସ୍କାର ।

ଗଣତାନ୍ତ୍ରିକ ଅଧିକାର ପାଇଁ ମ୍ୟାରିଆଙ୍କ ସଂଗ୍ରାମ ଆମକୁ ମନେପକାଇ ଦେଉଛି ଆଜିକୁ ପ୍ରାୟ ଚାରି ଦଶନ୍ଧି ତଳେ ବର୍ମା (ଆଧୁନିକ ମ୍ୟାଁମାର୍)ରେ ସାମରିକ ଶାସନକର୍ତ୍ତା ଜେନେରାଲ୍ ନି ୱିନ୍‌ଙ୍କ ବିରୋଧରେ ଜନଆନ୍ଦୋଳନକୁ କିଭଳି ତୀବ୍ରତର କରିଥିଲେ ବିପ୍ଳବିଣୀ ଅଙ୍ଗ୍‌ସାନ୍ ସୁକୀ । ଜେନେରାଲ ନି ୱିନ୍‌ଙ୍କ ସାମରିକ ଶାସନରେ ବର୍ମାର ଅଧିବାସୀମାନେ ଅତ୍ୟନ୍ତ ଅତିଷ୍ଠ ଓ ଅସ୍ଥିର ହୋଇପଡ଼ିଥିଲେ । ୧୯୮୮ ମସିହାରେ ସୁକୀ ରେଙ୍ଗୁନ୍‌ରେ ପହଞ୍ଚି ବର୍ମାବାସୀଙ୍କ ଦୁରବସ୍ଥାକୁ ହୃଦୟଙ୍ଗମ କଲେ । ସୁକୀ ଲକ୍ଷ୍ୟ କଲେ ଛାତ୍ରମାନେ ନି ୱିନ୍‌ଙ୍କ ବିରୋଧରେ ଆନ୍ଦୋଳନ କରୁଛନ୍ତି । ସୁତରାଂ ସେ ନିଜକୁ ସେହି ଆନ୍ଦୋଳନରେ ସାମିଲ କରାଇଲେ ।

ସାରା ଦେଶରେ ସାମରିକ ଶାସନ ବିରୋଧରେ ପ୍ରତିବାଦର ସ୍ୱର ଜାଗି ଉଠିଲା । ୧୯୮୮ ଜୁଲାଇ ୨୩ ତାରିଖରେ ନି ୱିନ୍ 'ବର୍ମିଜ୍ ସୋସିଆଲିଷ୍ଟ ପ୍ରୋଗ୍ରାମ୍ ପାର୍ଟି'ର ନେତୃତ୍ୱରୁ ଓହରିଯିବାକୁ ସ୍ଥିରକଲେ । ୧୯୮୮ ଅଗଷ୍ଟ ୧୫ ତାରିଖରେ ସୁକୀ ନିଜର ଏକ ଲେଖା ସାମରିକ ଶାସନକର୍ତ୍ତାଙ୍କୁ ଦେଲେ । ସେହି ଲେଖାର ଶୀର୍ଷକ ଥିଲା - 'ଦି ଫର୍‌ମେସନ୍ ଅଫ୍ ଏ ପିପୁଲ୍‌ସ୍ କନ୍‌ସଲ୍‌ଟେଟିଭ୍ କମିଟି' । ଶାନ୍ତିପୂର୍ଣ୍ଣ ଓ ନିରସ୍ତ୍ର ଆନ୍ଦୋଳନକାରୀମାନଙ୍କ ବିରୋଧରେ ଦମନମୂଳକ ପନ୍ଥା ଗ୍ରହଣ ନକରିବା ପାଇଁ ଏବଂ ସମସ୍ତ ରାଜନୈତିକ ବନ୍ଦୀଙ୍କୁ ଖଲାସ କରିଦେବା ପାଇଁ ଉକ୍ତ ଲେଖାରେ ସୁକୀ ସାମରିକ ଶାସନକର୍ତ୍ତାଙ୍କୁ ନିବେଦନ କରିଥିଲେ । ଏହି ଲେଖାରେ ମଧ୍ୟ ବର୍ମାର କେତେକ ବିଶିଷ୍ଟ ନାଗରିକ ସ୍ୱାକ୍ଷର କରିଥିଲେ ।

ସମଗ୍ର ଦେଶରେ ଶାନ୍ତିପୂର୍ଣ୍ଣ ଓ ଅହିଂସ ଆନ୍ଦୋଳନ ଏକ ବିରାଟ ଆକାର ଧାରଣ କରିବାରୁ ଜେନେରାଲ ନି ୱିନ୍ କ୍ଷମତାରୁ ଓହରିଗଲେ । ୧୯୮୮ ସେପ୍ଟେମ୍ବର ୧୮ ତାରିଖରେ ଜେନେରାଲ ସ'-ମାଉଙ୍ଗ୍ ସାମରିକ ଶାସନକର୍ତ୍ତା ହେଲେ । ସେତିକିବେଳେ ସୁକୀ ଏକ ଦଳ ଗଢ଼ିଲେ ଯାହାର ନାମ ହେଲା 'ନେସ୍‌ନାଲ୍ ଲିଗ୍ ଫର୍ ଡେମୋକ୍ରେସି' । ୧୯୮୮ ଅଗଷ୍ଟ ୧୫ତାରିଖରୁ ୧୯୮୯ ଜୁଲାଇ ୨୦ ତାରିଖ ପର୍ଯ୍ୟନ୍ତ ସୁକୀ ନିରବଚ୍ଛିନ୍ନ ଭାବରେ ସଂଗ୍ରାମ କଲେ ସାମରିକ ଏକଛତ୍ରବାଦ ବିରୋଧରେ । ସୁକୀଙ୍କର ଜନପ୍ରିୟତା ସମଗ୍ର ଦେଶରେ କ୍ରମଶଃ ବୃଦ୍ଧି ପାଇବାକୁ ଲାଗିଲା । ୧୯୯୦ ମେ ୨୭ ତାରିଖରେ ବର୍ମା (ଆଧୁନିକ ମ୍ୟାଁମାର୍)ରେ ସାଧାରଣ ନିର୍ବାଚନ ଅନୁଷ୍ଠିତ ହେଲା । ସେଥିରେ ୪୮୫ଟି ଆସନ ମଧ୍ୟରୁ ସୁକୀଙ୍କ 'ନେସ୍‌ନାଲ୍ ଲିଗ୍ ଫର୍ ଡେମୋକ୍ରେସି' ଦଳ ୩୯୨ଟି ଆସନରେ ବିଜୟ ହାସଲ କଲେ । ସମୁଦାୟ ୧୩ ନିୟୁତ ଭୋଟ ମଧ୍ୟରୁ ସୁକୀଙ୍କ ଦଳ ଶତକଡ଼ା ୭୨ ଭାଗ ଭୋଟ୍ ପାଇ ନିରଙ୍କୁଶ ସଂଖ୍ୟାଗରିଷ୍ଠତା ହାସଲ କଲେ । ନିର୍ବାଚନ ପୂର୍ବରୁ ମାସ ମାସ ଧରି ସୁକୀ ୧୦୦୦ରୁ ଊର୍ଦ୍ଧ୍ୱ ସଭାରେ ଉଦ୍‌ବୋଧନ ଦେଇଥିଲେ ।

ନିର୍ବାଚନରେ ସୁକୀଙ୍କ 'ଗଣତନ୍ତ୍ର-ଦଳ'ର ବିପୁଳ ବିଜୟ ଦେଖି ସାମରିକ ଶାସକମାନେ କ୍ରୋଧାନ୍ୱିତ ଓ ଈର୍ଷାପରାୟଣ ହୋଇଉଠିଲେ । ଗଣତନ୍ତ୍ର ସପକ୍ଷରେ ମ୍ୟାଁମାର୍‌ର ଅଧିବାସୀଙ୍କ ରାୟକୁ ସାମରିକ ଶାସକମାନେ ଅସ୍ୱୀକାର ଓ ଅସମ୍ମାନ କଲେ । ୧୯୯୦ ଅକ୍ଟୋବର ମାସରୁ ୧୯୯୨ ଜାନୁଆରୀ ମଧ୍ୟରେ ସୁକୀଙ୍କ 'ନେସ୍‌ନାଲ୍ ଲିଗ୍ ଫର୍ ଡେମୋକ୍ରେସି' ଦଳର ପାର୍ଲାମେଣ୍ଟ ସଭ୍ୟମାନଙ୍କର ବିଚାର ହୋଇ ପ୍ରତ୍ୟେକଙ୍କୁ ୧୦ରୁ ୨୫ବର୍ଷ ପର୍ଯ୍ୟନ୍ତ କାରାଦଣ୍ଡରେ ଦଣ୍ଡିତ କରାଗଲା । ବନ୍ଦୀଶାଳାରେ ରାଜନୈତିକ ବନ୍ଦୀମାନଙ୍କ ପ୍ରତି ଅକଥନୀୟ ଅତ୍ୟାଚାର କରାଗଲା । ୧୯୯୧ ଜୁଲାଇ ୨୦ତାରିଖରୁ ସୁକୀଙ୍କୁ ଗୃହବନ୍ଦୀ କରି ରଖାଗଲା ।

ମ୍ୟାଁମାର୍‌ରେ ଗଣତନ୍ତ୍ର ଶାସନ ପ୍ରତିଷ୍ଠା କରିବା ଉଦ୍ଦେଶ୍ୟରେ ସୁକୀ ଯେପରି ନିରବଚ୍ଛିନ୍ନ ସଂଗ୍ରାମ ଓ ସାଧନା କରି ଆସିଥିଲେ, ଯେପରି ଚରମ ତ୍ୟାଗ ସ୍ୱୀକାର କରିଥିଲେ, ଇତିହାସରେ ତାହା ଅତୁଳନୀୟ । ୧୯୯୧ର ନୋବେଲ୍ ଶାନ୍ତି ପୁରସ୍କାର ତାଙ୍କୁ ପ୍ରଦାନ କରାଯାଇଥିଲା । ମଣିଷର ଗଣତାନ୍ତ୍ରିକ ଅଧିକାର ପାଇଁ ସାମରିକ ଓ ଏକଛତ୍ରବାଦୀ ଶାସନ ବିରୋଧରେ ସାହସିକ ସଂଗ୍ରାମ କରିଥିବା ଏହି ଦୁଇଜଣ ବିପ୍ଳବିଣୀ ନାରୀ ବିଶ୍ୱ ଇତିହାସରେ ଚିର ସ୍ମରଣୀୟ ହୋଇ ରହିବେ । ଏକଛତ୍ରବାଦ ବିରୋଧରେ ଅବଳା ରୂପେ ବିଦିତ ନାରୀମାନଙ୍କର ଉପରୋକ୍ତ ଯୁଗାନ୍ତକାରୀ ସଂଗ୍ରାମକୁ ନୋବେଲ୍ ସ୍ୱୀକୃତି ନାରୀ ସଶକ୍ତୀକରଣର ଦୃଢ଼ ବାର୍ତ୍ତା, ସର୍ବୋପରି ପୁରୁଷପ୍ରାଧାନ୍ୟ ସମାଜକୁ ଏକ ଭିନ୍ନ ସଂକେତ ଦେଉଛି ।

(ଅବସରପ୍ରାପ୍ତ ପ୍ରାଧ୍ୟାପକ)
ଧର୍ମଶାଳା(ଯାଜପୁର),
ମୋ: ୯୮୫୩୨୮୨୯୬୨

# ଜ୍ଞାନର ଅହଙ୍କାର ଓ ଅହଙ୍କାରର ଜ୍ଞାନ

ଶ୍ରୀବତ୍ସ ନାୟକ

ଏମିତି ଏକ ସମୟ ଆସିବ ଯେଉଁ ସମୟରେ ତୁମ ପାଖରେ ଚପଲ ଥିବ, କିନ୍ତୁ ପାଦରେ ବଳ ନଥିବ । ହାତ ଥିବ, କିନ୍ତୁ ଯୋଡ଼ିବାକୁ ଶକ୍ତି ନଥିବ । ସମସ୍ତେ ଥାଇ ବି ପାଖରେ କେହି ନଥିବେ । ସମୟ ଆସିବ ଯୌବନରେ ବାର୍ଦ୍ଧକ୍ୟର ଛାଇ ଖେଳିଯିବ, ସ୍ୱପ୍ନ ଦେଖୁଥିବ ହେଲେ ରାତି ନଥିବ । ସମୟ ଆସିବ ତୁମକୁ ବି କେହି ଉପହାସ କରିବେ । ତୁମେ ବି କାହା ନିର୍ଦ୍ଦେଶକୁ ଅପେକ୍ଷା କରିବ । ନିରସ୍ତ୍ର ସୈନିକ ଭଳି ମୂକ ପାଲଟିଯିବ । ବିରହ ବିଚ୍ଛେଦର ଯନ୍ତ୍ରଣା ଭୋଗିବାକୁ ପଡ଼ିବ, ସମସ୍ତ କୁକର୍ମର ପଶ୍ଚାତାପ କରିବାକୁ ପଡ଼ିବ । ତେଣୁ ଏତେ ଗର୍ବ ଅହଙ୍କାର କାହିଁକି? ସମୟ ଆସିବ ସବୁ ଅହଙ୍କାର ଚୂରମାର ହୋଇଯିବ ।

ମଣିଷ ମନର ଅହଂ ଭାବନାରେ ଆତ୍ମଗର୍ବ ଅତିଶୟ । ଏ ମଣିଷ ଅହଂ ଭାବନାରେ ବୁଡ଼ି ନିଜକୁ ମଣେ ମହାନ । ନମ୍ରତା ଭାବନା ପ୍ରତି ବୀତସ୍ପୃହ ହୋଇ ଆତ୍ମଗର୍ବେ ବଳୀୟାନ ହୁଏ । ଅଜ୍ଞାନ ଅନ୍ଧକାର ରହିତ ମଣିଷ ଅହଙ୍କାର କରିବା ସ୍ୱାଭାବିକ । କିନ୍ତୁ ଯେତେବେଳେ ଜ୍ଞାନୀ ଲୋକମାନେ ନିଜ ଜ୍ଞାନକୁ ନେଇ ଗର୍ବ ଓ ଅହଙ୍କାର କରିଥା'ନ୍ତି, ସେତେବେଳେ ସମାଜ ବିନାଶ ଆଡ଼କୁ ଗତି କରିଥାଏ । କିଏ ନିଜର ଧନକୁ ନେଇ ଗର୍ବ କରେ ତ କିଏ ପୁଣି ନିଜର ସୌନ୍ଦର୍ଯ୍ୟକୁ ନେଇ ଗର୍ବ କରେ । କିଏ ଜ୍ଞାନକୁ ନେଇ ଗର୍ବ କରେ ତ କିଏ ପୁଣି ନିଜର ଦାନ ଓ ଭକ୍ତିକୁ ନେଇ ଗର୍ବ କରେ । ଅଧୁନା ସମାଜରେ ଅହଙ୍କାରୀ ଜ୍ଞାନୀମାନଙ୍କର ଅଭାବ ନାହିଁ । ଏହି ଅହଙ୍କାରୀ ଜ୍ଞାନୀମାନେ ନିଜର ଜ୍ଞାନର ଦ୍ୱାହି ଦେଇ ବିକାଶ ଆଳରେ ସମାଜକୁ ବିନାଶ ଆଡ଼କୁ ନେଇଯାଉଛନ୍ତି ।

ଲଙ୍କାପତି ରାବଣ ବେଦ, ଶାସ୍ତ୍ର ଓ ସଙ୍ଗୀତରେ ବେଶ୍ ପାରଙ୍ଗମ ଥିଲେ । ସେ ଶିବଭକ୍ତ ମଧ୍ୟ ଥିଲେ । ତାଙ୍କର ତପସ୍ୟାରେ ସ୍ୱୟଂ ଶିବଙ୍କୁ ସନ୍ତୁଷ୍ଟ କରିଥିଲେ । ସେ ବ୍ରହ୍ମଜ୍ଞାନୀ ଥିଲେ, କିନ୍ତୁ ସେଇ ଜ୍ଞାନକୁ ସେ ବିନମ୍ରତାରେ ବ୍ୟବହାର କରି ନ ଥିଲେ । ସୀତାଙ୍କୁ ହରଣ କରିବା, ନିଜକୁ ସବୁଠାରୁ ଶ୍ରେଷ୍ଠ ଭାବିବା ସେଇ ଅହଙ୍କାରର ପରିଣାମ ସ୍ୱରୂପ ତାଙ୍କର ସ୍ୱର୍ଣ୍ଣ ଲଙ୍କା ଧ୍ୱଂସ ହେଲା । ଜ୍ଞାନ ସହିତ ବିନମ୍ରତା ନଥିଲେ ସେଇ ଜ୍ଞାନ ବିନାଶକାରୀ ସଦୃଶ । ଦୁର୍ବାସା ଋଷି ବଡ଼ ଜ୍ଞାନୀ ଓ ତପସ୍ୱୀ ଥିଲେ । କିନ୍ତୁ କ୍ରୋଧ ଓ ଅହଙ୍କାରବଶତଃ ତାଙ୍କର ଶାପରେ ଅନେକ ରାଜ୍ୟ, ଅନେକ ପରିବାର ଦୁର୍ଭୋଗରେ ପଡ଼ିଥିଲା । ରାଜା ବଳୀଙ୍କ ଦାନ ଦେବାର ଅହଙ୍କାର ଓ ଆତ୍ମବଡ଼ିମା ଯୋଗୁଁ ପାତାଳ ପୁରକୁ ଗଲେ । ଅହଙ୍କାର ପାଇଁ ମହର୍ଷି ନାରଦ ମଧ୍ୟ ଶ୍ରେଷ୍ଠ ଭକ୍ତ ହେବାର ଯୋଗ୍ୟତା ହରେଇଛନ୍ତି । ଯେତେବେଳେ ଜ୍ଞାନ କ୍ରୋଧ ସହିତ ମିଶେ ସେଥିରୁ କେବଳ ଦୁଃଖ ଜନ୍ମେ । ମହାଭାରତର ଦୁର୍ଯ୍ୟୋଧନ ଯୁଦ୍ଧଶାସ୍ତ୍ର, ରାଜନୀତି ଓ କୌଶଳରେ ଥିଲେ ଅପାର ଜ୍ଞାନୀ । ସେ ଶିକ୍ଷା ଓ ଶକ୍ତିରେ ସମ୍ପନ୍ନ ଥିଲେ ମଧ୍ୟ ଅହଙ୍କାରରେ ପାଣ୍ଡବମାନଙ୍କୁ ଦ୍ୱେଷ କରି ତାଙ୍କ ସମସ୍ତ ଜ୍ଞାନକୁ ଅନ୍ୟାୟରେ ବ୍ୟୟ କଲେ । ଶେଷରେ କୁରୁକ୍ଷେତ୍ରରେ ତାଙ୍କର ପରାଜୟ ହେଲା । ଜ୍ଞାନ ଯଦି ସତ୍ୟରେ ନ ଥାଏ, ସେଥିରୁ ଅବଶ୍ୟ ବିନାଶ ଆସେ ।

ହିଟଲର୍ ଅସାଧାରଣ ରାଜନୀତିକ ଜ୍ଞାନ, ସମ୍ବୋଧନ କରିବାର କଳା ଓ ସେନାନୀତିରେ ନିପୁଣ ଥିଲେ । ସେହି ଜ୍ଞାନକୁ ଯଦି ସେ ମାନବସେବାରେ ବ୍ୟବହାର କରିଥା'ନ୍ତେ, ସମଗ୍ର ବିଶ୍ୱ ଉନ୍ନତିର ପଥରେ ଯାଇପାରିଥା'ନ୍ତା । କିନ୍ତୁ ସେ ଅହଙ୍କାର, ହିଂସା ଓ ଅନ୍ୟଜାତି ପ୍ରତି ଦ୍ୱେଷରେ ସେଇ ଜ୍ଞାନକୁ ବ୍ୟବହାର କଲେ । ପରିଣାମ ସ୍ୱରୂପ ବିଶ୍ୱ ଦେଖିଲା ଦ୍ୱିତୀୟ ବିଶ୍ୱଯୁଦ୍ଧ । ଏଠାରେ ଜ୍ଞାନ ରହିତ ଅହଙ୍କାର ପ୍ରଳୟଙ୍କାରୀ ବିଶ୍ୱବ୍ୟାପୀ ଯୁଦ୍ଧକୁ ନିମନ୍ତ୍ରଣ କରିଥିଲା । ମୋଗଲ୍ ସମ୍ରାଟ୍ ଔରଙ୍ଗଜେବ ରାଜନୀତି, ଶାସନ ଓ ଧର୍ମଶାସ୍ତ୍ରରେ ଜ୍ଞାନୀ ଥିଲେ । କିନ୍ତୁ ସେଇ ଜ୍ଞାନକୁ ସେ ସହିଷ୍ଣୁତାରେ ନୁହେଁ, କଠୋରତାରେ ବ୍ୟବହାର କଲେ । ତାଙ୍କର ଅହଙ୍କାରୀ ନୀତି ସମଗ୍ର ମୋଗଲ ସାମ୍ରାଜ୍ୟକୁ ଦୁର୍ବଳ କରିଦେଲା । ଶାସନରେ ଜ୍ଞାନ ଅହଙ୍କାରରେ ବ୍ୟବହୃତ ହେଲେ, ସାମ୍ରାଜ୍ୟ ଧ୍ୱଂସ ନିଶ୍ଚିତ । ଇତିହାସ ସାକ୍ଷୀ ଅଛି ଯେ ଏହିଭଳି ଅନେକ ଜ୍ଞାନୀମାନଙ୍କର ଅହଙ୍କାର ଯୋଗୁଁ ସେମାନଙ୍କର ପତନ ହୋଇଛି ଏବଂ ସମଗ୍ର ସମାଜ ଧ୍ୱଂସାବିମୁଖୀ ହୋଇଛି ।

ଜ୍ଞାନର ଅହଙ୍କାର ମଣିଷକୁ ତଳିତଳାନ୍ତ କରିଦିଏ । କିନ୍ତୁ ଅହଙ୍କାରର ଜ୍ଞାନ ମଣିଷର ଶ୍ରେଷ୍ଠତାକୁ ପ୍ରତିପାଦିତ କରିଥାଏ । ଯେଉଁ ମଣିଷ ପାଖରେ ଅହଙ୍କାର ବିଷୟରେ କିଛି ନା କିଛି ଜ୍ଞାନ ଥିବ ସେମାନେ ହେଲେ ପ୍ରକୃତ ଜ୍ଞାନୀ । ମର୍ଯ୍ୟାଦାପୁରୁଷ ଶ୍ରୀରାମ ଜ୍ଞାନୀ ଥିଲେ, କିନ୍ତୁ ତାଙ୍କର ଜ୍ଞାନ ଥିଲା ଅହଙ୍କାର ବର୍ଜନ ଉପରେ । ଅବତାରୀ ପୁରୁଷ ଶ୍ରୀକୃଷ୍ଣ କେବେ ବି ନିଜକୁ ଭାଗବାନ ବୋଲି ସମ୍ବୋଧିତ କରିନାହାନ୍ତି । ସକ୍ରେଟିସ୍ ନିଜ ମହାନତାର ପ୍ରମାଣ ଦେବାକୁ ଯାଇ କହିଛନ୍ତି ଯେ ମୁଁ ଏତିକି ଜ୍ଞାନ ଆହରଣ କରିଛି ଯେ ମୁଁ କିଛି ଜାଣିନାହିଁ । ଏହା ହିଁ ପ୍ରକୃତ ଜ୍ଞାନ । ଏହି ବିନମ୍ରତାରୁ ସେ ମହାନ୍ । ପ୍ରକୃତ ଜ୍ଞାନୀ ସିଏ, ଯିଏ ଜ୍ଞାନକୁ ଅହଙ୍କାରରେ ନୁହେଁ, ସେବାରେ ବ୍ୟବହାର କରେ ।

ଜ୍ଞାନ ହେଉଛି ମଣିଷର ସର୍ବୋତ୍କୃଷ୍ଟ ସମ୍ପଦ । ଜ୍ଞାନର ଆଲୋକରେ ମଣିଷ ନିଜେ ସଚେତନ ହୁଏ ଏବଂ ସମାଜକୁ ଆଗକୁ ନେଇଯାଏ । କିନ୍ତୁ କେବେ କେବେ ଏହି ଜ୍ଞାନ ମଣିଷକୁ ବିନମ୍ର କରିବାରୁ ବ୍ୟର୍ଥ ହୋଇ ଅହଙ୍କାରର ସୃଷ୍ଟି କରେ । ଏହି ଜ୍ଞାନର ଅହଙ୍କାର ସମସ୍ତଙ୍କ ପାଇଁ କ୍ଷତିକାରକ । ଜ୍ଞାନର ସତ୍ୟ ସ୍ୱରୂପ ଯଥାର୍ଥ ଜ୍ଞାନ ମଣିଷକୁ ନମ୍ରତା, ସହିଷ୍ଣୁତା ଓ ସେବାଭାବୀ କରିଥାଏ । 'ବିଦ୍ୟା ଦଦାତି ବିନୟମ୍' । ଅର୍ଥାତ୍, ସତ୍ୟ ଜ୍ଞାନ ବିନମ୍ରତାକୁ ଜନ୍ମ ଦେଇଥାଏ । ତେଣୁ ଜ୍ଞାନର ଅହଙ୍କାରକୁ ପରିତ୍ୟାଗ କରି ଅହଙ୍କାର ବିଷୟରେ ଜ୍ଞାନ ଆହରଣ କଲେ ସମାଜର ମଙ୍ଗଳ ସାଧିତ ହେବ ।

କଟକ, ମୋ: ୯୪୩୮୦୭୦୮୪୯

# ରାଧା ଦାମୋଦର ବ୍ରତ

ସ୍ୱପ୍ନେଶ୍ୱର

### ଲୋକକଥାରେ ଲୋକଦେବତା

ଦ୍ୱାପର ଯୁଗର କଥା । ମାମୁ କଂସର ନିମନ୍ତ୍ରଣ ପାଇ କୃଷ୍ଣବଳରାମ ଅକ୍ରୁରଙ୍କ ସହ ରଥାରୋହଣ କରି ମଥୁରା ଯିବା ପାଇଁ ବାହାରିଲେ । କୃଷ୍ଣ ଥିଲେ ଗୋପୀଗୋପାଳମାନଙ୍କର ପ୍ରାଣର ପ୍ରାଣ । ତେଣୁ ଗୋପୀମାନେ ଏକତ୍ରିତ ହୋଇ କୃଷ୍ଣଙ୍କର ପଥରୋଧ କଲେ । ଶ୍ରୀକୃଷ୍ଣ ସେମାନଙ୍କୁ ରାସ୍ତା ଛାଡ଼ି ଦେବାକୁ ଅନୁରୋଧ କରି କହିଲେ- '...ମନରେ ନ ଭାଳ, ଗୋପୀଗୋପାଳ ଭେଟ ସର୍ବକାଳ ।' କିନ୍ତୁ ଗୋପୀମାନେ ଥିଲେ ନଛୋଡ଼ବନ୍ଧା । କେବେ ଓ କେଉଁଠାରେ ଦେଖାହେବ ବୋଲି ସେମାନେ କୃଷ୍ଣଙ୍କ ପାଖରେ ଅଳି କଲେ । ତହୁଁ ଶ୍ରୀକୃଷ୍ଣ କହିଲେ, ... 'ଚଳ ନୀଳଗିରି, ରତ୍ନ ସିଂହାସନେ ଥିବୁ ବିହରି / ସବୁହୁଁ ଅଧିକ ଅତି ପୁଣ୍ୟ ମାସ ଅଟେ କାର୍ତ୍ତିକ / ମୋତେ କାର୍ତ୍ତିକ ମାସରେ ଭେଟିବ, ରାଇ ଦାମୋଦର କରି ପୂଜିବ / ସିନ୍ଧୁକୂଳରେ ରାଇ ଦାମୋଦର, ମୋତେ ପୂଜିବ ଥିବି ମୁଁ ସେଠାର / ମୋର କାର୍ତ୍ତିକେ ଦାମୋଦର ମୂର୍ତ୍ତି. ମୋତେ ପୂଜିବ ଗୋ ଗୋପ ଯୁବତୀ(ଓଡ଼ିଆ ଓଷାବ୍ରତ କଥା) ।'

ଶ୍ରୀକୃଷ୍ଣଙ୍କ ଉପଦେଶ ଅନୁସାରେ ନୀଳାଚଳରେ କାର୍ତ୍ତିକ ମାସରେ ରାଧାଦାମୋଦରଙ୍କର ଯୁଗଳ ମୂର୍ତ୍ତିର ଆରାଧନା କରି ରାଧାଦାମୋଦର ବ୍ରତ ପାଳନ କରାଯାଏ । ମହାପ୍ରଭୁ ଜଗନ୍ନାଥ ବ୍ରତଧାରୀମାନଙ୍କର ଆରାଧନା ଶ୍ରଦ୍ଧାର ସହ ଗ୍ରହଣ କରନ୍ତି ବୋଲି ବିଶ୍ୱାସ କରାଯାଏ ଏବଂ ସେ ବିଷୟରେ ଶ୍ରୀକ୍ଷେତ୍ରରେ ଏକ ରୋଚକ ଲୋକକଥା ଶୁଣିବାକୁ ମିଳେ । ପୁରୀର ଶ୍ୱେତଗଙ୍ଗା ନିକଟରେ ବାସୁଦେବ ନାମକ ଜଣେ ବ୍ରାହ୍ମଣ ବାସ କରୁଥିଲେ । ତାଙ୍କ ମାଆ ଶ୍ରୀୟା, ପତ୍ନୀ ରାଧା ଓ ଭଉଣୀ ସୁମେଧାଙ୍କୁ ନେଇ ତାଙ୍କର ଚାରିଜଣର ପରିବାର । ରାଧା ଓ ସୁମେଧା ଥିଲେ ମହାପ୍ରଭୁ ଜଗନ୍ନାଥଙ୍କର ଭକ୍ତ । ସବୁ ବର୍ଷ କାର୍ତ୍ତିକ ମାସରେ ଦୁହେଁ ନିଷ୍ଠାର ସହ ରାଧାଦାମୋଦର ବ୍ରତ ପାଳନ କରୁଥିଲେ । କିନ୍ତୁ ବୁଢ଼ୀ ଶ୍ରୀୟାଙ୍କୁ ଏ ସବୁ ଭଲ ଲାଗୁ ନ ଥିଲା । ସକାଳୁ ସକାଳୁ ଘରର କାମଦାମ ଛାଡ଼ି ଝିଅ ଓ ବୋହୁର ପୂଜା କରି ଯିବାକୁ ଶ୍ରୀୟା ପସନ୍ଦ କରୁ ନଥିଲେ । ଦିନେ ନଣନ୍ଦ ଭାଉଜ ପୂଜା ପାଇଁ ବାହାରିବା ବେଳକୁ ଶ୍ରୀୟା ଭୀଷଣ ଝଗଡ଼ା କଲେ । ରାଧା ଓ ସୁମେଧାଙ୍କ ପୂଜାରେ ବିଳମ୍ବ ଘଟିଲା । ସମୟ ଗଡ଼ି ଯାଉଥିବାରୁ ଦୁହେଁ ମହାପ୍ରଭୁଙ୍କୁ ପ୍ରାର୍ଥନା କଲେ । ମହାପ୍ରଭୁ ଶ୍ରୀଜଗନ୍ନାଥ ତାଙ୍କ କାତର ପ୍ରାର୍ଥନା ଶୁଣିଲେ । ତାଙ୍କ ଆଦେଶରେ ମାତା ସରସ୍ୱତୀ ବୁଢ଼ୀର କଣ୍ଠରେ ବିଜେ ହେଲେ ଏବଂ ପୂଜା ପାଇଁ ଅନୁମତି ଦେଲେ । ନଣନ୍ଦ ଭାଉଜ ଡେରିରେ ସମୁଦ୍ର କୂଳକୁ ଯାଇ ପୂଜା ଆରାଧନା ଆରମ୍ଭ କଲେ । ସେମାନଙ୍କ ଭକ୍ତି ଓ ପୂଜାରେ ନିଷ୍ଠା ଦେଖି ମହାପ୍ରଭୁ ମୁଗ୍ଧ ହେଲେ ଓ ସେଠାରେ ଅନେକ ସମୟ ପର୍ଯ୍ୟନ୍ତ ରହିଗଲେ ।

ଏଣେ ଶ୍ରୀମନ୍ଦିରରେ ସକାଳ ଧୂପ ପାଇଁ ଗର୍ଭଗୃହରେ ପ୍ରସାଦ ବଢ଼ା ହେଲା ଏବଂ ଟେରା ପଡ଼ିଲା । ଧୂପ ପରେ ମହାପ୍ରଭୁଙ୍କୁ ଦର୍ଶନ କରିବା ପାଇଁ ଭକ୍ତମାନଙ୍କ ସହିତ ଗଜପତି ମହାରାଜା ମଧ୍ୟ ଅପେକ୍ଷା କରିଥିଲେ । ପ୍ରସାଦ ଅର୍ପଣ ପୂର୍ବରୁ ପଣ୍ଡା ମହାପ୍ରଭୁଙ୍କୁ ଆବାହନ କରି ଚଳୁରେ ଦର୍ଶନ କରନ୍ତି । ତା' ପରେ ଭୋଜନ ପ୍ରସାଦ ସମର୍ପଣ ହେବା ଶ୍ରୀମନ୍ଦିରର ପରମ୍ପରା । କିନ୍ତୁ ସେ ଦିନ ମହାପ୍ରଭୁ ରାଧା ଓ ସୁମେଧାର ପୂଜା ସମୁଦ୍ର କୂଳରେ ଗ୍ରହଣ କରୁଥିବାରୁ ଚଳୁରେ ଦର୍ଶନ ଦେଲେ ନାହିଁ । ଗଜପତି ଭାବିଲେ ଯେ ସେବକମାନେ କିଛି ଅନ୍ୟାଚାର କରି ଥିବାରୁ ଠାକୁର ଚଳୁରେ ଆସୁ ନାହାନ୍ତି । ତେଣୁ ସେ ତତକ୍ଷଣାତ୍ ସଂପୃକ୍ତ ସେବକମାନଙ୍କୁ ବହିଷ୍କାର କରି ଶାସନୀ ବ୍ରାହ୍ମଣମାନଙ୍କୁ ନିଯୁକ୍ତ କଲେ । ସେବକ ପ୍ରିୟ ଜଗନ୍ନାଥ ସତ୍ୟାଗ୍ରହ କଲେ । ସେ ନବନିଯୁକ୍ତ ସେବକମାନଙ୍କର ସେବା ଗ୍ରହଣ କଲେ ନାହିଁ । ତାହା ଦେଖି ଗଜପତି, ସେବକ, ସାଧୁସନ୍ଥ ଓ ଭକ୍ତମାନେ ମଧ୍ୟ ଉପବାସରେ ରହିଲେ । ତୃତୀୟ ଦିନ ରାତିରେ ମହାପ୍ରଭୁ ରାଜାଙ୍କୁ ସ୍ୱପ୍ନରେ କହିଲେ- 'ତିନିଦିନ ହେଲା ମୋ ଉପବାସ, ମୋର ପଣ୍ଡାଙ୍କୁ କରିଅଛୁ ବସ / ତୁ ଯେ ବୋଲିଲୁ ଉଚ୍ଛୁର ହୋଇଲା, ତହିଁ ପଣ୍ଡାଙ୍କର ଦୋଷ ନୋହିଲା / ମୋତେ ଦେଖିଲେ ସିନା ଚଳୁ ଦେବେ, ମୁଁ ତ ସେଠାରେ ନ ଥିଲି ଦଇବେ / ସେଇଠାରେ ମୋର ବଡ଼ ଶରଧା, ଯହିଁ ପୂଜନ୍ତି ଦାମୋଦର ରାଧା ।'(ଓଡ଼ିଆ ଓଷାବ୍ରତ କଥା) । ତା' ପରଦିନ ରାଜା ନିଜେ ମନ୍ଦିରକୁ ଯାଇ ପ୍ରଥମେ ମହାପ୍ରଭୁଙ୍କୁ କ୍ଷମା ପ୍ରାର୍ଥନା କଲେ । ତା' ପରେ ପଣ୍ଡାମାନଙ୍କୁ କ୍ଷମା ମାଗି ପୁଣି ସେମାନଙ୍କୁ ସେବାରେ ନିଯୁକ୍ତି ଦେଲେ । ମନ୍ଦିରର ନୀତିକାନ୍ତି ପୂର୍ବବତ୍ ସୁରୁଖୁରୁରେ ଚାଲିଲା ।

ମୋ: ୯୯୦୦୦୮୩୪୩୩

ସକାଳ
THE SAKALA
ଯୋଗାଯୋଗ ଠିକଣା
NEWS & INFO
news@thesakala.com
CIRCULATION
circulation@thesakala.com
ADVERTISEMENT
advt@thesakala.com
THE SAKALA
(A Unit of Nandighosha Network Pvt. Ltd.)
At: IDCO Plot No. 90 & 91, Bhagabanpur I/E, BBSR-751019
Ph.: 0674-2954342 | 2955342



ଦୈନିକ 'ସକାଳ' ଓ ଏହାର ବିଶେଷ ଅଧିପତ୍ର, ପତ୍ରିକା ଆଦିରେ ପ୍ରକାଶିତ ଆଲେଖ୍ୟର ଉଦ୍ଧୃତି, ତଥ୍ୟ, ମତାମତ, ବିଶ୍ଳେଷଣ ସମ୍ପୃକ୍ତ ଲେଖକଙ୍କ ସମ୍ପୂର୍ଣ୍ଣ ନିଜସ୍ୱ । ସେଥିପାଇଁ 'ସକାଳ' କର୍ତ୍ତୃପକ୍ଷ ଉତ୍ତରଦାୟୀ ହେବେ ନାହିଁ ।

## ଜୟ ଢ଼ୋଲକିଆ ହେବେ ବିଜେପି ପ୍ରାର୍ଥୀ

# ବୃହତ୍ ବ୍ୟବଧାନରେ ବିଜୟୀ ହେବୁ: ବିଜେଡି

## ପ୍ରତାରକଙ୍କୁ ଉଚିତ୍ ଜବାବ ଦେବେ ନୂଆପଡ଼ାବାସୀ

ଭୁବନେଶ୍ୱର,୧୪।୧୦(ସମିସ): ଚଳିତ ବର୍ଷ ଦଶହରା ପରେ ପରେ ରାଜ୍ୟର ପାଣିପାଗ ନରମ ହେଉଥିବାବେଳେ ନୂଆପଡ଼ା ରାଜନୀତି ଉଷ୍ମ ହେବାରେ ଲାଗିଛି। ପୂର୍ବରୁ କଂଗ୍ରେସ ଘାସିରାମ ମାଝୀଙ୍କୁ ପ୍ରାର୍ଥୀ ଘୋଷଣା କରିଥିବାବେଳେ ବିଜେପି ଜୟ ଢ଼ୋଲକିଆଙ୍କୁ ପ୍ରାର୍ଥୀ କରିବାକୁ ନିଷ୍ପତ୍ତି ନେଇଛି । ଆସନ୍ତା ୧୬ ତାରିଖରେ ଜୟ ଢୋଲକିଆ ବିଜେପି ପ୍ରାର୍ଥୀଭାବେ ନାମାଙ୍କନ ଦାଖଲ କରିବେ। ଏହି ଅବସରରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, ରାଜ୍ୟ ସଭାପତି ମନମୋହନ ସାମଲ,

### ଉଷ୍ମ ହେଉଛି ନୂଆପଡ଼ା ରାଜନୀତି

ଦଳର ମନ୍ତ୍ରୀ, ସାଂସଦ ଓ ବିଧାୟକମାନେ ଉପସ୍ଥିତ ରହିବେ ବୋଲି ବିଜେପି ସାଂସଦ ସୁଜିତ୍ କୁମାର ସୂଚନା ଦେଇଛନ୍ତି ।

ଅନ୍ୟପକ୍ଷରେ ନୂଆପଡ଼ା ଉପନିର୍ବାଚନ ପ୍ରସଙ୍ଗରେ ବିଜେଡିର ବରିଷ୍ଠ ନେତା ତଥା ବିଧାୟକ ଅରୁଣ କୁମାର ସାହୁ ବିଜେପିକୁ ତେରଛା ବାଣ ମାରିବା ସହ ଅକଳ୍ପନୀୟ ବ୍ୟବଧାନରେ ବିଜେଡି ବିଜୟ ହେବ ବୋଲି ଦୃଢ଼ୋକ୍ତି ପୋଷଣ କରିଛନ୍ତି। ସେ କହିଛନ୍ତି ଯେ ଗତକାଲି ଉପନିର୍ବାଚନ ବିଜ୍ଞପ୍ତି ପ୍ରକାଶ ପାଇଛି। ବିଜେଡି ଠିକଣା ସମୟରେ ବଢ଼ିଆ ପ୍ରାର୍ଥୀ ଦେବ, ସେ ନେଇ ସନ୍ଦେହ ପ୍ରକାଶ କରିବାର ଆବଶ୍ୟକତା ନାହିଁ।ନୂଆପଡାରେ ଜିତାପଟ ହାସଲ କରିବା ବିଜେଡିର ଆଭିମୁଖ୍ୟ । ସେହି ଅନୁଯାୟୀ ଦଳ କାର୍ଯ୍ୟ କରୁଛି। ଜଣେ ଚାଲିଗଲା ପରେ ତାଙ୍କ ପରିବାରରୁ ଜଣଙ୍କୁ ପ୍ରାର୍ଥୀ ଦେବା ପରମ୍ପରା ବନ୍ଦ ହେବା ଆବଶ୍ୟକ ବୋଲି ସେ ମତବ୍ୟକ୍ତ କରିଛନ୍ତି।

ଅନୁରୂପ ଭାବରେ ବିଜେଡିର ଅନ୍ୟତମ ବିଧାୟକ ସାରଦା ପ୍ରସନ୍ନ ଜେନା କହିଛନ୍ତି ଯେ ବିଜେଡି ଓ ନବୀନ ପଟ୍ଟନାୟକଙ୍କ ସହ ନୂଆପଡ଼ାବାସୀ ଅଛନ୍ତି। ପ୍ରତାରଣା କରୁଥିବା ଲୋକଙ୍କ ସହ ନୂଆପଡ଼ାବାସୀ ରହିବେ ନାହିଁ ବୋଲି ନିଷ୍ପତ୍ତି ନେଇ ସାରିଛନ୍ତି। ରାଜ୍ୟ ବିଜେପି ସରକାର ରାଜ୍ୟ ସହ ପ୍ରତାରଣା କରୁଥିବା ବେଳେ ଜୟ ଢୋଲକିଆ ନୂଆପଡ଼ାବାସୀଙ୍କ ସହ ପ୍ରତାରଣା କରିଛନ୍ତି। ଉଭୟଙ୍କୁ ଭୋଟର ଠିକଣା ସମୟରେ ଜବାବ୍ ଦେବେ। ନୂଆପଡା ଉପ ନିର୍ବାଚନ ପାଇଁ ବଡ଼ ଷ୍ଟ୍ରାଟେଜି ବିଜେଡି କରିଛି। ବିଜେଡି ଯେଉଁ ଷ୍ଟାଇଲରେ ଲଢ଼ିବ ବିଜେପି ତାହା ପରିକଳ୍ପନା ବି କରି ପାରିବ ନାହିଁ। ପ୍ରାର୍ଥୀ ଚୟନ କୁ ନେଇ ଦଳରେ କୌଣସି ଅଡୁଆ ନାହିଁ। ଠିକ ସମୟରେ ସଭାପତି ପ୍ରାର୍ଥୀଙ୍କ ନାମ ଘୋଷଣା କରିବେ ବୋଲି ସେ କହିଛନ୍ତି।

## ବଡ଼ଧରଣର ନିଶା କାରବାର ରାକେଟ ପର୍ଦ୍ଦାଫାସ

# ୫୧୦୦ ବୋତଲ କଫ୍‌ସିରପ୍ ଜବତ, ୨୦ ଗିରଫ

ସମ୍ବଲପୁର, ୧୪।୧୦(ସମିସ): ସମ୍ବଲପୁର ପୁଲିସ ଆଜି ଏକ ବଡ଼ଧରଣର ନିଶା କାରବାର ରାକେଟ୍‌ର ପର୍ଦ୍ଦାଫାସ କରିଛି। ବରେଇପାଲି ଥାନା ଅଞ୍ଚଳରେ ବେଆଇନ ଭାବେ ଚାଲାଣ ହେଉଥିବା ୫୧୦୦ ବୋତଲ କଫସିରପ୍ ଜବତ କରିବା



ସହ ଏଥିରେ ସମ୍ପୃକ୍ତ ୨୦ ଜଣଙ୍କୁ ଗିରଫ କରିଛି। ସେମାନଙ୍କ ମଧ୍ୟରୁ ପାଞ୍ଚଜଣ ଏହି କାରବାରର ମାଷ୍ଟରମାଇଣ୍ଡ ବୋଲି ଜଣାଯାଇଛି। ଅଭିଯୁକ୍ତମାନେ ହେଲେ, ଲୋକେଶ ପଧାନ ଓରଫ୍ ଆକାଶ (୩୦), ମନୀଷ ସିଂହ (୨୭), ମହିନ୍ଦ୍ର କିସାନ(୨୫), ପ୍ରଭାତ ଭୋଇ ଓରଫ୍ ଟିଟୁ (୨୩), ଅମୋଦ କରାଲି (୩୨), ତ୍ରିନାଥ ବେହେରା ଓରଫ୍ ଟିନୁ (୩୧), ଶେଖ ଫିରୋଜ ଓରଫ୍ ସୋନୁ (୨୯), ପୀତବାସ ସାହୁ (୪୦), ସତ୍ୟମ ନାଗ (୩୩), ଚିଣ୍ଟୁ ସୁନା (୨୫), ସଞ୍ଜୀବ ମେହେର (୨୦), ରବି ଦାସ ଓରଫ ସାହୁ (୨୫) ଓ ସତ୍ୟମ ସ୍ୱାଇଁ (୩୦), ଦୁର୍ଗା ଦୀପ (୪୦), ବସନ୍ତ ଗୁରୁ (୨୭), ସୁଦର୍ଶନ ରାଉତ ଓରଫ୍ ସୋନୁ (୨୩), ହାସାନ ରାଜା (୨୪), ପପି ବିଭାର (୨୫), ଅମନ ଦୀପ (୨୧) ଓ ଅନିଲ ଯାଦବ (୩୨)। ସେମାନଙ୍କଠାରୁ ଗୋଟିଏ କାର, ଗୋଟିଏ ପିକ୍‌ଅପ୍ ଭ୍ୟାନ, ୧୭ଟି ଜରିବ୍ୟାଗ୍‌ରେ ୫୧୦୦ ବୋତଲ ଏସ୍‌କଫ୍ କଫସିରପ୍, ୫ଟି ମୋବାଇଲ ଓ ନଗଦ ୪୦,୯୨୦ ଟଙ୍କା ଜବତ କରାଯାଇଛି। ଜବତ କଫସିରପ୍‌ର ମୂଲ୍ୟ ପାଖାପାଖି ୧୫ ଲକ୍ଷ ଟଙ୍କା ହେବ ବୋଲି ଆକଳନ କରାଯାଉଛି। ଜିଲ୍ଲା ପୁଲିସ କାର୍ଯ୍ୟାଳୟରେ ଆରକ୍ଷୀ ଅଧୀକ୍ଷକ ମୁକେଶ କୁମାର ଭାମୁ ଆଜି ଏକ ସାମ୍ବାଦିକ ସମ୍ମିଳନୀରେ ଏହି ସୂଚନା ଦେଇଛନ୍ତି। ଏହି ମାମଲାର ତଦନ୍ତ ଜାରି ରହିଛି ଏବଂ ଆଗକୁ ଗିରଫଦାରୀ ସଂଖ୍ୟା ବଢ଼ିବ ବୋଲି ସେ କହିଛନ୍ତି। ବରେଇପାଲି ପୁଲିସ ଏକ ମାମଲା ରୁଜୁ କରି ଅଭିଯୁକ୍ତମାନଙ୍କୁ କୋର୍ଟଚାଲାଣ କରିଛି।

ଏସ୍‌ପି ଶ୍ରୀ ଭାମୁ କହିଛନ୍ତି, ଅଭିଯୁକ୍ତ ଲୋକେଶ, ମହିନ୍ଦ୍ର, ପ୍ରଭାତ, ଅମୋଦ ଓ ମନୀଷ ଗୋଟିଏ ପିକ୍‌ଅପ୍ ଓ କାର୍‌ରେ କଟକରୁ ଏହି ବେଆଇନ କଫସିରପ୍ ଆଣିଥିଲେ। ଏହି କଫସିରପ୍‌କୁ ସେମାନେ

### କଟକକୁ ଲମ୍ବିଛି ଚେର

ବିଭିନ୍ନ ପଡ଼ାରେ ବେଆଇନ ବିକ୍ରୟକାରୀଙ୍କୁ ଦେଇଥାନ୍ତେ। ପଚରାଉଚରା ସମୟରେ ଲୋକେଶ କହିଛି ଯେ ସେ ସ୍ଥାନୀୟ କଫସିରପ ଚାଲାଣକାରୀମାନଙ୍କଠାରୁ ଟଙ୍କା ସଂଗ୍ରହ କରି ପରଧିଆପାଲିର ଚନ୍ଦ୍ରଶେଖର ନାଏକକୁ ଦେଇଥିଲା। ସେ ୟୁପିଆଇ ଜରିଆରେ କଟକର ଡ୍ରଗ୍ ଯୋଗାଣକାରୀକୁ ଟଙ୍କା ପଠାଇଥିଲା। ଏହି ମାମଲାର ତଦନ୍ତ ଜାରି ରହିଛି। ଫେରାର୍ ଥିବା କିଛି ଅଭିଯୁକ୍ତଙ୍କୁ ଖୁବ୍‌ଶୀଘ୍ର ଗିରଫ କରାଯିବ ବୋଲି ଏସ୍‌ପି କହିଛନ୍ତି। ମୁଖ୍ୟ ଅଭିଯୁକ୍ତ ୫ ଜଣ ଧରାପଡ଼ିଥିବାବେଳେ ୨ ଜଣ ଫେରାର ଅଛନ୍ତି। ଏହିଭଳି ନିଶା କାରବାରକୁ କିଛି ଲୋକ ଆର୍ଥିକ ସହଯୋଗ ଦେଉଛନ୍ତି, ସେମାନଙ୍କ ପର୍ଦ୍ଦାଫାସ କରାଯିବା ସହ ସେମାନଙ୍କ ସମ୍ପତ୍ତି ବ୍ୟାଜ୍ୟାପ୍ତ କରାଯିବ। ପ୍ରାୟ ସମସ୍ତଙ୍କ ନାମରେ ଅପରାଧିକ ମାମଲା ରହିଛି।

# ପୂର୍ଣ୍ଣଗର୍ଭା ହୀରାକୁଦ

**ଜଳସ୍ତର ୬୩୦ ଫୁଟ୍**

ସମ୍ବଲପୁର, ୧୪।୧୦ (ସମିସ): ପୂର୍ଣ୍ଣଗର୍ଭା ହୀରାକୁଦ। ମଙ୍ଗଳବାର ସନ୍ଧ୍ୟା ୬ଟା ସୁଦ୍ଧା ଜଳଭଣ୍ଡାରର ସର୍ବୋଚ୍ଚ ଜଳଧାରଣ କ୍ଷମତା ୬୩୦ ଫୁଟ୍ ଛୁଇଁଛି। ନଦୀବନ୍ଧର ବାମପାର୍ଶ୍ୱର ୨ଟି ଓ ଡାହାଣ ପାର୍ଶ୍ୱର ଗୋଟିଏ; ଏହିଭଳି ମୋଟ ୩ଟି ସ୍ଲୁଇସ୍ ଗେଟ୍ ଦେଇ ବନ୍ୟାଜଳ ନିଷ୍କାସନ ଜାରି ରହିଛି। ଜଳଭଣ୍ଡାରକୁ ସେକେଣ୍ଡ ପ୍ରତି ୮୧,୬୮୭ ଘନଫୁଟ୍ ଜଳ ପ୍ରବେଶ କରୁଥିବା ବେଳେ ପାୱାର ଚ୍ୟାନେଲ, ଶିଳ୍ପାନୁଷ୍ଠାନ, କେନାଲ ଆଦି ଦେଇ ସମାନ ପରିମାଣର ଜଳ ନିଷ୍କାସିତ ହେଉଛି। ସ୍ପିଲୱେ ଦେଇ ୪୯,୩୨୦ ଘନଫୁଟ୍ ଜଳ ନିଷ୍କାସିତ ହେଉଥିବା ବେଳେ ପାୱାର ଚ୍ୟାନେଲ ଦେଇ ୨୭,୭୦୭ ଘନଫୁଟ, ଶିଳ୍ପାନୁଷ୍ଠାନ ସକାଶେ ୨୩୬ ଘନଫୁଟ, କେନାଲ ପାଇଁ ୪,୫୨୪ ଘନଫୁଟ ଜଳ ନିଷ୍କାସିତ ହେଉଛି। ଗତବର୍ଷ ଆଜିର ଦିନରେ ହୀରାକୁଦ ଜଳଭଣ୍ଡାରର ଜଳସ୍ତର ୬୨୮.୫୦ ଫୁଟ୍ ରହିଥିବା ନଦୀବନ୍ଧ ସୂତ୍ରରୁ ପ୍ରକାଶ।


**PUJA OFFER SALE**

Book Now 2/3 BHK Flats Price Starts from 72 Lakhs Gadhwal Heights, Goutam Nagar, Gadhwal Grand 4, Jagamara, Gadhwal SB Homes, Ghatikia, Bhpl Krishna, Bharatpur, Bhpl Rudra, Ghatikia, Ready to move RJ Palace, Samantarapur, Bhubaneswar. Contact Gadhwal Group.

**9437015112**


**ପୂର୍ବ ତଟ ରେଳପଥ**

**ଶୁଦ୍ଧିପତ୍ର ସଂ. - 01**

ଟେଣ୍ଡର ବିଜ୍ଞପ୍ତି ସଂ. ETCECONIBBS2025044
ତା. 25.09.2025 ରିଖ

ଉପରୋକ୍ତ ଟେଣ୍ଡର ବିଜ୍ଞପ୍ତିରେ ନିମ୍ନଲିଖିତ ସଂଶୋଧନ କରାଯାଇଛି, ଯାହାକୁ ଦୟାକରି ଧ୍ୟାନ ଦେବା ଆବଶ୍ୟକ।

**ବିଷୟ :** ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ :-

| ପ୍ରକାଶିତ ଅନୁଯାୟୀ | ବର୍ତ୍ତମାନ ପଢ଼ାଯିବା ଆବଶ୍ୟକ |
|---|---|
| ତା.28.10.2025 ରିଖ 1200 ଘଟିକାରେ | ତା.07.11.2025ରିଖ 1200 ଘଟିକାରେ |

ବିସ୍ତୃତ ବିବରଣୀ ନିମନ୍ତେ ଦୟାକରି ୱେବସାଇଟ୍ : www.ireps.gov.in ଅବଲୋକନ କରନ୍ତୁ।

ମୁଖ୍ୟ ପ୍ରଶାସନିକ ଅଧିକାରୀ (ନିର୍ମାଣ)/ ଭୁବନେଶ୍ୱର

PR-133/CI/25-26

**AFFIDAVIT**

By Virtue of an affidavit sworn before The Notary Public, Bhubaneswar Vide CF No 743, date- 16/09/2025 I , Elieo harijan, resident of At- Tikirachura, Po-Binjili, Po-Kosagumunda,Dist-Nabarangapur ,Pin-764058, declare that I have changed my daughter 's name from Suhana Abha Rani to Suhana Abharani Chalki. Hens,Suhana Abharani Chalki She shall be know as For all future purposes.

**SUHANA ABHARANI CHALKI**

**AFFIDAVIT**

By Virtue of an affidavit Sl. No. 437/25, dtd. 14.05.2025 before the Notary Public, Bhubaneswar, I, Ruksana Begum, At- Ray No.90, Shanti Nagar, Sikharchandi, Po. KIIT, Ps.-Infocity, Bhubanesar have changed my minor son's name from Rajaya Mustafa to Mir Raza E Mustafa for all purposes. Henceforth he shall be known as **Mir Raza E Mustafa** for all purposes.

**Sd/- Ruksana Begum**

# ଚୌଦ୍ୱାର କଏଦୀ ଫେରାର ପଛରେ ଆନ୍ତରାଜ୍ୟ ଗ୍ୟାଙ୍ଗ!

ଭୁବନେଶ୍ୱର,୧୪।୧୦(ସମିସ):ଚୌଦ୍ୱାର ଜେଲ୍‌ରୁ ଫେରାର ଦୁଇ କୁଖ୍ୟାତ ଅପରାଧୀଙ୍କ ପତ୍ତା ଏଯାଏ ପୁଲିସ ପାଇନାହିଁ । ମାତ୍ର ଏହି ଘଟଣାକୁ ନେଇ ଯେଉଁ ନୂଆ ନୂଆ ତଥ୍ୟ ଆସୁଛି ତାହା ଅତ୍ୟନ୍ତ ସାଂଘାତିକ ବୋଲି କୁହାଯାଉଛି । ଆନ୍ତରାଜ୍ୟ ଅପରାଧୀ ଗୋଷ୍ଠୀର

- **ମାସକ ତଳୁ ଯୋଜନା, ଜେଲ କର୍ମଚାରୀଙ୍କ ସଂପୃକ୍ତି ସନ୍ଦେହ**
- **ଫେରାର ଘଟଣା ପରେ ପଶିଲା ଜେଲ ବିଭାଗର ଚେତା**
- **ଏଣିକି ନିୟମିତ ଜେଲ ବୁଲିବେ ଜିଲ୍ଲାପାଳ ଆଉ ଏସ୍‌ପି**

ମୁଖ୍ୟ କୁହାଯାଉଥବା ସୁବ୍ରତ ସିଂହ ପ୍ରାୟ ମାସକ ତଳୁ ଏଥିପାଇଁ ଯୋଜନା କରିଥିଲା ଓ ଶେଷରେ ଦୁଇ ଅପରାଧୀଙ୍କୁ ଫେରାର କରିବାରେ ସଫଳ ହୋଇଥିଲା। ଯେଉଁପରି ଭାବରେ ଦୁଇ ଅପରାଧୀ ଫେରାର ହେଲେ, ସେଥିରେ ଜେଲ ବିଭାଗ କର୍ମଚାରୀଙ୍କ ସହଯୋଗ ଥିବା ଜଳଜଳ ଦିଶୁଛି । ଜେଲ କର୍ମଚାରୀଙ୍କ ସହଯୋଗ ବିନା ଦୁଇ ହତ୍ୟା ଅଭିଯୁକ୍ତ ଅପରାଧୀ କେବେ ବି ଫେରାର ହୋଇ ପାରି ନ ଥାନ୍ତେ ବୋଲି ମଧ୍ୟ ଅଭିଯୋଗ ହୋଇଛି ।

ଏହାପରେ ଜେଲ ବିଭାଗର ଚେତା ପଶିଛି। ରାଜ୍ୟରେ ଥିବା ସବୁ ଜେଲକୁ ଅଚାନକ ପରିଦର୍ଶନ କରିବାକୁ ସବୁ ଜିଲ୍ଲାର ଜିଲ୍ଲାପାଳ ଓ ଏସ୍‌ପିଙ୍କୁ ନିର୍ଦ୍ଦେଶ ଦେଇଛନ୍ତି ଜେଲ ଡିଜି ସୁଶାନ୍ତ ନାଥ। ଜେଲରେ ରହୁଥିବା ଅଭିଯୁକ୍ତ, ବିଚାରାଧୀନ କଏଦୀଙ୍କୁ ମୌଳିକ ସୁବିଧା ମିଳୁଛି କି ନାହିଁ ତାହାର ତଦାରଖ କରିବେ ଜିଲ୍ଲାପାଳ ଓ ଏସପି। ଜିଲ୍ଲାସ୍ତରର ଏହି ଦୁଇ ଅଧିକାରୀ ନିୟମିତ ବ୍ୟବଧାନରେ ଜେଲକୁ ଅଚାନକ ପରିଦର୍ଶନ କରିବେ ଓ ଏହାଦ୍ୱାରା ଜେଲ ପରିଚାଳନାରେ ସ୍ୱଚ୍ଛତା ଏବଂ ଶୃଙ୍ଖଳା ବଜାୟ ରହିପାରିବ ବୋଲି ସେ କହିଛନ୍ତି। ଉଚ୍ଚ ଅଧିକାରୀଙ୍କ ପରିଦର୍ଶନ ଫଳରେ ଜେଲ୍ କର୍ମଚାରୀ ଦାୟିତ୍ୱସମ୍ପନ୍ନ ହେବେ ଓ କଏଦୀମାନେ ଆଉ ଫେରାର ହେବାକୁ ସାହାସ ଜୁଟାଇବେ ନାହିଁ ବୋଲି ଜେଲ ବିଭାଗ ମନେ କରୁଛି। ଅବଶ୍ୟ ଜେଲ ମାନୁଆଲରେ ପୂର୍ବରୁ ବ୍ୟବସ୍ଥା ଥିଲେ ମଧ୍ୟ ଏହାକୁ କାର୍ଯ୍ୟକାରୀ କରାଯାଉ ନ ଥିଲା। ମାତ୍ର ଚୌଦ୍ୱାର ଜେଲରୁ ଦୁଇ କଏଦୀ ଫେରାର ହେବା ପରେ ଜେଲ ବିଭାଗ ତତ୍ପର ହୋଇ ଉଠିଛି। ଗତକାଲି ଜେଲରଙ୍କୁ ବଦଳି କରାଯିବା ପରେ ଆଜି ସମସ୍ତ ଜେଲକୁ ବୁଲିବା ପାଇଁ ଜିଲ୍ଲାପାଳ ଏବଂ ଏସ୍‌ପିଙ୍କୁ ଜେଲ୍ ଡ଼ିଜି ଚିଠି ଲେଖିଛନ୍ତି ।

**GOVERNMENT OF ODISHA**
**"e" PROCUREMENT NOTICE**
A-729

**Bid Identification No: S.E. KCD-I (KIP)-07/2025-26**
**(Pertaining to Kanpur Canal Division-I, Jhumpura)**

| | | |
|---|---|---|
| 1. | Name of the Work | "M/R to Kanupur Irrigation Colony, Jhumpura for the FY 1st June 2025 to 31 March 2026." |
| 2 | Estimated cost | Rs.6,26,590.00 |
| 3 | Period of completion | 06 (Six) Calendar Months including rainy season. |
| 4 | Date & time of availability of bid document in the portal | Dt.15.10.2025 from 10.00 Hours to Dt.29.10.2025 up to 17.00 Hours |
| 5 | Last date / Time for receipt of bids in the portal | 29.10.2025 up to 17.00 Hours. |
| 6 | Date & Time of opening of tender | 30.10.2025 at 11.00 Hours. |
| 7 | Name and address of the Officer Inviting Bid | Er Duryodhan Kisan, Superintending Engineer, Kanpur Canal Division-I, At/PO- Jhumpura, Dist- Keonjhar, Odisha-758031 |

Further details can be seen from the e-Procurement portal "https://www.tendersodisha.gov.in."

(Er. Duryodhan Kisan)
Superintending Engineer,
Kanpur Canal Division-I,
Jhumpura, Keonjhar, Odisha..

OIPR-32157/11/0005/2526

**AFFIDAVIT**

By virtue of an affidavit (Date.22/09/2025) sworn before the Executive Magistrate, Padampur. I, **Mamata Bhoi** (new name), W/o Late Himanshu Sekhar Sahoo, permanent & current resident of AT/PO- Kanut, Dist- Balangir, PIN- 767026, Odisha declare that I have changed my name from **Mamata Sahoo** (old name) to **Mamata Bhoi** (new name). Henceforth, I shall be known as **Mamata Bhoi** (new name) for all purposes.

**Mamata Bhoi**

**AFFIDAVIT**

By virtue of an affidavit sworn before Notary Public, Bhubaneswar, on dated 10.10.2025, I Sangram Kishore Rout, Resident At- Panamurga, Po- Ghatipiri, Dist- Dhenkanal, Odisha, PIN- 759015, declare that I have changed my son's name from Saubhagya Jena to Soubhagya Rout. Henceforth, He shall be known as **SOUBHAGYA ROUT** for all future purposes.

**AFFIDAVIT**

I, Jabir Mohammed, S/o- Late Sagir Mohammad, resident of Paikerapur, Post- Chhatia, Ps- Byree, Dist- Jajpur, PIN- 754023, Odisha declare by this affidavit No. 312, dtd- 27.09.2025 that now onwards I shall be known as **JABIR MOHAMMAD** for all future purposes.

**AFFIDAVIT**

I, Smt. Kamalesh Kumari Parida, W/o- Lingraj Parida, at Adarshmarg, Po/Ps– Ainthapali, Dist.: Sambalpur, declare by this affidavit before Notary Public, Sambalpur that my maiden name was Kamalesh Kumari Dang as per my Voter ID. After married with Lingraj Parida, my name changed from Kamalesh Kumari Dang to Kamalesh Kumari Parida. Henceforth, I shall be known as **Kamalesh Kumari Parida** for all purposes.

■ ଏମ୍‌କେସିଜି ଇଣ୍ଟରମେଡିସ୍ ପ୍ରତିଯୋଗିତାରେ ଅଘଟଣ

# ଦୁଇ ଛାତ୍ରଗୋଷ୍ଠୀଙ୍କ ମଧ୍ୟରେ ରକ୍ତାକ୍ତ ସଂଘର୍ଷ

ବ୍ରହ୍ମପୁର, ୧୪।୧୦ (ସମିସ): ଏମ୍‌କେସିଜି ମେଡିକାଲ କଲେଜ ଛାତ୍ର ସଂସଦ ପକ୍ଷରୁ ଆୟୋଜିତ ଇଣ୍ଟର୍ ମେଡିସ୍ ପ୍ରତିଯୋଗିତାରେ ସୋମବାର ମଧ୍ୟରାତ୍ରିରେ ୨ଛାତ୍ର ଗୋଷ୍ଠୀଙ୍କ ମଧ୍ୟରେ ରକ୍ତାକ୍ତ ସଂଘର୍ଷ ଘଟିଛି। ଏଥିରେ କଟକ ଏସ୍‌ସିବି, ବୁର୍ଲା ଭିମ୍‌ସାର ଓ ଏମ୍‌କେସିଜି ମେଡିକାଲ କଲେଜର ୬ରୁ ଊର୍ଦ୍ଧ୍ୱ ଛାତ୍ର ଆହତ ହୋଇଛନ୍ତି।

- **ଭାଙ୍ଗିଲେ ଏସ୍‌ସିବି ଓ ଏମ୍‌କେସିଜିର ବସ୍**
- **ବିଭିନ୍ନ ମେଡିକାଲ କଲେଜର ୬ରୁ ଊର୍ଦ୍ଧ୍ୱ ଛାତ୍ର ଆହତ**

ଏମ୍‌କେସିଜି ଓ ଏସ୍‌ସିବି ମେଡିକାଲ ଛାତ୍ରଙ୍କ ମଧ୍ୟରେ ପ୍ରଥମେ କଥା କଟାକଟି ଓ ପରେ ଉଭୟଙ୍କ ମଧ୍ୟରେ ମାରପିଟ ମଧ୍ୟ ହୋଇଥିଲା। ଏଥିରେ ଏସ୍‌ସିବି, ଭିମ୍‌ସାର ଓ ଏମ୍‌କେସିଜି ମେଡିକାଲ୍ କଲେଜର ୬ରୁ ଊର୍ଦ୍ଧ୍ୱ ଛାତ୍ର ଆହତ ହୋଇଥିବା ବେଳେ ୩ଜଣ ଛାତ୍ର ରକ୍ତାକ୍ତ ହୋଇ ମେଡ଼ିକାଲର ଆଶୁ ଚିକିତ୍ସା ବିଭାଗରେ ଭର୍ତ୍ତି ହୋଇଥିଲେ। ପରେ ଉଭୟ ଗୋଷ୍ଠୀଙ୍କ ପକ୍ଷରୁ ହୋଇଥିବା ଢେଲା ଓ କାଚ ବୋତଲ ମାଡ଼ରେ ଏମ୍‌କେସିଜି ଓ ଏସ୍‌ସିବି ମେଡ଼ିକାଲ୍ କଲେଜର ବସ୍ ଭାଙ୍ଗିଥିଲା। ଖବର ପାଇ ମେଡିକାଲ କଲେଜର କିଛି ବରିଷ୍ଠ ଡାକ୍ତର ଘଟଣାସ୍ଥଳରେ ପହଞ୍ଚି ଉଭୟ ଗୋଷ୍ଠୀର ଛାତ୍ରଙ୍କୁ ବୁଝାସୁଝା କରିଥିଲେ। ପରେ କଟକ ଏସ୍‌ସିବି ଛାତ୍ରମାନେ ଏମକେସିଜି ମେଡିକାଲ ଛାଡ଼ି ପଳାଇଥିଲେ।

## ଯାନ୍ତ୍ରିକ ପଦ୍ଧତିରେ ଧାଡ଼ି ବୁଣା ଧାନ ଯନ୍ତ୍ର

ଚଳିତ ବର୍ଷ ରାଜ୍ୟ ସରକାରଙ୍କ ଦ୍ୱାରା ରାଜ୍ୟ ଯୋଜନା ଅନ୍ତର୍ଗତ ଧାଡ଼ିରେ ଧାନ ବୁଣା ଯନ୍ତ୍ର ୨୦୨୫ - ୨୬ ବର୍ଷରେ ଆମ୍ଭ ଢେଙ୍କାନାଳ ଜିଲ୍ଲାରେ ୮୮୦ ହେକ୍ଟର ଚାଷ ଜମିରେ ଧାଡ଼ି ପ୍ରଣାଳୀରେ ଧାନ ବୁଣା ଯନ୍ତ୍ର ଦ୍ୱାରା ଚାଷ କରାଯାଇଅଛି । ଆମ୍ଭ ଜିଲ୍ଲାର ସାତଟି ବ୍ଲକ ତଥା ସଦର, ଗଁଦିଆ, ଓଡ଼ାପଡ଼ା, ହିନ୍ଦୋଳ, କାମାକ୍ଷାନଗର, ଭୁବନ ଓ କଙ୍କଡ଼ାହାଡ଼ ବ୍ଲକରେ ଏହି ଯୋଜନା ଚାଲୁଅଛୁ ।

ଏହି ଅତ୍ୟାଧୁନିକ ପ୍ରଣାଳୀ ଦ୍ୱାରା ଜମିରେ ପାଣିର ଅବଶ୍ୟକତା କମ୍ ଥାଏ ଉପଯୁକ୍ତ ଗଭୀରତାରେ ଗଛକୁ ଗଛକୁ ଦୂରତାରେ ବିହନ ବୁଣା ଯାଏ । ଅଙ୍କୁରୋଦଗମ ଗଜା ଶକ୍ତି ବୃଦ୍ଧି ହୁଏ ଏବଂ ଅଧିକ ଲାଭ ମିଳେ । ଏହା ଦ୍ୱାରା ଖର୍ଚ୍ଚ କମ୍, ଶୀଘ୍ର ଅମଳ ଏବଂ ଶ୍ରମ କମ୍ ହୋଇଥାଏ । ସରକାରଙ୍କ ଦ୍ୱାରା ପ୍ରତି ଚାଷୀ ମାନେ ଏହି ଯୋଜନା ଦ୍ୱାରା ଉପକୃତ ହେବେ ।

ମୁଖ୍ୟ ଜିଲ୍ଲା କୃଷି ଅଧିକାରୀ
ଢେଙ୍କାନାଳ

**AFFIDAVIT**

By virtue of an affidavit before the Notary Public, Titilagarh, on dated- 13/09/2025. I, **Pradyumna Benia** (new name), formerly called as **Pradyumna Jenia** (old name), S/o Madana Benia, permanent resident of AT- Amurla, PO- Binekela, PS- Titilagarh, Dist- Balangir, (Odisha), PIN- 767033 now residing at the same place declare that I have changed my name from **Pradyumna Jenia** (old name) to **Pradyumna Benia** (new name). Henceforth in all records, deeds and writing in all proceeding, dealing and transaction private as well as public and upon all occasion I shall be known as **Pradyumna Benia** (new name) for all purposes.

**Pradyumna Benia**

**AFFIDAVIT**

By virtue of an affidavit sworn before Notary public Bhubaneswar on dated, 13.10.2025, I Binod Kumar Behera, resident At- Haridagahir, Ps- Karikol, Sub Dist- Athagad, Dist- Cuttack, Odisha, PIN- 754209 declare that I have changed my name from Binod Kumar Beura to Binod Kumar Behera. Henceforth I shall be known as **BINOD KUMAR BEHERA** for all purposes.

## ଡିସେମ୍ବର ୧୩ରୁ ୭ମ ବାରିପଦା ଜାତୀୟ ଆଦିବାସୀ କ୍ଷୁଦ୍ର ଚଳଚ୍ଚିତ୍ର ଉତ୍ସବ



ବାରିପଦା,୧୪।୧୦(ସମିସ): ସାନ୍ତାଳୀ ଆର୍ଟ ଆଣ୍ଡ ଫିଲ୍ମ ଡେଭେଲପମେଣ୍ଟ ଫାଉଣ୍ଡେସନ୍ ଆନୁକୂଲ୍ୟରେ ୭ମ ବାରିପଦା ଜାତୀୟ ଆଦିବାସୀ କ୍ଷୁଦ୍ର ଚଳଚ୍ଚିତ୍ର ଉତ୍ସବ ଡିସେମ୍ବର ୧୩ ଓ ୧୪ ତାରିଖରେ ଅନୁଷ୍ଠିତ ହେବ। ଜାତୀୟସ୍ତରୀୟ ଏହି ପ୍ରତିଯୋଗିତାରେ ପ୍ରତିବର୍ଷ ପରି ଏବର୍ଷ ମଧ୍ୟ ଦୁଇଟି ବିଭାଗ ଯଥା କ୍ଷୁଦ୍ର ଚଳଚ୍ଚିତ୍ର (୩୦ମିନିଟ) ଓ ଡକ୍ୟୁମେଣ୍ଟାରି (୪୫ମିନିଟ) ଫିଲ୍ମଗୁଡ଼ିକ ଅଂଶଗ୍ରହଣ କରିପାରିବେ। ଇଚ୍ଛୁକ ପ୍ରଯୋଜକମାନେ ଅନଲାଇନ୍‌ରେ ନଭେମ୍ବର ୨୦ତାରିଖ ସୁଦ୍ଧା ପଞ୍ଜୀକରଣ କରିପାରିବେ ବୋଲି ଫାଉଣ୍ଡେସନ୍‌ର ପ୍ରତିଷ୍ଠାତା ଦୀପକ କୁମାର ବେଶ୍ରା ଜଣାଇଛନ୍ତି। ଫାଉଣ୍ଡେସନ୍‌ର ପ୍ରମୁଖ ପୃଷ୍ଠପୋଷକ ତଥା ପୂର୍ବତନ ମନ୍ତ୍ରୀ ସରୋଜିନୀ ହେମ୍ବ୍ରମ ଉତ୍ସବର ସଫଳତା କାମନା କରିବା ସହ ବହୁ ସଂଖ୍ୟାରେ କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିବା ପାଇଁ ଅନୁରୋଧ କରିଛନ୍ତି। ପ୍ରତିଯୋଗିତାରେ ସର୍ବଶ୍ରେଷ୍ଠ କ୍ଷୁଦ୍ର ଚଳଚ୍ଚିତ୍ର, ଡକ୍ୟୁମେଣ୍ଟାରୀ, ଡେବ୍ୟୁ ନିର୍ଦ୍ଦେଶକ, ଛାତ୍ର ଚଳଚ୍ଚିତ୍ର, ଶିଶୁ ଚଳଚ୍ଚିତ୍ର ଓ ମହିଳା ନିର୍ଦ୍ଦେଶିକାଙ୍କୁ ପୁରସ୍କୃତ କରାଯିବା ସହ ନିର୍ଦ୍ଦିଷ୍ଟ ବ୍ୟକ୍ତିବିଶେଷଙ୍କୁ ଗୌରବ ଓ ଆଜୀବନ ସଫଳତା ସମ୍ମାନରେ ସମ୍ମାନିତ କରାଯିବ ବୋଲି ଶ୍ରୀ ବେଶ୍ରା କହିଛନ୍ତି।

**ନଭେମ୍ବର ୨୦ ସୁଦ୍ଧା ପଞ୍ଜୀକରଣ**

**କଟକ କ୍ଲବ୍**

ପଞ୍ଜିକୃତ କାର୍ଯ୍ୟାଳୟ: ବାରବଟି ଫୋର୍ଟ, ବାରବାଟୀ ଷ୍ଟାଡିୟମ ନିକଟ, କଟକ – ୭୫୩୦୦୧, ଓଡିଶା
ଫୋନ୍: ୦୬୭୧-୨୩୦୧୦୪୧, ୭୯୭୮୨୬୭୬୫୦
CIN: U91990OR1949NPL000181
ୱେବସାଇଟ୍: www.cuttackclub.com, ଇ-ମେଲ୍: info@cuttackclub.com

କଟକ କ୍ଲବର ସଦସ୍ୟମାନଙ୍କ ପାଇଁ ସୂଚନା
(କମ୍ପାନୀ (ପରିଚାଳନା ଓ ପ୍ରଶାସନ) ନିୟମାବଳୀ, 2014 ର ନିୟମ 20(4)(v) ଅନୁଯାୟୀ)

ଏତଦ୍ୱାରା ସୂଚିତ କରାଯାଉଛି ଯେ, ୭୬ତମ ବାର୍ଷିକ ସାଧାରଣ ସଭା (AGM) ରବିବାର, ୨୫ ଅକ୍ଟୋବର ୨୦୨୫ ରେ ସକାଳ ୧୦.୦୦ ଟାରେ, କଟକ କ୍ଲବର ସେଣ୍ଟେନାରୀ ହଲ୍ (ଆନେକ୍ସ-୧), ବାରବଟି ଫୋର୍ଟ, ବାରବାଟୀ ଷ୍ଟେଡିୟମ ନିକଟରେ, କଟକ - ୭୫୩୦୦୧, ଓଡିଶା ଠାରେ ଆୟୋଜିତ ହେବ। ସଦସ୍ୟମାନଙ୍କୁ ନିମ୍ନଲିଖିତ ବିଷୟ ସୂଚନା ଦିଆଯାଉଛି

1) AGM ର ନୋଟିସ, ଏଜେଣ୍ଡା, ଯୋଗ୍ୟତା ମାନଦଣ୍ଡ ଓ ପ୍ରସ୍ତାବ ସମ୍ବନ୍ଧୀୟ ନିୟମାବଳୀ ସଦସ୍ୟମାନଙ୍କ ନିବନ୍ଧିତ ଇ-ମେଲ ଆଇ.ଡି. ଏବଂ WhatsApp ମାଧ୍ୟମରେ ପଠାଯାଇଛି।
2) କମ୍ପାନୀ ନ୍ୟାସନାଲ ସିକ୍ୟୁରିଟିଜ ଡିପୋଜିଟୋରି ଲିମିଟେଡ୍ (NSDL) କୁ ସଦସ୍ୟମାନଙ୍କ ପାଇଁ ଇ-ଭୋଟିଂ ସୁବିଧା ପ୍ରଦାନ କରିବାକୁ ନିଯୁକ୍ତ କରିଛି। ବ୍ୟବସାୟଗୁଡିକ ଇଲେକ୍ଟ୍ରୋନିକ ମାଧ୍ୟମରେ ରିମୋଟ୍ ଭୋଟିଂ (E-voting) ଓ ଶାରୀରିକ ଭୋଟିଂ (Physical voting) ଦୁହିଟି ମାଧ୍ୟମରେ ସମ୍ପାଦିତ ହେବ।
3) ରିମୋଟ୍ ଇ-ଭୋଟିଂ ଅବଧି ୨୪.୧୦.୨୦୨୫ (ଶୁକ୍ରବାର) ସକାଳ 09:00 ଠାରୁ ସନ୍ଧ୍ୟା 17:00 (IST) ପର୍ଯ୍ୟନ୍ତ ରହିବ। ଉକ୍ତ ସମୟସୀମା ପରେ ରିମୋଟ୍ ଭୋଟିଂ ଅନୁମତି ନହେବ।
4) ଶାରୀରିକ ଭୋଟିଂ ୨୫.୧୦.୨୦୨୫ (ଶନିବାର) ଦିନ କ୍ଲବ ପ୍ରାଙ୍ଗଣରେ ଦୁପର 12.00 ଠାରୁ ଆରମ୍ଭ ହେବ। ଯେ ସଦସ୍ୟମାନେ ପୂର୍ବରୁ ଇ-ଭୋଟିଂ କରିଥିବେ ସେମାନେ ସଭାରେ ଯୋଗ ଦେଇପାରିବେ, କିନ୍ତୁ ପୁଣିଥରେ ଭୋଟ ଦେଇପାରିବେ ନାହିଁ।
5) ରିମୋଟ୍ ଇ-ଭୋଟିଂ ପାଇଁ User ID ଓ Password ସହିତ ନିର୍ଦ୍ଦେଶନାମା NSDL ଦ୍ୱାରା ସଦସ୍ୟମାନଙ୍କ ନିବନ୍ଧିତ ଇମେଲ ଓ ମୋବାଇଲ ନମ୍ବରକୁ ପଠାଯିବ (କଟଅଫ ତାରିଖ ୩୧ ଅଗଷ୍ଟ ୨୦୨୫ ଅନୁସାରେ)। ଯଦି ଇ-ଭୋଟିଂରେ କୌଣସି ଅସୁବିଧା ହୁଏ, କ୍ଲବ ତାହା ପାଇଁ ଦାୟୀ ନହେବ।
6) NSDL ର ଇମେଲ ପାଇଲେ, ସେମାନଙ୍କ ୱେବସାଇଟ୍ https://www.evoting.nsdl.com କୁ ଯାଆନ୍ତୁ। "Login" ବିକଳ୍ପକୁ ଚୟନ କରନ୍ତୁ (Shareholder/Member ଶିରୋନାମାର ତଳେ ଉପଲବ୍ଧ)। ତାହାପରେ ସିଷ୍ଟମ ଆପଣଙ୍କୁ User ID ପ୍ରବେଶ କରିବାକୁ ପଚାରିବ- NSDL ଦ୍ୱାରା ପ୍ରଦାନିତ User ID ଓ Password ପ୍ରବେଶ କରନ୍ତୁ।
7) ସଫଳତାର ସହିତ ଲଗଇନ୍ କଲାପରେ, e-voting ପୃଷ୍ଠାରେ "EVEN" ବିକଳ୍ପ ଚୟନ କରନ୍ତୁ ଓ ଭୋଟ ଦିଅନ୍ତୁ। ପସନ୍ଦ କରାଯାଇଥିବା ବିକଳ୍ପ ଚୟନ କରି "Submit" ଏବଂ "Confirm" କ୍ଲିକ୍ କରନ୍ତୁ। "Vote cast successfully" ବାର୍ତ୍ତା ଦେଖାଯିବ।
8) ଏକଥର ଭୋଟ ନିଶ୍ଚିତ କଲାପରେ ତାହାକୁ ପରିବର୍ତ୍ତନ କରିପାରିବେ ନାହିଁ।
9) ଯଦି କୌଣସି ସମସ୍ୟା ବା ଅସୁବିଧା ହୁଏ, ଦୟାକରି ଯୋଗାଯୋଗ କରନ୍ତୁ।
Ph.: 022-48867000, 022-24997000, Email: evoting@nsdl.co.in

କଟକ କ୍ଲବ ପକ୍ଷରୁ ଓ ତାହାର ପକ୍ଷରେ
ସୁଭେନ୍ଦୁ ମୋହନ ପଟ୍ଟନାୟକ
ମାନ୍ୟବର ସଚିବ ତଥା ନିର୍ଦ୍ଦେଶକ
DIN: 02407792

**ପଞ୍ଚାୟତ ସମିତି, ମାଲକାନଗିରି**
**PANCHAYAT SAMITI, MALKANGIRI**
Dist.: Malkangiri
Pin-764048, Ph./Fax : 06861-231219
Email: ori-bmalkangiri@nic.in

**ବିଜ୍ଞାପନ**

ଏତଦ୍‌ଦ୍ୱାରା ପଞ୍ଚାୟତ ସମିତି, ମାଲକାନଗିରି ଅଧିନସ୍ଥ ସମସ୍ତ ଗ୍ରାମ ପଞ୍ଚାୟତର ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି କି ଯେ , ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମ ନିଯୁକ୍ତି ଯୋଜନା ଅଧିନରେ ଆର୍ଥିକ ବର୍ଷ(୨୦୨୫-୨୬) ୦୧.୦୪.୨୦୨୫ ଠାରୁ ୩୦.୦୯.୨୦୨୫ ଓ ପ୍ରଧାନମନ୍ତ୍ରୀ ଆବାସ ଯୋଜନା - ଗ୍ରାମୀଣ ଯୋଜନା ଅଧିନରେ କାର୍ଯ୍ୟକାରୀ କରାଯାଇ ଥିବା ପଞ୍ଚାୟତ ସମିତି , ଲାଇନ ଡିପାର୍ଟମେଣ୍ଟ , ଗ୍ରାମ ପଞ୍ଚାୟତ ସ୍ତରୀୟ କିମ୍ବା ଅନ୍ୟାନ୍ୟ କାର୍ଯ୍ୟକାରୀ ସଂସ୍ଥା ମାନଙ୍କ ଦ୍ୱାରା କାର୍ଯ୍ୟକାରୀ କରାଯାଇ ଥିବା ସମସ୍ତ ଆବଶ୍ୟକୀୟ ନଥିପତ୍ର ସହ କାର୍ଯ୍ୟକୁ ତନଖି ଦେଖିବେ ଓ ସାମାଜିକ ସମୀକ୍ଷା କାର୍ଯ୍ୟକ୍ରମ ନିମ୍ନ ନିର୍ଧାରିତ କାର୍ଯ୍ୟସୂଚୀ ଅନୁସାରେ ଅନୁଷ୍ଠିତ ହେବ । ଜିଲ୍ଲା ମୁଖ୍ୟ ଉନ୍ନୟନ ଅଧିକାରୀ ତଥା କାର୍ଯ୍ୟନିର୍ବାହୀ ଅଧିକାରୀ ଜିଲ୍ଲା ପରିଷଦ ମାଲକାନଗିରି ଙ୍କ ପତ୍ର ସଂଖ୍ୟା ୫୨୦୩ ତାରିଖ ୧୦.୧୦.୨୦୨୫ ପ୍ରକାରେ ନିମ୍ନ ନିର୍ଧାରିତ କାର୍ଯ୍ୟସୂଚୀ ଅନୁସାରେ ଅନୁଷ୍ଠିତ ହେବ । ଏଣୁ ସମସ୍ତ ଗ୍ରାମ ପଞ୍ଚାୟତ କାର୍ଯ୍ୟକାରୀ ଅଧିକାରୀ, କନିଷ୍ଠ ଯନ୍ତ୍ରୀ, ଗ୍ରାମ ପଞ୍ଚାୟତ ରୋଜଗାର ସହାୟକ, ମେଟ୍ ଓ ଅନ୍ୟାନ୍ୟ କାର୍ଯ୍ୟକାରୀ ସଂସ୍ଥା ଅଧିକାରୀ ମାନଙ୍କୁ ନିଜ ନିଜ ଗ୍ରା.ପ. ଅଫିସରେ କାର୍ଯ୍ୟସୂଚୀ ଅନୁସାରେ ସମସ୍ତ ଆବଶ୍ୟକୀୟ ନଥିପତ୍ର ସହ ଉପସ୍ଥିତ ରହିବାକୁ ଅନୁରୋଧ କରାଗଲା । ଏଥିସହ ପ୍ରଧାନମନ୍ତ୍ରୀ ଆବାସ ଯୋଜନା - ଗ୍ରାମୀଣ ଯୋଜନାରେ ଅନ୍ତର୍ଭୁକ୍ତ ଥିବା ସମସ୍ତ ନଥିପତ୍ର ଗୁଡ଼ିକୁ ଯାଞ୍ଚ କରିବା ପାଇଁ ସମୀକ୍ଷା ଦଳକୁ ପ୍ରଦାନ କରିବେ ।

ମାଲକାନଗିରି ଅଧିନସ୍ଥ ସମସ୍ତ ଗ୍ରାମ ପଂଚାୟତର ସରପଞ୍ଚ ଓ ସର୍ବସାଧାରଣଙ୍କୁ ଅନୁରୋଧ କରା ଯାଉଛି ଯେ ଏଥିରେ ସହଯୋଗ କରିବା ହେବେ ।

| କ୍ରମିକ ନମ୍ବର | ଗ୍ରାମ ପଞ୍ଚାୟତ | ସାମାଜିକ ସମୀକ୍ଷା ଆରମ୍ଭ ତାରିଖ | ସାମାଜିକ ସମୀକ୍ଷା ଶେଷ ତାରିଖ | ଗ୍ରାମସଭା ତାରିଖ | ନୋଡାଲ ଅଧିକାରି | ବ୍ଲକ୍ ସ୍ତରୀୟ ଜନଶୁଣାଣୀ ତାରିଖ |
|---|---|---|---|---|---|---|
| ୧ | ଡାଲାନଗୁଡା | ୧୫.୧୦.୨୦୨୫ | ୩୦.୧୦.୨୦୨୫ | ୩୦.୧୦.୨୦୨୫ | ଏମ୍. ଆଇ | ୩୦.୦୩.୨୦୨୬ |
| ୨ | ତଣ୍ଡିକି | ୧୫.୧୦.୨୦୨୫ | ୩୦.୧୦.୨୦୨୫ | ୩୦.୧୦.୨୦୨୫ | ବି.ପି.ଏମ୍ (ଓ.ଏଲ.ଏମ୍) | |
| ୩ | ପଦ୍ମଗିରି | ୧୫.୧୦.୨୦୨୫ | ୩୦.୧୦.୨୦୨୫ | ୩୦.୧୦.୨୦୨୫ | ଡବ୍ଲ.ଇ.ଓ | |
| ୪ | ସିନ୍ଧିମାଲା | ୩୧.୧୦.୨୦୨୫ | ୧୭.୧୧.୨୦୨୫ | ୧୭.୧୧.୨୦୨୫ | ଏମ୍. ଆଇ | |
| ୫ | ଉଡୁପା | ୩୧.୧୦.୨୦୨୫ | ୧୭.୧୧.୨୦୨୫ | ୧୭.୧୧.୨୦୨୫ | ଏ.ଇ.ଇ | |
| ୬ | ଗଙ୍ଗଲା | ୩୧.୧୦.୨୦୨୫ | ୧୭.୧୧.୨୦୨୫ | ୧୭.୧୧.୨୦୨୫ | ଡବ୍ଲ.ଇ.ଓ | |
| ୭ | ପେଦାୱାଡା | ୧୮.୧୧.୨୦୨୫ | ୦୩.୧୨.୨୦୨୫ | ୦୩.୧୨.୨୦୨୫ | ଏ.ପି.ଓ | |
| ୮ | ଗୌଡ଼ଗୁଡା | ୧୮.୧୧.୨୦୨୫ | ୦୩.୧୨.୨୦୨୫ | ୦୩.୧୨.୨୦୨୫ | ଏ.ବି.ଡି.ଓ | |
| ୯ | ଝରାପାଲି | ୧୮.୧୧.୨୦୨୫ | ୦୩.୧୨.୨୦୨୫ | ୦୩.୧୨.୨୦୨୫ | ବି.ପି.ଏମ୍ (ଓ.ଏଲ.ଏମ୍) | |
| ୧୦ | ତମସା | ୦୪.୧୨.୨୦୨୫ | ୨୨.୧୨.୨୦୨୫ | ୨୨.୧୨.୨୦୨୫ | ବି.ପି.ସି (ଆର.ଏଚ୍) | |
| ୧୧ | ତଣ୍ଡାପାଲି | ୦୪.୧୨.୨୦୨୫ | ୨୨.୧୨.୨୦୨୫ | ୨୨.୧୨.୨୦୨୫ | ଏ.ଇ.ଇ | |
| ୧୨ | ଗୋରାଖୁଣ୍ଟା | ୦୪.୧୨.୨୦୨୫ | ୨୨.୧୨.୨୦୨୫ | ୨୨.୧୨.୨୦୨୫ | ଏମ୍. ଆଇ | |
| ୧୩ | ଶିଖପାଲି | ୦୨.୦୨.୨୦୨୬ | ୧୮.୦୨.୨୦୨୬ | ୧୮.୦୨.୨୦୨୬ | ଏ.ପି.ଓ | |
| ୧୪ | ମାଟାପାକା | ୦୨.୦୨.୨୦୨୬ | ୧୮.୦୨.୨୦୨୬ | ୧୮.୦୨.୨୦୨୬ | ଏ.ବି.ଡି.ଓ | |
| ୧୫ | ସେରପାଲି | ୦୨.୦୨.୨୦୨୬ | ୧୮.୦୨.୨୦୨୬ | ୧୮.୦୨.୨୦୨୬ | ସି.ଡି.ପି.ଓ | |
| ୧୬ | ପେଡ଼ାକୋଣ୍ଡା | ୨୦.୦୨.୨୦୨୬ | ୦୬.୦୩.୨୦୨୬ | ୦୬.୦୩.୨୦୨୬ | ଏମ୍. ଆଇ | |
| ୧୭ | ବିରଲକ୍ଷ୍ମଣପୁର | ୨୦.୦୨.୨୦୨୬ | ୦୬.୦୩.୨୦୨୬ | ୦୬.୦୩.୨୦୨୬ | ବି.ପି.ଏମ୍ (ଓ.ଏଲ.ଏମ୍) | |
| ୧୮ | ପାଣ୍ଡ୍ରିପାଣି | ୨୦.୦୨.୨୦୨୬ | ୦୬.୦୩.୨୦୨୬ | ୦୬.୦୩.୨୦୨୬ | ବି.ପି.ସି (ଆର.ଏଚ୍) | |
| ୧୯ | ମାର୍ଦାପାଲି | ୦୯.୦୩.୨୦୨୬ | ୨୫.୦୩.୨୦୨୬ | ୨୫.୦୩.୨୦୨୬ | ଏ.ଇ.ଇ | |

ଗୋଷ୍ଠୀ ଉନ୍ନୟନ ଅଧିକାରୀ
ମାଲକାନଗିରି

**AFFIDAVIT**

By virtue of an affidavit (No. 605/25) sworn before the Notary Public, Borigumma on dated- 12/10/2025. I, **Sri Padu Jani,** S/o Late Ghana Jani, Address: Village- Phundaguda, Khudiguda, PO/PS-Borigumma, Dist- Koraput, Pin-764056, Odisha declare that I have changed my son's name from **Kamandan Jani** to **Kamaladan Jani** in his Aadhar Card (vide No. 8139 7095 7497). Henceforth, he shall be known as **Kamaladan Jani** (new name) for all purposes.

**Sri Padu Jani**

**AFFIDAVIT**

By virtue of an affidavit No. 5822, sworn before the Executive Magistrate Champua on dated- 14/10/2025. I **Jasabati Munda,** W/o-Markanda Munda, resident of Vill/Po- Bankia, Ps- Champua, Dist- Keonjhar Pin- 758044, Odisha declare that I have changed my name from **Joshabati Munda** (old name) to **Jasabati Munda** (new name). Henceforth she shall be known as **Jasabati Munda** for all future purposes.

**Jasabati Munda**

**AFFIDAVIT**

I, Bimla Nandi, W/O Late-Ram Chandra Nandi, resident of Chhancha, Ward No.25, Po/Ps-Baripada Town, Dist.-Mayurbhanj, Pin.No.-757001, Odisha, declared by this affidavit No-1043 dtd. 14.10.2025 that now onwards I shall be known as Bimala Nandi (67) for all future purposes.

**Bimla Nandi**

**AFFIDAVIT**

By virtue of an affidavit sworn before Notary public Bhubaneswar on dated, 13.10.2025, I Kanchan Mohanty, W/o- Susanta Kumar Mohanty resident At- Bisunipada, Po- Jhintisasan, Balakati, Dist- Khordha, Odisha, PIN- 752100 declare that I have changed my name from Kanchan Vishwakarma to Kanchan Mohanty. Henceforth I shall be known as **KANCHAN MOHANTY** for all purposes.

**AFFIDAVIT**

By Virtue of an affidavit sworn before The Notary Public, Bhubaneswar Vide CF No 744, date- 16/09/2025 I , Elieo harijan, resident of At- Tikirachura, Po-Binjili, Po-Kosagumunda,Dist-Nabarangapur ,Pin-764058, declare that I have changed my Son's name from Lucky sawan kumar to Lucky sawan Chalki.Hens ,Lucky sawan chalki. He shall be know as for all future purposes.

**LUCKY SWAIN CHALKI**

ସକାଳ THE SAKALA



● ଭୁଲ ଇଞ୍ଜେକ୍ସନରୁ ରୋଗୀ ମୃତ୍ୟୁ ଅଭିଯୋଗ

# ସିଡିଏମଓଙ୍କୁ ଘେରିଲେ ଅଭିଯୋଗକାରୀ



ଭଣ୍ଡାରିପୋଖରୀ, ୧୪।୧୦(ସମିସ): ଭଣ୍ଡାରିପୋଖରୀ ଗୋଷ୍ଠୀସ୍ୱାସ୍ଥ୍ୟ କେନ୍ଦ୍ରରେ ଭୁଲ ଇଞ୍ଜେକ୍ସନରୁ ରୋଗୀ ମୃତ୍ୟୁ ହୋଇଥିବା ଅଭିଯୋଗର ତଦନ୍ତ ବାଟବଣା ହୋଇଛି। ଜିଲ୍ଲାପାଳଙ୍କ ଜନଶୁଣାଣି ପ୍ରକୋଷ୍ଠରେ ଗତ ସେପ୍ଟେମ୍ବର ୧୫ ତାରିଖରେ ଏ ସମ୍ପର୍କରେ ହୋଇଥିବା ଅଭିଯୋଗ ଉପରେ ତଦନ୍ତ ରିପୋର୍ଟ ୩ ଦିନ ମଧ୍ୟରେ ଦେବାକୁ ସିଡିଏମଓଙ୍କୁ ନିର୍ଦ୍ଦେଶ ହୋଇଥିଲା। ମାତ୍ର ତଦନ୍ତକୁ ଗଡାଇ ଦିଆଯାଉଛି ବୋଲି ଗତ ସୋମବାର ଅପରାହ୍ଣରେ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପରିସରରେ ଅଧିକ୍ଷକଙ୍କ ବିରୋଧରେ ଅନୁଷ୍ଠିତ ପ୍ରଶାସନିକ ତଦନ୍ତ ସମୟରେ ଅଭିଯୋଗକାରୀମାନେ ସିଡିଏମଓଙ୍କୁ ଘେରିଥିବା ଜଣାଯାଇଛି। ଗତ ଅଗଷ୍ଟ ୧୩ ତାରିଖ ସନ୍ଧ୍ୟା ୬.୨୦ମି. ରେ ଘଟିଥିବା ରୋଗୀମୃତ୍ୟୁ ଦିନ ଅଧିକ୍ଷକ ଡା. କମଳାକାନ୍ତ ସ୍ୱାଇଁ ଅନୁପସ୍ଥିତ ଥିଲେ ଓ ଡା. ସରୋଜ କୁମାର ରାଉଳ ଦାୟିତ୍ୱରେ ଥିଲେ ବୋଲି ସେହି ଦିନ ସଫେଇ ଦିଆଯାଇଥିଲା। ଏହା ତ୍ରୁଟିପୂର୍ଣ୍ଣ ଥିଲା ବୋଲି ସିଡିଏମଓଙ୍କୁ ଅଭିଯୋଗକାରୀ ପ୍ରଶ୍ନ କରିବା ସହ ଏହାର ଉତ୍ତର ଲୋଡିଥିଲେ। ଅଧୀକ୍ଷକ ଡା. ସ୍ୱାଇଁ ବାସ୍ତବରେ ସେଦିନ ସ୍ୱାସ୍ଥ୍ୟକେନ୍ଦ୍ରକୁ ଆସି ନଥିଲେ। ମାତ୍ର ଦୈନିକ ଉପସ୍ଥାନ ଖାତାରେ ଅଧିକ୍ଷକ ଡା. ସ୍ୱାଇଁ ସ୍ୱାସ୍ଥ୍ୟକେନ୍ଦ୍ରରେ ଅଗଷ୍ଟ ୧୩ ତାରିଖରେ ଉପସ୍ଥିତ ଥିଲେ ବୋଲି ସ୍ୱାକ୍ଷର କରିଥିବା ଅଭିଯୋଗକାରୀ ଦର୍ଶାଇଥିଲେ। ପୁନଶ୍ଚ ସେହିଦିନ ସ୍ୱାସ୍ଥ୍ୟକେନ୍ଦ୍ରର ଜଣେ ଡାକ୍ତରଙ୍କୁ ଡା ସ୍ୱାଇଁ ଦାୟିତ୍ୱ ଦେଇଥିଲେ। ଏହା ଦାୟିତ୍ୱ ହସ୍ତାନ୍ତର ଖାତାରୁ ସ୍ପଷ୍ଟ ହୋଇଛି ବୋଲି ମଧ୍ୟ ସେମାନେ ପ୍ରମାଣିକ ଭାବେ ପ୍ରକାଶ କରିଥିଲେ। ଅଧୀକ୍ଷକ ଡା. ସ୍ୱାଇଁଙ୍କ ଏଭଳି ଦୁଃସାହସିକ କାର୍ଯ୍ୟ ପଛରେ ଖୋଦ ସିଡିଏମଓ ଅଛନ୍ତି ବୋଲି ପୁରିପଡା ଗ୍ରାମର ଅଭିଯୋଗକାରୀ ଅଶୋକ ରାଉତ ଓ ସେମାନଙ୍କ ବହୁ ସମର୍ଥକେ ଦୋଷାରୋପ କରିବା ସହ ତିରସ୍କାର କରିଥିଲେ। ସୋମବାର ଅନୁଷ୍ଠିତ ତଦନ୍ତ କମିଟି ମୁଖ୍ୟ ତଥା ଅତିରିକ୍ତ ଜିଲ୍ଲାପାଳ ସରୋଜ କୁମାର ଦତ ଏଭଳି କାର୍ଯ୍ୟ ଇଚ୍ଛାକୃତ ଓ କୁପରିଚାଳନା ଗତ ବୋଲି ମତ ଦେଇଥିଲେ। ତଦନ୍ତ ଶିଘ୍ର ସମାପ୍ତ ହେବ ବୋଲି ଭାରପ୍ରାପ୍ତ ସିଡିଏମଓ ସୁଧିରଞ୍ଜନ ନାୟକ ପ୍ରତିଶ୍ରୁତି ଦେଇଥିଲେ ଏଠାରେ ପ୍ରକାଶ ଯୋଗ୍ୟ ଯେ ଡାହାଲା ଗ୍ରାମର ବିନୋଦିନୀ(୨୯)ଙ୍କୁ ପେଟକାଟିବା ରୋଗର ଚିକିତ୍ସା ପାଇଁ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ। ସେଠାରେ ଡ୍ୟୁଟିରେ ଥିବା ଡାକ୍ତର ଚିକିତ୍ସା ପରେ ରୋଗୀର ବାନ୍ତି ହୋଇଥିଲା। ଅବସ୍ଥାକୁ ଦେଖିô ଡାକ୍ତର ତାଙ୍କୁ ଯାଜପୁର ମେଡିକାଲ କଲେଜକୁ ରେଫର କରିଦେଇଥିଲେ। ସେଠାରେ ଡାକ୍ତର ରୋଗୀକୁ ମୃତ ଘୋଷଣା କରିଥିଲେ। ଏ ସମ୍ପର୍କରେ ମୃତକଙ୍କ ସ୍ୱାମୀ ଅଶୋକ ଥାନାରେ ଅଭିଯୋଗ କରିଥିଲେ। ଅଗଷ୍ଟ ୧୪ ତାରିଖରେ ବ୍ୟବଚ୍ଛେଦ ପରେ ଶବକୁ ଧରି ସମ୍ପର୍କୀୟମାନେ ମେଡିକାଲରେ ଧାରଣା ଦେଇ ଭୁଲ ଇଞ୍ଜେକ୍ସନ ଦେଇଥିବା ଡାକ୍ତରଙ୍କୁ ଗିରଫ କରାଯିବା ଓ ମୃତକଙ୍କ ପୁତ୍ର ଥଇଥାନ ପାଇଁ ପ୍ରଶାସନିକ ସହଯୋଗ ଦାବି କରିଥିଲେ।

# ସୋସିଆଲ ମିଡିଆରେ ମିଛ ଅପପ୍ରଚାର ନେଇ ଥାନାରେ ଅଭିଯୋଗ



ଧାମନଗର,୧୪।୧୦(ସମିସ): ଧାମନଗର ଏନଏସି ହବିବନଗରର ସମାଜସେବୀ ସେକ ହମିଦଙ୍କ ନାମରେ ସୋସିଆଲ ମିଡିଆରେ ମିଛ ଅପପ୍ରଚାରକୁ ନେଇ ଥାନାରେ ଅଭିଯୋଗ ସହ ମିନି ଷ୍ଟାଡିୟମରେ ସାମ୍ବାଦିକ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ୪ଦିନ ତଳେ ରାତ୍ର ସମୟରେ ଧାମନଗରରୁ ଭାୟା ମଙ୍ଗଳପୁର ହୋଇ ଭଦ୍ରକ ଅଭିମୁଖେ ଏକ ସ୍କର୍ପିଓ ଗାଡ଼ିରେ ଗୁରୁ ବୁଝେଇ ହୋଇ ଯାଉଥିଲା। ଏନେଇ କିଛି ହିନ୍ଦୁବାଦି ପିଲା ଗାଡ଼ିଟିର ପିଛା କରି ଭଦ୍ରକ ନିକଟରେ ଧରିଥିଲେ। ଏଥିରୁ ଚାଳକ ଜଣକ ଫେରାର ହୋଇଯାଇଥିଲେ। ପରେ ଏନେଇ ସୋସିଆଲ ମିଡିଆରେ ସକେ ହମିଦଙ୍କ ସ୍କର୍ପିଓ ଗାଡିରେ ନିଜେ ଗୁରୁ ଚାଲାଣ କରୁଥିବା ସୋସିଆଲ ମିଡିଆରେ ପୋଷ୍ଟ ହୋଇଥିଲା। ଯାହାକୁ ନେଇ ଆତ୍ମ ସମ୍ମାନ ସହ ମାନସିକ ଯନ୍ତ୍ରଣାରେ ହମିଦ ଭାଙ୍ଗି ପଡିଛନ୍ତି। ଏନେଇ ଆଜି ଏକ ସାମ୍ବାଦିକ ସମ୍ମିଳନୀ କରି ହମିଦ ସଫେଇ ଦେଇଛନ୍ତି ସେ ଗାଡ଼ି ତାଙ୍କର ନୁହଁ କି ସେ ଗୁରୁ ବେପାରରେ ସଂପୃକ୍ତ ନୁହନ୍ତି। ସେଦିନ ସେ ଟ୍ରେନ ଯୋଗେ କଲିକତା ଯାଇଥିଲେ। ସେ ଏକ ନିର୍ଦ୍ଦିଷ୍ଟ ରାଜନୈତିକ ଦଳର ହେଇଥିବାରୁ ତାଙ୍କୁ ବଦନାମ କରିବାକୁ ଚକ୍ରାନ୍ତ କରାଯାଉଛି ବୋଲି ଅଭିଯୋଗ କରିଛନ୍ତି। ଏନେଇ ହମିଦ ସୋସିଆଲ ମିଡିଆରେ ଦେଖିବା ପରେ ଧାମନଗର ଥାନାରେ ସେହି ବ୍ୟକ୍ତିଙ୍କ ନାମରେ ଲିଖିତ ଅଭିଯୋଗ କରିଥିବା ସାମ୍ବାଦିକ ସମ୍ମିଳନୀରେ ତାଙ୍କ ପ୍ରତିକ୍ରିୟା କହିଛନ୍ତି।

ପଞ୍ଚାୟତ ସ୍ତରରେ ମହାଦୁର୍ନୀତି

# ସରପଞ୍ଚ ଓ ପିଇଓଙ୍କ ଅଳିଆ ଉଠା ଟଙ୍କା ହଡ଼ପ ଅଭିଯୋଗ

ଦୋବଲ,୧୪।୧୦(ସମିସ)

ଧାମନଗର ବ୍ଲକର ବିଭିନ୍ନ ପଞ୍ଚାୟତରେ ପଞ୍ଚଦଶ ଅର୍ଥ ଆୟୋଗ ଅନୁଦାନ ଟଙ୍କାର ଆତ୍ମସାତ କରାଯାଇଥିବା ଦେଖିବାକୁ ମିଳିଛି। ଯୋଜନାରେ ବ୍ଲକର ୩୧ ପଞ୍ଚାୟତକୁ କୋଟି କୋଟି ଟଙ୍କା ଆସିଥିବାବେଳେ ଏହାକୁ ମନଇଛା ଖର୍ଚ୍ଚ କରାଯାଇଛି। ବିଶେଷ କରି ବାହ୍ୟ ମଳମୁକ୍ତ ଅଞ୍ଚଳ ଘୋଷଣା, ସ୍ୱଚ୍ଛତା, ପରିମଳ ଓ ପାନୀୟଜଳ ସୁବିଧା ବାବଦରେ ଏ ଟଙ୍କା ଖର୍ଚ୍ଚ କରାଯିବାର ଥିଲା। ଏଣୁ ପଞ୍ଚାୟତ ପକ୍ଷରୁ ଏହାକୁ ସେହି ଉଦ୍ଦେଶ୍ୟ ଖର୍ଚ୍ଚ କରାଯାଇଥିବା ଦର୍ଶାଇ ବିଲ୍ କରି ନେଇଥିବା ଜଣାପଡ଼ିଛି। ଇ-ଗ୍ରାମ ସ୍ୱରାଜ ୱେବସାଇଟର ତଥ୍ୟ ଅନୁସାରେ ପଞ୍ଚାୟତର କାର୍ଯ୍ୟନିର୍ବାହୀ ଅଧିକାରୀ ଓ ସରପଞ୍ଚ ପଞ୍ଚଦଶ ଅର୍ଥ ଆୟୋଗ ଟଙ୍କା ଖର୍ଚ୍ଚ କରି ବିଲ୍ କରିଛନ୍ତି। ଗୋଟିଏ ଗୋଟିଏ ପଞ୍ଚାୟତ ଲକ୍ଷ ଲକ୍ଷ ଟଙ୍କା ଉଠାଇଛନ୍ତି। ହେଲେ ସେସବୁ କାମ ବାସ୍ତବରେ ହୋଇନାହିଁ। ଆନନ୍ଦପୁର ପଞ୍ଚାୟତରେ ଲୋକଙ୍କ ଘରୁ ଅଳିଆ ସଂଗ୍ରହ କରାଯାଇଥିବା ଦର୍ଶାଇ ଗତ ଅଗଷ୍ଟ ମାସରେ ୮୦ ହଜାର ଟଙ୍କା ବିଲ୍ ହୋଇଛି। ଏହାସହ ଘରଘର ବୁଲି ଅଳିଆ ସଂଗ୍ରହ ପାଇଁ ୧୬ ହଜାର ଟଙ୍କାରେ ଗୋଟିଏ ଟ୍ରଲି କିଣାଯାଇଥିବା ମଧ୍ୟ ଉଲ୍ଲେଖ କରାଯାଇଛି। ତା ସହିତ ଗାଁରେ ସଫେଇ ତଥା ସ୍ୱଚ୍ଛତା ଅଭିଯାନ ନାଁରେ ୩୦ ହଜାର ଟଙ୍କା ଖର୍ଚ୍ଚର ବିଲ୍ ମଧ୍ୟ ହୋଇଛି। ହେଲେ ଗାଁର ମନୋଜ ଦାସ, ସରୋଜ ଖୁଣ୍ଟିଆଙ୍କ କହିବା ଅନୁସାରେ ସେମାନଙ୍କ ଗାଁରେ କୌଣସି ଗୋଟିଏ ଦିନ ବି କାହା ଘରୁ ଅଳିଆ ସଂଗ୍ରହ କରାଯାଇନାହିଁ। ବରଂ ଅଳିଆ ବୁହା ଟ୍ରଲିଟି ଦୁଇ ତିନି ବର୍ଷ ହେଲା ପଂଚାୟତ ଅଫିସର ପାଖରେ ପଡ଼ି ପଡ଼ି ନଷ୍ଟ ହୋଇଥିବା ସେ କହିଛନ୍ତି। ସେହିପରି ଅର୍ଜୁନପୁର ପଞ୍ଚାୟତର ପିଇଓ ନିରଞ୍ଜନ ଶଙ୍ଖୁଆ ଘରୁ ଘରୁ ଅଳିଆ ସଂଗ୍ରହ ନାଁରେ ଅଗଷ୍ଟ ୨୫ରେ ୨୭ ହଜାର ଟଙ୍କା, ସାନିଟାରି କଂପ୍ଲେକ୍ସ ମରାମତି ନାଁରେ ୨୭ ହଜାର, ସ୍ୱଚ୍ଛତା ଅଭିଯାନ ନାଁରେ ଏପ୍ରିଲ ୨୫ରେ ୧ ଲକ୍ଷ ଟଙ୍କା, ଘରୁ ଘରୁ ଅଳିଆ ସଂଗ୍ରହ ବାବଦରେ ସେପଟେମ୍ବର ୫ରେ ୩୦୦୦ ଟଙ୍କାର ବିଲ୍ କରାଇଛନ୍ତି। ସେହିପରି ସେପଟେମ୍ବର ରେ ଅଳିଆ ବୁହା ଗାଡ଼ି କିଣିବା ନାଁରେ ୧୮ ହଜାର ଟଙ୍କାର ବିଲ୍ କରିନେଇଛନ୍ତି ପିଇଓ ନିରଞ୍ଜନ ଶଙ୍ଖୁଆ। ପାଳସାହି ପଞ୍ଚାୟତରେ ମଧ୍ୟ ଲୋକଙ୍କ ଘରୁ ଅଳିଆ ସଂଗ୍ରହ ନାଁରେ ଟଙ୍କା ଆତ୍ମସାତ କରାଯାଇଥିବା ଦେଖାଯାଇଛି। ଏ ବାବଦରେ ଚଳିତ ବର୍ଷ ମେ ୯ ତାରିଖରେ ୨ ଲକ୍ଷ ୪ ହଜାର ଟଙ୍କାର ବିଲ୍ କରାଇ ନେଇଛନ୍ତି ପିଇଓ ଅନିଲ ସେଠୀ। ସେହି ଅଳିଆ ସଂଗ୍ରହ ପାଇଁ ମାର୍ଚ୍ଚ ୪ ତାରିଖରେ ସ୍ଥାନୀୟ ମା' ଗାୟତ୍ରୀ ସ୍ୱୟଂ ସହାୟକ ଗୋଷ୍ଠୀକୁ ୨ ଲକ୍ଷ ୨୨ ହଜାର ଟଙ୍କା ପ୍ରଦାନ କରାଯାଇଛି। ଆଉ ଚଳିତ ବର୍ଷ ଜଳଛତ୍ର ବାବଦରେ ପଂଚାୟତ ୫୦. ୬୭୨ଟଙ୍କା ଖର୍ଚ୍ଚ କରାଯାଇଛି। ହେଲେ ପଞ୍ଚାୟତରେ କୌଣସି ଦିନ ଥରୁଟିଏ ପାଇଁ ଅଳିଆ ସଂଗ୍ରହ କରାଯାଇ ନାହିଁ। ଭଟସାହି ଓ ଦଳାଙ୍ଗ ପଂଚାୟତରେ ବି ଘରୁ ଘରୁ ଅଳିଆ ସଂଗ୍ରହ

ଏଣେ ଖତ ଖାଉଛି ଅଳିଆ ବୁହା ଟ୍ରଲି



ନ କରି ଲକ୍ଷ ଲକ୍ଷ ଟଙ୍କା ସଂଗ୍ରହ କରିଥିବା ଦର୍ଶାଯାଇଛି। ଭଟସାହି ପଞ୍ଚାୟତ ତରଫରୁ ଅଗଷ୍ଟ ୭ରେ ଶ୍ରୀ ନୃସିଂହ ନାରାୟଣ ସ୍ୱୟଂସହାୟକ ଗୋଷ୍ଠୀକୁ ଘରୁ ଘରୁ ଅଳିଆ ସଂଗ୍ରହ କରିବାକୁ ୩୮ ହଜାର ଟଙ୍କା ଦିଆଯାଇଛି। ଖାଲି ଏତିକି ନୁହେଁ, ଆବର୍ଜନା ପୃଥକୀକରଣ ପାଇଁ ପିଇଓ ଅଚ୍ୟୁତ ବାରିକ ଜୁଲାଇ ୧୮ରେ ୨୭ହଜାର ଟଙ୍କାର ବିଲ୍ କରିଛନ୍ତି। ଆଉ ଘରୁ ଅଳିଆ ସଂଗ୍ରହ ବାବଦରେ ୪୯ ହଜାର ଟଙ୍କା ମେ ୨୭,୨୦୨୫ରେ ବିଲ୍ ହୋଇଛି। ଦଳାଙ୍ଗରେ ସ୍ୱଚ୍ଛତା ଅଭିଯାନ ପାଇଁ ସେପଟେମ୍ବର ୨୫ରେ ୧ ଲକ୍ଷ ୮୦ ହଜାର, ଅଳିଆ ସଂଗ୍ରହ ପାଇଁ ସେପଟେମ୍ବର ୨୫ରେ ଥରେ ୪୫ ହଜାର ଓ ଆଉଥରେ ୩୭ ହଜାର ଟଙ୍କା ବିଲ୍ କରାଯାଇଛି। ଆଉ ସ୍ୱଚ୍ଛତା ଅଭିଯାନ ପାଇଁ ୧ ଲକ୍ଷ ୪୦ ହଜାର ଟଙ୍କାର ବିଲ୍ କରାଯାଇଛି। ସେପଟେ ଚୁଡ଼ାକୁଟିରେ ଜଳଛତ୍ର ପାଇଁ ଜୁଲାଇ ୨୦ରେ ୫୫ ହଜାର ଓ ସ୍ୱଚ୍ଛତା ଅଭିଯାନ ପାଇଁ ୧୩ ହଜାର ୭୦୦ ଟଙ୍କାର ବିଲ୍ ହୋଇଛି। ଅନୁରୂପ ଭାବେ ହସନାବାଦରେ ସ୍ୱଚ୍ଛତା ପାଇଁ ୪୮ ହଜାର ଟଙ୍କାର ବିଲ୍ କରାଯାଇଛି। ଚଚଳିତ ବର୍ଷ ଜାନୁଆରିରେ ସ୍ୱଚ୍ଛତା ଅଭିଯାନ ପାଇଁ ୪୮ ହଜାର ଓ ଅଳିଆ ସଂଗ୍ରହ ବାବଦରେ ୫୩ ହଜାର ୯୦୦ ଟଙ୍କାର ବିଲ୍ କରିଛନ୍ତି ପିଇଓ ରଘୁନାଥ ମାଝି। ଏସବୁ ପଂଚାୟତରେ କେବଳ ଗୋଟିଏ ଗୋଟିଏ ଟ୍ରଲି କିଣିଛନ୍ତି। ହେଲେ କେହି କେବେ ଘରୁ ଅଳିଆ ସଂଗ୍ରହ କରିନାହାନ୍ତି। ଏହାର ତଦନ୍ତ କରିବାକୁ ସ୍ଥାନୀୟ ଲୋକେ ଦାବି କରିଛନ୍ତି। ଆମେ ପ୍ରତ୍ୟେକ ପଞ୍ଚାୟତର ପିଇଓଙ୍କୁ ଯୋଗାଯୋଗ କରିଥିଲୁ। ଅଧିକାଂଶଙ୍କ ମତ ଯେ ଲୋକଙ୍କ ଘରୁ ଅଳିଆ ସଂଗ୍ରହ କରାଯାଇଛି। କେତେକ ପଞ୍ଚାୟତରେ ଏନେଇ କାମ ସ୍ୱୟଂ ସହାୟକ ଗୋଷ୍ଠୀଙ୍କୁ ଦିଆଯାଇଥିଲା। ସେମାନେ ମଧ୍ୟ କାମ କରି ପାରିଶ୍ରମିକ ନେଇଛନ୍ତି। ତେବେ ଯଦି କୌଣସି ଦୁର୍ନୀତି ଅଭିଯୋଗ ଆସେ, ତାହାର ତଦନ୍ତ କରାଯାଇ ଦୃଢ଼ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ବିଡିଓ ବନବିହାରୀ ଦିନ୍ଦା କହିଛନ୍ତି।

ସ୍ୱପ୍ନ ପାଲଟିଛି ସମୁଦ୍ର ଇଲିସି

# ଆର୍ଥିକ ଅନଟନରେ ମତ୍ସ୍ୟଜୀବୀ ପରିବାର

ବାସୁଦେବପୁର, ୧୪।୧୦(ସମିସ): କଥାରେ ଅଛି ସମୁଦ୍ର କୂଳ ହେଉ କି ପାହାଡ ମୂଳ ସବୁ କିଛି ସେଇଠି। ତେବେ ଏହି ଉକ୍ତିର ଅର୍ଥ ସବୁ କିଛି ଲୋପ ପାଇବାକୁ ବସିଛି। ପ୍ରତିକୂଳ ପାଗ ଆଉ ଠିକଠାକ ନାହିଁ। ଯାହାର ସିଧା ପ୍ରଭାବ ସମୁଦ୍ରକୂଳିଆଙ୍କୁ ବେଶ୍ ପ୍ରଭାବିତ କରି ସାରିଲାଣି। ଦିନ ଥିଲା ସେ ଧାନ ହେଉ କି ମୀନ ବର୍ଷ ତମାମ ବାସୁଦେବପୁର ଅଞ୍ଚଳ ଚଳଚଞ୍ଚଳ ହେଉଥିଲା। ଆଉ ସମୁଦ୍ରର ଏହି ଏହି ମୀନ ପାଇଁ ଲୋକମାନଙ୍କ ଆର୍ଥିକ ସ୍ଥିତି ବେଶ ମଜବୁତ ରହୁଥିଲା। ଏହି ଧାନ ଓ ମୀନ ପାଇଁ ସହର ବଜାର ଗଢି ଉଠିଥିଲା। ବର୍ଷା ଋତୁ ଆସିଲେ ଯେମିତି ଧାନ ଚାଷ ପାଇଁ ଲୋକମାନେ ଅଣ୍ଟା ଭିଡି ଚାଷବାସରେ ଲାଗି ପଡୁଥିଲେ। ସେମିତି ସମୁଦ୍ରକୁ ମାଛ ମାରିବାକୁ ଡଙ୍ଗା ଓ ଜାଲ ଧରି ବାହାରି ପଡୁଥିଲେ। ସମୁଦ୍ରରୁ ମାଛ ମାରି ବାହାର ରାଜ୍ୟକୁ ଚାଲାଣ କରି ଆହାର ଦେବା ସାଙ୍ଗକୁ ନିଜର ଆର୍ଥିକ ଅଭିବୃଦ୍ଧି କରୁଥିଲେ। ତେବେ ଆଉ ସେ ଦିନ ଦେଖିବାକୁ ମିଳୁ ନଥିବା ବେଳେ ସ୍ଥାନୀୟ ସମୁଦ୍ର କୂଳିଆ ଓ ମତ୍ସ୍ୟଜୀବୀଙ୍କ ସଙ୍ଗିନ ପରିସ୍ଥିତି ସୃଷ୍ଟି ହୋଇଛି। ଏହାର ସିଧା ପ୍ରଭାବ ବି ଲୋକମାନଙ୍କ ଉପରେ ପଡିଛି। ସମୁଦ୍ରରେ ଆଗ ଭଳି ଆଉ ଇଲିସ ଜାଲରେ ପଡୁନି କି ଘେର ଘେର ଇଲିସି ଭଜାର ବାସ୍ନା ନାକରେ ବାଜୁନି। ପ୍ରତି ବର୍ଷ ଆସାଢ ଓ ଶ୍ରାବଣ ମାସ ଆସିଲେ ସଭିଙ୍କ ଘେର ଇଲିସ ତରକାରୀର ବାସ୍ନାର ମହକିଥାଏ ସାରା ଅଞ୍ଚଳ। ବାସୁଦେବପୁର ବ୍ଲକର ବିସ୍ତୀର୍ଣ୍ଣ ସମୁଦ୍ର ଅଞ୍ଚଳ ଲାଗି ରହିଥିବା ବେଳେ ସମୁଦ୍ର ମୁହାଁଣର ପଦୁଆଁଠାରୁ ଆରମ୍ଭ କରି ଚୂଡାମଣି, କଶିଆ ଓ ସୁନାମୁହିଁ ଆଦି ସ୍ଥାନରେ ଜେଠି ଅବସ୍ଥିତି ରହିଛି। ଏହିସବୁ ମୁହାଁଣରୁ ଶହ ସହ ସଂଖ୍ୟାର ବୋଟ ସମୁଦ୍ରକୁ ମାଛ ମାରିବାକୁ ବାହାରିଥାନ୍ତି। ବିଶେଷ ଭାବେ ଚୂଡାମଣୀ ଇଲିସିର ବେଶ ଚାହିଦା ଦେଶ ବିଦେଶରେ ରହିଥିଲା। ଆଉ ଟନ ଟନ ମାଛ ମାରି ବୋଟମାଲିକ ଯେମିତି ଲାଭବାନ ହେଉଥିଲା ସେମିତି ମତ୍ସ୍ୟଜୀବୀ ଓ ସ୍ଥାନୀୟ ଅଞ୍ଚଳବାସୀଙ୍କ ବେପାର ବଣିଜର ମଧ୍ୟ ଉନ୍ନତି ହେଉଥିଲା। ଆଉ ଲୋକମାନେ ବି ଇଲିସି ଖାଇବାର ସୁଯୋଗ ମିଳୁଥିଲା। ସମୟକ୍ରମେ ଚୂଡାମଣୀ ମୁହାଁଣର ସେ ଇଲିସି ସେତ ଯେମିତି ଉଭାନ ହୋଇଗଲା। ଚୂଡାମଣୀ ମୁହାଁଣ ଉପେର ନିର୍ଭର କରୁଥିବା ବୋଟମାଲିକ ଓ ମତ୍ସ୍ୟଜୀବିଙ୍କ ଆର୍ଥିକ ଅବସ୍ଥା ସଙ୍କଟାପନ୍ନ ପାଲଟିଲା। ମାଛ ମାରିବାର ବିପର୍ଯ୍ୟୟ ପାଇଁ ବହୁ ବୋଟମାଲିକ ଲୋନ କରଜରୁ ମୁକ୍ତି ପାଇଁ ଜମିବାଡି ହରାଇ ଦୁର୍ଦ୍ଦିନ ମଧ୍ୟରେ ରହିବାକୁ ପଡିଲା। ପରେ ପରେ କଶିଆ ସମୁଦ୍ର ମୁହାଁଣର ଚାହିଦା ବଢବୋର ଲାଗିଲା। ଏହି ମୁହାଁଣରେ କିଛିବର୍ଷ ଧରି ଗଭୀର ସମୁଦ୍ରେର ମାଛ ମାରିବା ପାଇଁ ବଡ ବଡ ବୋଟ ନିର୍ମାଣ କରାଯିବା ସହିତ ସାହସୀ ଚାଳକଙ୍କୁ ନିୟୋଜିତ କରି ଆଗ ଭଳି କ୍ୱିଟାଂଲ କ୍ୱିଟାଂଲ ମାଛ ମାରିବାର ସକ୍ଷମ ହେଲା। ବେଶ କିଛି ବର୍ଷ ବ୍ୟବଧାନରେ ସମୁଦ୍ରରେ ମାଛ ମାରିବାର ବିଫଳତାରେ ଘାଣ୍ଟି ହେଲେ ବୋଟ ମାଲିକମମାନେ। ମାଛ ବର୍ଷ ବର୍ଷର ଉପେକ୍ଷା ସହିତ ବୋଟମାଲିକ ଓ ମତ୍ସ୍ୟଜୀବୀମାନେ ମାଛ ନପାଇ ଧାର କରଜରେ ଜୁଝିହେଲେ। ପ୍ରଜନନ ସମୟ ବୈଶାଖ ଓ ଜ୍ୟୋଷ୍ଠ ମାସକୁ ଧାର୍ଯ୍ୟ କରି ଏହି ସମୟରେ ସମୁଦ୍ର ଯିବାରେ ବୋଟଗୁଡ଼ିକୁ ନିଷିଦ୍ଧ ଘୋଷଣା କରାଗଲା। ଆଷାଢ ଆରମ୍ଭରେ ମତ୍ସଜୀବୀମାନେ ସଜବାଜ ହୋଇ ସମୁଦ୍ରରୁ ପୂର୍ବ ଭଳି ବିଫଳତାର ସାମନା କରିବାକୁ ପଡିଲା। ଇଲିସି ତ ଦୂରର କଥା ସେତ ଯେପରି ମାଛ ଏକପ୍ରକାର ସମୁଦ୍ରରୁ ଉଭାନ ହୋଇ ଯାଇଛନ୍ତି ବୋଲି ମତ୍ସଜୀବୀଙ୍କଠାରୁ ଶୁଣିବାକୁ ମିଳିଛି। ଯେଉଁ କିଛି ମାରି ବୋଟ କୂଳକୁ ଫେରୁଛନ୍ତି ତାହାର ଯିବା ଆସିବା ଖର୍ଚ୍ଚକୁ ବି ନିଅଣ୍ଟ ହେଉଛି। ଧିରେ ଧିରେ ମାଛ ଜାଲେର ପଡିବା ସ୍ୱପ୍ନ ପାଲଟିବା ଭିତେର ବୋଟ ମାଲିକମାନ ଦୁର୍ଦ୍ଦିନ ମଧ୍ୟେର ରହିବାକୁ ପଡିଲା। ପ୍ରତିବର୍ଷ ସେହି ବର୍ଷା ଋତୁକୁ ଚାହିଁ ଲକ୍ଷ ଲକ୍ଷ ଟଙ୍କା ମାଛ ମାରିବରେ ବିନିଯୋଗ କରି ଧାର କରଜେର ବୁଡିରହିଲେ ହେଲେ ଆଉ ସମୁଦ୍ରର ମୀନ ସେମାନଙ୍କ ପାଇଁ ସ୍ୱପ୍ନ ପାଲଟିଯାଇଛି।



# ରାଜ୍ୟସ୍ତରୀୟ ଭଲିବଲ: କେନ୍ଦ୍ରାପଡ଼ା ଚାମ୍ପିଅନ






ଭଦ୍ରକ, ୧୪।୧୦(ସମିସ): ରାଜ୍ୟ ସରକାରଙ୍କ ଦ୍ୱାରା ଆୟୋଜିତ ଓଡିଶା ରାଜ୍ୟ ବିଦ୍ୟାଳୟ ସମୂହ ୬୯ତମ ଭଲିବଲ ପ୍ରତିଯୋଗିତାରେ ୧୪ ବର୍ଷରୁ କମ ବାଳକ ବିଭାଗରେ କେନ୍ଦ୍ରାପଡ଼ା ଚାମ୍ପିଅନ ହୋଇଥିବା ବେଳେ ରନର୍ସ ଅପ୍ ଢେଙ୍କାନାଳ ହୋଇଛି। ସେହିଭଳି ବାଳିକା ବିଭାଗରେ ଭୁବନେଶ୍ୱର ଚମ୍ପିୟନ ହୋଇଥିବା ବେଳେ ରନର୍ସ ଢେଙ୍କାନାଳ ହେବାର ସୌଭାଗ୍ୟ ଅର୍ଜନ କରିଛନ୍ତି। ୧୭ ବର୍ଷରୁ କମ ବାଳକ ବିଭାଗରେ କେନ୍ଦ୍ରାପଡା ଚମ୍ପିୟନ ହୋଇଥିବା ବେଳେ ରନର୍ସ ପୁରୀ ଚମ୍ପିୟାନ ହୋଇଛି। ଆଜି ଏହି ଟୁର୍ଣ୍ଣାମେଣ୍ଟ ଉଦଯାପନୀ ଉତ୍ସବରେ ବିଜେତା ଖେଳାଳୀମାନେ ମୁଖ୍ୟଅତିଥି ଉଚ୍ଚ ଶିକ୍ଷା, କ୍ରୀଡା ଓ ସଂସ୍କୃତି ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜଙ୍କଠାରୁ ଟ୍ରଫି ଗ୍ରହଣ କରିଥିଲେ। ରାଜ୍ୟସ୍ତରୀୟ ଭଲିବଲ ଟୁର୍ନାମେଣ୍ଟରେ କେନ୍ଦ୍ରାପଡ଼ା ଚାମ୍ପିଅନ ହୋଇଥିଲା ଏଥିରୁ ଚୟନ ହୋଇଥିବା ୪୮ ଜଣ ପ୍ରତିଯୋଗୀ ଜାତୀୟ ସ୍ତରକୁ ଖେଳିବାପାଇଁ ମନୋନୀତ ହୋଇଥିବାରୁ ସେମାନଙ୍କୁ ମନ୍ତ୍ରୀ ଶ୍ରୀ ସୁରଜ ଶୁଭେଚ୍ଛା ଜଣାଇଥଲେ। ଏହି ଅବସରରେ ଜିଲ୍ଲା ଶିକ୍ଷାଧିକାରୀ ଡ. ଜଗବନ୍ଧୁ ସାହୁ ଙ୍କ ସଭାପତିତ୍ୱରେ ଆୟୋଜିତ ସଭରେ ମୁଖ୍ୟ ଅତିଥି ଉଚ୍ଚଶିକ୍ଷା, କ୍ରୀଡା ଓ ସଂସ୍କୃତି ମନ୍ତ୍ରୀ ଶ୍ରୀ ସୁରଜ ଉଦଘାଟନ କରିଥିବା ବେଳେ ଚରମ୍ପା ଆରସିବିଏଲ ହାଇସ୍କୁଲର ଛାତ୍ରୀମାନେ ସ୍ୱାଗତ ସଂଗୀତ ଗାନ କରିଥିଲେ। ଆୟୋଜିତ ଉଦଯାପନୀ ଉତ୍ସବରେ ସମସ୍ତ ଖେଳାଳିଙ୍କୁ ଏକ ସ୍ପୋର୍ଟ୍ସମ୍ୟାନ ସ୍ପିରିଟରେ ଖେଳିଥିବାରୁ ମଂଚରେ ଉପସ୍ଥିତ ବରେଣ୍ୟ ଅତିଥି ଭଦ୍ରକ ବିଧାୟକ ସୀତାଂଶୁ ଶେଖର ମହାପାତ୍ର, ଜିଲ୍ଲାପାଳ ଦିଲୀପ ରାଉତରାଏ, ଜ୍ୟୋତିପ୍ରକାଶ ପରିଡା, ସପନ କୁମାର ଯେନା ଭାଗିରଥୀ ମଲ୍ଲିକ, ରାଜେନ୍ଦ୍ର ବିଶ୍ୱାଳ ପ୍ରମୁଖ ଅତିଥିମାନେ ବକ୍ତବ୍ୟ ରେ ଛାତ୍ର ଛାତ୍ରୀ ମାନଙ୍କର ପ୍ରତିଯୋଗିତା ମନୋଭାବକୁ ଭୁରି ଭୁରି ପ୍ରଶଂସା କରିଥିଲେ। ଅତିରିକ୍ତ ଜିଲ୍ଲା ଶିକ୍ଷାଧିକାରୀ ଡ. ସାହୁ ଧନ୍ୟବାଦ ଅର୍ପଣ କରିଥିଲେ। ଏହି କାର୍ଯ୍ୟକ୍ରମକୁ ବିଇଓ ଚକ୍ରଧର ମଲ୍ଲିକ, କ୍ରୀଡା ଶିକ୍ଷକ ପ୍ରଭାତ କୁମାର ଜେନା, ରଞ୍ଜନ କୁମାର ବେହେରା, ଜଗନ୍ନାଥ ଦ୍ୱିବେଦୀ, ଲଳିତ କୁମାର ନାୟକ, ରବିନାରାୟଣ ସାହୁ, ମିତାଲି ମଧୁସ୍ମିତା ବାରିକ, ମାନସୀ ପ୍ରଧାନ, ରିମା ନାୟକ, ସୁମନ୍ତ ମହାକୁଡ଼, ସୁବ୍ରତ ସାହୁ, କିଶୋର କୁମାର ନାୟକ, ତନ୍ମୟ ବେହେରା, ଅରୁଣ ପାଣିଗ୍ରାହୀ, ସଚିକାନ୍ତ ପଣ୍ଡା ପ୍ରମୁଖ ପରିଚାଳନାରେ ସହଯୋଗ କରିଥିବା ବେଳେ ପ୍ରଧାନ ଶିକ୍ଷକ ନରେନ୍ଦ୍ର ପ୍ରସାଦ ସାହୁ, ପ୍ରଦୀପ ମହାପାତ୍ର, ସରୋଜ ପ୍ରଧାନ, ଅକ୍ଷୟ ହୋତା, ଉମେଶ ମାଝୀ, ତରଣୀସେନ ଜେନା, ଲିଜ୍ଞା ଦାସ, ଦିପ୍ତିମୟୀ ଭବଛଳ ଦାସ, ରବିନା ଖାତୁନ, ଅରୁଣ ବାରିକ, ଧର୍ମେନ, ଅକ୍ଷୟ ହୋତା, ଅଜୟ ନନ୍ଦ, ବିଜୟ କୁମାର ମିଶ୍ର, ଭୀମସେନ ପରିଡା, ସତ୍ୟସୁନ୍ଦର ପାଣି, ଜିତେନ୍ଦ୍ର ନାୟକ, ଶଶିଶେଖର କରଶର୍ମା, ଅନିଲ ମିଶ୍ର ପ୍ରମୁଖ ସହଯୋଗ କରିଛନ୍ତି।

# ରାଜେନ୍ଦ୍ରପୁର ବିଦ୍ୟାଳୟରେ ସୁରଭି

ବାରିକପୁର/ମଞ୍ଜୁରୀ ରୋଡ, ୧୪।୧୦(ସମିସ): ଭଣ୍ଡାରିପୋଖରୀ ବ୍ଲକ ରାଜେନ୍ଦ୍ରପୁର ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟଠାରେ କ୍ଲଷ୍ଟରସ୍ତରୀୟ ସୁରଭି କାର୍ଯ୍ୟକ୍ରମ ପ୍ରଧାନଶିକ୍ଷକ ରବୀନ୍ଦ୍ର ନାଥଙ୍କ ସଂଯୋଜନାରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଅତିଥି ଭାବେ ଅବସରପ୍ରାପ୍ତ ବିଆରସିସି ଅକ୍ଷୟ କୁମାର ଜେନା, ସିଆରସିସି ଜ୍ୟୋତ୍ସ୍ନା କୁମାରୀ ବାରିକ, ସମିତିସଭ୍ୟ ସନ୍ତୋଷ ମହାପାତ୍ର, ଅବସରପ୍ରାପ୍ତ ଜିଲ୍ଲା ଶିକ୍ଷାଧିକାରୀ ପଦ୍ମଲୋଚନ ଦାସ, ଶିକ୍ଷାବିତ କିଶୋରଚନ୍ଦ୍ର ଦାସ, ସମାଜସେବୀ ଗୌରାଙ୍ଗ ସାହୁ, ମାଧବୀଲତା ସେଠୀ ପ୍ରମୁଖ ଯୋଗ ଦେଇଥିଲେ। ଏହି ଅବସରରେ ଛାତ୍ରଛାତ୍ରୀଙ୍କ ମଧ୍ୟରେ ବକ୍ତୃତା, ଚିତ୍ରାଙ୍କନ, କୁଇଜ, ନୃତ୍ୟ, ସୁଲିଖନ, ପିଏମ ପୋଷଣ, କଳା ଓ ହସ୍ତ କଳା ଏବଂ ମୌଳିକ ସ୍ୱାକ୍ଷରତା ଓ ସଂଖ୍ୟାଜ୍ଞାନରେ ଗଳ୍ପ କଥନ, ଗଣିତ କୁଇଜ, ଗଣିତ ଦୌଡ ଆଦି ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। କୃତୀ ବିଦ୍ୟାର୍ଥୀଙ୍କୁ ସରପଞ୍ଚ ପୂର୍ଣ୍ଣଚନ୍ଦ୍ର ମାଝୀ ଓ ପ୍ରାକ୍ତନ ସିଆରସିସି କୈଳାସ ସାମଲ ସମ୍ବର୍ଦ୍ଧିତ କରିଥିଲେ। ଶିକ୍ଷୟିତ୍ରୀ ମନସ୍ମିତା ବିଶ୍ୱାଳ ସ୍ୱାଗତଭାଷଣ ଓ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ଶିକ୍ଷୟତ୍ରୀ ରୀନାରାଣୀ ମାଝୀ ଧନ୍ୟବାଦ ଦେଇଥିଲେ।

# ବିଭିନ୍ନ କ୍ଲଷ୍ଟର୍‌ସ୍ତରୀୟ ଶିଶୁ ମହୋତ୍ସବ 'ସୁରଭି'

ବନ୍ତ/ଆଗରପଡ଼ା/ଅସୁରାଳି, ୧୪।୧୦(ସମିସ)




ବନ୍ତ ବ୍ଲକ ଗଣିଜାଙ୍ଗ ଆଞ୍ଚଳିକ ସାଧନକେନ୍ଦ୍ରସ୍ତରୀୟ ଶିଶୁ ମହୋତ୍ସବ ସୁରଭି-୨୫ ଓ ପ୍ରତିଯୋଗିତା କାର୍ଯ୍ୟକ୍ରମ ତୁଣ୍ଡା ସରକାରୀ ଉନ୍ନୀତ ମଧ୍ୟ ଇଂରାଜୀ ବିଦ୍ୟାଳୟରେ ଅନୁଷ୍ଠିତ ହୋଇଯାଇଛି। ଆଞ୍ଚଳିକ ସାଧନ କେନ୍ଦ୍ର ସଂଯୋଜକ ପ୍ରଫୁଲ୍ଲ ଦାସଙ୍କ ତତ୍ତ୍ୱାବଧାନ ଓ ବିଦ୍ୟାଳୟ ପ୍ରଧାନଶିକ୍ଷକ ଶିବାନନ୍ଦ ନାୟକଙ୍କଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସୁରଭି କାର୍ଯ୍ୟକ୍ରମରେ ସିଆରସିସି ପ୍ରଫୁଲ୍ଲ କୁମାର ଦାସ, ପ୍ରତିମା ଭୂୟାଁ, ଜୋସ୍ନାରାଣୀ ଜେନା, ଅହଲ୍ୟା ସିଂ, କରୁଣାକର ନାୟକ, ଗଗନ ବିହାରୀ ଦାଶ, ଅନାଦି ନାୟକ, ରଞ୍ଜନ କୁମାର ମୁଣ୍ଡା, ସତ୍ୟବ୍ରତ ଦେହୁରୀ, ଉର୍ମିଳା ପଣ୍ଡା, ଗଗନ ଦାସ ପ୍ରମୁଖ ଅତିଥି ଯୋଗ ଦେଇଥିଲେ। ପ୍ରମୋଦ ରାଉତ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ପ୍ରତାପ ମହାପାତ୍ର ଧନ୍ୟବାଦ ଦେଇଥିଲେ। କାର୍ଯ୍ୟକ୍ରମରେ ୧୩ଟି ବିଦ୍ୟାଳୟର ପ୍ରାୟ ୧୫୦ ପ୍ରାଥମିକ ସ୍ତର, ସିନିୟର ଓ ଜୁନିୟର ବିଭାଗର ଛାତ୍ରଛାତ୍ରୀ ୩୦ଟି ବିଭିନ୍ନ ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିଲେ। ଟୁଟୁ କୁମାର ପାଳ, ରମାକାନ୍ତ ବେହେରା, ଆଶିଷ କୁମାର ଜେନା, ନିତୁସ୍ମିତା ଗିରି, ତନୁଜା ବାଳା ଜେନା, ମମତା ମହାନ୍ତି, ପ୍ରଣତି ନାୟକ, କଳ୍ପନା ଦାଶ, ଲଳିରାଣୀ ଦାସ ପ୍ରମୁଖ ବିଚାରକ ଥିଲେ। କୃତୀ ଛାତ୍ରଛାତ୍ରୀ ବ୍ଲକସ୍ତରୀୟ ପ୍ରତିଯୋଗିତାରେ ଭାଗନେବେ। ରବୀନ୍ଦ୍ର ଜେନା, କଳ୍ପନା ରାଉଳ, ଅଶୋକ କୁମାର ଗିରି, ସୁଧାମଣୀ ଜେନା, ନୀଳମାଧବ ଦାସ, ମଧୁସ୍ମିତା ରାଉତ, ପ୍ରଫୁଲ୍ଲ ନାୟକ, ବିଜୟଲକ୍ଷ୍ମୀ ଦାସ ସମେତ ସମସ୍ତ ଶିକ୍ଷକଶିକ୍ଷୟତ୍ରୀ, କମିଟିର ସଦସ୍ୟସଦସ୍ୟା ଓ କର୍ମଚାରୀ ସହଯୋଗ କରିଥିଲେ।

ସେହିପରି ଧାମନଗର ବ୍ଲକ କୋରୁଆ ଆଞ୍ଚଳିକ ସାଧନକେନ୍ଦ୍ରସ୍ତରୀୟ ସୁରଭି କାର୍ଯ୍ୟକ୍ରମ କୋରୁଆ ନୋଡାଲ୍ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ପାଳିତ ହୋଇଯାଇଛି। ଆଞ୍ଚଳିକ ସାଧନକେନ୍ଦ୍ର ସଂଯୋଜକ ନୃସିଂହ ଚରଣ ସାହୁଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଉତ୍ସବରେ ପ୍ରଧାନଶିକ୍ଷକ ଉଦୟକର ଦାସ ସଭାପତିତ୍ୱ କରିଥିଲେ। ଉକ୍ତ ଉତ୍ସବରେ ଆଗରପଡା ଡାଏଟର ପ୍ରଶିକ୍ଷକ ନିର୍ମଳଚନ୍ଦ୍ର ସେଠୀ ମୂଖ୍ୟ ଅତିଥି, ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ନିଧିରାମ ଦତ ମୁଖ୍ୟବକ୍ତା, ସମ୍ମାନିତ ଅତିଥିଭାବେ ପୂର୍ବତନ ସମିତିସଭ୍ୟ ଶ୍ରୀକାନ୍ତ ନାୟକ, ସରପଂଚ ମାଳତୀ ସାହୁ, ସମିତିସଭ୍ୟ ପ୍ରତିନିଧି ରାକେଶ ପତି, ଧୂଷୁରୀ ପ୍ରେସ ୟୁନିଅନ ସଭାପତି ସନ୍ତୋଷ ଦାସ, ବିଦ୍ୟାଳୟ ପରିଚାଳନା କମିଟି ସଭାପତି ଗଦାଧର ବିଶ୍ୱାଳ, ସୋରିଷଡିହ ଉପ୍ରା ବିଦ୍ୟାଳୟର ପ୍ରଧାନ ଶିକ୍ଷକ ପ୍ରେମାନନ୍ଦ ଯେନା, ଶିକ୍ଷକ ଭାବଗ୍ରାହୀ ପଣ୍ଡା ପ୍ରମୁଖ ଯୋଗ ଦେଇଥିଲେ। ଶିକ୍ଷକ ସୁବାସଚନ୍ଦ୍ର ନାୟକ ଅତିଥିଙ୍କ ପରିଚୟ ପ୍ରଦାନ କରିଥିଲେ ଓ ଶିକ୍ଷୟିତ୍ରୀ ଚମ୍ପାଲତା ବେହେରା ଧନ୍ୟବାଦ ଅର୍ପଣ କରିଥିଲେ। ବିଭିନ୍ନ ବିଦ୍ୟାଳୟରୁ ଶିକ୍ଷକଶିକ୍ଷୟିତ୍ରୀମାନେ ଏହି କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ଗ୍ରାମ୍ୟ କୃଷି କର୍ମଚାରୀ ସମ୍ବର୍ଦ୍ଧିତ



ବାରିକପୁର,୧୪।୧୦(ସମିସ): ଭଣ୍ଡାରିପୋଖରୀ ବ୍ଲକ ମାଳଦା ଗଜଲକ୍ଷ୍ମୀ ପୂଜା ଓ ବୈତରଣୀ ମହୋତ୍ସବର ଉଦଯାପନୀ ଉତ୍ସବରେ ବିଭିନ୍ନ କ୍ଷେତ୍ରରେ ପାରଦର୍ଶିତା ଅର୍ଜନ କରିଥିବା ବ୍ୟକ୍ତି ବିଶେଷଙ୍କୁ ଅନୁଷ୍ଠାନ ପକ୍ଷରୁ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି। ମହୋତ୍ସବ କମିଟି ସଭାପତି ରବିନାରାୟଣ ଖିଲାର ଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଥିବା କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ବିଧାୟକ ସଞ୍ଜୀବ କୁମାର ମଲ୍ଲିକ ଯୋଗ ଦେଇ ଗ୍ରାମ୍ୟ କୃଷି କର୍ମଚାରୀ ନିରୁପମା ନାୟକଙ୍କୁ ମାନପତ୍ର ଓ ଉପଢ୍ରୌøକନ ଦେଇ ସମ୍ମାନିତ କରିଥିଲେ। ସେହିଭଳି ଶିକ୍ଷାବିତ ଦେବେନ୍ଦ୍ର ମହାନ୍ତି, ଅନୀତା ଅଧିକାରୀ, କବୟିତ୍ରୀ ପ୍ରବୀଣା ରଥ, ଚିତ୍ରଶିଳ୍ପୀ କ୍ରତିକ୍ରିଷ୍ଟା ପଣ୍ଡା, ସାମ୍ବାଦିକ ପ୍ରିୟଦର୍ଶନ ବୋଇତି, ପଂଚାୟତ କାର୍ଯ୍ୟ ନିର୍ବାହୀ ଅଧିକାରୀ ପ୍ରଜ୍ଞା ଶ୍ରୀ ନାୟକ, ଯୁବ ଉଦ୍ୟୋଗୀ ସତ୍ୟଜିତ ସାମଲ, ପବିତ୍ର ସାମଲଙ୍କୁ ମଧ୍ୟ ମୁଖ୍ୟ ଅତିଥି ସମ୍ବର୍ଦ୍ଧିତ କରିଥିଲେ। ଆୟୋଜିତ କାର୍ଯ୍ୟକ୍ରମରେ ମହୋତ୍ସବ କମିଟି ସଂଯୋଜକ ଉତ୍କଳ କେଶରୀ ମହାନ୍ତି, ବ୍ଲକ ଅଧ୍ୟକ୍ଷା ସୁମତୀ ସେଠୀ, ଜିଲ୍ଲା ପରିଷଦ ସଭ୍ୟ ଲକ୍ଷ୍ମୀଧର ସାହୁ, ସରପଂଚ ମିନତୀ ପରିଡା, ସମିତିସଭ୍ୟା ରୀତାଞ୍ଜଳୀ ସାମଲ ପ୍ରମୁଖ ଉପସ୍ଥିତ ଥିଲେ। ବଜାର କମିଟି ସଭାପତି ଚନ୍ଦ୍ରଶେଖର ମହାନ୍ତି ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ସମ୍ପାଦକ ରାଜେନ୍ଦ୍ର ଶତପଥୀ ଧନ୍ୟବାଦ ଅର୍ପଣ କରିଥିଲେ। ସମ୍ବର୍ଦ୍ଧନା କାର୍ଯ୍ୟକ୍ରକୁ ଯୁବ ସଙ୍ଗଠକ ପ୍ରତ୍ୟୁଷ ସାମଲ, ଭାଗିରଥି ପରିଡା, ଦୁର୍ଯ୍ୟୋଧନ ଲେଙ୍କା, ପବିତ୍ର ପାଣିଗ୍ରାହୀ ପ୍ରମୁଖ ପରିଚାଳନା କରିଥିଲେ।

ସ୍କୁଲ ଗାଡ଼ି ଓ ଟ୍ରାକ୍ଟର ମୁହାଁମୁହିଁ ଧକ୍କା

## ଅଳ୍ପକେ ବର୍ତ୍ତିଲେ ଛାତ୍ରୀଛାତ୍ର

**ଯାଜପୁର, ୧୪।୧୦(ସମିସ):** ସ୍କୁଲ ଗାଡ଼ି ଓ ଟ୍ରାକ୍ଟର ମଧ୍ୟରେ ମୁହାଁମୁହିଁ ଧକ୍କା ହେବା ଫଳରେ ଅଳ୍ପକେ ବର୍ତ୍ତି ଯାଇଥିଲେ ଛାତ୍ରୀଛାତ୍ର ଓ ଗାଡ଼ି ଚାଳକ। ଘଟଣାରୁ ପ୍ରକାଶ ମଙ୍ଗଳବାର



ଅପରାହ୍ଣରେ ଏକ ଟାଟା ମ୍ୟାଜିକ ଗାଡ଼ି ଯାଜପୁର କେନ୍ଦ୍ରୀୟ ବିଦ୍ୟାଳୟରୁ ୧୦/୧୨ଜଣ ଛାତ୍ରୀଛାତ୍ରଙ୍କୁ ନେଇ ଫେରୁଥିବା ବେଳେ ଦେବୀଦ୍ୱାର ମହାବୀର ଜିମ୍ନାସିୟମ ନିକଟରେ ବିପରୀତ ଦିଗରୁ ଓଡି-୩୨ଟି-୯୭୨୭ ନମ୍ବର ଏକ ବାଲି ବୋଝେଇ ଟ୍ରାକ୍ଟର ଗାଡ଼ି ଧକ୍କା ଦେଇ ଏକ ଇଲେକ୍ଟ୍ରି ଖୁଣ୍ଟରେ ନେଇ ପିଟି ଦେଇଥିଲା। ଭାଗ୍ୟ ବଶତଃ ଘଟଣାସ୍ଥଳରେ ଅଳ୍ପକେ ବର୍ତ୍ତି ଯାଇଥିଲେ ସ୍କୁଲର ଛାତ୍ରୀଛାତ୍ର ଓ ସମ୍ପୃକ୍ତ ଗାଡ଼ି ଚାଳକ। ତେବେ ଟ୍ରାକ୍ଟର ଚାଳକଙ୍କ ମଧ୍ୟ କିଛି କ୍ଷତି ହୋଇନଥିବା ଜଣାପଡ଼ିଛି। ଖବର ପାଇ ଯାଜପୁର ଟାଉନ ପୁଲିସ ଘଟଣାସ୍ଥଳରେ ପହଞ୍ଚିବା ସହିତ ଟ୍ରାକ୍ଟର ଚାଳକ ମଦ୍ୟ ପାନ କରି ଗାଡ଼ି ଚଳାଇ ଦୁର୍ଘଟଣା ଘଟାଇଥିବା ଜାଣିବାକୁ ପାଇବା ସହ ସମ୍ପୃକ୍ତ ଟ୍ରାକ୍ଟର ଚାଳକକୁ ଥାନାରେ ଅଟକ ରଖି ପଚରାଉଚରା କରିଥିବା ଜଣାପଡ଼ିଛି।

# କବାଟବନ୍ଧ ମେଡ଼ିକାଲ ଦଳଗାଁ ରାସ୍ତା ଶୋଚନୀୟ

**କବାଟବନ୍ଧ, ୧୪।୧୦(ସମିସ)**

ସରକାର ପରିବର୍ତ୍ତନ ହେଲା ମାତ୍ର ସରକାରୀ ଅଧିକାରୀଙ୍କର ମାନସିକତାରେ ପରିବର୍ତ୍ତନ ହୋଇପାରିଲା ନାହିଁ। ବିଶେଷ କରି ଗ୍ରାମ୍ୟ ଉନ୍ନୟନ ବିଭାଗର ଅଧିକାରୀମାନେ କାର୍ଯ୍ୟରେ ଅବହେଳା କରୁଥିବା ଅଭିଯୋଗ ହେଉଛି। ଧର୍ମଶାଳା ନିର୍ବାଚନ ମଣ୍ଡଳୀରେ ବିଭିନ୍ନ ଅଞ୍ଚଳକୁ ସଂଯୋଗ କରୁଥିବା ରାସ୍ତା ତଥା ଗ୍ରାମ୍ୟ ଉନ୍ନୟନ ବିଭାଗ ଅଧୀନରେ ଥିବା ଗୁରୁତ୍ୱପୂର୍ଣ୍ଣ ରାସ୍ତା ଗୁଡ଼ିକ ମରାମତି ଅଭାବରୁ ଶୋଚନୀୟ ହୋଇ ପଡ଼ିଛି। ହେଲେ ଗ୍ରାମ୍ୟ ଉନ୍ନୟନ ବିଭାଗ ପାଖରେ ଏ ଦିଗରେ କୌଣସି ଖବର ନଥିବା ମନେ ହେଉଛି। ଯାହା ଦ୍ୱାରା ପ୍ରବଳ ଜନଅସନ୍ତୋଷ ସୃଷ୍ଟି ପାଇବା ସହିତ ଧନଜୀବନ ଅସୁରକ୍ଷିତ ହୋଇ ପଡ଼ିଛି। ଧର୍ମଶାଳା ବ୍ଲକ ଅନ୍ତର୍ଗତ ଜେନାପୁର ଥାନା ଅଧୀନ କବାଟବନ୍ଧ- ଦଳଗାଁ ରାସ୍ତା ଏହାର ସଦ୍ୟ ଉଦାହରଣ ସାଜିଛି। ଗ୍ରାମ୍ୟ ଉନ୍ନୟନ ଜାତକା ଅଧିନରେ ରହିଥିବା ଏହି ରାସ୍ତା ପୂର୍ବ ସରକାର ସମୟରେ ମରାମତି କରାଯାଇଥିଲା। ହେଲେ ଦୀର୍ଘ ଦିନ ଧରି ଏହାର ରକ୍ଷଣାବେକ୍ଷଣ ଅଭାବରୁ ଏହା ଗମନାଗମନ ଅନୁପଯୋଗୀ ହୋଇଛି। ଯାହା ଫଳରେ ହଜାର ହଜାର ଜନସାଧାରଣ ଯିବା ଆସିବା ପାଇଁ ଅସୁବିଧାରେ ସମ୍ମୁଖୀନ ହେଉଛନ୍ତି। ବାରମ୍ବାର ଅଭିଯୋଗ ହେବାଥିଲେ ମଧ୍ୟ ଗ୍ରାମ୍ୟ ଉନ୍ନୟନ ବିଭାଗ ବିଭିନ୍ନ ଆଳ ଦେଖାଇ ସମୟ ଗଡ଼ାଇ ଚାଲିଛି। ଉକ୍ତ ରାସ୍ତାଟି ସ୍ଥାନୀୟ ଅଞ୍ଚଳର ଏକ ମୁଖ୍ୟ ସଡ଼କ ଅଟେ। କବାଟବନ୍ଧ ମେଡ଼ିକାଲ ଠାରୁ ୫୩ ନମ୍ବର ଜାତୀୟ ରାଜପଥକୁ ସିଧାସଳଖ ସଂଯୋଗ କରୁଥିବା ଏହି ରାସ୍ତାରେ ଅନେକ ଗ୍ରାମର ଲୋକ ନିତିଦିନ ନିର୍ଭର କରି ଆସନ୍ତି। ରାସ୍ତାରେ ଖାଲ ସୃଷ୍ଟି ହୋଇ ବଡ଼ ବଡ଼ ପଥର ସବୁ ଦେଖା ଯାଉଛି। ରାସ୍ତା ଦେଇ ଡାଳକଙ୍ଗ, ଅଞ୍ଜିରା, ଚକ୍ରଧରପୁର, ନୂଆଗଡ଼, ବଳରାମପୁର ଉପରଗଡ଼, କୁସୁମପୁର, ବାଘଁଶତୋଳ, ବେଲାଙ୍ଗିଆ, ବାଲିସାହି ଆଦି ଅନେକ ଗାଁର ଶହ ଶହ ରୋଗୀ ଏହି ରାସ୍ତା ଦେଇ କବାଟବନ୍ଧ ମେଡ଼ିକାଲକୁ ଯିବାଆସିବା କରନ୍ତି। ଜାତୀୟ ରାଜପଥରେ କୌଣସି ଦୁର୍ଘଟଣା ଏ ବେଳେ ଜରୁରୀ ସ୍ୱାସ୍ଥ୍ୟସେବା ପାଇଁ ଏହି ରାସ୍ତା ହିଁ ମୁଖ୍ୟ ଅଟେ। ଦୈନିକ ହଜାର ହଜାର ଲୋକ ଏବଂ ଶହ ଶହ ଗାଡ଼ି ମୋଟର ଏହି ରାସ୍ତା ଉପରେ ଚଳାଚଳ କରନ୍ତି। କବାଟବନ୍ଧ ମେଡ଼ିକାଲ, ବ୍ୟାଙ୍କ, କବାଟବନ୍ଧ ବଜାର, ସାପ୍ତାହିକ ହାଟ ସହିତ ସ୍କୁଲ କଲେଜ ଛାତ୍ରଛାତ୍ରୀ ଏହି ରାସ୍ତା ଦେଇ ଯିବା ଆସିବା କରୁଛନ୍ତି। ଦୀର୍ଘ ଦିନ ହେବ ଏହି ରାସ୍ତା ରେ ଅନେକ ସ୍ଥାନରେ ଖାଲ ସୃଷ୍ଟି ହୋଇଥିଲେ ମଧ୍ୟ ଏହାର ମରାମତି ତଥା ଜନ ସାଧାରଣଙ୍କ ସୁରକ୍ଷା ପାଇଁ କୌଣସି ପଦକ୍ଷେପ ଗ୍ରହଣ କରାଯାଇ ନାହିଁ। ପୂର୍ବରୁ ଏହି ରାସ୍ତା ଉପରେ ରହିଥିବା ମାଛ ଡଙ୍ଗା ପୋଲ ମଧ୍ୟ ଅସୁରକ୍ଷିତ ଅବସ୍ଥାରେ ରହିଥିବା ଖବର ପ୍ରକାଶ ପାଇବା ପରେ ତରବରିଆ ଭାବରେ ଗାଡି ଅଧିଆ ମୋରମ ପକାଇ କାମ ଚଳିବା ଭଳି ମରାମତି କରାଯାଇଛି। ତେବେ ବିଭାଗୀୟ ଅଧିକାରୀ ଏହି ରାସ୍ତା ପ୍ରତି କାହିଁକି ଦୃଷ୍ଟି ଦେଉ ନାହାନ୍ତି ତାହାକୁ ନେଇ ବିଭିନ୍ନ ପ୍ରଶ୍ନ କରିଛନ୍ତି ଜନସାଧାରଣ। ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରୁଥିବା ଏହି ରାସ୍ତାର ଦୈର୍ଘ୍ୟ ପ୍ରାୟ ୨ କିଲୋମିଟର ରୁ କମ ହେବା ଅନୁମାନ କରାଯାଉଛି। ତେବେ ସ୍ଥାନୀୟ ଜନସାଧାରଣଙ୍କ ଗମନାଗମନ ଏବଂ ସୁରକ୍ଷାକୁ ଗୁରୁତ୍ୱ ଦେଇ ଉକ୍ତ ରାସ୍ତାକୁ ମରାମତି କରିବା ପାଇଁ କେବେ ବିଭାଗୀୟ ଅଧିକାରୀ ତତ୍ପରତା ପ୍ରକାଶ କରିବେ ତାହାକୁ ଅପେକ୍ଷା କରିଛନ୍ତି ଅଞ୍ଚଳବାସୀ। ଏ ସଂକ୍ରାନ୍ତରେ ବିଭାଗୀୟ ଯନ୍ତ୍ରୀଙ୍କୁ ଯୋଗାଯୋଗ କରିବା ପାଇଁ ଚେଷ୍ଟା କରାଯାଇଥିଲେ ମଧ୍ୟ ମୋବାଇଲ ସ୍ୱିଚ ଅଫ ଥିବା ଜଣାପଡ଼ିଥିଲା



## ଜିଲ୍ଲାସ୍ତରୀୟ ନାଟ୍ୟ ପରିବେଷଣ ପ୍ରତିଯୋଗିତା

**ଯାଜପୁର, ୧୪।୧୦(ସମିସ):** ଯାଜପୁର ମ୍ୟୁନିସିପାଲ ସରକାରୀ ଉଚ୍ଚ ବିଦ୍ୟାଳୟ, ବାହାବାଲପୁର ପରିସରରେ ଜିଲ୍ଲା ଶିକ୍ଷା କାର୍ଯ୍ୟାଳୟ ଯାଜପୁର ତରଫରୁ ଜିଲ୍ଲାସ୍ତରୀୟ ନାଟ୍ୟ ପରିବେଷଣ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଏଥିରେ ୧୪ଟି ହାଇସ୍କୁଲରୁ ୬୪ ଜଣ ପ୍ରତଯୋଗୀ ଓ ସେମାନଙ୍କର ଗାଇଡ୍ ଶିକ୍ଷକମାନେ ଅଂଶଗ୍ରହଣ କରିଥିଲେ। ଇଣ୍ଟରନେଟ ସୁରକ୍ଷା, ମାନସିକ ସ୍ୱାସ୍ଥ୍ୟ, ବାଳିକାମାନଙ୍କ ସାମାଜିକ ସୁରକ୍ଷା ଆଦି ବିଷୟ ବସ୍ତୁକୁ ନେଇ ଛାତ୍ରଛାତ୍ରୀ ଦଳୀୟ ଭାବେ ସେମାନଙ୍କର ନାଟ୍ୟ ପରିବେଷଣ କରିଥିଲେ। ବିଚାରକ ରୂପେ ଯାଜପୁର ନାଟ୍ୟ ସଂସଦର ସଭ୍ୟ ସୁବାସ ଚନ୍ଦ୍ର ମହାପାତ୍ର, କଳାକାର ଭାବଗ୍ରାହୀ ମିଶ୍ର ଓ ଅମୂଲ୍ୟ କୁମାର ଜେନା ସହଯୋଗ କରିଥିଲେ। ଉକ୍ତ ବିଦ୍ୟାଳୟର ପ୍ରଧାନଶିକ୍ଷକ ଚିତ୍ତରଞ୍ଜନ ସେଠିଙ୍କ ସଭାପତିତ୍ୱରେ ଏକ ଉଦଘାଟନୀ ସଭା ଅନୁଷ୍ଠିତ ହୋଇଥିଲା। ଏଥିରେ ଜିଲ୍ଲା ଶିକ୍ଷା କାର୍ଯ୍ୟାଳୟ, ଯାଜପୁର ତରଫରୁ ମୁଖ୍ୟ ଅତିଥି ରୂପେ ଜିଲ୍ଲା ଶିକ୍ଷାଧିକାରୀ ମହେଶ୍ୱର ସାହୁ ଯୋଗଦାନ କରି ଛାତ୍ରଛାତ୍ରୀ ମାନଙ୍କୁ ଉଦବୋଧନ ଦେଇଥିଲେ। ଏହି ପ୍ରତିଯୋଗିତାରେ ଦଶରଥପୁର ସରକାରୀ ଉଚ୍ଚ ବିଦ୍ୟାଳୟର ଛାତ୍ରଛାତ୍ରୀ ପ୍ରଥମ, ଓଏଭି ରସୁଲପୁର ଦ୍ୱିତୀୟ ଏବଂ ଓଏଭି ବଡ଼ଚଣା ତୃତୀୟ ସ୍ଥାନ ଅଧିକାର କରଛନ୍ତି।




ଅପରାହ୍ନରେ ପୁରସ୍କାର ବିତରଣ ସଭା ଅନୁଷ୍ଠିତ ହୋଇ ବିଜେତାମାନଙ୍କୁ ଟ୍ରଫି ସହ, ମେଡାଲ ଓ ପ୍ରମାଣପତ୍ର ପ୍ରଦାନ କରାଯାଇଥିଲା। ଏହି କାର୍ଯ୍ୟକ୍ରମକୁ ସଫଳତାର ସହ ସମାପନ କରିବାରେ ଉକ୍ତ ବିଦ୍ୟାଳୟର ଶିକ୍ଷୟିତ୍ରୀ ଇପ୍ସିତା ସାହୁଙ୍କ ସହ ଅନ୍ୟ ଶିକ୍ଷକ ଓ କର୍ମଚାରୀ ମାନେ ସହଯୋଗ କରିଥିଲେ। ଏହି ପ୍ରତିଯୋଗିତାର ପ୍ରଥମ ବିଜେତା ରାଜ୍ୟସ୍ତରୀୟ ପ୍ରତିଯୋଗିତାରେ ଭାଗ ନେବା ପାଇଁ ମନୋନୀତ ହୋଇଥିଲେ।

## ମଙ୍ଗଳପୁର ପୁଲିସର ଯାଞ୍ଚ କଡ଼ାକଡ଼ି

**କୟାଁଗୋଲା, ୧୪।୧୦(ସମିସ):** ଯାଜପୁର ଆରକ୍ଷୀ ଅଧିକ୍ଷକଙ୍କ ନିର୍ଦ୍ଦେଶକ କ୍ରମେ ବିଭିନ୍ନ ସ୍ଥାନରେ ମଙ୍ଗଳପୁର ପୁଲିସ ଜୋରଦାର ଯାଞ୍ଚ ଦେଖିବାକୁ ମିଳିଛି। ବାଇକ ଚାଳକ, କାର ଚାଳକଙ୍କ ଗାଡ଼ି ଅଟକା ଯାଇ ଯାଞ୍ଚ କରାଯାଉଛି। ଯାଜପୁର ଜିଲ୍ଲା ଗତ କିଛି ଦିନ ହେବ ପାଣିକୋଇଲି ଛକ ଠାରେ ଅଳଙ୍କାର ଦୋକାନ ଲୁଟ ଘଟଣାର ଠାରୁ ତତ୍ପରତ ହେଇ ପୁଲିସ କର୍ମଚାରୀ ଆଜି ସନ୍ଧ୍ୟାରେ ବୈଳାଙ୍ଗ, ଥାଳକୁଡ଼ି, କଁୟାଗୋଲା, ଦୁବକଣ, ବିରିପଟା ଆଦି ଛକ ମାନଙ୍କରେ ଗାଡ଼ି ଚେକିଂ ସହ ନମ୍ବର ବିହୀନ ଗାଡ଼ି ଜବତ କରିଥିଲେ। ମଦ୍ୟପାନ କରି ଗାଡ଼ି ଚାଲୁଥିବା ବାଇକ୍ ଚାଳକ ମଧ୍ୟ ପୁଲିସ ଚେକିଂ କରିବା ଦେଖିବାକୁ ମିଳିଛି। ମଙ୍ଗଳପୁର ଥାନା ଏସଆଇ ଅନିତା ପ୍ରଧାନ, ଏଏସଆଇ ଘନଶ୍ୟାମ ନାୟକ ଏହି ଯାଞ୍ଚରେ ସାମିଲ ହୋଇଥିଲେ।

## ନାବାଳିକାକୁ ଅପହରଣ ଅଭିଯୋଗ

**ଦଶରଥପୁର, ୧୪।୧୦(ସମିସ):** ଦୁର୍ଗାପୂଜାରେ ମାମୁଁ ଘରକୁ ବୁଲିବାକୁ ଆସିଥିବା ଜନୈକା ନାବାଳିକାକୁ ଅପହରଣ କରାଯାଇଥିବା ନାବାଳିକା ପରିବାର ପକ୍ଷରୁ ମଙ୍ଗଳପୁର ଥାନାରେ ଲିଖିତ ଅଭିଯୋଗ ହୋଇଛି। ଅଭିଯୋଗ ମୁତାବକ ଧାମନଗର ଥାନାଞ୍ଚଳର ଜନୈକା ୧୬ ବର୍ଷୀୟା ନାବାଳିକା ଦୁର୍ଗାପୂଜା ଦେଖିବାକୁ ମଙ୍ଗଳପୁର ଥାନାଞ୍ଚଳରେ ଥିବା ମାମୁଁ ଘରକୁ ଆସିଥିଲେ। ଚଳିତ ମାସ ୧ତାରିଖ ରାତି ପ୍ରାୟ ୮ ଘଟିକା ସମୟରେ ସମ୍ପୃକ୍ତ ନାବାଳିକା ମଙ୍ଗଳପୁର ବଜାରରେ ପଡ଼ିଥିବା ମୀନାବଜାର ବୁଲି ଦେଖୁଥିବା ବେଳେ ଧାମନଗର ଥାନା ସୋହଡା ଅଞ୍ଚଳର ମାଧବାନନ୍ଦ ଯେନା ନାମକ ଜଣେ ଯୁବକ ତାର କିଛି ସହଯୋଗୀଙ୍କ ସହାୟତାରେ ଝିଅକୁ ବଳପୂର୍ବକ ଗାଡ଼ିରେ ନେଇଯାଇଥିବା ନାବାଳିକାଙ୍କ ମାଆ ମଙ୍ଗଳପୁର ଥାନାରେ ଲିଖିତ ଅଭିଯୋଗ କରି ନାବାଳିକାକୁ ସୁରକ୍ଷିତ ଫେରାଇ ଆଣିବାକୁ ଦାବି କରିଥିବା ଜଣାଯାଇଛି।

## ସମସ୍ୟା ଘେରରେ କାଏମା ଶିଶୁ ବିଦ୍ୟାମନ୍ଦିର




**ଧର୍ମଶାଳା, ୧୪।୧୦(ସମିସ):** ଧର୍ମଶାଳା ବ୍ଲକ କାଏମାସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ବିଭିନ୍ନ ସମସ୍ୟାରେ ଗତିକରୁଛି। ଯାହାଦ୍ୱାରା ଏଠାରେ ପାଠ ପଢୁଥିବା ଛାତ୍ରଛାତ୍ରୀ ନାନାଦି ଅସୁବିଧା ଭୋଗୁଥିବା ନେଇ ଅଭିଭାବକମାନେ ଅଭିଯୋଗ କରିଛନ୍ତି। ଏହି ଶିଶୁ ମନ୍ଦିରଟି ୨୦୦୪ ମସିହାରେ କାଏମାସ୍ଥିତ କେଲୁଅ ନଦୀ ସେତୁ ନିକଟରେ ସ୍ଥାପନ କରାଯାଇଥିଲା। ଆଜବେଷ୍ଟ ଘରେ ପିଲା ପାଠ ପଢ଼ା ଆରମ୍ଭ କରିଥିଲେ। ସମୟ କ୍ରମେ ଉତ୍ତମମାନର ଶିକ୍ଷା ପ୍ରଦାନ ହେଉଥିବା କାରଣରୁ ପ୍ରତ୍ୟେକ ବର୍ଷ ଏଠାରେ ଶିକ୍ଷାର୍ଥୀଙ୍କ ସଂଖ୍ୟା ବୃଦ୍ଧି ପାଇଥିଲା। ସମୟକ୍ରମେ ଏଠାରେ ଶିକ୍ଷାର୍ଥୀଙ୍କ ସଂଖ୍ୟା ବୃଦ୍ଧି ପାଇବାରୁ ଶିଶୁ ବିଦ୍ୟାମନ୍ଦିର କମିଟିର ନିଷ୍ପତି କ୍ରମେ ଡିଗିରିପଡ଼ିଆ ଗାଁ ନିକଟ କେଲୁଅ ନଦୀର ପାର୍ଶ୍ୱରେ ଶିଶୁ ବିଦ୍ୟାମନ୍ଦିର ନିଜସ୍ୱ ଟଙ୍କାରେ ସ୍ଥାୟୀ ପକ୍କା ଘର ନିର୍ମାଣ କରାଯାଇଥିଲା। ବର୍ତ୍ତମାନ ପୁରୁଣା କୋଠାରେ 'ଅରୁଣ, ଉଦୟ ଏବଂ ପ୍ରଭାତ ଠାରୁ ଆରମ୍ଭ କରି ଅଷ୍ଟମ ଶ୍ରେଣୀ ଯାଏଁ ଛାତ୍ରଛାତ୍ରୀଙ୍କୁ ଶିକ୍ଷା ପ୍ରଦାନ କରାଯାଉଛି। ଏବେ ଏହି ଶିଶୁ ବିଦ୍ୟାମନ୍ଦିରରେ ୫ ୮୦ଜଣ ଛାତ୍ରଛାତ୍ରୀ ଶିକ୍ଷାଗ୍ରହଣ କରୁଛନ୍ତି। ତେବେ ଏହି ଶିଶୁମନ୍ଦିରକୁ ଯିବାଲାଗି ଏକ ଭଲ ରାସ୍ତାଟିଏ ନଥିବା ବେଳେ ପିଇବା ପାଣି ସମସ୍ୟା ରହିଛି। ଏହି ଶିଶୁମନ୍ଦିରଟି କେଲୁଅ ନଦୀ ବନ୍ଧ ପାର୍ଶ୍ୱର୍ରେ ହୋଇଥିବାରୁ ପିଲାମାନଙ୍କୁ ବନ୍ଧରୁ ବିଦ୍ୟାଳୟକୁ ଯିବା ପାଇଁ ଭଲ ରାସ୍ତାଟିଏ ନାହିଁ। ଏମିତି କି ପିଲାଙ୍କୁ ନେଇ ଆସୁଥିବ ଗାଡ଼ି ଗୁଡ଼ିକ ବନ୍ଧ ଉପରେ ରହେ। ସେଠାରୁ ପିଲାମାନେ ଚାଲି ବିଦ୍ୟାଳୟ ଯାଇଥାନ୍ତି। ସେହିପରି ବିଦ୍ୟାଳୟରେ ଏକ କୂଅ ଖୋଳା ଯାଇଛି। ସେହି କୂଅର ଖୋଲା ପାଣିକୁ ପିଲା, ଶିକ୍ଷକ ଶିକ୍ଷୟିତ୍ରୀ ମାନେ ବ୍ୟବହାର କରୁଛନ୍ତି। ଆଉ ଏଠାରେ ଏକ ନଳକୂପ ରହିଥିବା ବେଳେ ସେଥିରୁ ଆଇରନ ପାଣି ବାହାରୁଥିବାରୁ ତାହା ବ୍ୟବହାର ଉପଯୋଗୀ ହୋଇପାରୁନାହିଁ। ଭଲରାସ୍ତାଟିଏ ନଥିବାରୁ ବର୍ଷା ଦିନେ ଶିଶୁ ବିଦ୍ୟାମନ୍ଦିର ଚାରି ପଟେ ଥିବା ଖାଲଗୁଡ଼ିକରେ ପାଣି ଜମି ରହିଥାଏ। ଯାହାଦ୍ୱାରା ଅପରିଷ୍କାର ପରିବେଶ ସହ ସାପ ଭଳି ବିଷାକ୍ତ ଜୀବଜନ୍ତୁମାନଙ୍କୁ ଭୟ ରହିଥାଏ। ସେହିପରି ଖରା ଦିନେ ପାଣି ମଧ୍ୟ ମିଳୁନଥିବା ଶିକ୍ଷକ ଶିକ୍ଷୟିତ୍ରୀ କହିଛନ୍ତି। ଶିଶୁ ବିଦ୍ୟାମନ୍ଦିରର ସମସ୍ୟା ଉପରେ ଦୃଷ୍ଟି ଦେବା ସହ ଏହାର ସମାଧାନ କରିବାକୁ ଅଭିଭାବକମାନେ ଧର୍ମଶାଳା ବିଧାୟକ ହିମାଂଶୁ ଶେଖର ସାହୁ ଏବଂ ଯାଜପୁର ସାଂସଦ ଡ. ରବୀନ୍ଦ୍ର ନାରାୟଣ ବେହେରାଙ୍କୁ ନିବେଦନ କରିଛନ୍ତି। ବିଦ୍ୟାମନ୍ଦିର ସମସ୍ୟା ସମ୍ପର୍କରେ ବିଧାୟକ ଏବଂ ସାଂସଦଙ୍କୁ ଅବଗତ କରାଯାଇଛି ବୋଲି ପ୍ରଧାନ ଆଚାର୍ଯ୍ୟ ରିତାରାଣୀ ସ୍ୱାଇଁ କହିଛନ୍ତି।

## ପାରିବାରିକ କଳହରୁ ଆତ୍ମହତ୍ୟା

**ଯାଜପୁର, ୧୪।୧୦(ସମିସ):** ଯାଜପୁର ପୌରାଞ୍ଚଳ ୧ନଂ. ୱାର୍ଡ ବରାହନାଥ ଗ୍ରାମରେ ଜଣେ ବ୍ୟକ୍ତି ପାରିବାରିକ କନ୍ଦଳ ଯୋଗୁଁ ନିଜ ଘରେ ରଶି ଲଗାଇ ଆତ୍ମହତ୍ୟା କରିଥିବା ଜଣାପଡ଼ିଛି। ଘଟଣାରୁ ପ୍ରକାଶ ଯାଜପୁର ଟାଉନ ଥାନା ବରାହନାଥ ଗ୍ରାମର ଗଣେଶ ଚନ୍ଦ୍ର ଦୀକ୍ଷିତ୍ (୫୮) ନିଜ ଶୋଇବା ଘରେ ରଶି ଲଗାଇ ଆତ୍ମହତ୍ୟା କରିଥିଲେ। ଗ୍ରାମବାସୀଙ୍କ କହିବାନୁଯାୟୀ ମୃତ ଗଣେଶଙ୍କ ଘରେ କିଛି ଦିନ ହେବ ପାରିବାରିକ କଳହ ଲାଗି ରହିଥିଲା। ସୋମବାର ରାତିରେ ଗଣେଶ ଘରେ କିଛି ଦରକାରୀ କାଗଜପତ୍ର ବାହାରେ ଆଣି ପୋଡ଼ିଦେଇଥିଲେ। ଗ୍ରାମବାସୀ ପଚାରିବାରୁ ଏହି କାଗଜ କିଛି କାମରେ ଆସିବ ନାହିଁ ବୋଲି ଗଣେଶ କହିଥିଲେ। ମଙ୍ଗଳବାର ସକାଳେ ଘର ଲୋକେ କବାଟ ଖୋଲିବାରୁ ଗଣେଶ ଫ୍ୟାନରେ ରଶି ଆତ୍ମହତ୍ୟା କରିଥିବା ଦେଖିବାକୁ ପାଇଥିଲେ। ଖବର ପାଇ ଯାଜପୁର ଟାଉନ ପୁଲିସ ଘଟଣା ସ୍ଥଳରେ ପହଞ୍ଚି ଶବକୁ ଜବତ କରି ବ୍ୟବଚ୍ଛେଦ କରିବା ନିମନ୍ତେ ଜିଲା ମୁଖ୍ୟ ଚିକିତ୍ସାଳୟରେ ପଠାଇବା ସହ ଥାନାରେ ଏକ ଅପମୃତ୍ୟୁ ମାମଲା ରୁଜୁ କରି ଘଟଣାର ତଦନ୍ତ ଜାରି ରଖିଛି।

# ଆଞ୍ଚଳିକ ସାଧନ କେନ୍ଦ୍ରସ୍ତରୀୟ ଶିଶୁ ମହୋତ୍ସବ 'ସୁରଭି'



**ବାଲିଚନ୍ଦ୍ରପୁର, ୧୪।୧୦(ସମିସ)**

ଯାଜପୁର ଜିଲ୍ଲା ବଡ଼ଚଣା ବ୍ଲକ ଅନ୍ତର୍ଗତ ରଇପୁର ସାଧନ କେନ୍ଦ୍ର ତରଫରୁ ଆଞ୍ଚଳିକ ସାଧନ କେନ୍ଦ୍ରସ୍ତରୀୟ ଶିଶୁ ମହୋତ୍ସବ 'ସୁରଭି' କୋଲଣଗିରି - ନାନକାରସ୍ଥିତ ବୌଦ୍ଧବିହାର ଉଚ୍ଚ ବିଦ୍ୟାଳୟରେ ଅନୁଷ୍ଠିତ ହୋଇଅଛି। ଏହି କାର୍ଯ୍ୟକ୍ରମକୁ କୋଲଣଗିରି ସରପଞ୍ଚ ଜ୍ଞାନରଞ୍ଜନ ସାହୁ ଉଦ୍‌ଘାଟନ କରିଥିଲେ। ପ୍ରଧାନ ଶିକ୍ଷୟିତ୍ରୀ ନିଝୁମ୍ ମହାନ୍ତିଙ୍କ ସଭାପତିତ୍ୱରେ ଆୟୋଜିତ ପୁରସ୍କାର ବିତରଣ ସଭାରେ ମୁଖ୍ୟଅତିଥି ଭାବେ ଓଡ଼ିଶା ସାହିତ୍ୟ ଏକାଡେମୀ ପୁରସ୍କାରପ୍ରାପ୍ତ ବିଶିଷ୍ଟ ସାହିତ୍ୟିକ ଡ. ବସନ୍ତ କିଶୋର ସାହୁ, ମୁଖ୍ୟବକ୍ତା ଭାବେ ବଡ଼ଚଣାର ଅତିରିକ୍ତ ମଣ୍ଡଳ ଶିକ୍ଷା ଅଧିକାରୀ ରତିକାନ୍ତ ସାମଲ, ସମ୍ମାନିତ ଅତିଥି ଭାବେ କୋଲଣଗିରି ପଞ୍ଚାୟତର ସମିତିସଭ୍ୟ ନିରଞ୍ଜନ ମହାନ୍ତି, ସ୍ୱତନ୍ତ୍ର ଅତିଥି ଭାବେ ବିଦ୍ୟାଳୟ ପରିଚାଳନା କମିଟିର ସଭାପତି ପୁଷ୍ପଲତା ମହାନ୍ତି ଯୋଗଦେଇଥିଲେ। ସିଆର୍‌ସିସି ହିମାଂଶୁ ଭୁଷଣ ଜେନାଙ୍କ ପ୍ରତ୍ୟକ୍ଷ ତତ୍ତ୍ୱା।ବିଧାନରେ ଆୟୋଜିତ ବିଭିନ୍ନ ପ୍ରତିଯୋଗିତାରେ କୃତକାର୍ଯ୍ୟ ହୋଇଥିବା କୃତି ଛାତ୍ରଛାତ୍ରୀଙ୍କୁ ପ୍ରମାଣପତ୍ର ଓ ଟ୍ରଫି ଅତିଥିମାନେ ପ୍ରଦାନ କରିଥିଲେ। ଅତିଥି ପରିଚୟ ପ୍ରଧାନ ଶିକ୍ଷକ ନିର୍ମଳ କୁମାର ଦଳାଇ ଦେଇଥିବା ବେଳେ ସ୍ୱାଗତ ଭାଷଣ ଦେଇଥିଲେ ପ୍ରଧାନ ଶିକ୍ଷକ ଦେବାଶିଷ ମଲ୍ଲିକ। ଧନ୍ୟବାଦ ଅର୍ପଣ କରିଥିଲେ କ୍ରୀଡ଼ା ଶିକ୍ଷକ ମୀନକେତନ ସାହୁ। ଏହି କାର୍ଯ୍ୟକ୍ରମରେ ସାଧନ କେନ୍ଦ୍ର ଅଧିନସ୍ଥ ଉପସ୍ଥିତ ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ, ପରିଚାଳନା କମିଟି ସଭ୍ୟ ସଭ୍ୟା ଓ ଗ୍ରାମବାସୀ ସହଯୋଗ କରିଥିଲେ।

**ମଈଁଦା:** କ୍ଲଷ୍ଟରସ୍ତରୀୟ ଶିଶୁମହୋତ୍ସବ ସୁରଭି ସ୍ଥାନୀୟ କନ୍ୟା ବିଦ୍ୟାଶ୍ରମ ସରକାରୀ ଉଚ୍ଚ ବିଦ୍ୟାଳୟରେ ଅନୁଷ୍ଠିତ ହୋଇଯାଇଛି। ପ୍ରଧାନ ଶିକ୍ଷକ ଅଜୟ କୁମାର ମଳିକଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ବ୍ଲକ ଶିକ୍ଷାଧିକାରୀ ସତ୍ୟବ୍ରତ ମିଶ୍ର ଯୋଗଦାନ



କରିଥିଲେ। ସମ୍ମାନିତ ଅତିଥି ଭାବେ ବାବୁଗୋସ୍ୱାମୀ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ହବିବୁଲ ମୋହିନି, ଆଞ୍ଚଳିକ ସାଧନ କେନ୍ଦ୍ରର ସଂଯୋଜକ ବିଦ୍ୟାସାଗର ବେହେରା ଯୋଗଦାନ କରିଥିଲେ। ଏହି କାର୍ଯ୍ୟକ୍ରମ ୧୫ଟି ବିଦ୍ୟାଳୟର ୧୫୦ଜଣ ଛାତ୍ରଛାତ୍ରୀ ତର୍କ, ରଚନା, ପ୍ରବନ୍ଧ, ବିତର୍କ, ଚିତ୍ରାଙ୍କନ, ହସ୍ତଶିଳ୍ପ, ନୃତ୍ୟ ଆଦି ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିଲେ। ବିଚାରକ ଭାବେ ନୃତ୍ୟ ଗୁରୁ ତପସ୍ୱିନୀ ମଲିକ, ସଙ୍ଗୀତ ନିର୍ଦ୍ଦେଶକ ମାଧବାନନ୍ଦ ଦାସ ସମେତ ବିଭିନ୍ନ ବିଦ୍ୟାଳୟ ଶିକ୍ଷକ ଶିକ୍ଷୟିତ୍ରୀ ଯୋଗଦାନ କରିଥିଲେ। ବିଦ୍ୟାଳୟ ତରଫରୁ ବୃନ୍ଦାବନ ଯେନା, ବିଶ୍ୱଜିତ ଦାଶ, ବିପିନ ବିହାରୀ ସାହୁ, ସୁମିତ୍ରା ରଣା, କବିତା ସାହୁ, ସସ୍ମିତା ସାହୁ, ପ୍ରିୟରଞ୍ଜନ ବେହେରା, ରୋଜାଲିନ ବେହେରା, ଅରୁଣ କୁମାର ସାମଲ, ଅଞ୍ଜଳି ବାରିକ, ସସ୍ମିତା ରାଉଳ, ମୋନଲିସା ସାମଲ, ରଞ୍ଜିତା ଦାସ, ବନିତା ଦାସ, ସୌଦାମିନୀ ଜେନା, ଅବଦୁଲ୍ଲା ଆଲାମ ଖାନ, ପବିତ୍ର ମୋହନ ଦାଶ, ଏସ କେ ଏମ୍‌ଡି ସାହାଯୁଦିନ ଅକତର, ରାଜୁ ସାର୍, ବିଶ୍ୱଜିତ ରଥ, ଲିଷ୍ଟାଲିନ ଦାସ, ମୋନାଲିସା ସ୍ୱାଇଁ, ଲିପିକା ପ୍ରିୟଦର୍ଶିନୀ ଦାସ, ପ୍ରଜ୍ଞାପରମିତା ପଣ୍ଡା, ଅକ୍ଷୟ କୁମାର ସାହୁ, ପ୍ରଫୁଲ୍ଲ କୁମାର କଣ୍ଡ ସହଯୋଗ କରିଥିଲେ।

**ମଙ୍ଗଳପୁର:** ଦଶରଥପୁର ବ୍ଲକ ମଧୁପୁର ଆଞ୍ଚଳିକ ସାଧନ କେନ୍ଦ୍ରର କ୍ଲଷ୍ଟରସ୍ତରୀୟ ସୁରଭି କାର୍ଯ୍ୟକ୍ରମ ଆଜି କନିକାପଡ଼ା ଉଚ୍ଚ ବିଦ୍ୟାଳୟରେ ସଂଯୋଜକ ଅଶୋକ କୁମାର ସାହୁଙ୍କ ସଂଯୋଜନାରେ ଅନୁଷ୍ଠିତ ହୋଇଯାଇଛି। ପ୍ରଧାନ ଶିକ୍ଷକ ଅନିଲ କୁମାର ରାୟଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ମୁଖ୍ୟଅତିଥ ôଭାବେ ଦଶରଥପୁର ବ୍ଲକ ମଣ୍ଡଳ ଶିକ୍ଷା ଅଧିକାରୀ ଶାନ୍ତନୁ କୁମାର ମଲ୍ଲିକ, ମୁଖ୍ୟବକ୍ତା ଭାବେ ଅବସର ପ୍ରାପ୍ତ ଦଶରଥପୁର ବିଇଓ ଅର୍ଣ୍ଣଦା ପ୍ରସାଦ ରଣା, ସମ୍ମାନିତ ଅତିଥି ରୂପେ ମଙ୍ଗଳପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରିଣୀ ଡ. ଅମ୍ରିତା ପ୍ରିତମ ମଲ୍ଲ, ଅହିୟାସ ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ର ଅଧିକାରୀ ଡ. ରାଜେନ୍ଦ୍ର କୁମାର ପୃଷ୍ଟି, ମଙ୍ଗଳପୁର ଥାନା ଅଧିକାରୀ ଜଗଦୀଶ କୁମାର କର, କନିକାପଡ଼ା ପଞ୍ଚାୟତ ସରପଞ୍ଚ ପ୍ରଦୀପ କୁମାର ଯେନା, ଅତିରିକ୍ତ ମଣ୍ଡଳ ଶିକ୍ଷା ଅଧିକାରିଣୀ ସାବିତ୍ରୀ ସେଠୀ, ନୃସିଂହ ଚରଣ ମହାନ୍ତି, ଗୋକୁଳାନନ୍ଦ ମହାନ୍ତି, ଅବସରପ୍ରାପ୍ତ ଶିକ୍ଷକ କଳ୍ପତରୁ ସାମଲ, ଅବସରପ୍ରାପ୍ତ ବିଆରସିସି ଅଜିତ କୁମାର ଜେନା ପ୍ରମୁଖ ଯୋଗ ଦେଇଥିଲେ। ବିଚାରକ ରୂପେ ବିଜୟ କୁମାର ନାୟକ, ସାରଦା କାନ୍ତ ମହାପାତ୍ର, ଜୟନ୍ତ କୁମାର ନାୟକ, ଦୀପକ ଦେବତା, ପ୍ରିୟବ୍ରତ ଧଳ, ପ୍ରିୟରଞ୍ଜନ ଦାସ, ଅମରେନ୍ଦ୍ର ବେହେରା, ଅଶୋକ କୁମାର ପତି ପ୍ରମୁଖ ଯୋଗ ଦେଇଥିଲେ। ୧୭ଟି ବିଦ୍ୟାଳୟରୁ ପ୍ରାୟ ୧୦୦ ଜଣରୁ ଉର୍ଦ୍ଧ୍ୱ ପ୍ରତିଯୋଗୀ ୧୬ଟି ପ୍ରତିଯୋଗିତାରେ ଭାଗ ନେଇଥିଲେ। କାର୍ଯ୍ୟକ୍ରମଟିକୁ ସୁବ୍ରତ କୁମାର ବେହେରା, ସୁମନ୍ତ ମହାପାତ୍ର, ସୁବାସ ଚନ୍ଦ୍ର ମଲ୍ଲିକ, କପିଳ ଚରଣ ଦାସ, ଚିତ୍ତରଞ୍ଜନ ଦାସ, ସୁବ୍ରତ ନାୟକ, ନାଳି ଶୁକଦେବ, ସୋନୁ କମଲ, ସୁଧାଂଶୁ ଯେନା, ରବିନାରାୟଣ ମଲ୍ଲିକ, ଦେବେନ୍ଦ୍ର କୁମାର ନାୟକ ପ୍ରମୁଖ ପରିଚାଳନା କରିବାରେ ସହଯୋଗ କରିଥିଲେ। କ୍ଲଷ୍ଟର ସ୍ତରୀୟ କୃତି ପ୍ରତିଯୋଗୀ ମାନେ ମଣ୍ଡଳ ସ୍ତରୀୟ ପ୍ରତିଯୋଗିତାରେ ଭାଗ ନେବେ ବୋଲି ଅଶୋକ କୁମାର ସାହୁ ସୂଚନା ଦେଇଛନ୍ତି।



**ବ୍ରହ୍ମବରଦା:** ରସୁଲପୁର ବ୍ଲକ ଅନ୍ତର୍ଗତ ବ୍ରହ୍ମବରଦା ପଞ୍ଚାୟତ ସ୍ଥିତ ବ୍ରହ୍ମବରଦା ସରକାରୀ ବାଳିକା ଉଚ୍ଚବିଦ୍ୟାଳୟ ଠାରେ ବନ୍ଧଡ଼ିହ ଆଞ୍ଚଳିକ ସାଧନକେନ୍ଦ୍ର ସ୍ତରୀୟ ଶିଶୁମହୋତ୍ସବ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ନାରାୟଣ ଆଇଚଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ବ୍ରହ୍ମବରଦା ସରପଞ୍ଚ ମମତା ଶୁଭଦର୍ଶନୀ ଦେଓ, ମୁଖ୍ୟବକ୍ତା ଭାବେ ଶ୍ରମିକନେତା ପ୍ରଦୀପ ଦାସ, ସମ୍ମାନିତ ଅତିଥି ଭାବେ ହାଜିରହିମିଆଁ




ସରକାରୀ ଉଚ୍ଚବିଦ୍ୟାଳୟର ପ୍ରଧାନ ଶିକ୍ଷକ ମନୋରଞ୍ଜନ ବିଶ୍ୱାଳ, ଶିଶୁ ସରକ୍ଷା କର୍ମୀ ମଣ୍ଟୁ ଦାସ, ଜାତୀୟ ସ୍ତରୀୟ ପୁରସ୍କାର ପ୍ରାପ୍ତ ବିଦ୍ୟାଙ୍ଗ ନୃତ୍ୟଶିଳ୍ପୀ ସତ୍ୟବ୍ରତ ସାହୁ, ସମାଜସେବୀ ଅମୂଲ୍ୟ ରାଉତ ପ୍ରମୁଖ ଯୋଗଦେଇଥିଲେ। କନିଷ୍ଠ ଏବଂ ବରିଷ୍ଠ ବିଭାଗରେ ନୃତ୍ୟ, ଗୀତ, ସାଧାରଣ ଜ୍ଞାନ, ଚିତ୍ରଙ୍କନ ଓ ବକ୍ତୃତା ବିଭାଗରେ ପ୍ରାୟ ୨୦୦ରୁ ଉର୍ଦ୍ଧ ପ୍ରତିଯୋଗୀ ଭାଗନେଇଥିବା ବେଳେ କୃତିପ୍ରତିଯୋଗୀ ମାନଙ୍କୁ ଅତିଥି ମାନଙ୍କ ଦ୍ୱାରା ପୁରସ୍କାରା ପ୍ରଦାନ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ଶିକ୍ଷକ ବିରେଶ କୁମାର ମହାନ୍ତି, ସୁଧାଂଶୁ ସାହୁ, ଜିତେନ୍ଦ୍ର କୁମାର ସାହୁ, ଅଚ୍ଚୁତା ପାଢ଼ୀ, ଦିବାକର ସେଠୀ, ରାମେଶ୍ୱରୀ ସେଠୀ, ଉର୍ମିଳା ସାହୁ, ଦିପିକା ଓ ଚିତରଞ୍ଜନ ଓଝ ପ୍ରମୁଖ ଶିକ୍ଷକ ଓ ଶିକ୍ଷୟତ୍ରୀ ମାନେ କାର୍ଯ୍ୟକ୍ରମରେ ସାହାଯ୍ୟ ଓ ସହଯୋଗ କରିଥିଲେ। ସଭା ଶେଷରେ ବିଦ୍ୟାଳୟର ସଭାପତି ଜୁଲଫିକର ଅଲ୍ଲି ଖାଁ ଧନ୍ୟବାଦ ଅର୍ପଣ କରିଥିଲେ।



**ଯାଜପୁର:** ଯାଜପୁର ବ୍ଲକ ଜାଲପୁର- 'ବି' କ୍ଲଷ୍ଟର ଅଧୀନସ୍ଥ ଜଗବନ୍ଧୁ ରାଉଳ ସରକାରୀ ଉଚ୍ଚ ବିଦ୍ୟାଳୟରେ ଶିଶୁ ପ୍ରତିଭା ଅନ୍ୱେଷଣ କାର୍ଯ୍ୟକ୍ରମ ସୁରଭି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମକୁ ଯାଜପୁର ବ୍ଲକର ସହ ଶିକ୍ଷା ମଣ୍ଡଳାଧିକାରୀ ମନୋଜ ଜେନା ଉଦ୍‌ଘାଟନ କରିଥିଲେ। ମୁଖ୍ୟବକ୍ତା ଭାବେ ପ୍ରାକ୍ତନ ଶିକ୍ଷକ ବୃନ୍ଦାବନ ରାଉଳ ଛାତ୍ରୀଛାତ୍ରଙ୍କୁ ଅନ୍ତର୍ନିହିତ ପ୍ରତିଭା ସମ୍ପର୍କରେ ଦିଗ୍‌ଦର୍ଶନ ଦେଇଥିଲେ। ବିଦ୍ୟାଳୟର ପ୍ରଧାନଶିକ୍ଷକ ଜିତେନ୍ଦ୍ରୀୟ ପଣ୍ଡା ସଭା କାର୍ଯ୍ୟ ପରିଚାଳନା କରିଥିଲେ। ବିଭିନ୍ନ ବର୍ଗରେ ଅନୁଷ୍ଠିତ ପ୍ରତିଯୋଗିତାରେ କୃତି ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ଆଞ୍ଚଳିକ ସାଧନ କେନ୍ଦ୍ରର ସଂଯୋଜକ ନିର୍ମଳ ଚନ୍ଦ୍ର ସେଠୀ ସହଯୋଗ କରିଥିଲେ। ଏହି କାର୍ଯ୍ୟକ୍ରମରେ ନିକଟବର୍ତ୍ତୀ ବହୁ ବିଦ୍ୟାଳୟର ଛାତ୍ରୀଛାତ୍ର ସାମିଲ ହୋଇଥିଲେ। ଏହି କାର୍ଯ୍ୟକ୍ରମକୁ ଜଗବନ୍ଧୁ ରାଉଳ ଉଚ୍ଚ ବିଦ୍ୟାଳୟର ସମସ୍ତ ଶିକ୍ଷକ, ଶିକ୍ଷୟିତ୍ରୀ ସହଯୋଗ କରିଥିଲେ।

ସକାଳ THE SAKALA



ଶ୍ରୀମନ୍ଦିର ସୁରକ୍ଷାକୁ ନେଇ ମାନସ ମନ୍ଥନ

# ବଢ଼ିବ ବଡ଼ଦେଉଳର ସୁରକ୍ଷା

ପୁରୀ, ୧୪।୧୦ (ସମିସ): ଶ୍ରୀମନ୍ଦିର ସୁରକ୍ଷା ବ୍ୟବସ୍ଥାକୁ ନେଇ ଅନେକ ସମୟରେ ପ୍ରଶ୍ନ ଉଠିଛି। ଶ୍ରଦ୍ଧାଳୁମାନଙ୍କୁ ଭେଦ କରି କେତେବେଳେ ସ୍ପାଏ କ୍ୟାମେରା, ମୋବାଇଲ୍ ଭିତରକୁ ନିଆଯାଉଛି ତ ପୁଣି କେତେବେଳେ ମନ୍ଦିର ଉପରେ ଚକ୍କର କାଟୁଛି ଡ୍ରୋନ୍। ଭିତରର ବହୁ ସମ୍ବେଦନଶୀଳ ସ୍ଥାନର ଫଟୋ, ଭିଡିଓ ମଧ୍ୟ ସାମାଜିକ ଗଣମାଧ୍ୟମରେ ଭାଇରାଲ ହେଉଛି। ଏପରିକି, ଭିତରୁ ଭିଡିଓ କଲ୍ କରାଯାଉଛି। ଅନେକଥର ମନ୍ଦିର ପରିସରରେ ବିଭିନ୍ନ ସ୍ଥାନରୁ ଚୋରି ହେବାର ଦୃଷ୍ଟାନ୍ତ ବି ରହିଛି। ତେଣୁ କିପରି ଶ୍ରୀମନ୍ଦିର ସୁରକ୍ଷା ବ୍ୟବସ୍ଥାକୁ ଆହୁରି ସୁଦୃଢ଼ କରାଯିବ, ସେନେଇ ମଙ୍ଗଳବାର ସୁରକ୍ଷା ସବ୍-କମିଟି ବୈଠକରେ ମାନସମନ୍ଥନ କରାଯାଇଛି।

ଶ୍ରୀମନ୍ଦିର ସୁରକ୍ଷା ସବ୍-କମିଟି ଅଧ୍ୟକ୍ଷ ଗିରୀଶ ଚନ୍ଦ୍ର ମୁର୍ମୁଙ୍କ ଅଧ୍ୟକ୍ଷତାରେ ନୀଳାଦ୍ରି ଭକ୍ତନିବାସରେ ଅନୁଷ୍ଠିତ ଏହି ବୈଠକରେ ସୁରକ୍ଷା ସମ୍ବନ୍ଧିତ ଅନେକ ଆଲୋଚନା ଏବଂ ନିଷ୍ପତ୍ତି ବି ହୋଇଛି। ଏଥର ଅତ୍ୟାଧୁନିକ ସୁରକ୍ଷାବଳୟରେ ରହିବ ଶ୍ରୀମନ୍ଦିର। ଶ୍ରୀମନ୍ଦିର ଭିତରେ ଓ ବାହାରେ ସ୍ୱତନ୍ତ୍ର ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯିବ। ଅଧିକ ସଂଖ୍ୟକ ସୁରକ୍ଷା କର୍ମୀ ମୁତୟନ ରହିବେ। ବିଶେଷକରି ନୋ-ଫ୍ଲାଇଁ ଜୋନ୍, ସର୍ଭିଲାନ୍ସ ସିକ୍ୟୁରିଟି, ଶ୍ରୀମନ୍ଦିର ଭିତରେ ଫୋନ୍ ବ୍ୟବହାର ଉପରେ ବିଶେଷ ଆଲୋଚନା କରାଯାଇଛି। ଆଗକୁ ଧାର୍ମିକ ବ୍ୟବସ୍ଥା ହେବ। ସେହିପରି ଫାୟାର ସେଫ୍ଟି ଏବଂ ଇଲେକ୍ଟ୍ରିକ ସେଫ୍ଟି ଉପରେ ବି ପ୍ରାଧାନ୍ୟ ଦିଆଯାଇଥିଲା। ବୈଠକରେ ସବ୍-କମିଟିର ଅନ୍ୟ ୮ ସଦସ୍ୟ ଉପସ୍ଥିତ ଥିଲେ।

ବୈଠକ ଶେଷରେ ଅଧ୍ୟକ୍ଷ ଶ୍ରୀ ମୁର୍ମୁ କହିଥିଲେ, ଆଲୋଚନା ବିଷୟବସ୍ତୁକୁ ନେଇ



ଏକ ରୂପରେଖ ପ୍ରସ୍ତୁତ କରାଯିବ। ଶ୍ରୀମନ୍ଦିର ପାଇଁ ସ୍ୱତନ୍ତ୍ର ସୁରକ୍ଷା ବ୍ୟବସ୍ଥା ପାଇଁ କେତେ ଅର୍ଥ ଆବଶ୍ୟକତା ରହିଛି, କେତେଶୀଘ୍ର ଏହାକୁ କାର୍ଯ୍ୟକାରୀ କରାଯିବ, ସେନେଇ ବିଚାରବିମର୍ଶ ହୋଇଛି। ଶ୍ରୀମନ୍ଦିରକୁ ରେଡ୍ ଜୋନ୍ ଘୋଷଣା କରାଯାଇଛି, କିନ୍ତୁ ମନ୍ଦିର ଉପରକୁ ଡ୍ରୋନ୍ ଆସିଲେ କିଭଳି ତାକୁ ଚିହ୍ନଟ କରି ଅକାମି କରାଯିବ, କିଭଳି ବୈଷୟିକ ଜ୍ଞାନକୌଶଳର ଆବଶ୍ୟକତା ରହିଛି, ତାହାର ବ୍ୟବସ୍ଥା କରାଯିବ। ଆମେ ଅନ୍ୟ ବଡ଼ବଡ଼ ମନ୍ଦିର ଯାଇ ସ୍ଥିତି ଦେଖିବୁ। ସେଠାରେ ଯେପରି ଭଲ ସୁରକ୍ଷା ବ୍ୟବସ୍ଥା ରହିଛି, ତାହା ଜଗନ୍ନାଥ ମନ୍ଦିରରେ କାର୍ଯ୍ୟକାରୀ କରାଯିବ। ଶ୍ରୀମନ୍ଦିର ଆଇନରେ ପରିବର୍ତ୍ତନ ପାଇଁ ପଦକ୍ଷେପ ଗ୍ରହଣ କରାଯିବ। ମନ୍ଦିର ଭିତରକୁ ମୋବାଇଲ୍ ନେବା ନେଇ ପୁଲିସ, ଶ୍ରୀମନ୍ଦିର କର୍ମଚାରୀ ଓ ସେବାୟତଙ୍କ ପାଇଁ କଟକଣା ରହିବ। ସେମାନେ କିଭଳି ଏବଂ କେଉଁ ସ୍ଥାନରେ ଯୋଗାଯୋଗ କରିପାରିବେ ସେନେଇ ବିକଳ୍ପ ବ୍ୟବସ୍ଥା ହେବ ବୋଲି ଅଧ୍ୟକ୍ଷ ଶ୍ରୀ ମୁର୍ମୁ କହିଥିଲେ।

- ଆଣ୍ଟି-ଡ୍ରୋନ୍ ଟେକ୍ନୋଲୋଜି ବ୍ୟବହାର ହେବ
- ଏଆଇ କ୍ୟାମେରା ମାଧ୍ୟମରେ ଭିଡ଼ ନିୟନ୍ତ୍ରଣ କରାଯିବ
- ଅନ୍ୟ ମନ୍ଦିର ଯାଇ ସୁରକ୍ଷା ବ୍ୟବସ୍ଥା ଅନୁଧ୍ୟାନ ହେବ

ଏସ୍‌ପି ପ୍ରତୀକ ସିଂ କହିଛନ୍ତି, ଏଆଇ କ୍ୟାମେରା ଲଗାଯାଇ ଭିଡ଼ ନିୟନ୍ତ୍ରଣ, ଶ୍ରୀମନ୍ଦିର ବାହାର ଓ ଭିତରର ସୁରକ୍ଷା ପରିଚାଳନା ନେଇ ଆଲୋଚନା ହୋଇଛି। ସୁରକ୍ଷା ଦାୟିତ୍ୱରେ ଥିବା ପୁଲିସ ଓ ଘରୋଇ ସୁରକ୍ଷା କର୍ମୀଙ୍କୁ ଅଧିକ ପ୍ରଶିକ୍ଷଣ ଦିଆଯିବ। ତାଙ୍କର ଦାୟିତ୍ୱ କ'ଣ ରହିବ, କିଭଳି ଭକ୍ତଙ୍କୁ ବ୍ୟବହାର କରିବେ, ସେନେଇ ପ୍ରଶିକ୍ଷଣ ଦିଆଯିବ। ଶ୍ରୀମନ୍ଦିରର ସୁରକ୍ଷା ପାଇଁ କୁଇକ୍ ରେସ୍‌ପନ୍ସ ଟିମ୍ ରହିବେ। ଅନ୍ୟ ବଡ଼ ବଡ଼ ମନ୍ଦିରରେ ଭିଡ଼ ନିୟନ୍ତ୍ରଣ ଓ ସୁରକ୍ଷା ପାଇଁ କେଉଁ ଟେକ୍ନୋଲୋଜି ରହିଛି, ତାହାର ଅନୁଧ୍ୟାନ କରାଯାଇ ଶ୍ରୀମନ୍ଦିରରେ ଲାଗୁ ନେଇ ଆଲୋଚନା କରାଯାଇଥିବା ଏସ୍‌ପି ଶ୍ରୀ ସିଂ କହିଛନ୍ତି।

ବରିଷ୍ଠ ସେବାୟତ ମାଧବ ମହାପାତ୍ର କହିଛନ୍ତି, ଭିଡ଼ ନିୟନ୍ତ୍ରଣ ପାଇଁ ଭକ୍ତଙ୍କୁ ଆଗୁଆ ସୂଚନା ଦିଆଯିବା ଦରକାର। କେତେ ସମୟ ପରେ ଦର୍ଶନ ମିଳିବ, ଭକ୍ତମାନେ ଜାଣିଲେ ସେହି ସମୟରେ ପହଞ୍ଚିବେ। ଆଗୁଆ ପହଞ୍ଚି ଅପେକ୍ଷା କରୁଥିବାରୁ ଭିଡ଼ ହେଉଛି। ଏହାଦ୍ୱାରା ଅଯଥାରେ ଭିଡ଼ ହେବ ନାହିଁ। ଶ୍ରୀମନ୍ଦିରର ସୁରକ୍ଷା ପାଇଁ ଯଥେଷ୍ଟ ସିସିଟିଭି କ୍ୟାମେରା ଲାଗିବା ଉଚିତ। ରାମ ମନ୍ଦିରର ସୁରକ୍ଷା ପାଇଁ ଇସ୍ରାଏଲ ନିର୍ମିତ ଟେକ୍ନୋଲୋଜି ଓ ତିରୁପତି ମନ୍ଦିରରେ ଭାରତ ଇଲେକ୍ଟ୍ରୋନିକ ଟେକ୍ନୋଲୋଜି ବ୍ୟବହାର ହୋଇଛି। ଆମେ ଏହିସବୁ ମନ୍ଦିରକୁ ଯାଇ ସୁରକ୍ଷା ବ୍ୟବସ୍ଥା ଅନୁଧ୍ୟାନ କରିବୁ। ପରେ ଶ୍ରୀମନ୍ଦିରରେ କେଉଁ ସୁରକ୍ଷା ଟେକ୍ନୋଲୋଜି ଦରକାର, ତାହାର ନିଷ୍ପତ୍ତି ନିଆଯିବ ବୋଲି ସେ କହିଛନ୍ତି। ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ଜିଲ୍ଲାପାଳ ଦିବ୍ୟଜ୍ୟୋତି ପରିଡ଼ା, ଏସ୍‌ପି ଶ୍ରୀ ସିଂଙ୍କ ସମେତ ଶ୍ରୀମନ୍ଦିର ପରିଚାଳନା କମିଟି ସଦସ୍ୟ ଓ କେତେଜଣ ବରିଷ୍ଠ ସେବାୟତ ଉପସ୍ଥିତ ଥିଲେ।

ଆଇନଜୀବୀ ପୀତବାସ ପଣ୍ଡା ହତ୍ୟା ମାମଲା

# ମିଳିଲା ପୀତବାସଙ୍କ ଗୁପ୍ତ ଡାଏରୀ

ବ୍ରହ୍ମପୁର, ୧୪।୧୦(ସମିସ): ବିଜେପି ନେତା ତଥା ଆଇନଜୀବୀ ପୀତବାସ ପଣ୍ଡା ହତ୍ୟାକୁ ୯ ଦିନ ବିତିଲାଣି। କିନ୍ତୁ ଏପର୍ଯ୍ୟନ୍ତ ପୁଲିସ କାହାରିକୁ ଗିରଫ କରିପାରିନାହିଁ। ମାଷ୍ଟରମାଇଣ୍ଡକୁ ଗିରଫ କରିବା ଦୂରେ ଥାଉ, ଦୁଇ ହତ୍ୟାକାରୀଙ୍କୁ ମଧ୍ୟ ଏଯାବତ୍ ଠାବ କରିପାରିନାହିଁ। ପୀତବାସଙ୍କୁ ଯେଉଁ ଦୁଇଜଣ ପେସାଦାର ସୁପାରି କିଲର

- ଖୋଲିବ କି ହତ୍ୟା ଗୁମର?
- ଆତତାୟୀଙ୍କ କୁଣ୍ଡଳୀ ଯାଞ୍ଚ ପାଇଁ ଜେଲ୍‌ମୁହାଁ ପୁଲିସ

ଗୁଳି କରି ହତ୍ୟା କରିଛନ୍ତି, ସେମାନେ ପୂର୍ବରୁ ମଧ୍ୟ ବହୁ ମାମଲାରେ ଜଡ଼ିତ ଥିବା ପୁଲିସ ସନ୍ଦେହ କରିଛି। ତେଣୁ ସେମାନଙ୍କ ବାବଦରେ କିଛି ସୁରାକ୍ ଯୋଗାଡ଼ କରିବା ଆଶାରେ ବ୍ରହ୍ମପୁର ପୁଲିସ ଏବେ ଜେଲ୍‌ମୁହାଁ ହୋଇଛି। ବ୍ରହ୍ମପୁର ସମେତ କେନ୍ଦ୍ରାପଡ଼ା ଓ ରାଜ୍ୟର ବିଭିନ୍ନ ଜେଲ୍‌ରେ ଅପରାଧୀଙ୍କ କୁଣ୍ଡଳୀ ଯାଞ୍ଚ କରୁଛି। ସଂପୃକ୍ତ ଆତତାୟୀଙ୍କୁ ଚିହ୍ନଟ କରି ସେମାନଙ୍କ ଠିକଣା ଜାଣିବାକୁ ପୁଲିସ ବିଭିନ୍ନ ଜେଲରେ ଡେରା ପକାଇଥିବା ସୂଚନା ମିଳିଛି। ଅପରପକ୍ଷେ, ଓକିଲାତି ବ୍ୟତୀତ ପୀତବାସଙ୍କର ବିଭିନ୍ନ କାରବାରରେ ସମ୍ପୃକ୍ତି ଥିବାରୁ ତାଙ୍କ ହାତଲେଖା ଡାଏରୀରୁ କିଛି ତଥ୍ୟ ଓ ପ୍ରମାଣ ମିଳିବ ବୋଲି ପୁଲିସ ଆଶା ରଖିଥିଲା। ବର୍ତ୍ତମାନ ପୀତବାସଙ୍କ ଗୁପ୍ତ 'ଡାଏରୀ'ର ସନ୍ଧାନ ମିଳିଛି। ଡାଏରୀରୁ ବହୁ ତଥ୍ୟ ସହ ଅନେକ ଗୁମର ଫିଟିବ ବୋଲି ଆଲୋଚନା ହେଉଛି।

ମିଳିଥିବା ଡାଏରୀରେ କ୍ରସର୍ ବ୍ୟବସାୟୀ, ମଦ ବେପାରୀ, ବିଲ୍ଡରଙ୍କ ସମେତ ସହରର ବହୁ ବ୍ୟବସାୟୀ ଓ ନେତାଙ୍କ ନାମ ଉଲ୍ଲେଖ ଥିବା କୁହାଯାଉଛି। ପୀତବାସ କାହାଠାରୁ ସୁଧରେ ଟଙ୍କା ଆଣିଛନ୍ତି ଅଥବା କାହାକୁ ଟଙ୍କା ଦେଇଛନ୍ତି, ସେଥିରେ ଉଲ୍ଲେଖ ଥିବା କୁହାଯାଉଛି। ବଡ଼କଥା ହେଲା, ପୀତବାସ ହଜାର କିମ୍ବା ଲକ୍ଷରେ ନୁହେଁ, ବରଂ କୋଟି କୋଟି ଟଙ୍କାର ସୁଧ କାରବାର କରୁଥିବା ନେଇ ଆଲୋଚନା ହେଉଥିବା ବେଳେ ସେସବୁ ତଥ୍ୟ ଡାଏରୀରେ ଅଛି କି ନାହିଁ, ତାହା ଉପରେ ସମସ୍ତଙ୍କ ନଜର। ପୀତବାସଙ୍କ ଜଣେ ଘନିଷ୍ଠ ବନ୍ଧୁ ତାଙ୍କଠାରୁ ପ୍ରାୟ ୮୦ ଲକ୍ଷରୁ ଅଧିକ ଟଙ୍କା ନେଇ କୌଣସି କାରଣରୁ ଦୀର୍ଘ ଦିନ ଧରି କୁଆଡ଼େ ଫେରାଇ ନଥିଲେ। ଋଣ ଅର୍ଥ ପରିଶୋଧ ପାଇଁ ସମ୍ପୃକ୍ତ ବନ୍ଧୁଜଣଙ୍କ ସହରରେ ଥିବା ନିଜର ଏକ ଘରକୁ ପୀତବାସଙ୍କୁ ବିକ୍ରି କରିଦେଇଥିବା କୁହାଯାଉଛି। ଘର ବିକ୍ରି ପରେ ମଧ୍ୟ ସମ୍ପୃକ୍ତ ବ୍ୟକ୍ତିଜଣଙ୍କ ଆହୁରି ୩୦ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କା ପୀତବାସଙ୍କୁ ଫେରାଇବାକୁ ଅଛି ବୋଲି ଶୁଣିବାକୁ ମିଳିଛି।

ସେହିପରି, ପୀତବାସ ଅନେକ ବ୍ୟବସାୟୀଙ୍କଠାରୁ ଟଙ୍କା ଉଠାଇଥିବା କୁହାଯାଉଛି। କିନ୍ତୁ, ସେନେଇ କେହି ମୁହଁ ଖୋଲିନାହାନ୍ତି। ତେବେ ବଜାରରେ ପଡ଼ିଥିବା କୋଟିକୋଟି ଟଙ୍କା କିଭଳି ଆଦାୟ ହେବ, ତାହା ଏବେ ବଡ଼ ପ୍ରଶ୍ନବାଚୀ। କାରଣ ସେଥିମଧ୍ୟରେ ପୀତବାସଙ୍କର ନିଜର ଓ ଅବଶିଷ୍ଟ ଅନ୍ୟମାନଙ୍କର ମଧ୍ୟ ଥିବା ଆଲୋଚନା ହେଉଛି। ସେପଟେ ଟଙ୍କା କାରବାର ବ୍ୟତୀତ ସେ ରୁଚି ରଖୁଥିବା ସବୁ କିଛି ବିଷୟରେ ନିଜ ଡାଏରୀରେ ଉଲ୍ଲେଖ କରିଥିବା ଜଣାପଡ଼ିଛି। ଡାଏରୀରେ ଉଲ୍ଲେଖ ଥିବା କିଛି ବ୍ୟକ୍ତିଙ୍କ ମଧ୍ୟରୁ ଅନେକଙ୍କୁ ପୂର୍ବରୁ ପୁଲିସ ଜେରା କରି ଛାଡ଼ିଥିବା କୁହାଯାଉଛି।

ପାର୍ଟ ପ୍ଲଟ୍ ପଞ୍ଜୀକରଣ

# ଏସ୍‌ଓପି ଜାରି; ଫିଟିଲା ବାଟ

ଭୁବନେଶ୍ୱର,୧୪।୧୦ (ସମିସ): ଫିଟିଲା ପାର୍ଟ ପ୍ଲଟ ପଞ୍ଜୀକରଣ ବାଟ। ଏଥିପାଇଁ ଆଜି ନୂଆ ଏସଓପି ଜାରି କରିଛନ୍ତି ରାଜ୍ୟ ସରକାର। ରାଜସ୍ୱ ଏବଂ ବିପର୍ଯ୍ୟୟ ପରିଚାଳନା ବିଭାଗ ପକ୍ଷରୁ ସମଗ୍ର ରାଜ୍ୟରେ ପାର୍ଟ ପ୍ଲଟ୍ ପଞ୍ଜୀକରଣକୁ ସୁବ୍ୟବସ୍ଥିତ କରିବା ପାଇଁ ଏକ ନୂତନ ଏସ୍‌ଓପି ଅଣାଯାଇଛି।

ଏହି ନୂଆ ଏସ୍‌ଓପି ଦ୍ୱାରା ପୂର୍ବର ସମସ୍ତ ନିର୍ଦ୍ଦେଶାବଳୀକୁ ଅଗ୍ରାହ୍ୟ କରିଦିଆଯାଇଥିବା ବେଳେ ଜନସାଧାରଣଙ୍କ ପାଇଁ ସମାନତା, ସ୍ୱଚ୍ଛତା ଏବଂ ସହଜତା ସୁନିଶ୍ଚିତ କରିବାରେ ଏହି ଏସ୍‌ଓପି କାର୍ଯ୍ୟ କରିବ ବୋଲି କୁହାଯାଉଛି।

ପଞ୍ଜୀକରଣ ଅଧିକାରୀଙ୍କ ମଧ୍ୟରେ ଅସଙ୍ଗତି ଦୂର କରିବା ସହିତ ପଞ୍ଜୀକରଣ ଅଧିନିୟମ ୧୯୦୮ ଏବଂ ଓଡ଼ିଶା ପଞ୍ଜୀକରଣ (ସଂଶୋଧନ) ଅଧିନିୟମ ୨୦୧୩ ଅନୁଯାୟୀ ରହିଥିବା ସ୍ପଷ୍ଟ ନିର୍ଦ୍ଦେଶନାମାକୁ ଏସ୍‌ଓପିରେ ସ୍ପଷ୍ଟ କରାଯାଇଛି। ପାର୍ଟ ପ୍ଲଟ ପଞ୍ଜୀକରଣ

ଗ୍ରାମାଞ୍ଚଳରେ ଜଳାଶୟ ବ୍ୟତୀତ ପାର୍ଟ ପ୍ଲଟ୍ ବିକ୍ରିକୁ ଅନୁମତି

ଘୋଷଣାନାମା ଦେଇ ହୋଇପାରିବ ଚାଷ ଜମି ପଞ୍ଜୀକରଣ

ସହରାଞ୍ଚଳରେ ପଞ୍ଜୀକରଣ ହୋଇପାରିବ ୫୦୦ ବର୍ଗ ମିଟର ପରିମିତିର ପ୍ଲଟ୍



ସମୟରେ ରାଜ୍ୟର ଅଧିକାରୀମାନେ ଆଇନ ଏବଂ ପ୍ରକ୍ରିୟା ବିଷୟରେ ଦ୍ୱନ୍ଦ୍ୱରେ ରହୁଥିଲେ; ଏଥିପାଇଁ ପ୍ଲଟ୍ ପଞ୍ଜୀକରଣରେ ସମାନତା ଆସିପାରୁ ନ ଥିଲା ଓ ଜନସାଧାରଣ ଅନେକ ଅସୁବିଧା ଭୋଗୁଥିଲେ। ଏହାକୁ ଦୃଷ୍ଟିରେ ରଖି ରାଜସ୍ୱ ମନ୍ତ୍ରୀଙ୍କ ନିର୍ଦ୍ଦେଶ କ୍ରମେ ଏହି ଏସଓପି ଆଣାଯାଇଛି। ଏଣିକି ଗ୍ରାମାଞ୍ଚଳରେ ଜଳଜମି କିସମ ପ୍ଲଟ୍ ବ୍ୟତୀତ ଗ୍ରାମାଞ୍ଚଳରେ ଆଂଶିକ ପ୍ଲଟ୍ ପଞ୍ଜୀକରଣ ପାଇଁ ଅନୁମତି ଦିଆଯାଇଛି। ବିନା ପୂର୍ବ ସର୍ତ୍ତରେ ଏହି ଅନୁମତି ଦିଆଯିବ। ଏହାକୁ ସମ୍ପୂର୍ଣ୍ଣ ପ୍ଲଟ୍ ଭାବରେ ସ୍ଥାନାନ୍ତର କରାଯିବ। ସବ୍-ଡିଭିଜନ ସହିତ ୫୦୦ ବର୍ଗ ମିଟରରୁ ଅଧିକ ହେବ ନାହିଁ। ସେହିପରି ଚାଷ ଜମି କ୍ଷେତ୍ରରେ ଯଦି ପ୍ଲଟ୍ କୃଷି କିସମ ହୋଇ ରହିଥାଏ, କେବଳ କୃଷି ବ୍ୟବହାରକୁ ସୁନିଶ୍ଚିତ କରୁଥିବା 'ଫର୍ମ ଡି' ରେ ଏକ ସ୍ୱ-ଘୋଷଣା ଦ୍ୱାରା ଏହି ପଞ୍ଜୀକରଣ କରାଯିବ।

ସହରାଞ୍ଚଳ ଓ ଯୋଜନାବଦ୍ଧ ଅଞ୍ଚଳ ଆଦି ଓଡ଼ିଶା ବିକାଶ କର୍ତ୍ତୃପକ୍ଷ ଏବଂ ଟାଉନ ପ୍ଲାନିଂ ଅଧିନିୟମ ଦ୍ୱାରା ପରିଚାଳିତ ହେଉଛି। ତେଣୁ ପାରିବାରିକ ସବ-ଡିଭିଜନ, ଛୋଟ ସବ-ଡିଭିଜନ (୫୦୦ ବର୍ଗ ମିଟରରୁ କମ୍ ଏବଂ କୌଣସି ରିଅଲ ଇଷ୍ଟେଟ୍ ବ୍ୟବହାର ହେବନି) ଏହାକୁ ମଧ୍ୟ ଅନୁମତି ଦିଆଯାଇଛି। ସେହିପରି ସହ-ଅଂଶୀଦାର ଡିଭିଜନ (ସମ୍ମତି ଏବଂ ଆନୁପାତିକ ଅଂଶ ସହିତ) ପୂର୍ବରୁ ଥିବା ଛୋଟ ପ୍ଲଟ୍ ଯାହାକି ୨୦୨୫ ଓଡିଏ, ଟିପି ଏବଂ ଆଇଟି ଦ୍ୱିତୀୟ ସଂଶୋଧନ ନିୟମ ପୂର୍ବରୁ ରେକର୍ଡ ହୋଇଥିବା ୫୦୦ ବର୍ଗ ମିଟରରୁ କମ୍ ପ୍ଲଟ୍‌ଗୁଡ଼ିକୁ ପଞ୍ଜୀକରଣ ପାଇଁ ଅନୁମତି ଦିଆଯାଇଛି। ପଞ୍ଜୀକରଣ ଅଧିକାରୀମାନେ ମ୍ୟାପ, ସୀମା ଏବଂ ଘୋଷଣାଗୁଡ଼ିକୁ ଯାଞ୍ଚ କରିବା ନିୟମର ଅନୁପାଳନ କରିବାକୁ କୁହାଯାଇଛି। ରେକର୍ଡରେ ସ୍ୱ-ଘୋଷଣାଗୁଡ଼ିକୁ ସଂରକ୍ଷିତ ରଖିବାକୁ ମଧ୍ୟ ନିର୍ଦ୍ଦେଶ ଦିଆଯାଇଛି। ତୁରନ୍ତ ପ୍ରଭାବଃ ସ୍ୱରୂପ ଏହି ଏସଓପିକୁ କାର୍ଯ୍ୟକାରୀ ପାଇଁ ବିଭାଗ ପକ୍ଷରୁ ନିର୍ଦ୍ଦେଶ ଦିଆଯାଇଛି।

# ଆଉ ୧୦ଟି ବିଭାଗରେ ଆଭ୍ୟନ୍ତରୀଣ ଅଡିଟ୍ ୱିଙ୍ଗ ସୃଷ୍ଟି

ଭୁବନେଶ୍ୱର୧୪।୧୦(ସମିସ): ରାଜ୍ୟ ସରକାର ଅର୍ଥର ସମାନତା, ତଦାରଖ ସୁନିଶ୍ଚିତ କରିବା ପାଇଁ ରାଜ୍ୟ ସରକାର ଏକ ବଡ଼ ନିଷ୍ପତ୍ତି ନେଇଛନ୍ତି। ଆଉ ୧୦ଟି ବିଭାଗରେ ଆଭ୍ୟନ୍ତରୀଣ ଅଡିଟ୍ ୱିଙ୍ଗ ସୃଷ୍ଟି କରି ରାଜ୍ୟରେ ଆଭ୍ୟନ୍ତରୀଣ ଅଡିଟ୍ ସୁଦୃଢ଼ କରିବାକୁ ନିଷ୍ପତ୍ତି ନିଆଯାଇଛି। ବର୍ତ୍ତମାନ ୨୮ଟି ବିଭାଗରେ ଏହି ୱିଙ୍ଗ କାର୍ଯ୍ୟ କରୁଥିବା ବେଳେ ବର୍ତ୍ତମାନ ଏହି ସଂଖ୍ୟା ୩୮କୁ ବୃଦ୍ଧି ପାଇଛି।

ସୂଚନା ଅନୁଯାୟୀ ଅର୍ଥ ବିଭାଗ ଗତ ୯ ତାରିଖରେ ୨୮ଟି ବିଭାଗରେ ବର୍ତ୍ତମାନର ମଞ୍ଜୁରୀପ୍ରାପ୍ତ ୫୧୦ ଜଣଙ୍କ ସଂଖ୍ୟାକୁ ଯୁକ୍ତିଯୁକ୍ତ ଭାବରେ ବିଭକ୍ତ କରି ୮୫ ଜଣ ଅଡିଟ୍ କର୍ମଚାରୀଙ୍କ ସହିତ ଆଉ ୧୦ଟି ବିଭାଗରେ ଆଭ୍ୟନ୍ତରୀଣ ଅଡିଟ୍ ୱିଙ୍ଗ ସୃଷ୍ଟି କରିଛି। ନୂତନ ଆଭ୍ୟନ୍ତରୀଣ ଅଡିଟ୍ ୱିଙ୍ଗଗୁଡ଼ିକ

**ଅର୍ଥ ବ୍ୟୟକ ତଦାରଖ ହେବ ସୁନିଶ୍ଚିତ**

ନିରନ୍ତର ସମୀକ୍ଷା ଓ ଅନୁପାଳନ ଯାଞ୍ଚ ମାଧ୍ୟମରେ ଆର୍ଥିକ ବ୍ୟବସ୍ଥାକୁ କଡ଼ାକଡ଼ି କରିବା, ଶୀଘ୍ର ବିପଦ ଚିହ୍ନଟ କରିବା ଏବଂ ଅଡିଟ୍ ଆପତ୍ତି ହ୍ରାସ କରିବାରେ ସାହାଯ୍ୟ କରିବ। ଯେଉଁ ୧୦ଟି ଅଧିକ ବିଭାଗରେ ଆଭ୍ୟନ୍ତରୀଣ ଅଡିଟ୍ ୱିଙ୍ଗ ସୃଷ୍ଟି କରାଯାଇଛି ସେଗୁଡ଼ିକ ହେଉଛି ଜଳସମ୍ପଦ, ଗ୍ରାମ୍ୟ ଉନ୍ନୟନ, ପୂର୍ତ୍ତ, ଶକ୍ତି, ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା, ଇଲେକ୍ଟ୍ରୋନିକ୍ସ ଏବଂ ସୂଚନା ପ୍ରଯୁକ୍ତି, ହସ୍ତତନ୍ତ, ବୟନ ଏବଂ ହସ୍ତଶିଳ୍ପ, ଶିଳ୍ପ, ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ଏବଂ ପର୍ଯ୍ୟଟନ।

ଏହି ପଦକ୍ଷେପ ସ୍ୱଚ୍ଛତାକୁ ସାଂଗଠନିକ କରିବା, ଆର୍ଥିକ ବିଚକ୍ଷଣତାକୁ ଉନ୍ନତ କରିବା ଏବଂ ସରକାରୀ ପାଣ୍ଠିର ଉତ୍ତମ ବ୍ୟବହାର ସୁନିଶ୍ଚିତ କରିବା, ସୁଶାସନ ଏବଂ ଦାୟିତ୍ୱପୂର୍ଣ୍ଣ ଆର୍ଥିକ ପରିଚାଳନା ପ୍ରତି ଓଡ଼ିଶାର ପ୍ରତିବଦ୍ଧତାକୁ ସୁଦୃଢ଼ କରିବା ଦିଗରେ ଏକ ପ୍ରମୁଖ ପଦକ୍ଷେପ ସାବ୍ୟସ୍ତ ହେବ।

# ରାଉରକେଲାରୁ ଅଯୋଧ୍ୟା ଯିବ ୮ ଫୁଟ୍ ଲମ୍ବର ସୁବର୍ଣ୍ଣ ଧନୁ

ରାଉରକେଲା, ୧୪।୧୦ (ସମିସ): ରାଉରକେଲାରୁ ଅଯୋଧ୍ୟାର ରାମମନ୍ଦିରକୁ ଯିବ ସୁନାରେ ପ୍ରସ୍ତୁତ ଏକ ଧନୁ। ଏନେଇ ବ୍ୟାପକ ପ୍ରସ୍ତୁତି ଆରମ୍ଭ ହୋଇଛି ବୋଲି ସନାତନ ଜାଗରଣ ମଞ୍ଚର ଅଧ୍ୟକ୍ଷ ସନ୍ତୋଷ ବିଶ୍ୱାଳ ସୂଚନା ଦେଇଛନ୍ତି। ଅଯୋଧ୍ୟା ରାମମନ୍ଦିରର ମହାସଚିବ ଚମ୍ପତ ରାୟଙ୍କ ଅନୁମତିକ୍ରମେ ଏହି କାର୍ଯ୍ୟକ୍ରମ ସମାପନ କରାଯିବ। ଏହି ସୁବର୍ଣ୍ଣ ଧନୁର ଲମ୍ବ ୮ ଫୁଟ୍ ଓ ଚଉଡ଼ା ସାଢ଼େ ୩ଫୁଟ୍। ଏହା ତାମିଲନାଡୁ କାଞ୍ଚିପୁରମ୍‌ର ୪୦ଜଣ ମହିଳା କାରିଗରଙ୍କ ଦ୍ୱାରା ପ୍ରସ୍ତୁତ କରାଯାଉଛି। ବର୍ତ୍ତମାନ ସୁଦ୍ଧା ଏଥିରେ ୧କେଜି ସୁନା ବ୍ୟବହୃତ ହୋଇଛି। ଆସନ୍ତା ଜାନୁଆରୀ ୨୦ତାରିଖରେ ପୁରୀରୁ ଏକ ଶୋଭାଯାତ୍ରା ଆରମ୍ଭ ହୋଇ ୨୨ତାରିଖ ଦିନ ଅଯୋଧ୍ୟାର ରାମମନ୍ଦିର ପ୍ରତିଷ୍ଠା ଦିବସରେ ପହଞ୍ଚିବ। ଏହି ଧନୁ ତିଆରିରେ ପ୍ରାୟ ୬ ରୁ ୮କେଜି ମଧ୍ୟରେ ସୁନା ବ୍ୟବହାର କରାଯିବା ପାଇଁ ଲକ୍ଷ୍ୟ ରଖାଯାଇଛି। ଏହାସହ ଏହି ଧନୁରେ ବୀର ସୌର୍ଯ୍ୟ ପ୍ରାପ୍ତ ହୋଇଥିବା ସହିଦ୍‌ମାନଙ୍କ ନାମ ଖୋଦିତ କରାଯିବ।



ଏହି କାର୍ଯ୍ୟ ସମାପନ ପରେ ଧନୁକୁ ପ୍ରତିଟି ଜିଲ୍ଲାର ପ୍ରମୁଖ ସ୍କୁଲ ଓ କଲେଜ ପରିକ୍ରମା କରି ସମାଜରେ ଯେଉଁମାନେ ପ୍ରକୃତ ବୀର ସେମାନଙ୍କ ସମ୍ପର୍କରେ ଅବଗତ କରାଯାଇ ଆସନ୍ତା ଜାନୁଆରୀ ୨୨ ତାରିଖରେ ଅଯୋଧ୍ୟା ଶ୍ରୀରାମ ମନ୍ଦିରର ମହାସଚିବ ଚମ୍ପତ ରାୟଙ୍କୁ ଅର୍ପଣ କରାଯିବ। ସେହିପରି ଅପରେସନ ସିନ୍ଦୂରର ସଫଳତା ପାଇଁ ଶ୍ରୀଜଗନ୍ନାଥଙ୍କ ଭୂମି ତରଫରୁ ବୀର ଯବାନଙ୍କୁ ଏହା ଉତ୍ସର୍ଗୀକୃତ କରାଯିବା ସହ କାରଗିଲରୁ ପେହେଲଗାଁଓ ପର୍ଯ୍ୟନ୍ତ ସମସ୍ତ ସହିଦ୍ ଯବାନଙ୍କ ପରିବାରକୁ ଏହି କାର୍ଯ୍ୟକ୍ରମରେ ସାମିଲ କରିବା ପାଇଁ ଲକ୍ଷ୍ୟ ରଖାଯାଇଛି ବୋଲି ଶ୍ରୀ ବିଶ୍ୱାଳ ସୂଚନା ଦେଇଛନ୍ତି।

## ଆଜିର ରାଶିଫଳ

**ମେଷ:** ପ୍ରତିକୂଳ ପରିସ୍ଥିତିରେ ଭୟ କରନ୍ତୁନି। ଧାର୍ମିକ ସମାବେଶରେ ସାମିଲ ହେବେ। କ୍ରୋଧ ଉପରେ ନିୟନ୍ତ୍ରଣ ରଖନ୍ତୁ। ଉଧାର ଟଙ୍କା ଫେରି ପାଇବେ। ଦୀର୍ଘ ଦିନର ଆଶା ପୂରଣ ହେବ।

**ବୃଷ:** ଲୋକ ସମ୍ପର୍କ ବଢ଼ିବ। ଉଡ଼ା ଖବରକୁ ବିଶ୍ୱାସ କରନ୍ତୁନି। ସରକାରୀ ଚାକିରିଆଙ୍କ ପାଇଁ ଦିନଟି ଭଲ। ଅଟକି ରହିଥିବା କାର୍ଯ୍ୟ ପୂରା ହେବ। ଆଶା କରିଥିବା ଦିଗରୁ ଅର୍ଥ ମିଳିବ। ମହିଳାମାନେ ପୂଜାର୍ଚ୍ଚନା କରିବେ।

**ମିଥୁନ:** କାର୍ଯ୍ୟରେ ବାଧା ଉପୁଜିପାରେ। ନିଜ ଲୋକ ଶତ୍ରୁ ସାଜିପାରନ୍ତି। ଛୋଟ ଛୋଟ କଥାରୁ କଳହ ସୃଷ୍ଟି ହୋଇପାରେ। କୌଣସି କ୍ଷେତ୍ରରୁ ଆଘାତ ପାଇପାରନ୍ତି। ଅଯଥା ଖର୍ଚ୍ଚରୁ ଦୂରେଇ ରୁହନ୍ତୁ।

**କର୍କଟ:** ନୂତନ ବ୍ୟବସାୟ ଆରମ୍ଭ କରିପାରନ୍ତି। ପରିବାରବର୍ଗଙ୍କ ସହ ଦୂରସ୍ଥାନକୁ ଯାତ୍ରା କରିପାରନ୍ତି। ଧାର୍ମିକ କାର୍ଯ୍ୟରେ ଯୋଗ ଦେବେ। ଅଫିସ୍ ସହକର୍ମୀଙ୍କ ସହଯୋଗ ମିଳିବ। ଚକ୍ଷୁ ସମସ୍ୟା ଭୋଗିପାରନ୍ତି।

**ସିଂହ:** ଶତ୍ରୁଙ୍କୁ ଦୁର୍ବଳ ମନେ କରନ୍ତୁନି। ଖର୍ଚ୍ଚ ବଢ଼ିପାରେ। ସଫଳତା ପାଇବାକୁ କଠିନ ପରିଶ୍ରମ କରିବେ। ଉଧାର ଟଙ୍କା ଫେରି ପାଇବେ। ବିଦ୍ୟାର୍ଥୀମାନେ ଖେଳମନସ୍କ ହେବେ। ଲୋକ ସମ୍ପର୍କ ବୃଦ୍ଧି ପାଇବ।

**କନ୍ୟା:** ଗୁରୁଜନଙ୍କ ପରାମର୍ଶ ନେଇ ନୂତନ କାର୍ଯ୍ୟରେ ଯୋଗ ଦିଅନ୍ତୁ। ଦାମ୍ପତ୍ୟ ଜୀବନ ସୁଖମୟ ହେବ। ସନ୍ତୁଳିତ ଆହାର ଗ୍ରହଣ କରନ୍ତୁ। ନୂତନ ଜମି କ୍ରୟ କରିପାରନ୍ତି। ମାପି ତୁପି କଥା ହୁଅନ୍ତୁ।

**ତୁଳା:** ଭୂମି, ଯାନବାହନ କିଣି ପାରନ୍ତି। ଅଭିଭାବକମାନେ ସନ୍ତାନଙ୍କ କ୍ୟାରିୟରକୁ ନେଇ ଚିନ୍ତାରେ ରହିବେ। ମାନ ସମ୍ମାନ ବୃଦ୍ଧି ପାଇବ। ବନ୍ଧୁମିଳନ ଯୋଗ ରହିଛି। ପିଲାମାନେ ଖେଳକୁଦରେ ସମୟ ବିତାଇବେ।

**ବିଛା:** ଅଫିସ୍ କାର୍ଯ୍ୟ ପାଇଁ ଦୂର ସ୍ଥାନକୁ ଯାତ୍ରା କରିପାରନ୍ତି। ଅଚାନକ ଖୁସି ଖବର ମିଳିବ। ମହିଳାମାନେ ଘର କାର୍ଯ୍ୟରେ ବ୍ୟସ୍ତ ରହିପାରନ୍ତି। ଯାନବାହନ ଚଳାଚଳ ସମୟରେ ସତର୍କତା ଅବଲମ୍ବନ ଜରୁରି।

**ଧନୁ:** ସୃଜନଶୀଳତା ବୃଦ୍ଧି ପାଇବ। ଆଇଟି କର୍ମଚାରୀଙ୍କ ପାଇଁ ଦିନଟି ଭଲ। ପ୍ରେମ ବ୍ୟାପାରରେ ସଫଳ ହେବେ। କର୍ମକ୍ଷେତ୍ରରେ ବଡ଼ ଦାୟିତ୍ୱ ମିଳିପାରେ। ତରବରିଆ ଭାବେ ନିଷ୍ପତ୍ତି ନିଅନ୍ତୁନି।

**ମକର:** ବନ୍ଧୁଙ୍କ ସହିତ ମନୋରଞ୍ଜନ କରିବେ। ପିଲାମାନେ ପଢ଼ାପ୍ରତି ଅଧିକ ଧ୍ୟାନ ଦେବେ। ଘରେ ମାଙ୍ଗଳିକ କାର୍ଯ୍ୟ ଆୟୋଜନ କରିବେ। ସକାରାତ୍ମକ ଚିନ୍ତାଧାରା ସହିତ ଆଗକୁ ବଢ଼ିବେ।

**କୁମ୍ଭ:** ଅଚାନକ ମନ ଭିତରେ ପରିବର୍ତ୍ତନ ଆସିପାରେ। ଆର୍ଥିକ ସମସ୍ୟା ରହିବନି। ଦାମ୍ପତ୍ୟ ଜୀବନ ସୁଖମୟ ହେବ। ଆୟ ଅନୁସାରେ ଅଧିକ ବ୍ୟୟ ହେବ। ଭଗବାନଙ୍କ ପୂଜାର୍ଚ୍ଚନା କରନ୍ତୁ। ଦାନ ଧର୍ମ କରିବେ।

**ମୀନ:** ଜମି କିଣାବିକା ଯୋଗ ରହିଛି। ଅଧିକ ଲାଭ ପାଇବା ଆଶାରେ ଭୁଲ୍ କରନ୍ତୁନି। ମହିଳାମାନେ ଘର କାମରେ ବ୍ୟସ୍ତ ରହିବେ। ବ୍ୟକ୍ତିଗତ କଥାକୁ ଅନ୍ୟମାନଙ୍କ ଆଗେ ପ୍ରକାଶ କରନ୍ତୁନି।

## ଅବଶିଷ୍ଟାଂଶ

### ଆଗୁଆ ଆସିବ...

ରେକଡର୍ କରାଯାଇଛି। ନେପାଳରୁ ଆରମ୍ଭ କରି କାଶ୍ମୀର ପର୍ଯ୍ୟନ୍ତ ହିମାଳୟ ଉପତ୍ୟକାରେ ବରଫପାତ ବୃଦ୍ଧି ପାଇଛି। ପାଣିପାଗବିଜ୍ଞାନୀମାନେ ଏହାକୁ ଏକ ଶୁଭ ସଙ୍କେତ ବୋଲି ମନେ କରୁଛନ୍ତି। ଏହାଦ୍ୱାରା ଗ୍ଲାସିୟରର ଅନ୍ୟୂନ ୫ ବର୍ଷ ପାଇଁ ଅଧିକ ଜୀବନ୍ତ ରହିବ ଓ ଉତ୍ତରଭାରତର ନଦୀଗୁଡ଼ିକର ସ୍ରୋତ ଶୁଖିବ ନାହିଁ ବୋଲି କୁହାଯାଉଛି। ବୈଜ୍ଞାନିକମାନଙ୍କ ଆକଳନ ଅନୁସାରେ ଭାରତୀୟ ଉପମହାଦ୍ୱୀପର ତାପମାତ୍ରା ଗତ ୧୨୨ ବର୍ଷରେ ୦.୯୯ ଡ଼ିଗ୍ରୀ ବୃଦ୍ଧି ପାଇଛି, ମାତ୍ର ଚଳିତ ବର୍ଷ ଅର୍ଥାତ୍ ୨୦୨୫ ଶେଷ ସୁଦ୍ଧା ଏହି ବୃଦ୍ଧିରେ ଅଙ୍କୁଶ ଲାଗିବ ଓ ଲା ନିନା କାରଣ ଯୋଗୁ ତାପମାତ୍ରା ୦.୨ଡ଼ିଗ୍ରୀ କମ୍ ହେବ।

ଅନ୍ୟପଟେ ମୌସୁମୀ ପ୍ରତ୍ୟାବର୍ତ୍ତନ ଧାରା ଆରମ୍ଭ ହେବା ପରେ ଏବେ ଓଡ଼ିଶାରେ ପାଗ ମୁଖ୍ୟତଃ ଓ ଶୁଖିଲା ଓ ଖରାଟିଆ ରହିଛି। ରାଜ୍ୟକୁ ବଙ୍ଗୋପସାଗର ପଟୁ ଜଳୀୟବାଷ୍ପପୂର୍ଣ୍ଣ ବାୟୁ ଆସିବା ମଧ୍ୟ କମିଛି। ଫଳରେ ରାତିରେ ମଧ୍ୟ ଧୀରେ ଧୀରେ ବା ହାଲୁକା ଥଣ୍ଡା ଅନୁଭୂତ ଆରମ୍ଭ ହୋଇଛି। ଗତ ୨୪ ଘଣ୍ଟାରେ ଦାରିଙ୍ଗବାଡ଼ିରେ ତାପମାତ୍ରା ୧୯ ଡିଗ୍ରୀ ରେକର୍ଡ ହୋଇଥିବା ବେଳେ ଅଧିକାଂଶ ସ୍ଥାନରେ ରାତିର ତାପମାତ୍ରା ୨୨-୨୪ ଡିଗ୍ରୀ ମଧ୍ୟରେ ରହୁଛି। ୧୭ ତାରିଖ ସୁଦ୍ଧା କେତେକ ଆଭ୍ୟନ୍ତରୀଣ ଅଞ୍ଚଳରେ ତାପମାତ୍ରା ପ୍ରାୟ ୨-୩ ଡିଗ୍ରୀ କମିପାରେ। କନ୍ଧମାଳ, କୋରାପୁଟ, ଗଜପତି, ମୟୂରଭଞ୍ଜ ଓ କେନ୍ଦୁଝରରେ ତାପମାତ୍ରା ସବୁଠାରୁ କମ୍ ରହିବ। ଏହି ସ୍ଥାନମାନଙ୍କରେ ସର୍ବନିମ୍ନ ତାପମାତ୍ରା ୨-୩ ଡିଗ୍ରୀ କମିବା ହେତୁ ଶିଶିରପାତ ସହ କୁହୁଡ଼ି ହେବାର ସମ୍ଭାବନା ରହିଛି। ବିଭିନ୍ନ ମଡେଲ୍ ଓ ପାଣିପାଗ ସଂସ୍ଥାର ସୂଚନା ଅନୁଯାୟୀ ବର୍ତ୍ତମାନ ଲା-ନିନା ସ୍ଥିତି ସୃଷ୍ଟି ହୋଇ ସାରିଛି। ତେଣୁ ଏବର୍ଷ ଭଲ ଶୀତର ଆକଳନ କରାଯାଇଛି।

### ୧୫.୬୭ ଲକ୍ଷ...

ଲୋକ ଦାଦନ ଖଟିବାକୁ ଯାଇ ବାହାରେ ରହୁଥିବା ଶ୍ରମିକମାନେ ମଧ୍ୟ ଇ-କେୱାଇସି କରିପାରିନାହାନ୍ତି। ସେପ୍ଟେମ୍ବର ୩୦ ତାରିଖକୁ ଇ-କେୱାଇସି କରିବାର ଶେଷ ତାରିଖ୍ ଭାବେ ଘୋଷଣା କରାଯାଇଥିଲା। ଏହି ଅବଧି ଭିତରେ ଅନେକ ଇ-କେୱାଇସି ହୋଇପାରି ନାହିଁ ଓ ଏହି ପ୍ରକ୍ରିୟାରେ ଅନେକ ସମସ୍ୟା ହେଉଥିବା ଡିଲର୍ ଆସୋସିଏସନ୍ ଏହା ପୂର୍ବରୁ ଅଭିଯୋଗ କରି ଆସିଛି। ନିକଟରେ ସରକାରଙ୍କ ପକ୍ଷରୁ ମିଳିଥିବା ଏକ ତାଲିକାରୁ ଜଣାପଡ଼ିଛି ଯେ ଗଞ୍ଜାମରୁ ସର୍ବାଧିକ ୧ ଲକ୍ଷ ୬୪ ହଜାର ହିତାଧିକାରୀ ଇ-କେୱାଇସି କରି ନାହାନ୍ତି। ସେହିପରି କଟକରୁ ୯୧ ହଜାର, ମୟୂରଭଞ୍ଜରୁ ୮୭ ହଜାର, ବଲାଙ୍ଗିରରୁ ୮୩ ହଜାର, ବାଲେଶ୍ୱରରୁ ୮୩ ହଜାର ଓ କଳାହାଣ୍ଡିରୁ ୮୨ ହଜାର ଲୋକ ଇ-କେୱାଇସି କରି ନ ଥିବା ଯୋଗୁଁ ତାଲିକାରୁ ବାଦ ପଡ଼ିଛନ୍ତି। ଅନେକ ଯୋଗ୍ୟ ହିତାଧିକାରୀ ନିଜର ଇ-କେୱାଇସି କରି ନ ଥିବା ସାମ୍ନାକୁ ଆସିଛି। ତେଣୁ ସରକାର ଅବଧି ବଢାଇବାକୁ ଦାବି ହୋଇ ଆସୁଥିଲା। ଯେମିତି ଯୋଗ୍ୟ ହିତାଧିକାରୀ ବାଦ ନ ପଡନ୍ତି ସରକାର ତା ଉପରେ ନଜର ଦେବା ଆବଶ୍ୟକ ବୋଲି ଦାବି ହୋଇଛି।

### ରୁପା ୨ ଲକ୍ଷ...

ଇଣ୍ଡିଆ ବୁଲିଅନ୍ ଆଣ୍ଡ ଜୁଏଲର୍ସ ଆସୋସିଏସନ୍ (ଆଇବିଜେଏ) ଅନୁଯାୟୀ, ନୂଆଦିଲ୍ଲୀର ବଜାରରେ ଆଜି ରୂପା ମୂଲ୍ୟ ଗୋଟିଏ ଦିନରେ ୭୦୦୦ ଟଙ୍କା ବୃଦ୍ଧି ଘଟି ପ୍ରତି କିଲୋଗ୍ରାମ ୧,୮୫,୦୦୦ ଟଙ୍କାରେ ପହଞ୍ଚିଛି। ବଜାର ବିଶେଷଜ୍ଞଙ୍କ ଅନୁଯାୟୀ, ପାର୍ବଣ ଋତୁ, ଶିଳ୍ପ ଚାହିଦା ବଢ଼ିବା ଏବଂ ବିଶ୍ୱ ଯୋଗାଣରେ ହ୍ରାସ ଯୋଗୁଁ ରୁପାର ମୂଲ୍ୟ ଅହେତୁକ ଭାବେ ବୃଦ୍ଧି ପାଉଛି। ରୁପା ମୂଲ୍ୟରେ ହେଉଥିବା ବୃଦ୍ଧି ଆଗକୁ ମଧ୍ୟ ଜାରି ରହିବ। ବଜାର ବିଶେଷଜ୍ଞଙ୍କ ମତରେ ଅଗାମୀ ଦିନରେ ରୁପା ଦର କିଲୋ ପିଛା ୭ ଲକ୍ଷ ଟଙ୍କା ସ୍ତର ଛୁଇଁବ। ଏକ ରିପୋର୍ଟ ଅନୁଯାୟୀ, ଚଳିତବର୍ଷ ଜାନୁଆରୀ ମାସରେ ରୁପା ମୂଲ୍ୟ କିଲୋ ପିଛା ପ୍ରାୟ ୭୯,୩୮୦ ଟଙ୍କା ରହିଥିଲା। ଚଳିତମାସରେ ନୂଆଦିଲ୍ଲୀ ବଜାରରେ ଏହା କିଲୋ ପିଛା ସର୍ବୋଚ୍ଚ ୧,୮୫,୦୦୦ ଟଙ୍କା ସ୍ତରରେ ପହଞ୍ଚିଛି। ଏହାର ଅର୍ଥ ହେଉଛି ଜାନୁଆରୀରୁ ଅକ୍ଟୋବର ପର୍ଯ୍ୟନ୍ତ ରୁପା ମୂଲ୍ୟ ପ୍ରାୟ ୧୩୩%ରୁ ଅଧିକ ବୃଦ୍ଧି ପାଇଛି। ଅପରପକ୍ଷେ ଚଳିତବର୍ଷ ଏ ପର୍ଯ୍ୟନ୍ତ ସୁନା ମୂଲ୍ୟରେ ପାଖାପାଖି ୫୦ ହଜାର ଟଙ୍କା ବୃଦ୍ଧି ଘଟିଛି। ୨୦୨୪ ଡିସେମ୍ବର ୩୧ରେ ନୂଆଦିଲ୍ଲୀରେ ୧୦ ଗ୍ରାମ ପିଛା ୨୪ କ୍ୟାରେଟ୍ ସୁନା ମୂଲ୍ୟ ୭୬,୧୬୨ ଟଙ୍କା ଥିଲା, ଯାହା ଏବେ ୧,୨୮,୮୩୦ ଟଙ୍କାରେ ପହଞ୍ଚିଛି। ଏହି ସମୟ ମଧ୍ୟରେ ରୁପା ମୂଲ୍ୟ ମଧ୍ୟ ୧୦ ଗ୍ରାମ ପିଛା ୮୯,୩୦୮ ଟଙ୍କା ବୃଦ୍ଧି ପାଇଛି। ଅପରପକ୍ଷେ ଭୁବନେଶ୍ୱରରେ ଆଜି ୨୪ କ୍ୟାରେଟ୍ ସୁନା ମୂଲ୍ୟ ୧୦ ଗ୍ରାମ ପିଛା ୧,୨୮,୩୪୦ ଟଙ୍କା ସ୍ତର ଟପିଯାଇଥିବାବେଳେ ୨୨ କ୍ୟାରେଟ୍ ସୁନା ଦର ୧୦ ଗ୍ରାମ ପିଛା ୧,୧୭,୬୫୦ ଟଙ୍କାରେ ପହଞ୍ଚିଛି।

### ଜଗିବ କିଏ ?...

ବାଣ ଫୁଟାଯାଇପାରିବ ନାହିଁ । ପୁନଶ୍ଚ ବାଣରେ ବୋରିଅମ ଓ ଅନ୍ୟ ନିଷିଦ୍ଧ ରାସାୟନିକ ବ୍ୟବହାର ଉପରେ କଟକଣା ଲଗାଯାଇଛି। ଏସବୁ ନିୟମ ପାଳନ ନ କଲେ ଓଡ଼ିଶା ବାଣ ଓ ଲାଉଡ୍‌ସ୍ପିକର ନିୟନ୍ତ୍ରଣ ଆଇନ ଅନୁସାରେ ସରକାର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବେ । ତେଣୁ ଦୀପାବଳୀରେ ବାଣ ଫୁଟାଇବା ପରିବର୍ତ୍ତେ କେବଳ ଦୀପ ଜାଳିବାକୁ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ଼ ଅନୁରୋଧ କରିଛି।

ସାଧାରଣତଃ ଭୁବନେଶ୍ୱର, କଟକ, ବାଲେଶ୍ୱର, ରାଉରକେଲା, କଳିଙ୍ଗନଗର ଓ ତାଳଚେର ପରି ସହରରେ ସବୁ ସମୟରେ ପ୍ରଦୂଷଣର ମାତ୍ରା ଅଧିକ ରହିଥାଏ। ଗତବର୍ଷ ଦୀପାବଳି ପୂର୍ବ ଦିନ ଏଠାରେ ବାୟୁର ଗୁଣବତ୍ତା ମାନ (ଏକ୍ୟୁଆଇ) ୧୦୦ ଥିଲା ବେଳେ ଦୀପାବଳି ସନ୍ଧ୍ୟାରେ ବାଣ ଫୁଟାରୁ ଏହା ବଢ଼ି ୨୩୦ ରୁ ୩୪୦ ଏକ୍ୟୁଆଇ୍‌ରେ ପହଞ୍ଚିଥିଲା। ଦୀପାବଳିରେ ବାଣଫୁଟା ପରେ ପ୍ରଦୂଷଣକୁ ନେଇ ଅନେକ ସମସ୍ୟା ସୃଷ୍ଟି ହେଉଥିବାରୁ ସାରା ଦେଶରେ କିପରି ପ୍ରଦୂଷଣକୁ ରୋକାଯାଇପାରିବ ସେନେଇ ପରିବେଶବିତ୍‌ମାନେ ଚିନ୍ତା ପ୍ରକଟ କରିଛନ୍ତି। ବାଣରୁ ନିର୍ଗତ ଧୂଆଁ ଓ ଶିଳ୍ପ ବର୍ଜ୍ୟବସ୍ତୁ ବାୟୁମଣ୍ଡଳକୁ ପ୍ରବେଶ କରୁଛି। ଯେଉଁଥିରେ ଅଙ୍ଗାରକାମ୍ଳ, ଗନ୍ଧକାମ୍ଳ, ଜବଖାରକାମ୍ଳ ଓ ମିଥେନ ପରି ବିଷାକ୍ତ ଗ୍ୟାସ୍ ରହିଛି। ତେଣୁ ଦେଶର ବିଭିନ୍ନ ରାଜ୍ୟରେ ବାଣଫୁଟା ଉପରେ କଡ଼ାକଡ଼ି କଟକଣା ଲଗାଯାଇଛି। ଅନ୍ୟପକ୍ଷରେ ବାଣ ଫୁଟାଇବା ସମୟରେ ପାଖରେ ପାଣି ବା ବାଲି ରଖିବାକୁ ପରାମର୍ଶ ଦିଆଯାଇଛି। ବାଣକୁ ହାତରେ ଧରି ଫୁଟାଇବାକୁ ବାରଣ କରାଯାଇଛି। ବାଣ ଫୁଟାଇବା ସମୟରେ ନିଜକୁ ଦୂରରେ ରଖିବା ଓ ଫୁଟି ଯାଇଥିବା ବାଣକୁ ଆଉଥରେ ଫୁଟାଇବାକୁ ଚେଷ୍ଟା ନକରିବା, ବାଣ ଫୁଟାଇବା ସମୟରେ ଆଖିର ଯତ୍ନ ନେବାକୁ ସ୍ୱଚ୍ଛ ଚଷମା ବ୍ୟବହାର କରିବା ଆଦି ବିଷୟରେ ସତର୍କତା ଜାରି କରାଯାଇଛି। ବାଣ ଫୁଟାଇବା ସମୟରେ ସୁରକ୍ଷା ପ୍ରତି ଧ୍ୟାନ ଦେଇ ସୂତା ପୋଷାକ ପିନ୍ଧିବା ପାଇଁ ପରାମର୍ଶ ଦିଆଯାଇଛି।

# ଆପତ୍ତିଜନକ ଏ.ଆଇ ଫଟୋ ଭାଇରାଲ କରି ଯୁବକ ଗିରଫ

କଟକ, ୧୪।୧୦ (ସମିସ): କୃତ୍ରିମ ବୁଦ୍ଧିମତ୍ତା (ଏଆଇ)ର ବ୍ୟବହାର କରି ରାଜ୍ୟର ବିଶିଷ୍ଟ ରାଜନେତା, ଲୋକପ୍ରିୟ ଅଭିନେତା ଏବଂ ବିଭିନ୍ନ କ୍ଷେତ୍ରରେ ପ୍ରତିଷ୍ଠିତ ବ୍ୟକ୍ତିତ୍ୱଙ୍କ ଅଶ୍ଳୀଳ ଫଟୋ ତିଆରି କରି ତାହାକୁ ସୋସିଆଲ୍ ମିଡିଆରେ ଭାଇରାଲ୍ କରୁଥିବା ଜଣେ ଅଭିଯୁକ୍ତକୁ ଆଜି କମିସନରେଟ୍ ପୁଲିସ୍ ଗିରଫ କରିଛି। ସେ ହେଲା, ସାଲେପୁର ଅଞ୍ଚଳର ବିଶ୍ୱବଲ୍ଲଭାନନ୍ଦ ଓରଫ୍ କୁନ୍‌ମୁନ୍। ଦୀର୍ଘ ଦିନ ହେବ ସେ ଏଭଳି ଆପତ୍ତିଜନକ ଏଆଇ ଜେନେରେଟ୍ ଫଟୋ ଓ ଭିଡିଓ ଭାଇରାଲ କରି ସାମାଜିକ ଗଣମାଧ୍ୟମ ପ୍ଲାଟଫର୍ମରୁ

- ରାଜନେତା, ଅଭିନେତା ଏବଂ ପ୍ରତିଷ୍ଠିତ ବ୍ୟକ୍ତିଙ୍କୁ କରୁଥିଲା ଟାର୍ଗେଟ୍
- ସାମାଜିକ ଗଣମାଧ୍ୟମରେ ପୋଷ୍ଟ କରୁଥିଲା ଅଶ୍ଳୀଳ ଫଟୋ ଓ ଭିଡିଓ

ଅର୍ଥ ରୋଜଗାର କରିବାକୁ ଉଦ୍ୟମ କରୁଥିଲା। ଜଣେ ଅଭିଯୋଗକାରୀଙ୍କ ଏତଲାକ୍ରମେ ସାଇବର ଥାନା ପୁଲିସ ତାକୁ ଗିରଫ କରିଛି। ଏହାସହ ତା'ର ଆକାଉଣ୍ଟ ଓ ଡାଟା ଦେବାକୁ ପୁଲିସ 'ମେଟା' ଓ ବିଭିନ୍ନ ନେଟ୍‌ୱର୍କକୁ ଚିଠି ଲେଖିଛି।

ପୁଲିସ ସୂଚନାନୁସାରେ, କୁନ୍‌ମୁନ୍ ନାମରେ ଏକ ଫେସବୁକ୍ ଆକାଉଣ୍ଟ ରହିଥିଲା। ସେ ଏହି ଆକାଉଣ୍ଟରେ ପ୍ରତିଦିନ ବିଭିନ୍ନ ରାଜନେତା, ଚଳଚ୍ଚିତ୍ର ଅଭିନେତା ଓ ଅଭିନେତ୍ରୀ ଏବଂ ବିଭିନ୍ନ ପ୍ରତିଷ୍ଠିତ ବ୍ୟକ୍ତିବିଶେଷଙ୍କ ଏଆଇ ଜେନେରେଟ୍ ଫଟୋ ଓ ଭିଡିଓ ପୋଷ୍ଟ କରି ସେମାନଙ୍କ ଚରିତ୍ର ସଂହାର କରୁଥିଲା। ସେହିପରି, ନିଜର ଇନ୍‌ଷ୍ଟାଗ୍ରାମ, ଏକ୍ସ ଓ ହ୍ୱାଟସଆପ୍‌ରେ ଏହି ଆପତ୍ତିଜନକ ଅଶ୍ଳୀଳ ଭିଡିଓ ଓ ଅଡିଓ ପୋଷ୍ଟ କରୁଥିଲା। ଗତ ୧୨ ତାରିଖରେ ସେ ଏକାଧିକ ଅଶ୍ଳୀଳ ଭିଡିଓ ପୋଷ୍ଟ କରିଥିବା ବେଳେ ଏ ସମ୍ପର୍କରେ ଜଣେ ଫେସବୁକ୍ ୟୁଜର୍ ସାଇବର ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଅଭିଯୋଗ ଉପରେ ତୁରନ୍ତ ପଦକ୍ଷେପ ଗ୍ରହଣ କରି, ଆଇଆଇସି ରଶ୍ମିତା ଜେନା ତଦନ୍ତ ଆରମ୍ଭ କରି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଥିଲା। ତଦନ୍ତ ସମୟରେ ଅଭିଯୁକ୍ତକୁ ଚିହ୍ନଟ କରାଯାଇ ଆଜି ଗିରଫ କରାଯାଇଥିଲା। ଏହି ଘଟଣାର ଯେଉଁ ଆର୍ଥିକ ଦିଗ ରହିଛି, ତାହାକୁ ଠାବ କରିବା ପାଇଁ ମାମଲାର ଅଧିକ ତଦନ୍ତ ଜାରି ରହିଥିବା ସାଇବର ଥାନା ପୁଲିସ କହିଛି। ଆଗକୁ ଏଭଳି କାର୍ଯ୍ୟରେ ଲିପ୍ତ ଥିବା ଅଭିଯୁକ୍ତମାନଙ୍କୁ ଗିରଫ କରାଯିବା ସହ କଠୋର୍ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଡିସିପି ଖିଲାରୀ ଋଷିକେଶ ଦ୍ୟାନଦେଓ କହିଛନ୍ତି।

ବିହାର ବିଧାନସଭା ନିର୍ବାଚନ

# ମେଣ୍ଟ ଅଙ୍କ ଅଡୁଆ

## ଆର୍‌ଜେଡି-କଂଗ୍ରେସ ଟଣାଓଟରା ଜାରି

ପାଟନା, ୧୪।୧୦ (ଏଜେନ୍ସି): ବିହାର ବିଧାନସଭା ନିର୍ବାଚନ ଘୋଷଣା ହେବାକୁ ୭ ଦିନ ବିତିଗଲାଣି, କିନ୍ତୁ ବିରୋଧୀ ମେଣ୍ଟ 'ଇଣ୍ଡିଆ'ରେ ଏ ପର୍ଯ୍ୟନ୍ତ ଆସନ ବୁଝାମଣା ହୋଇପାରୁନି। ଭାଗବଣ୍ଟାକୁ ନେଇ କଂଗ୍ରେସ ଏବଂ ଆର୍‌ଜେଡି ମଧ୍ୟରେ ଟଣାଓଟରା ଜାରି ରହିଛି। କୌଣସି ଦଳ କମ୍ ଆସନରେ ଲଢିବାକୁ ପ୍ରସ୍ତୁତ ନାହାନ୍ତି। ଏହି ମତଭେଦ ଦିନକୁ ଦିନ ଉଗ୍ର ହେବାରେ ଲାଗିଛି। ଜନସୁରାଜ, ବିଜେପି ପ୍ରାର୍ଥୀ ଘୋଷଣା କରି ସାରିଥିବାବେଳେ 'ଇଣ୍ଡିଆ' ବେଳ ଗଡ଼ି ଗଡ଼ି ଚାଲିଛି। ଏପରି ସମୟରେ ମହାମେଣ୍ଟରେ ଆସନ ବୁଝାମଣାକୁ ନେଇ କୌଣସି ସାଲିସ କରାଯିବ ନାହିଁ ବୋଲି କଂଗ୍ରେସ ପକ୍ଷରୁ କୁହାଯାଇଛି। ଆସନକୁ ନେଇ ଏବେ ବି ଆର୍‌ଜେଡି ସହ ଟଣାଓଟରା ଲାଗି ରହିଛି।

### ତେଜସ୍ୱୀଙ୍କୁ ଭେଟିଲେନି ରାହୁଲ

### ସାଲିସ କରିବୁନି: କଂଗ୍ରେସ

### ଚିହ୍ନ ଦେଲେ ଲାଲୁ; ଫେରାଇନେଲେ ତେଜସ୍ୱୀ

ଅନ୍ୟପକ୍ଷରେ ବିରୋଧୀ ଦଳ ନେତା ତେଜସ୍ୱୀ ଯାଦବ ଦିଲ୍ଲୀରୁ ପାଟନା ଫେରି ଆସିଛନ୍ତି। କିନ୍ତୁ ସେ କଂଗ୍ରେସ ନେତା ରାହୁଲ ଗାନ୍ଧୀଙ୍କୁ ସାକ୍ଷାତ କରି ନ ଥିବା ଜଣାପଡ଼ିଛି। ଲୋକସଭା ଭଳି ବିଧାନସଭା ନିର୍ବାଚନର ନେତୃତ୍ୱ ମଧ୍ୟ ଲାଲୁ ଏବଂ ତେଜସ୍ୱୀ ନେବାକୁ ଚାହୁଁଛନ୍ତି। ବାପପୁଅ ନିଜ ହିସାବରେ ଆସନ ବାଣ୍ଟିବାକୁ ପ୍ରୟାସ କରୁଛନ୍ତି। କିନ୍ତୁ ଚଳିତ ଥର ରାହୁଲ ନଇଁବାକୁ ପ୍ରସ୍ତୁତ ନାହାନ୍ତି। ସେ ବିହାର କଂଗ୍ରେସ ନେତାଙ୍କୁ ସ୍ପଷ୍ଟ ନିର୍ଦ୍ଦେଶ ଦେଇଛନ୍ତି। କାହା ଚାପରେ ଆସନ ବୁଝାମଣା ହେବନାହିଁ ବୋଲି କହିଛନ୍ତି। ଏହି କାରଣରୁ ପ୍ରଦେଶ କଂଗ୍ରେସର କୌଣସି ନେତା ଆସନ ବଣ୍ଟନକୁ ନେଇ ମୁହଁ ଖୋଲୁ ନାହାନ୍ତି।

ଏହି ପ୍ରସଙ୍ଗରେ ଦିଲ୍ଲୀ ରାହୁଲଙ୍କୁ ଭେଟିବା ପାଇଁ ତେଜସ୍ୱୀ ଦିଲ୍ଲୀ ଯାଇଥିଲେ, ମାତ୍ର କଂଗ୍ରେସ ନେତା ତାଙ୍କୁ ସମୟ ଦେଇ ନ ଥିଲେ। ଏହା ପରେ ତେଜସ୍ୱୀ ଖାଲି ହାତରେ ଫେରି ଥିଲେ। କିନ୍ତୁ ବର୍ତ୍ତମାନର ପରିସ୍ଥିତିରେ ମେଣ୍ଟ ଆଗକୁ ବଢ଼ିପାରିବ ନାହିଁ ବୋଲି ସେ କଂଗ୍ରେସ ହାଇକମାଣ୍ଡଙ୍କୁ ସ୍ପଷ୍ଟ କରିଦେଇଛନ୍ତି। ଏହି କାରଣରୁ ପାଟନା ପହଞ୍ଚିବା ପରେ ଲାଲୁ ଯାଦବ ନିଜ ଲୋକଙ୍କୁ ଦଳୀୟ ଚିହ୍ନ ବାଣ୍ଟିବା ଆରମ୍ଭ କରିଦେଇଥିଲେ। ମାତ୍ର ତେଜସ୍ୱୀ ଏହା ଉପରେ ଅସନ୍ତୁଷ୍ଟ ହୋଇଥିଲେ। ଦଳୀୟ ନେତାଙ୍କୁ ବାପା ଦେଇଥିବା ଚିହ୍ନଗୁଡିକୁ ପୁଅ ଫେରାଇ ଆଣିଥିଲେ। ମହାମେଣ୍ଟର ସହଯୋଗୀ ଦଳ ସିପିଆଇ (ଏମଏଲ) ମଧ୍ୟ ପ୍ରାର୍ଥୀଙ୍କୁ ଟିକଟ ବଣ୍ଟନ କାର୍ଯ୍ୟ ଆରମ୍ଭ



କରିଦେଇଥିଲା। କିନ୍ତୁ କଂଗ୍ରେସ ଏ ପର୍ଯ୍ୟନ୍ତ ଏଥିରୁ ଦୂରେଇ ରହିଛି।

ଅନ୍ୟପଟେ ମହାମେଣ୍ଟରେ ତେଜସ୍ୱୀଙ୍କ ବଡ଼ ଭାଇ କହୁଥିବା ମୁକେଶ ସହାନୀଙ୍କ ସ୍ଥିତି ବି ଅସମ୍ଭାଳ ହେବାରେ ଲାଗିଛି। ସେ ପୂର୍ବରୁ ୬୦ ଆସନ ମାଗିଥିଲେ, କିନ୍ତୁ ଏବେ ୩୦ରେ ଦେବାକୁ କହୁଛନ୍ତି। ସେ ଉପ-ମୁଖ୍ୟମନ୍ତ୍ରୀ ହେବାର ଆଶାକୁ ବି ଭୁଲି ଗଲେଣି। କାରଣ ତେଜସ୍ୱୀଙ୍କୁ ମୁଖ୍ୟମନ୍ତ୍ରୀ ପ୍ରାର୍ଥୀ କରିବା ପାଇଁ କଂଗ୍ରେସ ଚାହୁଁନାହିଁ। ଯଦି ମହାମେଣ୍ଟରେ ଆସନ ବୁଝାମଣା ନ ହୁଏ ଏବଂ ରାହୁଲ ଦିଲ୍ଲୀ ଭୁଲ୍‌କୁ ଦୋହରାନ୍ତି ତେବେ ଅକଳରେ ପଡ଼ିବେ ବୋଲି ରାଜନୈତିକ ବିଶେଷଜ୍ଞମାନେ କହିଛନ୍ତି।

## ଆସନ ବଣ୍ଟନ; ନୀତୀଶ ଅସନ୍ତୁଷ୍ଟ

ପାଟନା, ୧୪।୧୦ (ଏଜେନ୍ସି): ବିହାର ବିଧାନସଭା ନିର୍ବାଚନକୁ ନେଇ କ୍ଷମତାସୀନ ଏନ୍‌ଡିଏ ମେଣ୍ଟରେ ଆସନ ବଣ୍ଟନ ହୋଇସାରିଛି। ମାତ୍ର ଆସନ ବଣ୍ଟନକୁ ନେଇ ମୁଖ୍ୟମନ୍ତ୍ରୀ ନୀତୀଶ କୁମାର ଅସନ୍ତୁଷ୍ଟ ଥିବା ସୂଚନା ମିଳିଛି। ପୂର୍ବରୁ ହାମ୍ ମୁଖ୍ୟ ତଥା କେନ୍ଦ୍ରମନ୍ତ୍ରୀ ଜିତନ ରାମ ମାନ୍‌ଝୀ ଦଳକୁ ମିଳିଥିବା ଆସନକୁ ନେଇ କ୍ଷୁବ୍ଧ ହୋଇଥିଲେ। ଏବେ ନୀତୀଶଙ୍କ ଆଭିମୁଖ୍ୟ ମେଣ୍ଟ ପାଇଁ ସମସ୍ୟା ସୃଷ୍ଟି କରିଛି। ସେ ୯ଟି ଆସନର ଭାଗବଣ୍ଟାକୁ ନେଇ ଖୁସି ନାହାନ୍ତି। ତେଣୁ ପୁଣିଥରେ ଏହା ଉପରେ ବିଚାର କରିବା ପାଇଁ ବିଜେପିକୁ କହିଛନ୍ତି।

### ପ୍ରଥମ ପ୍ରାର୍ଥୀ ତାଲିକା ଜାରିକଲା ବିଜେପି

### ବାଦ୍‌ପଡ଼ିଲେ ବାଚସ୍ପତି



ଏହା ମଧ୍ୟରେ ବିଜେପି ପ୍ରଥମ ତାଲିକାରେ ୭୧ ଜଣଙ୍କୁ ଟିକଟ ଦେଇଛି। ଉପ-ମୁଖ୍ୟମନ୍ତ୍ରୀ ସମ୍ରାଟ ଚୌଧୁରୀଙ୍କୁ ତାରାପୁର ଏବଂ ବିଜୟ ସିହ୍ନାଙ୍କୁ ଲଖିସରାୟରୁ ପ୍ରାର୍ଥୀ କରାଯାଇଛି। ତେବେ ବାଚସ୍ପତି ନନ୍ଦକିଶୋର ଯାଦବଙ୍କ ଟିକଟ କାଟି ଦିଆଯାଇଛି। ତାଙ୍କ ସ୍ଥାନରେ ବିଜେପି ନେତା ତଥା ହାଇକୋର୍ଟ ଓକିଲ ରତ୍ନେଶ କୁଶ୍ୱାହଙ୍କୁ ମୈଦାନକୁ ଓହ୍ଲା ଯାଇଛି। କୁମ୍ହରାରରୁ ୫ ଥରର ବିଧାୟକ ଅରୁଣ କୁମାର ସିହ୍ନାଙ୍କ ଟିକଟ ମଧ୍ୟ କାଟି ଦିଆଯାଇଛି। ତାଙ୍କ ସ୍ଥାନରେ ସଞ୍ଜୟ ଗୁପ୍ତାଙ୍କୁ ସୁଯୋଗ ମିଳିଛି। ସେ ଦଳର ମହାମନ୍ତ୍ରୀ ଭାବେ କାର୍ଯ୍ୟ କରିଥିଲେ। ଏହି ତାଲିକାରେ ୧୩ ମନ୍ତ୍ରୀ ଏବଂ ୯ ମହିଳାଙ୍କ ନାମ ରହିଛି। ପୁଣିଥରେ ୪୮ ବିଧାୟକଙ୍କୁ ପ୍ରାର୍ଥୀ କରାଯାଇଛି। ଚଳିତ ଥର ବିଜେପି ୧୦୧ ଆସନରେ ନିର୍ବାଚନ ଲଢ଼ିବ। ଏଥିରୁ ୭୧ ଜଣଙ୍କ ନାମ ସାମ୍ନାକୁ ଆସିଯାଇଛି। ଆଉ ୩୦ ପ୍ରାର୍ଥୀଙ୍କ ନାମ ଘୋଷଣା ବାକି ରହିଛି। ବିହାରରେ ନଭେମ୍ବର ୬ ଏବଂ ୧୧ରେ ମତଦାନ ହେବ। ନଭେମ୍ବର ୧୪ରେ ଭୋଟ ଗଣତି ହେବ। ଅନ୍ୟପକ୍ଷରେ ଗାୟିକା ମୈଥିଲି ଠାକୁର ବିଜେପିରେ ସାମିଲ ହୋଇଛନ୍ତି। ଏଥିପାଇଁ ପାଟନାରେ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ନିର୍ବାଚନରେ ଲଢିବା ନେଇ ଦଳ ପକ୍ଷରୁ ନିଷ୍ପତ୍ତି ନିଆଯିବ ବୋଲି ସେ କହିଛନ୍ତି। ତେବେ ସେ ଅଲିନଗରରୁ ନିର୍ବାଚନ ଲଢ଼ିପାରନ୍ତି।

ତାମିଲନାଡୁ ମଦ ଦୁର୍ନୀତି ମାମଲା

## ଇଡି ଚଢ଼ଉ ଉପରେ ପ୍ରଶ୍ନ ଉଠାଇଲେ ସୁପ୍ରିମକୋର୍ଟ



ନୂଆଦିଲ୍ଲୀ, ୧୪।୧୦ (ଏଜେନ୍ସି): ତାମିଲନାଡୁ ମଦ ଦୋକାନର ଲାଇସେନ୍ସ ସମ୍ବନ୍ଧିତ ରାଜ୍ୟ ମାର୍କେଟିଂ କର୍ପୋରେସନ ଲିମିଟେଡ (ଟିଏଏସଏମଏସି) ଦୁର୍ନୀତି ମାମଲାରେ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) ଉପରେ ସୁପ୍ରିମକୋର୍ଟ ପ୍ରଶ୍ନ ଉଠାଇଛନ୍ତି। ରାଜ୍ୟ ପୁଲିସର କ୍ଷମତାରେ ଇଡି ଦଖଲ ଦେଉଥିବା କହିଛନ୍ତି। ପ୍ରଧାନ ବିଚାରପତି (ସିଜେଆଇ) ବିଆର ଗଭାଇ ଏବଂ ଜଷ୍ଟିସ ବିନୋଦ ଚନ୍ଦ୍ରନଙ୍କ ଖଣ୍ଡପୀଠ ଇଡିକୁ ପ୍ରଶ୍ନ କରିଥିଲେ ଯେ ରାଜ୍ୟ ପୁଲିସ ଏହି ମାମଲାର ଯାଞ୍ଚ କରିପାରି ନ ଥାଆନ୍ତା କି? ଏହି ମାମଲାରେ ଇଡି ଦଖଲ ଦେବା ଜରୁରୀ ଥିଲା କି? ଏହା ଦ୍ୱାରା ସଂଘୀୟ ବ୍ୟବସ୍ଥା ଉପରେ କି ପ୍ରଭାବ ପଡ଼ିବ? ଏହାର ରାଜ୍ୟ କ୍ଷମତାରେ ହସ୍ତକ୍ଷେପ ନୁହେଁ କି? ରାଜ୍ୟ ଯାଞ୍ଚ କରୁ ନଥିବା ଜାଣି ନିଜେ ଚାଲିଯିବେ କି? କୋର୍ଟ କୌଣସି ବାଦବିବାଦରେ ପ୍ରତିଯୋଗିତା ଚାହୁଁନାହାନ୍ତି। କିନ୍ତୁ ସଂଘୀୟ ବ୍ୟବସ୍ଥାରେ ରାଜ୍ୟ ଏବଂ କେନ୍ଦ୍ରରେ ସୀମା ରହିଛି। ସିଜେଆଇ କହିଥିଲେ ଯେ ଗତ ୬ ବର୍ଷ ହେଲା ସେ ଇଡିର ଅନେକ ମାମଲା ଦେଖିବାକୁ ପାଇଛନ୍ତି। କିନ୍ତୁ ଏହାକୁ ନେଇ କିଛି କହିବାକୁ ଚାହୁଁନି, ନଚେତ ଏହା ପୁଣିଥରେ ଗଣମାଧ୍ୟମରେ ରିପୋର୍ଟରେ ହୋଇଯିବ।

ଦୁର୍ଗାପୁର ଗଣଦୁଷ୍କର୍ମକୁ ପ୍ରତିବାଦ

## ପଶ୍ଚିମବଙ୍ଗ ମହିଳାଙ୍କୁ ଲଙ୍କାଗୁଣ୍ଡ ବାଣ୍ଟିଲା ବିଜେପି

କୋଲକାତା, ୧୪।୧୦ (ଏଜେନ୍ସି): ପଶ୍ଚିମବଙ୍ଗ ଦୁର୍ଗାପୁରରେ ମେଡିକାଲ ଛାତ୍ରୀଙ୍କ ଗଣଦୁଷ୍କର୍ମକୁ ପ୍ରଦେଶ ବିଜେପି ତୀବ୍ର ବିରୋଧ କରିଛି। ରାଜ୍ୟରେ ଆଇନ ଶୃଙ୍ଖଳା ଭୁଶୁଡ଼ି ଯାଇଥିବା ଅଭିଯୋଗ କରି ମହିଳାମାନଙ୍କୁ ଆତ୍ମରକ୍ଷା ନିମନ୍ତେ ଏହି ଦଳ ମଙ୍ଗଳବାର ଲଙ୍କାଗୁଣ୍ଡ ବାଣ୍ଟିଛି। ମେଟ୍ରୋ ଷ୍ଟେସନ ନିକଟସ୍ଥ ସଲ୍ଟ ଲେକ୍ ଅଞ୍ଚଳରୁ ବିଜେପି 'ଅପରେସନ ଲାଲ୍ ମିର୍ଚ୍ଚି' ଆରମ୍ଭ କରିଛି। ଏଠାରେ ବିଜେପିର ମହିଳା କର୍ମୀ ଆଗନ୍ତୁକ ମହିଳାଙ୍କୁ ଲଙ୍କା ଗୁଣ୍ଡ ବାଣ୍ଟିଛନ୍ତି। ଆତ୍ମରକ୍ଷା ପାଇଁ ଏହାକୁ ବ୍ୟବହାର କରିବାକୁ ସମସ୍ତଙ୍କୁ ପରାମର୍ଶ ଦିଆଯାଇଛି। ବିଜେପିର ଜଣେ କର୍ମୀ କହିଛନ୍ତି ଯେ ସୁରକ୍ଷା ସୁନିଶ୍ଚିତ କରିବା ପାଇଁ ମା' ଏବଂ ଭଉଣୀମାନଙ୍କୁ ଏହି ଲଙ୍କା ଗୁଣ୍ଡ ଦିଆଯାଇଛି। ଏହା ମାଧ୍ୟମରେ ନିଜ ସୁରକ୍ଷା ନିଜ ହାତରେ ବୋଲି ବାର୍ତ୍ତା ଦିଆଯାଇଛି। ମହିଳାଙ୍କୁ ବିଳମ୍ବିତ ରାତିରେ ଘରୁ ବାହାରକୁ ବାହାରିବାକୁ ମନା କରି ରାଜ୍ୟରେ ଆଇନଶୃଙ୍ଖଳା ବିପର୍ଯ୍ୟସ୍ତ ହୋଇଯାଇଛି ବୋଲି ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ସ୍ୱୀକାର କରିଥିବା ମହିଳା କର୍ମୀ କହିଛନ୍ତି। ତେବେ ମୋ ମନ୍ତବ୍ୟକୁ ଭୁଲ୍ ଭାବେ ଉପସ୍ଥାପନା କରାଯାଇଛି ବୋଲି ମମତା ସ୍ପଷ୍ଟୀକରଣ ଦେଇଛନ୍ତି। ୨୦୨୫ରେ ମହିଳାଙ୍କୁ ରାତିରେ ବାହାରକୁ ବାହାରିବା ପାଇଁ ମନା କରିବାର ଚିନ୍ତାଧାରାକୁ ଗ୍ରହଣ କରାଯିବ ନାହିଁ ବୋଲି ଅନ୍ୟ ଜଣେ ବିକ୍ଷୋଭକାରୀ କହିଛନ୍ତି।

## ଭାରତରେ ଶିଶୁ ଜନ୍ମହାର ହ୍ରାସ; ମୃତ୍ୟୁ ସଂଖ୍ୟା ବୃଦ୍ଧି

ନୂଆଦିଲ୍ଲୀ, ୧୪।୧୦ (ଏଜେନ୍ସି): ଭାରତରେ ଶିଶୁ ଜନ୍ମହାର ହ୍ରାସ ପାଇବାରେ ଲାଗିଛି। ୨୦୨୨ ତୁଳନାରେ ୨୦୨୩ରେ ଭାରତରେ ଜନ୍ମ ହାର ହ୍ରାସ ପାଇଥିବାବେଳେ ମୃତ୍ୟୁ ସଂଖ୍ୟା ବୃଦ୍ଧି ପାଇଛି। ସିଭିଲ୍ ରେଜିଷ୍ଟ୍ରେସନ ସିଷ୍ଟମ (ସିଆରଏସ) ଉପରେ ଆଧାରିତ ଭାଇଟାଲ୍ ଷ୍ଟାଟିଷ୍ଟିକ୍ସ ଅଫ୍ ଇଣ୍ଡିଆ ଦ୍ୱାରା ପ୍ରକାଶିତ ରିପୋର୍ଟରୁ ଏହା ଜଣାପଡ଼ିଛି। ରିପୋର୍ଟ ଅନୁଯାୟୀ ୨୦୨୩ରେ ୨୫.୨ ନିୟୁତ ଶିଶୁ ଜନ୍ମ ହୋଇଥିଲେ। ଏହା ୨୦୨୨ ତୁଳନାରେ ୨,୩୨,୦୦୦ କମ୍ ଥିଲା। କାରଣ ସେହି ବର୍ଷ ୨୫.୪୩ ନିୟୁତ ଶିଶୁ ଜନ୍ମ ହୋଇଥିଲେ। ସେହିପରି ୨୦୨୩ରେ ୮.୬୬ ନିୟୁତ ମୃତ୍ୟୁ ରେକର୍ଡ କରାଯାଇଥିଲା। ମାତ୍ର ୨୦୨୨ରେ ୮.୬୫ ନିୟୁତ ଲୋକ ପ୍ରାଣ ହରାଇଥିଲେ। ସ୍ୱାସ୍ଥ୍ୟ ମନ୍ତ୍ରଣାଳୟର କରୋନା ଡ୍ୟାସବୋର୍ଡ ଅନୁଯାୟୀ, ଗତ ମେ' ୫ ତାରିଖ ସୁଦ୍ଧା ଦେଶରେ କରୋନା ଯୋଗୁଁ ୫୩୩,୬୬୫ ମୃତ୍ୟୁ ଘଟିଛି। ତେବେ ୨୦୨୧ରେ ଏଥିରେ ସର୍ବାଧିକ ମୃତ୍ୟୁ ଘଟିଥିଲା। ଏହି ସମୟରେ କରୋନାର ଦ୍ୱିତୀୟ ଲହରୀ ଚାଲୁଥିଲା। ତା'ପରେ ୨୦୨୦ ତୁଳନାରେ ୨.୧ ନିୟୁତ ଅଧିକ ମୃତ୍ୟୁ ହୋଇଥିଲା। ୨୦୨୦ରେ ମୋଟ ୮.୧୨ ନିୟୁତ ମୃତ୍ୟୁ ହୋଇଥିଲା ଏବଂ ୨୦୨୧ରେ ଏହି ସଂଖ୍ୟା ୧ କୋଟି ୨୦ ଲକ୍ଷ ୨ ହଜାରରୁ ଅଧିକ ଥିଲା।

## ଏସି ବସ୍‌ରେ ନିଆଁ; ୧୬ ଜୀବନ୍ତ ଦଗ୍ଧ




ଜୟପୁର, ୧୪।୧୦ (ଏଜେନ୍ସି): ରାଜସ୍ଥାନ ଜୈସାଲମେରର ଯୋଧପୁର ରାସ୍ତାରେ ମଙ୍ଗଳବାର ଅପରାହ୍ଣରେ ମର୍ମନ୍ତୁଦ ସଡ଼କ ଦୁର୍ଘଟଣା ଘଟିଛି। ଏଠାରେ ଏକ ଚଳନ୍ତା ଏସି ସ୍ଲିପର ବସ୍‌ରେ ନିଆଁ ଲାଗି ଯାଇଛି। ଏଥିରେ ୧୬ ଜଣ ଜୀବନ୍ତ ଦଗ୍ଧ ହୋଇଯାଇଥିବା ସୂଚନା ମିଳିଛି। ୧୬ରୁ ଅଧିକ ଆହତ ହୋଇଛନ୍ତି। ସମସ୍ତଙ୍କୁ ଜୈସାଲମେରର ଜବାହାରି ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ସର୍ଟ ସର୍କିଟରୁ ଅଗ୍ନିକାଣ୍ଡ ଘଟିଥିଲା ବୋଲି କୁହାଯାଉଛି। ଏହା ଦେଖୁ ଦେଖୁ ସାରା ବସ୍‌କୁ କବଳିତ କରି ନେଇଥିଲା। ଲୋକଙ୍କୁ ଜୀବନ ବଞ୍ଚାଇବାକୁ ବି ସମୟ ମିଳି ନ ଥିଲା। ଜୀବନ ବିକଳରେ କିଛି ଲୋକ ଝରକା ଭାଙ୍ଗି ରାସ୍ତାକୁ ଡେଇଁ ପଡିଥିଲେ। ଏଥିରେ ୨ ଶିଶୁ, ୪ ମହିଳାଙ୍କ ସମେତ ୧୬ରୁ ଅଧିକ ଲୋକ ୭୦ ପ୍ରତିଶତରୁ ଅଧିକ ଜଳି ଯାଇଛନ୍ତି। ଏହି ବସ୍‌ରେ ମୋଟ ୫୭ ଜଣ ଯାତ୍ରୀ ଥିଲେ। ତେବେ ସିଟି କାଉନସିଲର ସହାୟକ ଦମକଳ ଅଧିକାରୀ କୃଷ୍ଣପାଲ ସିଂହ ରାଠୋର କହିଛନ୍ତି ଯେ ଦୁର୍ଘଟଣାରେ ୧୦-୧୨ ଜଣଙ୍କ ଜୀବନ ଯାଇଛି। ଜିଲ୍ଲାପାଳ ପ୍ରତାପ ସିଂହଙ୍କ ଅନୁଯାୟୀ, ବସ୍‌ଟି ସମ୍ପୂର୍ଣ୍ଣ ଜଳି ଯାଇଛି। ୧୬ ଆହତଙ୍କୁ ଯୋଧପୁର ହସ୍ପିଟାଲକୁ ପଠାଇ ଦିଆଯାଇଛି। ବସ୍‌ରେ ଅନ୍ୟ ଯାତ୍ରୀଙ୍କ ମୃତଦେହ ପଡି ରହିଛି।

ହରିୟାଣା ଆଇପିଏସ୍ ଆତ୍ମହତ୍ୟା ମାମଲା

## ଏଏସ୍‌ଆଇଙ୍କ ଆତ୍ମହତ୍ୟାରୁ ନୂଆ ମୋଡ଼

### ଦୁର୍ନୀତି ମାମଲାରେ ବଦନାମ ହେବାରୁ ଚରମ ନିଷ୍ପତ୍ତି ନେଇଥିଲେ ପୁରନ

ଚଣ୍ଡିଗଡ଼, ୧୪।୧୦ (ଏଜେନ୍ସି): ହରିୟାଣା ଆଇପିଏସ ୱାଇ ପୂରନଙ୍କ ଆତ୍ମହତ୍ୟାକୁ ନେଇ ରାଜ୍ୟ ରାଜ୍ୟନୀତି ଉତ୍ତୁଛି ପଡୁଛି। ଆଇଏଏସ ପତ୍ନୀ ଅମନୀତ ପି କୁମାର ଜିଦ୍‌ରେ ଅଟଳ ରହିଥିବାରୁ ଏ ପର୍ଯ୍ୟନ୍ତ ତାଙ୍କ ମୃତଦେହ ବ୍ୟବଚ୍ଛେଦ ହୋଇପାରି ନାହିଁ। ସେ ଡିଜିପିଙ୍କୁ ଶତ୍ରୁଜିତ କପୁରଙ୍କୁ ବହିଷ୍କାର ଦାବି କରୁଥିବାବେଳେ ସରକାର ତାଙ୍କୁ ଛୁଟିରେ ପଠାଇ ଦେଇଛନ୍ତି। ପୁରନଙ୍କ ମାମଲାର ତଦନ୍ତ ଚାଲିଥିବାବେଳେ ରାଜ୍ୟର ଆଉ ଜଣେ ପୁଲିସ ଅଧିକାରୀ ତଥା ଆସିଷ୍ଟାଣ୍ଟ ସବ୍-ଇନସପେକ୍ଟର (ଏଏସଆଇ) ସନ୍ଦୀପ କୁମାର ମଙ୍ଗଳବାର ନିଜକୁ ଗୁଳି ମାରି ଆତ୍ମହତ୍ୟା କରିଛନ୍ତି। ଲାଢୌତ ରୋଡରେ ଥିବା ତାଙ୍କ ମାମୁଁ ଘରୁ ସନ୍ଦୀପଙ୍କ ମୃତଦେହ ମିଳିଛି। ଏହା ପୁରନଙ୍କ ମାମଲାକୁ ନୂଆ ମୋଡ ଦେଇଛି। ମୃତ୍ୟୁ ପୂର୍ବରୁ ଭିଡିଓ ରେକର୍ଡ ଏବଂ ୪ ପୃଷ୍ଠାର ସୁଇସାଇଡ ନୋଟ୍ ଲେଖି ରୋହତକ ସାଇବର ସେଲ୍‌ରେ ମୁତୟନ



ହୋଇଥିବା ଏହି ଏଏସଆଇ ସତ୍ୟ ପାଇଁ ଜୀବନ ଦେଇଥିବା ୪ ପୃଷ୍ଠାର ସୁଇସାଇଡ ନୋଟରେ ଉଲ୍ଲେଖ କରିଛନ୍ତି।

ସେ ପୂର୍ବତନ ଆଇଜି ପୁରନ ଏବଂ ତାଙ୍କ ଗନ୍‌ମ୍ୟାନ ସୁଶୀଲ କୁମାରଙ୍କ ବିରୋଧରେ ଗୁରୁତର ଅଭିଯୋଗ ଲଗାଇଛନ୍ତି। ପୁରନ ଜଣେ ଦୁର୍ନୀତିଗ୍ରସ୍ତ ଅଧିକାରୀ ଥିଲେ। ଆଇଜି ହେବା ପରେ ସେ ବ୍ୟବସ୍ଥାକୁ ହାଇଜ୍ୟାକ କରି ନେଇଥିଲେ। ଜାତିଗତ ଭେଦଭାବ ଆରମ୍ଭ କରିଦେଇଥିଲେ। ଦୁର୍ନୀତି ମାମଲାରେ ଧରା ପଡ଼ିଯିବା ଭୟରେ ପୁରନ ଆତ୍ମହତ୍ୟା କରିଥିଲେ। ଏହା ଉଜାଗର ହୋଇଗଲେ ପାରିବାରିକ ରାଜନୀତି ଉପରେ ପ୍ରଭାବ ପଡିବ ବୋଲି ସେ ଭୟ କରିଥିଲେ।

ସୂଚନା ଅନୁଯାୟୀ ଗତ ୬ ତାରିଖରେ ସୁଶୀଲଙ୍କୁ ଗିରଫ କରାଯାଇଥିଲା। ସେ ଜଣେ ମଦ ବ୍ୟବସାୟୀଙ୍କଠାରୁ ଲାଞ୍ଚ ମାଗୁଥିବା ବେଳେ ଧରା ପଡ଼ିଥିଲେ। ଜେରା ସମୟରେ ପୁରନଙ୍କ ପାଇଁ ଲାଞ୍ଚ ମାଗୁଥିବା କହିଥିଲେ। ଏହାର ଦିନକ ପରେ ପୁରନ ଚଣ୍ଡିଗଡ଼ ସ୍ଥିତ କୋଠାରେ ଆତ୍ମହତ୍ୟା କରିଥିଲେ। ଅନ୍ୟପକ୍ଷରେ ସନ୍ଦୀପଙ୍କ ପରିବାର ଲୋକ ଏତଲା ରୁଜୁ ନ ହେବା ପର୍ଯ୍ୟନ୍ତ ମୃତଦେହ ବ୍ୟବଚ୍ଛେଦ କରିବାକୁ ମନା କରିଦେଇଛନ୍ତି।

## ସରକାର ତାମସା ବନ୍ଦ କରନ୍ତୁ କହିଲେ ରାହୁଲ

ଚଣ୍ଡିଗଡ଼, ୧୪।୧୦ (ଏଜେନ୍ସି): ହରିୟାଣାର ବରିଷ୍ଠ ଆଇପିଏସ ଅଧିକାରୀ ୱାଇ ପୁରନଙ୍କ ଆତ୍ମହତ୍ୟାକୁ ୭ ଦିନ ବିତିଗଲାଣି। ମାତ୍ର ଏ ପର୍ଯ୍ୟନ୍ତ ମୃତଦେହର ବ୍ୟବଚ୍ଛେଦ ହୋଇପାରି ନାହିଁ। ଏହି ଘଟଣାକୁ ନେଇ ଅଡୁଆ ବଢୁଥିବାବେଳେ ଛିଡ଼ିବାର ନା ଧରୁନି। ମଙ୍ଗଳବାର ସକାଳେ ଲୋକସଭା ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀ ପୀଡ଼ିତଙ୍କ ପରିବାରକୁ ସାକ୍ଷାତ କରିଛନ୍ତି। ଏହି ସମୟରେ ରାହୁଲ କହିଥିଲେ ଯେ ସରକାର ତାମସା ବନ୍ଦ କରନ୍ତୁ। ଆଇପିଏସଙ୍କ ପରିବାର ଉପରେ ଚାପ ପକାଯାଉଛି। ଏପରି ନ ହେବା ଉଚିତ। ସରକାରୀ ଅଧିକାରୀଙ୍କୁ ଗିରଫ କରାଯାଉ ଏବଂ ଦିବଂଗତକୁ ଅପମାନିତ କରା ନ ଯାଉ। ଏହି ମାମଲାରେ କାର୍ଯ୍ୟାନୁଷ୍ଠାନ ନେବା ପାଇଁ ସେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କୁ ନିବେଦନ କରିଛନ୍ତି।

ସେହିପରି କେନ୍ଦ୍ରମନ୍ତ୍ରୀ ଚିରାଗ ପାଶ୍ୱାନ ମଧ୍ୟ ଚଣ୍ଡିଗଡ଼ରେ ପହଞ୍ଚି ଦିବଂଗତ ଆଇପିଏସଙ୍କୁ ଶ୍ରଦ୍ଧାଞ୍ଜଳି ଦେଇଛନ୍ତି। ପରିବାରର ପ୍ରତ୍ୟେକ ଦାବି ପୂରଣ କରାଯିବ ବୋଲି ସେ କହିଛନ୍ତି। ଏହା ପୂର୍ବରୁ ହରିୟାଣା ଡିଜିପିଙ୍କୁ ଶତ୍ରୁଜିତ କପୁରଙ୍କୁ ସରକାର ଛୁଟିରେ ପଠାଇ ଦେଇଥିଲେ। ତାଙ୍କ ସ୍ଥାନରେ ଓମ ପ୍ରକାଶ ସିଂହଙ୍କୁ ଅତିରିକ୍ତ କାର୍ଯ୍ୟଭାର ପ୍ରଦାନ କରାଯାଇଛି।

**୧୦% କମିଶନ ଲାଗି ଗଲା ୨୫ ଶିଶୁଙ୍କ ଜୀବନ**

## ୨.୫୬ ଟଙ୍କା ପାଇଁ ଡାକ୍ତର ଲେଖୁଥିଲେ କୋଲ୍‌ଡ୍ରିଫ

ନୂଆଦିଲ୍ଲୀ, ୧୪।୧୦ (ଏଜେନ୍ସି): ଲୋକଙ୍କ ବିଶ୍ୱାସରେ ବିଷ ଦେଇ ଚାଲିଥିବା କମିଶନ ଖେଳର ପର୍ଦ୍ଦାଫାସ ହୋଇଛି। କୋଲ୍‌ଡ୍ରିଫ କଫ ସିରପକୁ ନେଇ ବିଚଳିତ କରିବା ଭଳି ମାମଲା ସାମ୍ନାକୁ ଆସିଛି। ଏଥିରେ ଦେଶରେ ମେଡିସିନ୍ ଲେଖିବା ପାଇଁ ଚାଲିଥିବା କମିଶନ ଖେଳର ପର୍ଦ୍ଦାଫାସ ହୋଇଛି। ସାମାନ୍ୟ କିଛି ଟଙ୍କାର ଲୋଭ ପାଇଁ ଡାକ୍ତର ରୋଗୀଙ୍କ ଜୀବନ ସହ ଖେଳିଥିଲେ। ମାତ୍ର ୧୦ ପ୍ରତିଶତ କମିଶନ ପାଇଁ ଡାକ୍ତର ଶିଶୁଙ୍କୁ ଏହି ବିଷାକ୍ତ କୋଲ୍‌ଡ୍ରିଫ ସିରପ ଲେଖୁଥିବା ଜଣାପଡ଼ିଛି। ଯେତିକି ଟଙ୍କା ଏହି କଫ ସିରପ ଲେଖିବା ପାଇଁ ଡାକ୍ତର ନେଉଥିଲେ ତାହାକୁ କେହି ସହଜରେ ବି ବିଶ୍ୱାସ କରିପାରିବେ ନାହିଁ। କେତେ ଟଙ୍କାରେ ଶିଶୁଙ୍କ ଜୀବନକୁ ବିକ୍ରି କରିଦିଆଗଲା ତାହା ବି କେହି କଳନା କରିପାରିବେନି। ଡାକ୍ତର ଲେଖିଥିବା କଫ ସରିପ ପିଇ ମଧ୍ୟପ୍ରଦେଶରେ ୨୩ ଶିଶୁ ପ୍ରାଣ ହରାଇ ଥିଲେ। ଗୋଟିଏ କଫ ସିରପ ପାଇଁ ଡାକ୍ତରଙ୍କୁ ୧୦ ପ୍ରତିଶତ ତଥା ମାତ୍ର ୨ଟଙ୍କା ୫୪ ପଇସା କମିଶନ ମିଳୁଥିଲା। ଏହି କଫ ସିରପ ବୋତଲ ମାତ୍ର ୨୪.୫୪ ଟଙ୍କାରେ ବିକ୍ରି ହେଉଥିଲା। ଏହାକୁ ଲେଖୁଥଇବାରୁ ପ୍ରତ୍ୟେକ ବୋଟଲ ପିଛା ଶ୍ରୀସେନ ଫାର୍ମାସ୍ୟୁଟିକାଲ୍ସ ଡାକ୍ତରଙ୍କୁ ୨ଟଙ୍କା ୫୪ ପଇସା କମିଶନ ପ୍ରଦାନ କରୁଥିଲା।

ପୁଲିସ ଅଭିଯୋଗ କରିଛି ଯେ ପରାସିଆର ସରକାରୀ ସ୍ୱାସ୍ଥ୍ୟକେନ୍ଦ୍ରରେ ମୁତୟନ ଶିଶୁରୋଗ ଡାକ୍ତର ପ୍ରବୀଣ

### ଭାରତର ତିନି କଫ ସିରପ ବିରୋଧରେ 'ହୁ'ରେ ଚେତାବନୀ

### କୋଲଡ୍ରିଫ, ରେସ୍ପିଫ୍ରେସ ଟିଆର, ରିଲାଇଫ ସାମିଲ

ସୋନି କ୍ରମାଗତ ଭାବେ କୋଲ୍ଡରିଫ ଲେଖିବା ଜାରି ରଖିଥିଲେ। କେନ୍ଦ୍ର ପକ୍ଷରୁ ଫିକ୍ସଡ-ଡୋଜ କମ୍ବିନେସନ (ଏଫଡିସି) ନିଷିଦ୍ଧ କରାଯାଇଥିବାବେଳେ ସେ ଘରୋଇ ଭାବେ ରୋଗୀ ଦେଖୁଥିବାବେଳେ ଏହାକୁ ଲେଖୁଥିଲେ। ଏହା ପିଇ ଶିଶୁଙ୍କ ଜୀବନ ଯାଉଥିବା ଜାଣି ବି ସୋନି ଏପରି କରୁଥିଲେ। ତାମିଲନାଡୁର ଶ୍ରୀସେନ ଫାର୍ମାସ୍ୟୁଟିକାଲ୍ସ ଦ୍ୱାରା ପ୍ରସ୍ତୁତ କୋଲଡ୍ରିଫରେ ଡାଇଏଥିଲିନ ଗ୍ଲାଇକଲ (ଡିଇଜି) ମାତ୍ରା ଧାର୍ଯ୍ୟ ସୀମାଠାରୁ ୫୦୦ ଗୁଣ ଅଧିକ ଥିଲା। ଏହା ଶିଶୁଙ୍କ କିଡ୍‌ନୀ (ବୃକକ) ଉପରେ ପ୍ରଭାବ ପକାଉ ଥିଲା। ଫଳରେ ଶିଶୁଙ୍କ ଜୀବନ ଯାଇଥିଲା।



ଏବେ ଡ. ସୋନି ଏବଂ ଶ୍ରୀସେନର ମାଲିକ ରଙ୍ଗନାଥନ ପୁଲିସ ହେପାଜତରେ ଅଛନ୍ତି। ତାମିଲନାଡୁ ସରକାର ଏହି କମ୍ପାନୀକୁ ବନ୍ଦ କରିଦେଇଛନ୍ତି। ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) କମ୍ପାନୀର ବିଭିନ୍ନ ଠିକଣାରେ ଚଢ଼ଉ କରିଛି। ଅନ୍ୟପକ୍ଷରେ ଭାରତର ତିନି ଅପମିଶ୍ରିତ କଫ ସିରପକୁ ନେଇ ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ (ହୁ) ସୋମବାର ଚେତାବନୀ ଜାରି କରିଛି। ଏଥିରେ ଶ୍ରୀସେନ ଫାର୍ମାସ୍ୟୁଟିକାଲ୍ସର କୋଲଡ୍ରିଫ, ରେଡନେକ୍ସ ଫାର୍ମାସ୍ୟୁଟିକାଲ୍ସର ରେସ୍ପିଫ୍ରେଶ ଟିଆର ଏବଂ ସେପ ଫାର୍ମାର ରିଲାଇଫ ସାମିଲ ରହିଛି। 'ହୁ' ପକ୍ଷରୁ କୁହାଯାଇଛି ଯେ ଏହି ତିନୋଟି କଫ ସିରପ ଗମ୍ଭୀର ବିପଦ ସୃଷ୍ଟି କରିପାରେ। ଏହା ଜୀବନ ପାଇଁ ବିପଦ ସୃଷ୍ଟି କରୁଥିବା ରୋଗର କାରଣ ପାଲଟି ପାରେ। ଯଦି ଏହି ଔଷଧ ମିଳୁଛି ତେବେ ଏହାର ସୂଚନା ଦେବା ପାଇଁ 'ହୁ' ସବୁ ଦେଶଙ୍କୁ କହିଛି।

ଅକ୍ଟୋବର ୯ରେ ଏହି ସିରପକୁ ନେଇ 'ହୁ' ଭାରତକୁ ଜବାବ ମାଗିଥିଲା। କୌଣସି ଦେଶକୁ ଏହା ପଠା ଯାଇଛି କି ନାହିଁ ତାହାର ଉତ୍ତର ମାଗିଥିଲା। ଭାରତରେ ଔଷଧ ଉପରେ ନଜର ରଖୁଥିବା ସିଡିଏସସିଓ ପକ୍ଷରୁ ଏ ନେଇ କୁହାଯାଇଥିଲା ଯେ କୌଣସି ଅପମିଶ୍ରିତ ଔଷଧ ବାହାରକୁ ପଠାଯାଇ ନାହିଁ।

ବାଂଲାଦେଶ, ନେପାଳ ପରେ ମାଡାଗାସ୍କର

## କ୍ଷମତା ବଦଳାଇଦେଲେ ଜେନ୍-ଜେଡ୍

ଅଣ୍ଟାନାନରିଭୋ, ୧୪।୧୦ (ଏଜେନ୍ସି): ପୁଣି ଜେନ୍-ଜେଡ୍ ଗୋଷ୍ଠୀ ଏକ ଦେଶରେ ରାଜନୈତିକ ପରିବର୍ତ୍ତନ ଆଣିଛନ୍ତି। ଚଳିତ ଥର ଏହି ଆନ୍ଦୋଳନ ଏସିଆରୁ ଆଫ୍ରିକାକୁ ବ୍ୟାପି ଯାଇଛି। ଶ୍ରୀଲଙ୍କା, ବାଂଲାଦେଶ, ନେପାଳ ପରେ ଏବେ ମାଡାଗାସ୍କରରେ ଜେନ୍-ଜେଡ୍ ଏକତା ପ୍ରଦର୍ଶନ କରି ସରକାରଙ୍କୁ ଗାଦିଚ୍ୟୁତ କରିଛନ୍ତି। ଜଳାଭାବରୁ ଆରମ୍ଭ ହୋଇଥିବା ଏହି ବିକ୍ଷୋଭ ପ୍ରଦର୍ଶନ ରାଷ୍ଟ୍ରପତି ଏଣ୍ଡ୍ରି ରାଜୋଏଲିନା ଦେଶ ଛାଡ଼ି ଫେରାର ହେବା ପରେ ଶାନ୍ତ ହୋଇଛି। ବିକ୍ଷୋଭକାରୀଙ୍କୁ ସେନାର ସମର୍ଥନ ମିଳିବା ପରେ ରାଷ୍ଟ୍ରପତି ଦେଶ ଛାଡ଼ି ପଳାଇଥିବା ବିରୋଧୀ ଦଳ ନେତା ସିଟେନି ରନ୍ଦ୍ରିୟାନା ସୋଲୋନିକୋ କହିଛନ୍ତି। ରାଷ୍ଟ୍ରପତି ସେନା ବିମାନରେ ଫ୍ରାନ୍ସ ପଳାଇ ଯାଇଥିବା ସୂଚନା ମିଳିଛି। ଏହା ପୂର୍ବରୁ ସୋମବାର ରାତିରେ ରାଷ୍ଟ୍ରପତି ସମ୍ବୋଧନ କରିବେ ବୋଲି ତାଙ୍କ କାର୍ଯ୍ୟାଳୟ ପକ୍ଷରୁ କୁହାଯାଇଥିଲା।

### ଜଳାଭାବରୁ ଆରମ୍ଭ ହୋଇଥିଲା ବିକ୍ଷୋଭ

### ସେନା ବିମାନରେ ଫ୍ରାନ୍ସ ପଳାଇଲେ ରାଷ୍ଟ୍ରପତି

ରିପୋର୍ଟ ଅନୁଯାୟୀ, ରବିବାର ଫ୍ରାନ୍ସ ସେନା ବିମାନରେ ଏଣ୍ଡ୍ରି ଦେଶ ଛାଡ଼ି ପଳାଇଛନ୍ତି। ସେ ଫ୍ରାନ୍ସ ରାଷ୍ଟ୍ରପତି ଇମାନୁଏଲ ମାକ୍ରନଙ୍କ ସହ ଏକ ଚୁକ୍ତି କରିଥିଲେ ବୋଲି କୁହାଯାଉଛି। ସେନାର ସବୁଠାରୁ ଶକ୍ତିଶାଳୀ ସ୍ପେସିଆଲ ୟୁନିଟ (କ୍ୟାପସାଟ) ସମର୍ଥନ ଦେବାକୁ ମନା କରିବାରୁ ଏଣ୍ଡ୍ରିଙ୍କ ସ୍ଥିତି ଦୁର୍ବଳ ହୋଇ ଯାଇଥିଲା। ଏହି ୟୁନିଟ ୨୦୦୯ର ପଟ ପରିବର୍ତ୍ତନ ପରେ କ୍ଷମତା ହାସଲ କରିବାରେ ତାଙ୍କୁ ସହାୟତା କରିଥିଲା। ଏବେ ସେହି କ୍ୟାପସାଟ ବିକ୍ଷୋଭକାରୀଙ୍କୁ ସୁରକ୍ଷା ଦେଇଥିଲା। କ୍ଷମତା ଅକ୍ତିଆର କରି ଗୁଳି ନ ଚଳାଇବାକୁ ସେନାକୁ ନିର୍ଦ୍ଦେଶ ଦେଇଥିଲା। ଏହା ଫଳରେ ଅନେକ ମନ୍ତ୍ରୀ ନିଜ ପଦରୁ ଇସ୍ତଫା ଦେଇଥିଲେ।

## ଦ୍ୱିତୀୟ ଟେଷ୍ଟରେ ୱେଷ୍ଟଇଣ୍ଡିଜ ୭ ୱିକେଟ୍‌ରେ ପରାସ୍ତ

# ଭାରତର କ୍ରମାଗତ ୧୦ମ ଟେଷ୍ଟ ସିରିଜ୍ ବିଜୟ




ନୂଆଦିଲ୍ଲୀ, ୧୪।୧୦ (ଏଜେନ୍ସି): ସ୍ଥାନୀୟ ଅରୁଣ ଜେଟ୍‌ଲୀ ଷ୍ଟାଡିୟମରେ ଭ୍ରମଣକାରୀ ୱେଷ୍ଟଇଣ୍ଡିଜ ବିପକ୍ଷରେ ଚାଲିଥିବା ଅନ୍ତିମ ତଥା ୨ୟ ଟେଷ୍ଟକୁ ଭାରତ ୭ ୱିକେଟ୍‌ରେ ସହଜରେ ଜିତିନେଇଛି। ପୂର୍ବରୁ ପ୍ରଥମ ମ୍ୟାଚକୁ ଏକ ଇନିଂସ ଓ ୧୪୦ ରନରେ ଜିତିଥିବା ଘରୋଇ ଭାରତ ଏଥିସହ ଟେଷ୍ଟ ସିରିଜକୁ ୨-୦ରେ କ୍ଲିନସୁଇପ୍ କରିନେଇଛି। ୱେଷ୍ଟଇଣ୍ଡିଜ ବିପକ୍ଷରେ ଭାରତର ଏହା କ୍ରମାଗତ ୧୦ମ ଟେଷ୍ଟ ସିରିଜ ବିଜୟ ହୋଇଛି। ୨୦୦୨ରୁ ଏହି ଦୁଇ ଦଳ ମଧ୍ୟରେ ଖେଳାଯାଇଥିବା ସମସ୍ତ ଟେଷ୍ଟ ସିରିଜକୁ ଭାରତ ଜିତିଛି। ଏଥିସହ ଗୋଟିଏ ଦେଶ ବିପକ୍ଷରେ କ୍ରମାଗତ ଭାବେ ସର୍ବାଧିକ ଟେଷ୍ଟ ସିରିଜ ଜିତିବାରେ ଦକ୍ଷିଣ ଆଫ୍ରିକା ସହ ଭାରତ ସମକକ୍ଷ ହୋଇଛି। ଦକ୍ଷିଣ ଆଫ୍ରିକା ଦଳ ୧୯୯୮ରୁ ୨୦୨୪ ମଧ୍ୟରେ ୱେଷ୍ଟଇଣ୍ଡିଜ ସହ ଖେଳାଯାଇଥିବା ସମସ୍ତ ୧୦ଟି ସିରିଜ ଜିତିଥିଲା।

ଦ୍ୱିତୀୟ ଟେଷ୍ଟରେ ୱେଷ୍ଟଇଣ୍ଡିଜ ପକ୍ଷରୁ ଧାର୍ଯ୍ୟ ୧୨୧ ରନର ଛୋଟିଆ ଲକ୍ଷ୍ୟକୁ ପିଛା କରିଥିବା ଭାରତ ସୋମବାର ଚତୁର୍ଥ ଦିବସ ଷ୍ଟମ୍ପ ସୁଦ୍ଧା ଗୋଟିଏ ୱିକେଟ୍ ହରାଇ ୬୩ ରନ ସଂଗ୍ରହ କରିଥିଲା। ମଙ୍ଗଳବାର ମ୍ୟାଚର ଅନ୍ତିମ ତଥା ୫ମ ଦିବସରେ ଭାରତ ବିଜୟ ଲାଗି ଆବଶ୍ୟକ ଥିବା ୫୮ ରନ ଲାଗି ଆଉ ୨ଟି ୱିକେଟ ହରାଇଥିଲା। ଲୋକେଶ ରାହୁଲ ୫୮ ଓ ଧ୍ରୁବ ଜୁରେଲ ୬ ରନ କରି ଶେଷ ପର୍ଯ୍ୟନ୍ତ ଅପରାଜିତ ରହିବା ସହ ଦଳକୁ ବିଜୟୀ କରାଇଥିଲେ। ପୂର୍ବରାତିରୁ ଅପରାଜିତ ରହିଥିବା ସାଇ ସୁଦର୍ଶନ ୩୯ ରନରେ ଆଉଟ୍ ହୋଇଥିଲେ। ସେହିଭଳି ଅଧିନାୟକ ଶୁବମନ ଗିଲ୍ ମଧ୍ୟ ୧୩ ରନ କରି ପ୍ରତିପକ୍ଷ ଅଧିନାୟକ ରୋଷ୍ଟନ ଚେଜଙ୍କ ଶିକାର ହୋଇଥିଲେ। ୱେଷ୍ଟଇଣ୍ଡିଜ ପାଇଁ ଚେଜ୍ ୨ଟି ଓ ଜାମେଲ ୱାରିକାନ ଗୋଟିଏ ୱିକେଟ୍ ପାଇଥିଲେ। ପୂର୍ବରୁ ଏହି ମ୍ୟାଚରେ ଟସ୍ ଜିତି ବ୍ୟାଟିଂ କରିଥିବା ଭାରତ ଯଶସ୍ୱୀ ଜୟସ୍ୱାଲ (୧୭୫) ଓ ଶୁବମନ (୧୨୯)ଙ୍କ ଶତକ ବଳରେ ୫ ୱିକେଟରେ ୫୧୮ ରନ କରି ପ୍ରଥମ ଇନିଂସ ଘୋଷଣା କରିଥିଲା। ଜବାବରେ ୱେଷ୍ଟଇଣ୍ଡିଜ ପ୍ରଥମ ପାଳିରେ ୨୪୮ ରନରେ ସୀମିତ ରହି ଫଲୋଅନ ହୋଇଥିଲା। ଫଲୋଅନ ପରେ ୱେଷ୍ଟଇଣ୍ଡିଜ ଦ୍ୱିତୀୟ ପାଳିରେ ଜନ୍ କ୍ୟାମ୍ପବେଲ୍ (୧୧୫) ଓ ସାଇ ହୋପ୍ (୧୦୩)ଙ୍କ ଶତକ ସହାୟତାରେ ୩୯୦ ରନର ସମ୍ମାନଜନକ ସ୍କୋର କରିଥିଲା। ଏଠାରେ ମୋଟ୍ ୮ଟି ୱିକେଟ୍ ନେଇଥିବା କୁଲଦୀପ୍ ଯାଦବ ମ୍ୟାଚର ଏବଂ ୮ ୱିକେଟ୍ ସହ ୧୦୪ ରନ କରିଥିବା ରବୀନ୍ଦ୍ର ଜାଡେଜା ସିରିଜର ଶ୍ରେଷ୍ଠ ଖେଳାଳି ବିବେଚିତ ହୋଇଥିଲେ। ଜାଡେଜା ତାଙ୍କ ଟେଷ୍ଟ କ୍ୟାରିୟରରେ ୩ୟଥର ଲାଗି ସିରିଜର ଶ୍ରେଷ୍ଠ ଖେଳାଳି ପୁରସ୍କାର ହାସଲ କରିଛନ୍ତି। ଏଥିପୂର୍ବରୁ ସେ ୨୦୧୭ ଓ ୨୦୨୩ରେ ଅଷ୍ଟ୍ରେଲିଆ ବିପକ୍ଷ ଟେଷ୍ଟ ସିରିଜରେ ଶ୍ରେଷ୍ଠ ଖେଳାଳି ହୋଇଥିଲେ।

### ୧୯ରୁ ଅଷ୍ଟ୍ରେଲିଆ ବିପକ୍ଷ ସିରିଜ ଆରମ୍ଭ

ୱେଷ୍ଟଇଣ୍ଡିଜ ବିପକ୍ଷ ଟେଷ୍ଟ ସିରିଜକୁ ୨-୦ରେ କ୍ଲିନସୁଇପ୍ କରିବା ପରେ ଭାରତୀୟ ଦଳ ଏବେ ଅଷ୍ଟ୍ରେଲିଆ ଗସ୍ତ କରିବ। ଘରୋଇ ଅଷ୍ଟ୍ରେଲିଆ ବିପକ୍ଷରେ ଭାରତ ଆସନ୍ତା ସପ୍ତାହରୁ ସୀମିତ ଓଭର ସିରିଜ ଖେଳିବ। ଅକ୍ଟୋବର ୧୯ରୁ ଦୁଇ ଦଳ ମଧ୍ୟରେ ୩ ମ୍ୟାଚ୍‌ବିଶିଷ୍ଟ ଦିନିକିଆ ସିରିଜ ଖେଳାଯିବ। ଏହାପରେ ପାଞ୍ଚମ୍ୟାଚ୍‌ବିଶିଷ୍ଟ ଟି-୨୦ ସିରିଜ ଅକ୍ଟୋବର ୨୯ରୁ କାନବେରାରୁ ଆରମ୍ଭ ହେବ।

**ଗୋଟିଏ ଦଳ ବିପକ୍ଷରେ କ୍ରମାଗତ ଟେଷ୍ଟ ସିରିଜ ବିଜୟ**

| ଦଳ | ସିରିଜ | ପ୍ରତିପକ୍ଷ | ସମୟ |
|---|---|---|---|
| ଭାରତ | ୧୦ | ୱେଷ୍ଟଇଣ୍ଡିଜ | ୨୦୦୨-୨୫ |
| ଦ.ଆଫ୍ରିକା | ୧୦ | ୱେଷ୍ଟଇଣ୍ଡିଜ | ୧୯୯୮-୨୪ |
| ଅଷ୍ଟ୍ରେଲିଆ | ୯ | ୱେଷ୍ଟଇଣ୍ଡିଜ | ୨୦୦୦-୨୨ |
| ଅଷ୍ଟ୍ରେଲିଆ | ୮ | ଇଂଲଣ୍ଡ | ୧୯୮୯-୨୦୦୩ |
| ଶ୍ରୀଲଙ୍କା | ୮ | ଜିମ୍ବାୱେ | ୧୯୯୬-୨୦ |

**ଭାରତ ମାଟିରେ କ୍ରମାଗତ ଟେଷ୍ଟ ମ୍ୟାଚ୍ ପରାଜୟ**

| ମ୍ୟାଚ୍ | ଦଳ | ସମୟ |
|---|---|---|
| ୭ | ଅଷ୍ଟ୍ରେଲିଆ | ୨୦୦୮-୧୩ |
| ୬ | ଶ୍ରୀଲଙ୍କା | ୧୯୮୬-୯୪ |
| ୬ | ନ୍ୟୁଜିଲାଣ୍ଡ | ୨୦୧୦-୧୬ |
| ୬ | ୱେଷ୍ଟଇଣ୍ଡିଜ | ୨୦୧୩-୨୫ |

**ଟେଷ୍ଟରେ ଗୋଟିଏ ଦଳ ବିପକ୍ଷରେ ସର୍ବାଧିକ ଅପରାଜେୟ ଧାରା**

| ଦଳ | ମ୍ୟାଚ୍ | ପ୍ରତିପକ୍ଷ | ସମୟ |
|---|---|---|---|
| ଇଂଲଣ୍ଡ | ୪୭ | ନ୍ୟୁଜିଲାଣ୍ଡ | ୧୯୩୦-୭୫ |
| ଇଂଲଣ୍ଡ | ୩୦ | ପାକିସ୍ତାନ | ୧୯୬୧-୮୨ |
| ୱେଷ୍ଟଇଣ୍ଡିଜ | ୨୯ | ଇଂଲଣ୍ଡ | ୧୯୭୬-୮୮ |
| ଭାରତ | ୨୭ | ୱେଷ୍ଟଇଣ୍ଡିଜ | ୨୦୦୨-୨୫ |
| ଅଷ୍ଟ୍ରେଲିଆ | ୨୪ | ଦ.ଆଫ୍ରିକା | ୧୯୧୧-୫୨ |
| ୱେଷ୍ଟଇଣ୍ଡିଜ | ୨୪ | ଭାରତ | ୧୯୪୮-୭୧ |

## ଜାତୀୟସ୍ତରରେ ଅଞ୍ଚଳ ମହାବିଦ୍ୟାଳୟ ଛାତ୍ରୀ ଜିତିଲେ ୩ ପଦକ



ଭୁବନେଶ୍ୱର, ୧୪।୧୦ (ସମିସ): ଦୁଇ ଦୁଇଟି ଜାତୀୟସ୍ତରୀୟ କ୍ରୀଡ଼ା ପ୍ରତିଯୋଗିତାରେ ଓଡ଼ିଶା ପକ୍ଷରୁ ପ୍ରତିନିଧିତ୍ୱ କରି ଅଞ୍ଚଳ ମହାବିଦ୍ୟାଳୟର ଛାତ୍ରୀମାନେ ୩ଟି ପଦକ ବିଜୟୀ ହୋଇଛନ୍ତି। ଭୁବନେଶ୍ୱରର କଳିଙ୍ଗ ଷ୍ଟାଡିୟମରେ ଶେଷ ହୋଇଥିବା ୧୮ତମ ସିନିଅର ଜାତୀୟ ଗେଟବଲ୍ ଚାମ୍ପିଅନସିପ୍‌ରେ ମହାବିଦ୍ୟାଳୟର ଛାତ୍ରୀ ନମ୍ରତା କର୍ଣାଲ ସ୍ୱର୍ଣ୍ଣ ବିଜୟୀ ଓଡ଼ିଶା ମହିଳା ଦଳର ସଦସ୍ୟା ରହିଥିଲେ। ସେହିଭଳି ନମ୍ରତା ବ୍ୟକ୍ତିଗତ ଭାବେ ମଧ୍ୟ ରୌପ୍ୟ ପଦକ ସଫଳତା ପାଇଥିଲେ। ସେହିଭଳି ମଧ୍ୟପ୍ରଦେଶର ଭୋପାଳରେ ଅନୁଷ୍ଠିତ ୩୪ତମ ସର୍ବଭାରତୀୟ ଜିଭି ମାଭାଲାଙ୍କର ସୁଟିଂ ଚାମ୍ପିଅନସିପ୍‌ରେ ରଶ୍ମୀ ବାଗ ରୌପ୍ୟ ପଦକ ଜିତିଛନ୍ତି। ସେ କନିଷ୍ଠ ମହିଳା ୫୦ ମିଟର ସୁଟିଂ ଇଭେଣ୍ଟରେ ଦ୍ୱିତୀୟ ହୋଇଥିଲେ। ଉଭୟ ନମ୍ରତା ଓ ରଶ୍ମୀ ବର୍ତ୍ତମାନ ଅଞ୍ଚଳ ମହାବିଦ୍ୟାଳୟରେ ଯଥାକ୍ରମେ ସ୍ନାତକ ଶିକ୍ଷା ବିଭାଗର ପ୍ରଥମ ବର୍ଷ ଓ ସ୍ନାତକ ଇତିହାସ ବିଭାଗର ଅନ୍ତିମ ବର୍ଷର ଛାତ୍ରୀ। ଏହି ସଫଳତା ଲାଗି ମହାବିଦ୍ୟାଳୟର ଅଧ୍ୟକ୍ଷ ପ୍ରଫେସର ଖଗେଶ୍ୱର ଦାଶ, କ୍ରୀଡ଼ା ସଂସଦର ଉପ-ସଭାପତି ଅଧ୍ୟାପକ ଷଡ଼ାନନ ଭୋଇ, ଖେଳ ଶିକ୍ଷକ ସଦାନନ୍ଦ ସାହୁ ଓ ସମସ୍ତ ପ୍ରାଧ୍ୟାପକ ଓ ପ୍ରାଧ୍ୟାପିକା ଦୁଇ ଛାତ୍ରୀଙ୍କୁ ଅଭିନନ୍ଦନ ଜଣାଇଛନ୍ତି।

### ଆଇସିସି ମହିଳା ବିଶ୍ୱକପ୍
## ନୀଳାକ୍ଷୀଙ୍କୁ ଦ୍ରୁତ ଅର୍ଦ୍ଧଶତକ

କଲମ୍ବୋ, ୧୪।୧୦ (ଏଜେନ୍ସି): ସ୍ଥାନୀୟ ଆର୍.ପ୍ରେମଦାସ ଷ୍ଟାଡିୟମରେ ମଙ୍ଗଳବାର ଖେଳାଯାଇଥିବା ମହିଳା ଦିନିକିଆ ବିଶ୍ୱକପ୍‌ର ଏକ ମ୍ୟାଚରେ ନ୍ୟୁଜିଲାଣ୍ଡ ସହ ଘରୋଇ ଶ୍ରୀଲଙ୍କା ସାମ୍ନାସାମ୍ନି ହୋଇଛି। ଏହି ମ୍ୟାଚରେ ପ୍ରଥମେ ବ୍ୟାଟିଂ କରିଥିବା ଶ୍ରୀଲଙ୍କା ୫୦ ଓଭରରେ ୬ ୱିକେଟ ହରାଇ ୨୫୮ ରନ ସଂଗ୍ରହ କରିଛି। ଦଳ ପକ୍ଷରୁ ଅଧିନାୟିକା ଚାମିରା ଆଟାପାଟୁ ୫୩ ଓ ନୀଳାକ୍ଷୀ ଡି ସିଲଭା ୫୫ ରନ କରିଥିଲେ। ନୀଳାକ୍ଷୀ ମାତ୍ର ୨୮ ବଲରେ ୭ଟି ଚୌକା ଓ ଗୋଟିଏ ଛକା ମାରି ଶେଷ ପର୍ଯ୍ୟନ୍ତ ଅପରାଜିତ ରହିଥିଲେ। ବୋଲିଂରେ ନ୍ୟୁଜିଲାଣ୍ଡର ଅଧିନାୟିକା ସୋଫି ଡିଭାଇନଙ୍କୁ ୩ଟି ୱିକେଟ୍ ମିଳିଥିଲା। ଶେଷ ଖବର ସୁଦ୍ଧା ବର୍ଷା ଯୋଗୁ ନ୍ୟୁଜିଲାଣ୍ଡ ଇନିଂସ ଆରମ୍ଭ କରିପାରିନାହିଁ।

- ସୁଲତାନ ଜୋହର କପ୍

## ଭାରତ-୩: ପାକିସ୍ତାନ- ୩ ଶେଷରେ ହାତ ମିଳାଇଲେ ଦୁଇ ଦେଶର ଖେଳାଳି

ଜୋହର ବହରୁ, ୧୪।୧୦ (ଏଜେନ୍ସି): ମାଲେସିଆରେ ଚାଲିଥିବା ସୁଲତାନ ଜୋହର କପ୍ ଜୁନିଅର (୨୧ ବର୍ଷରୁ କମ୍) ବାଳକ ହକି ଟୁର୍ଣ୍ଣାମେଣ୍ଟରେ ମଙ୍ଗଳବାର ଦୁଇ ପାରମ୍ପରିକ ପ୍ରତିଦ୍ୱନ୍ଦ୍ୱୀ ଭାରତ ଓ ପାକିସ୍ତାନ ମଧ୍ୟରେ ଅନୁଷ୍ଠିତ ମ୍ୟାଚ୍ ଡ୍ର ରହିଛି। ନିର୍ଦ୍ଧାରିତ ୬୦ ମିନିଟ୍ ସମୟ ମଧ୍ୟରେ ଦୁଇ ଦଳ ୩ଟି ଲେଖାଏ ଗୋଲ୍ ସ୍କୋର କରିଥିଲେ। ଫଳରେ ମ୍ୟାଚ୍ ୩-୩ରେ ସମାପ୍ତ ହୋଇଥିଲା। ଭାରତ ପକ୍ଷରୁ ଅରଜିତ୍ ସିଂ ହୁଣ୍ଡାଲ, ସୌରଭ ଆନନ୍ଦ ଓ ମନମିତ୍ ସିଂହ ଗୋଟିଏ ଲେଖାଏ ଗୋଲ୍ ଦେଇଥିଲେ। ଫଳରେ ଦୁଇ ଦଳ ଗୋଟିଏ ଲେଖାଏ ପଏଣ୍ଟ ଅର୍ଜନ କରିଛନ୍ତି। ଭାରତ ୩ଟି ମ୍ୟାଚରୁ ୭ ପଏଣ୍ଟ ପାଇ ଦ୍ୱିତୀୟ ସ୍ଥାନରେ ରହିଛି। ଏହି ମ୍ୟାଚରେ ଭାରତ ଓ ପାକିସ୍ତାନ ଖେଳାଳି ପରସ୍ପର ହାତ ମିଳାଇବା ଘଟଣା ସବୁଠୁ ଚର୍ଚ୍ଚାର ବିଷୟ ରହିଥିଲା। ଅପରେସନ ସିନ୍ଦୁର ପରେ ଗତ ଏସିଆ କପ୍‌ରେ ଭାରତ ଓ ପାକିସ୍ତାନ ଖେଳାଳି ପରସ୍ପର ହାତ ମିଶାଇ ନ ଥିଲେ। ଯାହାକୁ ନେଇ ବଡ଼ ବିବାଦ ଦେଖାଦେଇଥିଲା।

## ବାରବାଟୀରେ ଓଡ଼ିଶାର 'ବରୋଦା' ପରୀକ୍ଷା



କଟକ,୧୪।୧୦(ସମିସ): ୫ଥର ରଣଜୀ ଟ୍ରଫି ବିଜେତା ବରୋଦା ବିପକ୍ଷ ମ୍ୟାଚ୍‌ରୁ ଚଳିତ ରଣଜୀ ଟ୍ରଫି ଅଭିଯାନ ଆରମ୍ଭ କରିବ ଓଡ଼ିଶା। ବାରବାଟୀ ଷ୍ଟାଡିୟମର ଘରୋଇ ପରିବେଶରେ ବୁଧବାରଠାରୁ ମ୍ୟାଚ୍ ଖେଳାଯିବ। ବିଗତ ୧୩ ବର୍ଷରେ ଉଭୟ ଦଳ ୫ଥର ମୁହାଁମୁହିଁ ହୋଇଥିବାବେଳେ ବରୋଦା ଅପରାଜେୟ ରହିଛି। ପୁଣିଥରେ ରାଜ୍ୟ ଦଳର ମଙ୍ଗ ଧରିଥିବା ଶୁଭ୍ରାଂଶୁ ଶେଖର ସେନାପତି ଏହି ଧାରା ଭାଙ୍ଗିବା ଲକ୍ଷ୍ୟରେ ରହିଛନ୍ତି। ବାରବାଟୀର ନାଲିମାଟି ପିଚ୍‌ରେ ଟସ୍ ଜିତି ପ୍ରଥମେ ବ୍ୟାଟିଂ ନେବାକୁ କ୍ରିକେଟ ସମୀକ୍ଷକଙ୍କ ଭିତରେ ଆଲୋଚନା ହେଉଛି। ଅନ୍ୟପକ୍ଷରେ ଦଳରେ ତିନି ନବାଗତ ସ୍ଥାନ ପାଇଥିବାବେଳେ ଗୌରବ ଚୌଧୁରୀ ବୁଧବାର ପଦାର୍ପଣ କରିବା ନେଇ ଆଶା ରହିଛି।

ଭାରତୀୟ ଘରୋଇ କ୍ରିକେଟର ସିଜନ୍ ଚଳିତଥର ରଣଜୀ ଟ୍ରଫିରୁ ଆରମ୍ଭ ହେଉଛି। ବାରବାଟୀ ଷ୍ଟାଡିୟମରେ ଶକ୍ତିଶାଳୀ ବରୋଦାକୁ ପ୍ରଥମ ମୁକାବିଲାରେ ଓଡ଼ିଶା ଭେଟିବ। ୨୦୧୨ରୁ ଇତି ମଧ୍ୟରେ ଏହି ଦୁଇ ଦଳ ଭିତରେ ଖେଳାଯାଇଥିବା ୫ଟି ମ୍ୟାଚରୁ ୩ଟି ମ୍ୟାଚ୍‌ରେ ବରୋଦାକୁ ସହଜ ବିଜୟ ମିଳିଥିବା ବେଳେ ୨ଟି ମ୍ୟାଚ୍ ଡ୍ର ରହିଛି। ଏପରିକି ଗତ ସଂସ୍କରଣରେ ବରୋଦାକୁ ଇନିଂସ୍ ବିଜୟ ମିଳିଥିଲା। ୨୯ ବର୍ଷୀୟ ଅତିତ ସେଠ୍ ଚଳିତଥର ବରୋଦା ଦଳର ନେତୃତ୍ୱ ନେଉଛନ୍ତି। ଉପଅଧିନାୟକ ଭାର୍ଗବ ଭଟ୍ଟ, ଜ୍ୟୋସ୍ନିଲ ସିଂହ,ମହେଶ ପିଠିଆ, ବିଷ୍ଣୁ ସୋଲାଙ୍କି, ଲୁକମାନ ମେରିୱାଲା ଭଳି ଚର୍ଚ୍ଚିତ ଖେଳାଳି ଦଳରେ ରହିଛନ୍ତି। ତେବେ ବାରାବାଟୀରେ ବରୋଦାକୁ ଚ୍ୟାଲେଞ୍ଜ ଦେବା ପାଇଁ ପ୍ରସ୍ତୁତ ଅଛୁ ବୋଲି ଓଡ଼ିଶା ଅଧିନାୟକ ଶୁଭ୍ରାଂଶୁ କହିଛନ୍ତି। ବିଶେଷ ସୂତ୍ରରୁ ମିଳିଥିବା ସୂଚନା ମୁତାବକ, ଉପଅଧିନାୟକ ସ୍ୱସ୍ତିକ ସାମଲଙ୍କ ସହ ନବାଗତ ଗୌରବ ଚୌଧୁରୀ ଓପନିଂ ସମ୍ଭାଳିପାରନ୍ତି। ଏକଦିବସୀୟ ଏବଂ ଟି-୨୦ ଫର୍ମାଟରେ ରାଜ୍ୟ ପକ୍ଷରୁ ପ୍ରତିନିଧିତ୍ୱ କରି ସାରିଥିବା ଗୌରବ ରଣଜୀ ଟ୍ରଫିରେ ପଦାର୍ପଣ କରି ପାରନ୍ତି। ଏହାଛଡ଼ା ନବାଗତ ବାଦଲ ବିଶ୍ୱାଳଙ୍କୁ ମଧ୍ୟ ଚୂଡାନ୍ତ ଏକାଦଶରେ ସ୍ଥାନ ମିଳିପାରେ ବୋଲି କୁହାଯାଉଛି।

## ପାକିସ୍ତାନ ବିପକ୍ଷ ପ୍ରଥମ ଟେଷ୍ଟ: ଟାର୍ଗେଟ୍ ୨୭୭: ଦ.ଆଫ୍ରିକା ୫୧/୨

ଲାହୋର, ୧୪।୧୦ (ଏଜେନ୍ସି): ଏଠାରେ ଘରୋଇ ପାକିସ୍ତାନ ଓ ଦକ୍ଷିଣ ଆଫ୍ରିକା ମଧ୍ୟରେ ଚାଲିଥିବା ପ୍ରଥମ ଟେଷ୍ଟ ରୋମାଞ୍ଚକ ସ୍ଥିତିରେ ପହଞ୍ଚିଛି। ପାକିସ୍ତାନ ପକ୍ଷରୁ ଧାର୍ଯ୍ୟ ୨୭୭ ରନର ଲକ୍ଷ୍ୟକୁ ପିଛା କରୁଥିବା ଦକ୍ଷିଣ ଆଫ୍ରିକା ମଙ୍ଗଳବାର ୩ୟ ଦିବସ ଷ୍ଟମ୍ପ ସୁଦ୍ଧା ୨ ୱିକେଟ୍ ହରାଇ ୫୧ ରନ ସଂଗ୍ରହ କରିଛି। ଟୋନୀ ଡି ଜୋରଜୀ ୧୬ ଓ ର୍‌ୟାନ ରିକ୍କେଲଟନ୨୯ ରନ କରି ଅପରାଜିତ ରହିଛନ୍ତି। ଅଧିନାୟକ ଆଇଡେନ ମାର୍କରାମ ୩ ଓ ୱିଆନ ମଲଡର ଖାତା ଖୋଲିବା ପୂର୍ବରୁ ଆଉଟ୍ ହୋଇଛନ୍ତି। ବାମହାତୀ ସ୍ପିନର ନୋମାନ ଅଲିଙ୍କୁ ୨ଟି ଯାକ ୱିକେଟ୍ ମିଳିଛି। ମ୍ୟାଚ୍ ଆହୁରି ୨ ଦିନ ବାକି ରହିଥିବାବେଳେ ଦକ୍ଷିଣ ଆଫ୍ରିକାକୁ ଜିତିବା ଲାଗି ବଳକା ୮ ୱିକେଟ୍‌ରେ ଆଉ ୨୨୬ ରନ ଆବଶ୍ୟକ ହେଉଛି।

## ବିଶ୍ୱକପ୍ ଖେଳିବାରେ କେପ୍ ଭର୍ଡେ ୨ୟ କ୍ଷୁଦ୍ରତମ ଦେଶ

ନୂଆଦିଲ୍ଲୀ, ୧୪।୧୦ (ଏଜେନ୍ସି): ଆଟଲାଣ୍ଟିକ ମହାସାଗରୀୟ ଦୀପସମୂହ ରାଷ୍ଟ୍ର କେପ୍ ଭର୍ଡେ ଇତିହାସରେ ପ୍ରଥମଥର ଲାଗି ଫିଫା ବିଶ୍ୱକପ୍‌କୁ ଯୋଗ୍ୟତା ଅର୍ଜନ କରିଛି। ଆଫ୍ରିକା ମହାଦେଶ ଯୋଗ୍ୟତା ପର୍ଯ୍ୟାୟର ଏକ ମ୍ୟାଚରେ କେପ୍ ଭର୍ଡେ ୩-୦ ଗୋଲ୍‌ରେ ଇଶ୍ୱାଟିନିକୁ ପରାସ୍ତ କରିଥିଲା। ଏଥିସହ ୬ ଲକ୍ଷରୁ କମ୍ ଜନସଂଖ୍ୟା ବିଶିଷ୍ଟ ଦୀପରାଷ୍ଟ୍ର କେପ୍ ଭର୍ଡେ ୨୦୨୬ ଫିଫା ବିଶ୍ୱକପ୍‌ରେ ଅଂଶଗ୍ରହଣ କରିବାକୁ ଟିକଟ୍ ହାସଲ କରିଛି। ବିଶ୍ୱର ଦ୍ୱିତୀୟ କ୍ଷୁଦ୍ରତମ ଦେଶ ଭାବେ କେପ୍ ଭର୍ଡେ ଫିଫା ବିଶ୍ୱକପ୍‌ରେ ଅଂଶଗ୍ରହଣ କରିବ।




# ଆଜିଠୁ ରଣଜୀ ଟ୍ରଫିର ୯୧ତମ ସଂସ୍କରଣ



ନୂଆଦିଲ୍ଲୀ, ୧୪।୧୦ (ଏଜେନ୍ସି) ଭାରତୀୟ ଘରୋଇ କ୍ରିକେଟ୍‌ର ସବୁଠୁ ସମ୍ମାନଜନକ ପ୍ରତିଯୋଗିତା ରଣଜୀ ଟ୍ରଫିର ୯୧ତମ ସଂସ୍କରଣ ବୁଧବାରଠାରୁ ଦେଶର ବିଭିନ୍ନ ଗ୍ରାଉଣ୍ଡରେ ଆରମ୍ଭ ହେବାକୁଯାଉଛି। ଆସନ୍ତା ଫେବ୍ରୁଆରୀ ୨୬ ପର୍ଯ୍ୟନ୍ତ ଚାଲିବାକୁ ଥିବା ଚଳିତ ରଣଜୀ ଟ୍ରଫି ଦୁଇଟି ପର୍ଯ୍ୟାୟରେ ଖେଳାଯିବ। ଅକ୍ଟୋବର ୧୫ରୁ ନଭେମ୍ବର ୧୯ ପର୍ଯ୍ୟନ୍ତ ପ୍ରଥମ ପର୍ଯ୍ୟାୟ ଅନୁଷ୍ଠିତ ହେବ। ଏହାପରେ ଜାନୁଆରୀ ୨୨ରୁ ଫେବ୍ରୁଆରୀ ୨୬ ପର୍ଯ୍ୟନ୍ତ ଅନ୍ତିମ ତଥା ଦ୍ୱିତୀୟ ପର୍ଯ୍ୟାୟ ଖେଳ ଅନୁଷ୍ଠିତ ହେବ। ପ୍ରଥମ ଓ ଦ୍ୱିତୀୟ ପର୍ଯ୍ୟାୟ ମଧ୍ୟରେ ରହିଥିବା ସମୟରେ ସୟଦ ମୁସ୍ତାକ ଅଲି ଟ୍ରଫି (ଟି-୨୦) ଓ ବିଜୟ ହଜାରେ ଟ୍ରଫି (ଦିନିକିଆ) ଖେଳାଯିବାର କାର୍ଯ୍ୟସୂଚୀ ରହିଛି।

ଏଥର ରଣଜୀ ଟ୍ରଫିରେ ମୋଟ୍ ୩୮ ଗୋଟି ଦଳ ଅଂଶଗ୍ରହଣ କରିବେ। ସେମାନଙ୍କ ମଧ୍ୟରୁ ୩୨ଟି ଦଳ ଏଲିଟ୍ ଗ୍ରୁପ୍‌ରେ ସ୍ଥାନ ପାଇଛନ୍ତି। ସେହିଭଳି ଅନ୍ୟ ୬ଟି ଦଳ ପ୍ଲେଟ୍ ଡିଭିଜନରେ ଖେଳିବେ। ଏଲିଟ୍ ପର୍ଯ୍ୟାୟରେ ୩୨ଟି ଦଳକୁ ୪ଟି ଗ୍ରୁପ୍‌ରେ ବିଭକ୍ତ କରାଯାଇ ମ୍ୟାଚ୍ ଅନୁଷ୍ଠିତ ହେବ। ବୁଧବାରଠାରୁ ଆରମ୍ଭ ହେବାକୁ ଥିବା ପ୍ରଥମ ରାଉଣ୍ଡରେ ୧୯ଟି ମ୍ୟାଚ୍ ଦେଶର ବିଭିନ୍ନ ଗ୍ରାଉଣ୍ଡରେ ଖେଳାଯିବ। ଡିଫେଣ୍ଡିଂ ଚାମ୍ପିଅନ ବିଦର୍ଭ ବେଙ୍ଗାଲୁରୁରେ ନାଗାଲାଣ୍ଡ ବିପକ୍ଷରେ ଖେଳି ଅଭିଯାନ ଆରମ୍ଭ କରିବ। ସେହିଭଳି ରେକର୍ଡ ୪୨ଥରର ବିଜେତା ମୁମ୍ବାଇ ପ୍ରଥମ ମ୍ୟାଚରେ ଘରୋଇ ଜମ୍ମୁ କାଶ୍ମୀରକୁ ଶ୍ରୀନଗରରେ ଭେଟିବ। ଗତ ସଂସ୍କରଣର ଉପବିଜେତା କେରଳ ପ୍ରଥମ ମ୍ୟାଚରେ ମହାରାଷ୍ଟ୍ର ସହ ଖେଳିବ।

**ଏଲିଟ୍ ଗ୍ରୁପ୍ ତାଲିକା**

**ଗ୍ରୁପ୍-ଏ**: ଓଡ଼ିଶା, ଉତ୍ତରପ୍ରଦେଶ, ଆନ୍ଧ୍ରପ୍ରଦେଶ, ତାମିଲନାଡୁ, ଝାଡ଼ଖଣ୍ଡ, ବରୋଦା, ନାଗାଲାଣ୍ଡ, ବିଦର୍ଭ

**ଗ୍ରୁପ୍-ବି**: ସୌରାଷ୍ଟ୍ର, କର୍ଣ୍ଣାଟକ, କେରଳ, ମହାରାଷ୍ଟ୍ର, ଗୋଆ, ଚଣ୍ଡିଗଡ଼, ମଧ୍ୟପ୍ରଦେଶ ଓ ପଞ୍ଜାବ

**ଗ୍ରୁପ୍-ସି**: ରେଳବାଇ, ହରିୟାଣା, ବେଙ୍ଗଲ, ଉତ୍ତରାଖଣ୍ଡ, ଗୁଜରାଟ, ଆସାମ, ସର୍ଭିସେସ, ତ୍ରିପୁରା

**ଗ୍ରୁପ୍-ଡି**: ହାଇଦରାବାଦ୍, ଦିଲ୍ଲୀ, ରାଜସ୍ଥାନ, ଛତିଶଗଡ଼, ଜମ୍ମୁ କାଶ୍ମୀର, ମୁମ୍ବାଇ, ପୁଡୁଚେରୀ, ହିମାଚଳ ପ୍ରଦେଶ

**ପ୍ଲେଟ ଗ୍ରୁପ୍**: ବିହାର, ଅରୁଣାଚଳ ପ୍ରଦେଶ, ସିକ୍କିମ, ମଣିପୁର, ମେଘାଳୟ, ମିଜୋରାମ

PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED.
PRINTED AT THE SAKALA, SWOTI VILLAGE, PANIKOILI-755043, DIST: JAJPUR, ODISHA
କାର୍ଯ୍ୟନିର୍ବାହୀ ସମ୍ପାଦକ : ସମରେନ୍ଦୁ ଦାସ
EXECUTIVE EDITOR: SAMARENDU DAS